

ଇମର୍ଜେନ୍ସି ପରେ ଅନୁତାପ କରିଥିଲେ ଇନ୍ଦିରା

ପୃଷ୍ଠା ୫

ସଂଚାର
THE SANCHAR

Website: sanchar.live mail Id: sancharodisha@gmail.com
RNI NO :ODIODI/2001/04811 Postal Regd No : BN/249/15-17

ପବିତ୍ର ଦୀପାବଳି ଓ କାଳୀପୂଜା ଉପଲକ୍ଷେ
ସମସ୍ତ ପାଠକ ପାଠିକା ଓ ବିତରକ,
ବିଜ୍ଞାପନଦାତାଙ୍କୁ 'ସଂଚାର' ପରିବାର
ପକ୍ଷରୁ ହାର୍ଦ୍ଦିକ ଅଭିନନ୍ଦନ



Vol. 34 | ISSUE 225 ଭାଗ ୩୪ | ସଂଖ୍ୟା ୨୨୫

Sunday 08 November 2026 | Page 8 Rs. 5.00

● ଭୁବନେଶ୍ୱର ରବିବାର, ୮ ନଭେମ୍ବର ୨୦୨୬ | ୮ ପୃଷ୍ଠା, ମୂଲ୍ୟ ୫ ଟଙ୍କା



୩୦ ଲକ୍ଷ ଦୀପରେ ଝଲସିଲା ଅଯୋଧ୍ୟା

ଅଯୋଧ୍ୟା,୭।୧୧: ସରଜୁ ନଦୀକୂଳର 'ରାମ କୀ ପୈଡ଼ି'ରେ ୩୦ ଲକ୍ଷ ଦୀପ ପ୍ରଜ୍ୱଳନ କରାଯାଇଛି। ଏଥିରେ ଉପରାଷ୍ଟ୍ରପତି ସି ପି ରାଧାକୃଷ୍ଣନ ଓ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥଙ୍କ ସମେତ ଅନେକ ଅତିଥି ସାମିଲ ହୋଇଛନ୍ତି। ମୁଖ୍ୟ ଆକର୍ଷଣ ଥିଲା ରାମକଥା ପାର୍କରେ ପ୍ରଭୁ ଶ୍ରୀରାମ, ମାତା ସୀତା ଓ ଲକ୍ଷ୍ମଣଙ୍କ ରାଜ୍ୟାଭିଷେକ। ଯୋଗୀ ଆଦିତ୍ୟନାଥ ତିନି ଦେବତାଙ୍କୁ ମାଲ୍ୟାର୍ପଣ କରିଥିବା ବେଳେ ଉପରାଷ୍ଟ୍ରପତି ତିଳକ ଲଗାଇଥିଲେ। ଏହି ସମୟରେ ହେଲିକପ୍ଟରରୁ ପୁଷ୍ପବୃଷ୍ଟି କରାଯାଇଥିଲା। ଏହାପରେ ମୁଖ୍ୟମନ୍ତ୍ରୀ ଓ ଉପମୁଖ୍ୟମନ୍ତ୍ରୀ ରଥ ଟାଣିଥିଲେ।





ବନ୍ୟା ଦୁର୍ଗତଙ୍କୁ ସମବେଦନା

ଦୀପାବଳି ପାଳିବେନି ମୋହନ ଓ ନବୀନ

ଭୁବନେଶ୍ୱର,୭।୧୧(ସଂଚାର ବ୍ୟୁରୋ): ବନ୍ୟା 'ଅର୍ଣ୍ଣବ' ଦୁର୍ଗତ ଗଞ୍ଜାମ, ଗଜପତି ଓ କନ୍ଧମାଳର ଲୋକଙ୍କ ପ୍ରତି ସମବେଦନା ଜଣାଇ ଦୀପାବଳି ପାଳନ କରିବେ ନାହିଁ ବୋଲି ନିଷ୍ପତ୍ତି ନେଇଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓ ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ। ତେଣୁ ଏଥର ମୁଖ୍ୟମନ୍ତ୍ରୀ ନିବାସରେ ଦୀପାବଳି ଉତ୍ସବ ଆୟୋଜନ ହେବନାହିଁ। ଏଥିସହ ଦୀପାବଳି ଅବସରରେ ଉପହାର କିମ୍ବା ଫୁଲତୋଡ଼ା ନେଇ ମୁଖ୍ୟମନ୍ତ୍ରୀ ନିବାସକୁ ନ ଆସିବା ପାଇଁ ମଧ୍ୟ ନିବେଦନ କରାଯାଇଛି। ପୃଷ୍ଠା-୬

ଚାଷୀ ସମୃଦ୍ଧ ତ ଓଡ଼ିଶା ସମୃଦ୍ଧ

- ଜନ୍ମମାଟିରେ ପୂର୍ବ ସରକାର ଉପରେ ବର୍ଷିଲେ ମୁଖ୍ୟମନ୍ତ୍ରୀ
- ଜଳସେଚନର ପ୍ରତିଶ୍ରୁତି କେବଳ କାଗଜ କଲମରେ ରହିଯାଇଥିଲା
- କେନ୍ଦୁଝର-ମୟୂରଭଞ୍ଜକୁ ୩ଟି ବୃହତ ଉଠା ଜଳସେଚନ ପ୍ରକଳ୍ପ ଭେଟି
- ଡିସେମ୍ବରରେ କାନୁପୁର ସେଚ ପ୍ରକଳ୍ପର ଉଦ୍‌ଘାଟନ
- ୫ ବର୍ଷରେ ୧୫ ଲକ୍ଷ ହେକ୍ଟର ଜମିକୁ ମିଳିବ ଜଳସେଚନ ସୁବିଧା



ଭୁବନେଶ୍ୱର,୭।୧୧(ସଂଚାର ବ୍ୟୁରୋ): ରାଜ୍ୟର କୃଷି, ସ୍ୱାସ୍ଥ୍ୟ, ବ୍ୟାଙ୍କିଙ୍ଗ୍ ଏବଂ ଗ୍ରାମାଞ୍ଚଳର ମୌଳିକ ଭିତ୍ତିଭୂମିକୁ ସୁଦୃଢ଼ କରିବା ଦିଗରେ ଆଜି କେନ୍ଦୁଝରରେ ଆଉ ଏକ ଐତିହାସିକ ପଦକ୍ଷେପ ଗ୍ରହଣ କରାଯାଇଛି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି କେନ୍ଦୁଝର ଜିଲ୍ଲାର ରାଇକଳା ଗ୍ରାମପଞ୍ଚାୟତ ତଥା ସମଗ୍ର କେନ୍ଦୁଝର ଓ ମୟୂରଭଞ୍ଜ କ୍ଲଷ୍ଟରର ବିକାଶ ନିମନ୍ତେ ବିଭିନ୍ନ ପ୍ରକଳ୍ପର ଉଦ୍‌ଘାଟନ ଓ ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି।

ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଗତ ଅଢ଼େଇ ବର୍ଷ ମଧ୍ୟରେ କେନ୍ଦୁଝର ଜିଲ୍ଲାରେ ବିକାଶର ଯେଉଁ ଧାରା ଜାରି ରହିଛି, ଆଜି ସେଥିରେ ଆଉ ଏକ ସ୍ୱତନ୍ତ୍ର ମାତ୍ରା ଯୋଡ଼ି ହୋଇଛି। ଏ ସରକାର ହେଉଛି ଗରିବ, ଚାଷୀ ଓ ମୂଲିଆଙ୍କ ସରକାର ଏବଂ ରାଜ୍ୟର ପ୍ରତ୍ୟେକଟି କୋଣକୁ ବିକାଶର ମୁଖ୍ୟସ୍ରୋତରେ ସାମିଲ ପୃଷ୍ଠା-୬

ରାଜସ୍ୱ ଅଧିକାରୀ ଓ କର୍ମଚାରୀଙ୍କୁ ସଚିବଙ୍କ ତାଗିଦ୍

ଦୁର୍ନୀତି କଲେ ଚାକିରିରୁ ବିଦାହେବେ



ସଚ୍ଚୋଟତା ଓ ନିଷ୍ଠାକୁ ଗୁରୁତ୍ୱ

ଭୁବନେଶ୍ୱର,୭।୧୧(ସଂଚାର ବ୍ୟୁରୋ): ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗରେ ସ୍ୱଚ୍ଛତା, ସାଧୁତା, ସମ୍ବେଦନଶୀଳତା ଓ ଜନସେବାକୁ ସର୍ବୋଚ୍ଚ ପ୍ରାଥମିକତା ଦେବା ସହ ନିଜ ଦାୟିତ୍ୱ ଓ କର୍ତ୍ତବ୍ୟ ପ୍ରତି ସର୍ବଦା ସଚ୍ଚୋଟ ଏବଂ ନିଷ୍ଠାବାନ ରହିବାକୁ ବିଭାଗର ସମସ୍ତ ଅଧିକାରୀ ଓ କର୍ମଚାରୀଙ୍କୁ ଆହ୍ୱାନ ଜଣାଇଛନ୍ତି ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଡ. ଅରବିନ୍ଦ କୁମାର ପାଢ଼ୀ।

ନିକଟରେ ଜଣେ ଯୁବ ଓଡ଼ିଶା ରାଜସ୍ୱ ସେବା (ଓଆରଏସ) ଅଧିକାରୀ ଲାଞ୍ଚ ନେବା ଅଭିଯୋଗରେ ଭିଜିଲାନ୍ସ ହାତରେ ଧରାପଡ଼ିବା ଘଟଣା ତାଙ୍କୁ ଗଭୀର ଭାବେ ମର୍ମାହତ ଓ ବ୍ୟଥିତ କରିଛି ବୋଲି ବିଭାଗର ସମସ୍ତ ସହକର୍ମୀଙ୍କ ଉଦ୍ଦେଶ୍ୟରେ ଲିଖିତ ଏକ ଚିଠିରେ ସେ ଉଲ୍ଲେଖ କରିଛନ୍ତି। ଏହି ଘଟଣାକୁ ଏକ ଚେତାବନୀ ଭାବେ ଗ୍ରହଣ କରି ସରକାରୀ ସେବାରେ ନୈତିକତା, ସାଧୁତା ଓ ସ୍ୱଚ୍ଛତା ଉପରେ ଅଧିକ ଗୁରୁତ୍ୱ ଦେବା ସହ ଭବିଷ୍ୟତରେ ଏଭଳି ଘଟଣାର ପୁନରାବୃତ୍ତି ନହେବା ଦିଗରେ ସମସ୍ତଙ୍କୁ ସଚେତନ ରହିବାକୁ ସେ ପରାମର୍ଶ ଦେଇଛନ୍ତି।

ଚିଠିରେ ରାଜସ୍ୱ ସଚିବ ଉଲ୍ଲେଖ କରିଛନ୍ତି ଯେ ସରକାରୀ ଚାକିରି କେବଳ ଜୀବିକା ନିର୍ବାହର ମାଧ୍ୟମ ନୁହେଁ, ଏହା ଜନସାଧାରଣଙ୍କ ସେବା କରିବାର ଏକ ସୁଯୋଗ। ଏଭଳି ଏକକ ଘଟଣାକୁ ଆଧାର କରି ସମଗ୍ର ବିଭାଗର କାର୍ଯ୍ୟଦକ୍ଷତା ଓ ଭାବମୂର୍ତ୍ତିକୁ ଆକଳନ କରିବା ଉଚିତ ନୁହେଁ। ଦୁର୍ନୀତି ପ୍ରତି ଶୂନ୍ୟ-ସହନଶୀଳତା ନୀତି ଅବଲମ୍ବନ କରିବା ସହ ବିଭାଗର ସମସ୍ତ ଅଧିକାରୀ ଓ କର୍ମଚାରୀଙ୍କୁ ନିୟମ ଅନୁଯାୟୀ କାର୍ଯ୍ୟ କରିବାକୁ ଓ ନିଜର କର୍ତ୍ତବ୍ୟ ପାଳନରେ କୌଣସି ପ୍ରକାର ପୃଷ୍ଠା-୬

● ପୂରଣ ହେବ ଅସହାୟ ଛାତ୍ରଛାତ୍ରୀଙ୍କ ବୈଷୟିକ ଶିକ ସ୍ୱପ୍ନ

ଲାଗୁ ହେବ 'ଗ୍ରୀନ୍ ପ୍ୟାସେଜ୍' ଯୋଜନା



ଭୁବନେଶ୍ୱର,୭।୧୧(ସଂଚାର ବ୍ୟୁରୋ): ଅର୍ଥାଭାବରୁ ଆଉ କୌଣସି ଅସହାୟ ଛାତ୍ରଛାତ୍ରୀଙ୍କ ବୈଷୟିକ ଶିକ୍ଷା ଓ ଇଞ୍ଜିନିୟର ହେବାର ସ୍ୱପ୍ନ ସ୍ୱପ୍ନରେ ରହିବନି। ରାଜ୍ୟ ସରକାର ଏଣିକି ବ୍ୟୟବହୁଳ ବୈଷୟିକ ତଥା ପ୍ରଫେସନାଲ ପାଠ୍ୟକ୍ରମରେ ମଧ୍ୟ ବ୍ୟୟ ଭାର ବହନ କରିବେ। ରାଜ୍ୟର ଅସହାୟ, ଅନାଥ ଓ କୋଭିଡରେ ପିତାମାତାଙ୍କୁ ହରାଇଥିବା ଛାତ୍ରଛାତ୍ରୀଙ୍କୁ ସମ୍ପୂର୍ଣ୍ଣ ମାଗଣାରେ ବୈଷୟିକ ଶିକ୍ଷା ଯୋଗାଇ ଦେବାକୁ ରାଜ୍ୟ ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗ ପକ୍ଷରୁ 'ଗ୍ରୀନ ପ୍ୟାସେଜ୍' ଯୋଜନା କାର୍ଯ୍ୟକାରୀ ନିମନ୍ତେ ନିଷ୍ପତ୍ତି ନିଆଯାଇଛି। ଉଚ୍ଚଶିକ୍ଷା ବିଭାଗର ବିଜ୍ଞପ୍ତି ତଥା ନିର୍ଦ୍ଦେଶାବଳୀ ଆଧାରରେ

ବୈଷୟିକ ବିଶ୍ୱବିଦ୍ୟାଳୟରେ ଫି' ବହନ କରିବେ ସରକାର

ଏବେ ସମସ୍ତ ସରକାରୀ ବୈଷୟିକ ବିଶ୍ୱବିଦ୍ୟାଳୟ ଓ ଇଞ୍ଜିନିୟରିଂ କଲେଜରେ ଏହି ଯୋଜନା ଲାଗୁ ହେବାକୁ ଯାଉଛି।

ରାଜ୍ୟ ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗ ପକ୍ଷରୁ ଆଜି ପ୍ରକାଶିତ ବିଜ୍ଞପ୍ତି ଅନୁସାରେ, ରାଜ୍ୟ ସରକାର ଏହି 'ଗ୍ରୀନ ପ୍ୟାସେଜ୍' ଯୋଜନାକୁ ବିପିୟୁଟି ରାଉରକେଲା, ଭିସ୍ୱଟ୍ ବୁର୍ଲା, ପୃଷ୍ଠା-୬

ବିଚଳିତ କରୁଛି ଚଳିତ ବର୍ଷର ଭିଜିଲାନ୍ସ ତଥ୍ୟ

ଲାଞ୍ଚ ନେବାରେ ପୁରୁଷଙ୍କୁ ପଛରେ ପକାଇଲେ ମହିଳା



ଭୁବନେଶ୍ୱର,୭।୧୧: ପୁରୁଷଙ୍କ ତୁଳନାରେ ମହିଳା ସରକାରୀ କର୍ମଚାରୀ ଅଧିକ ଲାଞ୍ଚୁଆ। ଏବେ ଭିଜିଲାନ୍ସ ଜାଲରେ ଯେତିକି ପୁରୁଷ କର୍ମଚାରୀ ପଡୁଛନ୍ତି, ତାଠାରୁ ଢେର ଅଧିକ ପଡୁଛନ୍ତି ମହିଳା ସରକାରୀ କର୍ମଚାରୀ। ଏହି ସଂଖ୍ୟା ପାଖାପାଖି ୩ ଗୁଣ ଅଧିକ। ଆୟ ବହିର୍ଭୂତ ସମ୍ପତ୍ତି ନୁହେଁ, ବରଂ ମୋଟା ଅଙ୍କର ଲାଞ୍ଚ ନେଇ ଧରାହୋଇଛନ୍ତି। ହାତ ପାପୁଲି ଲାଲ ହେଉଛି। ଲୋକହସାର ଶିକାର ହେଉଛନ୍ତି। ଶେଷରେ ଜେଲ ମଧ୍ୟ ଯାଉଛନ୍ତି। ଭିଜିଲାନ୍ସ ତାଙ୍କ ଆୟ ବହିର୍ଭୂତ ସମ୍ପତ୍ତିର ଖୋଳତାଡ଼ କରୁଛି। ଗତ ଏକ ସପ୍ତାହ ମଧ୍ୟରେ ଦୁଇ ଜଣ ଉଚ୍ଚପଦସ୍ଥ ମହିଳା ସରକାରୀ କର୍ମଚାରୀ ଲାଞ୍ଚ ନେଇ ଧରାପଡ଼ିବା ପରେ ଏହାକୁ ନେଇ ଚର୍ଚ୍ଚା ଜୋର୍ ଧରିଛି। ଭିଜିଲାନ୍ସ ବିଭାଗରୁ ଯାହା ତଥ୍ୟ ମିଳିଛି, ଚଳିତ ବର୍ଷ ଲାଞ୍ଚ ନେବା ବେଳେ ୧୦ରୁ ଅଧିକ ମହିଳା ସରକାରୀ କର୍ମଚାରୀ ଭିଜିଲାନ୍ସ ହାତରେ ଗିରଫ ହୋଇଛନ୍ତି। ସେମାନଙ୍କ ମଧ୍ୟରେ ଅବକାରୀ ସୁପରିଣ୍ଟେଣ୍ଡେଣ୍ଟଙ୍କଠାରୁ ଆରମ୍ଭ କରି ଇଞ୍ଜିନିୟର, ପୁଲିସ ଅଧିକାରୀ, ଟ୍ୟାକ୍ସ କମିସନର, ରେଭେନ୍ୟୁ ଇନ୍ସପେକ୍ଟର, ଡେପୁଟି ରେଞ୍ଜର ଓ ସବ୍-ରେଜିଷ୍ଟର ଅଛନ୍ତି।

ଅନ୍ୟପଟେ ଚଳିତ ବର୍ଷ ମାତ୍ର ୩ ଜଣ ପୁରୁଷ ସରକାରୀ କର୍ମଚାରୀ ଲାଞ୍ଚ ନେଇ ଧରାପଡ଼ିଛନ୍ତି। ସେମାନେ ହେଲେ ବରପାଲି ବିଇଓ ଅଫିସର୍ ଜୁନିଅର କିରାଣୀ ରଜନୀକାନ୍ତ କର, ସମ୍ବଲପୁରର ସ୍ୱତନ୍ତ୍ର ଜମି ଅଧି ଗ୍ରହଣକାରୀ ଅଫିସର ଅଜୟ କୁମାର ଗଡ଼ନାୟକ ଓ ମହୁଲପାଲି ପୃଷ୍ଠା-୬

ଛୁଟି ଘୋଷଣା

ପବିତ୍ର ଦୀପାବଳି ଉପଲକ୍ଷେ
୮ ତାରିଖ (ରବିବାର)
'ସଂଚାର' କାର୍ଯ୍ୟାଳୟ
ଓ ପ୍ରେସ୍ ବନ୍ଦ ରହୁଥିବାରୁ
ଏହାର ପରବର୍ତ୍ତୀ ସଂସ୍କରଣ
୧୦ ତାରିଖ (ମଙ୍ଗଳବାର)
ପ୍ରକାଶ ପାଇବ।

ପ୍ରକାଶକ

ଗଞ୍ଜାମରୁ ବାଜିଲା ପଞ୍ଚାୟତ ନିର୍ବାଚନ ବିଗୁଲ

● ନବୀନଙ୍କ ଗସ୍ତ ପରେ ରାଜନୀତି ସରଗରମ
● ଡେରା ପକାଇଛନ୍ତି ପିସିସି ସଭାପତି

ଭୁବନେଶ୍ୱର,୭।୧୧(ସଂଚାର ବ୍ୟୁରୋ): ବାତ୍ୟାରେ ବ୍ୟାପକ ଭାବେ କ୍ଷତିଗ୍ରସ୍ତ ହୋଇଥିବା ଗଞ୍ଜାମ ଜିଲ୍ଲାରୁ ବାଜିଛି ପଞ୍ଚାୟତ ନିର୍ବାଚର ବିଗୁଲ। ଆଗାମୀ ବର୍ଷ ପ୍ରାରମ୍ଭରେ ହେବାକୁ ଥିବା ପଞ୍ଚାୟତ ନିର୍ବାଚନରେ କିଏ କାହାକୁ କିଭଳି ମୁକାବିଲା କରିବା ତା'ର ଟ୍ରେଲର ଗଞ୍ଜାମ ବାତ୍ୟାଞ୍ଚଳରୁ ଆରମ୍ଭ ହୋଇଛି। ବାତ୍ୟା କ୍ଷତିଗ୍ରସ୍ତଙ୍କୁ ସହାୟତା ଆଢୁଆଳରେ ଏଠାର ନେତାଙ୍କ ଭିଡ଼ ସହ ପରସ୍ପରର ଗୋହି ଖୋଳା ରାଜନୀତିରେ ସମସ୍ତ ମାତିଛନ୍ତି। ବାତ୍ୟା 'ଅର୍ଣ୍ଣବ' ଓ ତତ୍‌ଜନିତ ଭୂସ୍ଖଳନରେ ଗଞ୍ଜାମର ବହୁ ଅଞ୍ଚଳ ଛାରଖାର ହେବା ଓ ୧୦ରୁ ଅଧିକ ଲୋକଙ୍କର ଜୀବନ ଯିବା ପରେ ସେଠାକୁ ଏବେ ଶାସକ ଓ ବିରୋଧୀ ଦଳ ନେତାଙ୍କ ସୁଅ ଛୁଟିଛି। ବାତ୍ୟା ପରେ ପରେ ମୁଖ୍ୟମନ୍ତ୍ରୀ ଓ ରାଜସ୍ୱ ମନ୍ତ୍ରୀ ବାତ୍ୟାଞ୍ଚଳ ପରିଦର୍ଶନ କରିଥିବା ବେଳେ ଗଞ୍ଜାମ ଜିଲ୍ଲାର ବିଜେପି ବିଧାୟକମାନେ ସେଠାରେ ଡେରା ପକାଇଛନ୍ତି। ଆଜି ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ନିଜ ନିର୍ବାଚନମଣ୍ଡଳୀ ହିଞ୍ଜିଳି ଗସ୍ତ କରିଥିବା ବେଳେ ପ୍ରଦେଶ କଂଗ୍ରେସ ସଭାପତି ଭକ୍ତ ଚରଣ ଦାସ ଦଳ ବଳ ସହ ତିନି ଦିନ ହେଲା ଗଞ୍ଜାମର ବିଭିନ୍ନ ଅଞ୍ଚଳ ଗସ୍ତ କରୁଛନ୍ତି।

ବାତ୍ୟା କ୍ଷତିଗ୍ରସ୍ତଙ୍କ ଘା'ରେ ମଲମ ଲଗାଇବା ବଦଳରେ କିନ୍ତୁ ଗଞ୍ଜାମରେ ରାଜନୀତି ଜୋର ଧରିଛି। ପ୍ରଥମେ କିଛି ଅଞ୍ଚଳରେ ହିଞ୍ଜିଳି ବିଧାୟକ ତଥା ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକଙ୍କ ନିଖୋଜ ପୋଷ୍ଟର ଲାଗିଲା। କିଏ ପୃଷ୍ଠା-୬









ପବିତ୍ର ଦୀପାବଳି ଉପଲକ୍ଷେ ଓଡ଼ିଶାର ମାନ୍ୟବର ରାଜ୍ୟପାଳଙ୍କ ବାର୍ତ୍ତା

ଦୀପାବଳି ପର୍ବ ଆମ ସମୃଦ୍ଧ ସାଂସ୍କୃତିକ ଅସ୍ମିତା ଓ ଆଧ୍ୟାତ୍ମିକତାର ପ୍ରମୁଖ ଅଙ୍ଗ। ଐତିହ୍ୟର ଆବାହନ ଓ ଭବିଷ୍ୟତର ପଥ ନିର୍ମାଣର ମହାନ ଅବସର।

ଆଲୋକର ପର୍ବ ପବିତ୍ର ଦୀପାବଳିର ଶୁଭ ଅବସରରେ ମୁଁ ରାଜ୍ୟବାସୀ ଭାଇଭଉଣୀମାନଙ୍କୁ ଆନ୍ତରିକ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇବା ସହ ସମସ୍ତଙ୍କର ସୁଖ, ଶାନ୍ତି ଓ ସମୃଦ୍ଧି କାମନା କରୁଛି।

(ବ୍ରଜମୋହନ ରାମ)



ପବିତ୍ର ଦୀପାବଳି ଅବସରରେ ମୁଖ୍ୟମନ୍ତ୍ରୀଙ୍କ ଶୁଭେଚ୍ଛା

ଶୁଭ ଦୀପାବଳି

ଆଲୋକ ଓ ଆନନ୍ଦର ପର୍ବ ଦୀପାବଳି ଅବସରରେ ରାଜ୍ୟବାସୀ ଭାଇଭଉଣୀମାନଙ୍କୁ ମୋର ଶୁଭେଚ୍ଛା ଓ ଅଭିନନ୍ଦନ। ଜୀବନରୁ ଅଜ୍ଞାନତାକୁ ଅପସାରିତ କରି ଜ୍ଞାନର ପରିପ୍ରକାଶ କରିବାର ମହାନ ପ୍ରତୀକ ହେଉଛି ପବିତ୍ର ଦୀପାବଳି। ଏହା ହେଉଛି ସାମାଜିକ ସଂପ୍ରୀତି ଓ ସକାରାତ୍ମକ ମନୋଭାବର ଏକ ଉତ୍ସବ।

ଦୀପାବଳି ସମସ୍ତଙ୍କ ଜୀବନରେ ଜ୍ଞାନର ଆଲୋକ ଭରିଦେଇ ସୁଖ, ଶାନ୍ତି ଓ ସମୃଦ୍ଧି ଆଣୁ, ଏହା ହିଁ ମା'ଙ୍କ ନିକଟରେ ପ୍ରାର୍ଥନା।

ଆସନ୍ତୁ, ଏହି ପର୍ବକୁ ସୁରକ୍ଷିତ ଓ ପରିବେଶ ଅନୁକୂଳ ଭାବେ ପାଳନ କରିବା।

(ମୋହନ ଚରଣ ମାଝୀ)
ମୁଖ୍ୟମନ୍ତ୍ରୀ, ଓଡ଼ିଶା

DSPL/ 320920 -15001/134/2627

ମହିଳା ଏସଏଚଜି ଓ ମାନ୍ୟଗଣ୍ୟ ବ୍ୟକ୍ତିଙ୍କୁ ଭେଟିଲେ ବୈଜୟନ୍ତ



ପଟ୍ଟାମୁଣ୍ଡାଇ,୭।୧୧ (ସଂଚାର ବ୍ୟୁରୋ): ବିଜେପି ରାଷ୍ଟ୍ରୀୟ ଉପସଭାପତି ତଥା କେନ୍ଦ୍ରାପଡ଼ା ସାଂସଦ ବୈଜୟନ୍ତ ପଣ୍ଡା ଗତକାଲି ଦଳର ପ୍ରଭାସ କାର୍ଯ୍ୟକ୍ରମ ଅନୁଯାୟୀ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀ ଓ ସହର ମାନ୍ୟଗଣ୍ୟ ବ୍ୟକ୍ତିଙ୍କୁ ଭେଟି ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରିଥିଲେ।

ସାଂସଦ ଶ୍ରୀପଣ୍ଡା ପଟ୍ଟାମୁଣ୍ଡାଇ ପୌର ପରିଷଦ ୧୦ନଂ ୱାର୍ଡର ସରକାରୀ ଓକିଲ ପ୍ରମୋଦ ସାହୁଙ୍କ ଘରକୁ ଯାଇ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀ ଶୁଭ ମଙ୍ଗଳା ସ୍ୱୟଂ ସହାୟିକା ଗୋଷ୍ଠୀ ସଭାନେତ୍ରୀ ସରସ୍ୱତୀ ସାହୁଙ୍କ ସହିତ ଗୋଷ୍ଠୀର ମହିଳା ସଦସ୍ୟା ମାନଙ୍କୁ ଭେଟି ସରକାରଙ୍କ ବିଭିନ୍ନ ଯୋଜନାର ଉପଲବ୍ଧି ଉପରେ ଆଲୋଚନା କରିଥିଲେ। ସାଂସଦଙ୍କୁ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା।

ଏହି କାର୍ଯ୍ୟକ୍ରମରେ ରାଜନଗର ବିଜେପି ବିଧାୟକ ପ୍ରାର୍ଥୀ ଲଳିତ ବେହେରା, ଜିଲ୍ଲା ବିଜେପି ସଭାପତି ଶଶାଙ୍କ ଶେଖର ସେଠୀ, ଜିଲ୍ଲା ବିଜେପି ଉପସଭାପତି ଆଡ଼ଭୋକେଟ ଭାରତ ଭୂଷଣ ଦାସ, ସୁନାକାର ବେହେରା କାଉନସିଲର ବିଦ୍ୟାଧର ସେଠୀ, ମିଟୁ ମନୋଜ ନାୟକ, ସଞ୍ଜୟ ରଥ, ସ୍ୱାଗତ ଦାଶ, ସୁଶୀଲ ପରିଡା, ରବୀନ୍ଦ୍ର ବିଶ୍ୱାଳ, ଚନ୍ଦନ ପାତ୍ର, ଗିରିଜା ଶଙ୍କର ସାମଲ, ନଗର ସଭାପତି ଅଶୋକ ସାହୁ, ଯୁବନେତା ପରେଶ ସାହୁ, ମାନସ ଚୌଧୁରୀ, ବେବିନା ସାହୁ, ବିଦ୍ୟୁତପ୍ରଭା ସାହୁ, ମମତା ସାହୁ, ବଳରାମ ମଲିକ, ପୁଷ୍ପିତା ମଲିକ, ରଶ୍ମିତା ମଲିକ, ରୁକ୍ମଣୀ ମଲିକ ପ୍ରମୁଖ ସାମିଲ ହୋଇଥିଲେ।

ଏହା ପରେ ସାଂସଦ ନାଟ୍ୟକାର ଅଧ୍ୟାପକ ଗୋଲକ ମହାରଣା ଓ ପଟ୍ଟାମୁଣ୍ଡାଇ କଲେଜ ପୂର୍ବତନ ଅଧ୍ୟକ୍ଷ ପ୍ରଫେସର ଦେବବ୍ରତ ପ୍ରଧାନଙ୍କ ଘରକୁ ଯାଇ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନା ଉପରେ ମତାମତ ନେଇଥିଲେ। ସାଂସଦଙ୍କ ବିଭିନ୍ନ କାର୍ଯ୍ୟକ୍ରମରେ ପଟ୍ଟାମୁଣ୍ଡାଇ ଅଂଚଳର ବହୁ ବିଜେପି ନେତା ଓ କର୍ମୀ ଯୋଗ ଦେଇଥିଲେ।

ଟ୍ୟୁବୱେଲରୁ ବାହାରୁଛି ଗୋଳିଆ ପାଣି



ଚିନ୍ତାରେ ୩୦ରୁ ୪୦ ପରିବାର

କେବେ ପଡ଼ିବ ପ୍ରଶାସନର ନଜର ?

ସ୍ୱଚ୍ଛ ପାନୀୟ ଜଳ ପାଇଁ ଗ୍ରାମବାସୀଙ୍କ ଦାବି

ରାଜନଗର,୭।୧୧ (ସଂଚାର ବ୍ୟୁରୋ): ରାଜନଗର ବ୍ଲକ ଅନ୍ତର୍ଗତ ଈଶ୍ୱରପୁର ପଞ୍ଚାୟତର ଜୁନିସନଗର ଗ୍ରାମରେ ଦେଖାଦେଇଛି ପାନୀୟ ଜଳ ସମସ୍ୟା। ଗ୍ରାମରେ ଥିବା ଟ୍ୟୁବୱେଲରୁ ସ୍ୱଚ୍ଛ ପାଣି ବଦଳରେ ଗୋଳିଆ ପାଣି ବାହାରୁଥିବା ନେଇ ଗ୍ରାମବାସୀଙ୍କ ମଧ୍ୟରେ ଗଭୀର ଅସନ୍ତୋଷ ଦେଖାଦେଇଛି। ଏହି ଟ୍ୟୁବୱେଲ ଉପରେ ନିର୍ଭର କରି ଗ୍ରାମର ପ୍ରାୟ ୩୦ରୁ ୪୦ଟି ପରିବାର ଦୈନନ୍ଦିନ ଜଳ ଆବଶ୍ୟକତା ପୂରଣ କରୁଛନ୍ତି।

ସୂଚନା ଅନୁଯାୟୀ, ଟ୍ୟୁବୱେଲରୁ ପାଣି ବାହାରିବା ସମୟରେ ପାଣି ସ୍ୱାଭାବିକ ଦେଖାଯାଉଥିଲେ ମଧ୍ୟ ପ୍ରାୟ ଏକ ଘଣ୍ଟା ମଧ୍ୟରେ ପାଣି ଗୋଳିଆ ହୋଇଯାଉଛି। ଫଳରେ ଏହି ପାଣିକୁ ପିଇବା ତ ଦୂରର କଥା, ଦୈନନ୍ଦିନ ଘରୋଇ କାର୍ଯ୍ୟରେ ବ୍ୟବହାର କରିବାକୁ ମଧ୍ୟ ଲୋକମାନେ ଚିନ୍ତା ପ୍ରକଟ କରୁଛନ୍ତି। ବିଶେଷକରି ଛୋଟ ପିଲା, ବୟସ୍କ ବ୍ୟକ୍ତି ଓ ପରିବାରର ଅନ୍ୟ ସଦସ୍ୟମାନଙ୍କ ସ୍ୱାସ୍ଥ୍ୟକୁ ନେଇ ଅଭିଭାବକମାନେ ଚିନ୍ତିତ ଅଛନ୍ତି।

ଗ୍ରାମାଞ୍ଚଳରେ ସ୍ୱଚ୍ଛ ପାନୀୟ ଜଳ ଯୋଗାଇବା ସରକାରଙ୍କ ଏକ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ। କିନ୍ତୁ ଜୁନିସନଗରର ଗ୍ରାମର ଏହି ଚିତ୍ର ଦେଖିଲେ ପାନୀୟ ଜଳ ବ୍ୟବସ୍ଥାର ରକ୍ଷଣାବେକ୍ଷଣକୁ ନେଇ ଅନେକ ପ୍ରଶ୍ନ ଉଠୁଛି। ଯଦି ଗୋଟିଏ ଟ୍ୟୁବୱେଲ ଉପରେ ୩୦ରୁ ୪୦ଟି ପରିବାର ନିର୍ଭର କରୁଛନ୍ତି, ତେବେ ସେହି ଟ୍ୟୁବୱେଲର ପାଣିର ଗୁଣବତ୍ତା ଯାଞ୍ଚ କରିବା ଓ ନିୟମିତ ରକ୍ଷଣାବେକ୍ଷଣ କରିବା ଅତ୍ୟନ୍ତ ଜରୁରୀ।

ଏହି ସମସ୍ୟା ସମ୍ପର୍କରେ ସମ୍ପୃକ୍ତ ବିଭାଗୀୟ ଅଧିକାରୀ ଓ ପ୍ରଶାସନ କେବେ ଦୃଷ୍ଟି ଦେବେ, ତାହାକୁ ନେଇ ଗ୍ରାମବାସୀ ଅପେକ୍ଷା କରିଛନ୍ତି। କେବଳ ପ୍ରତିଶ୍ରୁତି ନୁହେଁ, ବରଂ ତୁରନ୍ତ ସମସ୍ୟାର ସ୍ଥାୟୀ ସମାଧାନ କରିବାକୁ ଦାବି ହେଉଛି।

ତେଣୁ ଜୁନିସନଗର ଗ୍ରାମର ଟ୍ୟୁବୱେଲ ପାଣିକୁ ତୁରନ୍ତ ଲାବରେଟୋରୀରେ ପରୀକ୍ଷା କରାଯାଇ ଏହାର ମାନ ଯାଞ୍ଚ କରିବା ସହ ଆବଶ୍ୟକ ମରାମତି କରାଯାଉ। ଏଥିସହିତ ଗ୍ରାମବାସୀଙ୍କୁ ବିକଳ୍ପ ଭାବେ ସ୍ୱଚ୍ଛ ପାନୀୟ ଜଳ ଯୋଗାଇଦେବାକୁ ଜନସାଧାରଣଙ୍କ ପକ୍ଷରୁ ଦାବି ଉଠିଛି।

ଏବେ ଦେଖିବାକୁ ବାକି ରହିଲା, ଜୁନିସନଗର ଗ୍ରାମବାସୀଙ୍କ ଏହି ଜଳ ସମସ୍ୟା ପ୍ରତି ପ୍ରଶାସନ କେବେ ଦୃଷ୍ଟି ଦେଉଛି ଏବଂ କେବେ ମିଳୁଛି ସ୍ୱଚ୍ଛ ପାନୀୟ ଜଳ।

ଡେରାବିଶରେ କଂଗ୍ରେସର 'ଭୋଟ ବଞ୍ଚାଅ, ଦେଶ ବଞ୍ଚାଅ' ଜନସମ୍ପର୍କ ଯାତ୍ରା

ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ

ଦୁର୍ନୀତିରେ ସମ୍ପୃକ୍ତ ଅଧିକାରୀଙ୍କ ଗିରଫ ଦାବି



ଡେରାବିଶ, ୭।୧୧ (ସଂଚାର ବ୍ୟୁରୋ): ଭୋଟରଙ୍କ ଅଧିକାରର ସୁରକ୍ଷା, ଦେଶରେ ଗଣତନ୍ତ୍ରର ରକ୍ଷା, ଡେରାବିଶ ବ୍ଲକରେ ହେଉଥିବା କୋଟି କୋଟି ଟଙ୍କାର ଦୁର୍ନୀତି ଏବଂ ଦରଦାମ ବୃଦ୍ଧି ପ୍ରତିବାଦରେ ଡେରାବିଶ ବ୍ଲକ କଂଗ୍ରେସ କମିଟି ପକ୍ଷରୁ 'ଭୋଟ ବଞ୍ଚାଅ, ଦେଶ ବଞ୍ଚାଅ' ଜନସମ୍ପର୍କ ଯାତ୍ରା ଓ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଛି। ପ୍ରଦେଶ କଂଗ୍ରେସ କମିଟିର ସାଧାରଣ ସମ୍ପାଦକ ତଥା କଂଗ୍ରେସ ନେତା ରତିକାନ୍ତ କାନୁନଗୋଙ୍କ ନେତୃତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଦଳୀୟ କର୍ମୀ ଓ ନେତାମାନେ ଯୋଗଦେଇ ବିଭିନ୍ନ ପ୍ରସଙ୍ଗରେ ସରକାରଙ୍କ ବିରୋଧରେ ସ୍ୱର ଉଠାଇଥିଲେ।

ଡେରାବିଶ ଥାନା ନିକଟରୁ ଏହି ଯାତ୍ରା ଆରମ୍ଭ ହୋଇଥିଲା। ସେଠାରେ ଥିବା ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ନେତା ଓ କର୍ମୀମାନେ ପୁଷ୍ପମାଲ୍ୟ ଅର୍ପଣ କରିବା ପରେ ଏକ ଶୋଭାଯାତ୍ରାରେ ବ୍ଲକ କାର୍ଯ୍ୟାଳୟ ପରିସରକୁ ଯାଇଥିଲେ। ସେଠାରେ ବିକ୍ଷୋଭ ପ୍ରଦର୍ଶନ ସହ ପ୍ରତିବାଦ ସଭା ଆୟୋଜିତ ହୋଇଥିଲା।

ଏହି ଅବସରରେ ମୁଖ୍ୟ ନିର୍ବାଚନ କମିସନର ଜ୍ଞାନେଶ କୁମାରଙ୍କ ଇସ୍ତଫା ଦାବି କରିବା ସହ ତାଙ୍କର କୁଶପୁତ୍ତଳିକା ଦାହ କରାଯାଇଥିଲା। ଭାରତୀୟ ସମ୍ବିଧାନର ଧାରା ୩୨୬ ପାଠ କରାଯାଇ ମତଦାନ ଅଧିକାରର ଗୁରୁତ୍ୱ ଉପରେ ଆଲୋକପାତ କରାଯାଇଥିଲା। ଏଥିସହ ଡେରାବିଶ ବ୍ଲକରେ ହୋଇଥିବା ଅଭିଯୋଗମୂଳକ ଦୁର୍ନୀତି ଘଟଣାର ନିରପେକ୍ଷ ତଦନ୍ତ କରିବା ସହ ଏଥିରେ ସମ୍ପୃକ୍ତ ସମସ୍ତ କର୍ମଚାରୀ ଓ ଅଧିକାରୀଙ୍କୁ ଗିରଫ କରିବାକୁ ଦଳ ପକ୍ଷରୁ ଦାବି ହୋଇଥିଲା।

ବ୍ଲକ କଂଗ୍ରେସ ସଭାପତି ରାଜୀବ ଲୋଚନ ମିଶ୍ରଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ଜିଲ୍ଲା କଂଗ୍ରେସ ଉପସଭାପତି ଉମେଶ ଚନ୍ଦ୍ର ତ୍ରିପାଠୀ, ଜିଲ୍ଲା କିଷାନ ସେଲ୍ ସଭାପତି ଜୟଦେବ ପରିଡ଼ା, ଯୁବନେତା ବିଭୁ ପ୍ରସାଦ ଷଡ଼ଙ୍ଗୀ, ବରିଷ୍ଠ ଆଇନଜୀବୀ ବିଧୁଭୂଷଣ ମହାପାତ୍ର, ବରିଷ୍ଠ ନେତା ସୁଖଦାନନ୍ଦ ପ୍ରଧାନ ଓ ଅଶୋକ ମୋହନ ଜେନା ପ୍ରମୁଖ ଉଦ୍‌ବୋଧନ ଦେଇଥିଲେ। ଏଥିରେ ବିଭିନ୍ନ ପଞ୍ଚାୟତ ଓ ଜୋନ୍‌ର ସଭାପତିଙ୍କ ସମେତ ୫୦୦ରୁ ଊର୍ଦ୍ଧ୍ୱ କଂଗ୍ରେସ କର୍ମୀ ଯୋଗଦେଇଥିଲେ।

ଏରା ପୁରୁଷୋତ୍ତମପୁରରେ ଗୋଦାବରୀଶ ଆଦର୍ଶ ବିଦ୍ୟାଳୟ ଭିତ୍ତିପ୍ରସ୍ତର ସ୍ଥାପନ



କେନ୍ଦ୍ରାପଡ଼ା, ୭।୧୧ (ସଂଚାର ବ୍ୟୁରୋ): କେନ୍ଦ୍ରାପଡ଼ା ବ୍ଲକ ଅନ୍ତର୍ଗତ ଏରା ପୁରୁଷୋତ୍ତମପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟକୁ ଶିକ୍ଷା ବିଭାଗ ରେ ସରକାର ନୂଆ ପ୍ରୟାସ । ଆଜି କେନ୍ଦ୍ରାପଡ଼ା ଜିଲ୍ଲାରେ ବିଭିନ୍ନ ବ୍ଲକରେ ନୂଆକରି "ଗୋଦାବରୀଶ ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ଘୋଷଣା" କରିବା ସହିତ ଏହାର ଭିତ୍ତିପ୍ରସ୍ତର ସ୍ଥାପନ ଅନୁଷ୍ଠିତ ହୋଇଯାଇଛି ।

ଏହି ଭିତ୍ତିପ୍ରସ୍ତର ସ୍ଥାପନ କାର୍ଯ୍ୟକ୍ରମରେ ସଭାପତିତ୍ୱ କରିବା ସହିତ ପରିଚୟ ପ୍ରଦାନ କରିଥିଲେ ଜୟନ୍ତୀ ସେଠୀ। ଏହି କାଯ୍ୟକ୍ରମ ମୁଖ୍ୟ ଅତିଥି ଭାବେ ୮ନଂ ଜୋନ ଜିଲ୍ଲା ପରିଷଦ ସଭ୍ୟ ରଶ୍ମି ରଞ୍ଜନ ରାଉତ ଯୋଗଦାନ କରି ଥିଲେ । ତାଙ୍କ ସହିତ କେନ୍ଦ୍ରାପଡ଼ା ବ୍ଲକ ଅତିରିକ୍ତ ଶିକ୍ଷା ଅଧିକାରୀ ଦୀପକ ସାର, ପୁରୁଷୋତ୍ତମପୁର ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷୟତ୍ରୀ ଜୟନ୍ତୀ ସେଠୀ ସ୍କୁଲ କମିଟିର ଅଧକ୍ଷ କମଳାକାନ୍ତ ରାଉତ, କୋରୁଆ କ୍ଲଷ୍ଟର ସି ଆର ସି ସି ପ୍ରଜ୍ଞା ପ୍ରଗଲ୍ଭା ଚୟନୀ, ସୁରେନ୍ଦ୍ର କୁମାର ସାମଲ ଏହି କାଯ୍ୟକ୍ରମ ସହଯୋଗ କରିଥିଲେ ରୁନୁବାଳା ସାହୁ, କନକଲତା ରାଉତ, ନିବେଦିତା ଓଝା, ଜଗଦିଶ ଚନ୍ଦ୍ର ଦାସ,ଗ୍ରାମ ଯୁବ ସମାଜ ସେବୀ ସରୋଜକାନ୍ତ ମହାନ୍ତି ସଭା ଶେଷରେ ଧନ୍ୟବାଦ ଦେଇ ସଭା ସାଙ୍ଗ କରିଥିଲେ ।

ଶୁଭେଚ୍ଛୁଙ୍କ ପକ୍ଷରୁ ପୂର୍ବତନ ବିଧାୟକଙ୍କ ଜନ୍ମଦିନ ପାଳିତ



ପଟ୍ଟାମୁଣ୍ଡାଇ,୭।୧୧ (ସଂଚାର ବ୍ୟୁରୋ): ଜନମାନସର ନେତା ପୂର୍ବତନ ବିଧାୟକ ଅଂଶୁମାନ ମହାନ୍ତିଙ୍କ ଜନ୍ମଜୟନ୍ତୀ ତାଙ୍କ ଶୁଭେଚ୍ଛୁ ଓ ସମର୍ଥକଙ୍କ ପକ୍ଷରୁ ପାଳିତ ହୋଇଯାଇଛି। ଆଜି ଏହି ଅବସରରେ ଶୁଭେଚ୍ଛୁମାନେ ଏକତ୍ରିତ ହୋଇ ନିକଟସ୍ଥ ଶ୍ରୀରାମ ମନ୍ଦିରରେ ଦୀପଦାନ କରିବା ପରେ ପଟ୍ଟାମୁଣ୍ଡାଇ ସ୍ୱାସ୍ଥ୍ୟକେନ୍ଦ୍ରରେ ରୋଗୀମାନଙ୍କୁ ଫଳ ବଣ୍ଟନ ଓ ଅସହାୟ ଲୋକଙ୍କୁ ବସ୍ତ୍ର ବଣ୍ଟନ କରିଥିଲେ।

ଏହି କାର୍ଯ୍ୟକ୍ରମରେ ଅମୂଲ୍ୟ ପ୍ରଧାନ, ଅବିନାଶ ଲେଙ୍କା, ମଳୟ ଓଝା, ମନୋରଂଜନ କର, ଆଲୋକ ଧଳ, ସନାତନ ବିଶ୍ୱାଳ, ମିଳନ ଦାସ, ପ୍ରଭାତ ପ୍ରଧାନ, ବୁଲୁ ନାୟକ, ପ୍ରଦୀପ୍ତ ବେହେରା, ଦିଲ୍ଲୀପ ମହାନ୍ତି, ମନୋଜ ନାୟକ, ସମୀର ଜେନା, ଦେବାଶିଷ ମହାନ୍ତି, ରଞ୍ଜିତ ଜେନା, ନିରଞ୍ଜନ ସେଠୀ, ସେକ୍ ଅମରୁଲ, ସୁବ୍ରତ ଦାସ, ବ୍ରଜକିଶୋର ନାୟକ, ଚୌଧୁରୀ ବିରଞ୍ଚି ରାୟ, ରାଜେନ୍ଦ୍ର ଜେନା, ରିଙ୍କୁ ମଲ୍ଲିକ, ଲକ୍ଷ୍ମୀଧର ବାରିକ, ଆର୍ଶୀବାଦ ସାମଲ, ସତ୍ୟବ୍ରତ ଦାଶ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

ଜିଲ୍ଲାସ୍ତରୀୟ ଶିଶୁ ମହୋତ୍ସବ 'ସୁରଭି-୨୦୨୬' ଉଦ୍‌ଯାପିତ



କେନ୍ଦ୍ରାପଡ଼ା, ୭।୧୧(ସଂଚାର ବ୍ୟୁରୋ): ଶିଶୁମାନଙ୍କ ମଧ୍ୟରେ ଲୁକ୍କାୟିତ ପ୍ରତିଭାର ଅନ୍ୱେଷଣ ସହ ସେମାନଙ୍କ ସୃଜନଶୀଳତା ଓ କଳାତ୍ମକ ଦକ୍ଷତାକୁ ପ୍ରୋତ୍ସାହିତ କରିବା ଉଦ୍ଦେଶ୍ୟରେ ଜିଲ୍ଲାସ୍ତରୀୟ ଶିଶୁ ମହୋତ୍ସବ 'ସୁରଭି-୨୦୨୬' ଜିଲ୍ଲା ସଂସ୍କୃତି ଭବନଠାରେ ଅନୁଷ୍ଠିତ ହୋଇଯାଇଛି।

ମହୋତ୍ସବରେ ଓଡ଼ିଶାର ସମୃଦ୍ଧ ସଂସ୍କୃତି, ପରମ୍ପରା ଓ ଲୋକକଳାର ଝଲକ ଦେଖିବାକୁ ମିଳିଥିଲା। ନୃତ୍ୟ, ସଙ୍ଗୀତ ସମେତ ମୋଟ ୧୩ଟି ବିଭାଗରେ ପ୍ରତିଯୋଗିତା ଆୟୋଜନ କରାଯାଇଥିଲା। ଏହା ପୂର୍ବରୁ ବିଦ୍ୟାଳୟ, କ୍ଲଷ୍ଟର ଓ ବ୍ଲକସ୍ତରରେ ପ୍ରତିଯୋଗିତା ହୋଇଥିବା ବେଳେ ବ୍ଲକସ୍ତରରେ କୃତିତ୍ୱ ହାସଲ କରିଥିବା ୩୪୦ରୁ ଊର୍ଦ୍ଧ୍ୱ ଛାତ୍ରଛାତ୍ରୀ ଜିଲ୍ଲାସ୍ତରୀୟ ପ୍ରତିଯୋଗିତାରେ ଭାଗ ନେଇଥିଲେ। ପ୍ରତ୍ୟେକ ବିଭାଗରେ ପ୍ରଥମ ସ୍ଥାନ ହାସଲ କରିଥିବା ପ୍ରତିଯୋଗୀମାନେ ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ଭାଗନେବାର ସୁଯୋଗ ପାଇବେ। ପରେ ୧୩ଟି ବିଭାଗରେ କୃତିତ୍ୱ ହାସଲ କରିଥିବା ଶ୍ରେଷ୍ଠ ପ୍ରତିଯୋଗୀମାନଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ।

କେନ୍ଦ୍ରାପଡ଼ାରେ ଘୋଷିତ ବିଶ୍ୱବିଦ୍ୟାଳୟରେ ନାମଲେଖା ଦାବି

କେଜିରୁ ପିଜି ପିଲାଙ୍କ ସମସ୍ତ ଫି' ଛାଡ଼ ଦାବିରେ ଏଆଇଏସ୍‌ଏଫ୍‌ର ଆନ୍ଦୋଳନ ଡାକରା



କେନ୍ଦ୍ରାପଡ଼ା, ୭।୧୧ (ସଂଚାର ବ୍ୟୁରୋ): କେନ୍ଦ୍ରାପଡ଼ାରେ ଘୋଷଣା ହୋଇଥିବା ବିଶ୍ୱବିଦ୍ୟାଳୟରେ ତୁରନ୍ତ ନାମଲେଖା ଆରମ୍ଭ କରିବା ସହ କେଜିରୁ ପିଜି ପର୍ଯ୍ୟନ୍ତ ଛାତ୍ରଛାତ୍ରୀଙ୍କ ସମସ୍ତ ଫି' ଛାଡ଼ କରିବା ଦାବିରେ ଅଖିଳ ଭାରତ ଛାତ୍ର ସଂଘ (ଏଆଇଏସ୍‌ଏଫ୍) ପକ୍ଷରୁ ଆନ୍ଦୋଳନ ପାଇଁ ଆହ୍ୱାନ ଦିଆଯାଇଛି। ଏହି ମର୍ମରେ ଶନିବାର କେନ୍ଦ୍ରାପଡ଼ା ଜିଲ୍ଲାର ବିଭିନ୍ନ ମହାବିଦ୍ୟାଳୟର ଶତାଧିକ ଛାତ୍ର ପ୍ରତିନିଧିଙ୍କୁ ନେଇ ଗୋପସ୍ଥିତ ନିର୍ମଲ୍ୟ ପ୍ୟାଲେସ୍ ମଣ୍ଡପରେ ଏକ ସଭା ଅନୁଷ୍ଠିତ ହୋଇଥିଲା।

ସଭାରେ ସାଥୀ ତନ୍ମୟ କୁମାର ରାଉତ ଅଧ୍ୟକ୍ଷତା କରିଥିବାବେଳେ ଜିଲ୍ଲା ମୁଖ୍ୟ ଆବାହକ ସାଥୀ ଆହ୍ୱାନ ରାଉତରାୟ ବୈଠକର ଉଦ୍ଦେଶ୍ୟ ଓ ଏଆଇଏସ୍‌ଏଫ୍‌ର ଲକ୍ଷ୍ୟ ସମ୍ପର୍କରେ ମତ ରଖିଥିଲେ। ରାଜ୍ୟ ସମ୍ପାଦକ ସାଥୀ କାହ୍ନୁଚରଣ ପରିଡ଼ା ଯୋଗଦେଇ ୧୯୩୨ ମସିହା ଅଗଷ୍ଟ ୧୨ ତାରିଖରେ ଏଆଇଏସ୍‌ଏଫ୍‌ର ଜନ୍ମ ଓ ଦେଶର ସ୍ୱାଧୀନତା ସଂଗ୍ରାମରେ ଛାତ୍ର ସମାଜର ଅବଦାନ ସମ୍ପର୍କରେ ଆଲୋକପାତ କରିଥିଲେ। ଶିକ୍ଷାକୁ ସମ୍ବିଧାନର ମୌଳିକ ଅଧିକାର ଭାବେ ସୁନିଶ୍ଚିତ କରିବା ପାଇଁ ଛାତ୍ର ସଂଗଠନର ସଂଘର୍ଷ ଜାରି ରହିବ ବୋଲି ସେ ମତ ଦେଇଥିଲେ।

କଖାରୁଣୀ ଗୋଦାବରୀଶ ଆଦର୍ଶ ବିଦ୍ୟାଳୟ ଭିତ୍ତିପ୍ରସ୍ତର ସ୍ଥାପନ

ପଟ୍ଟାମୁଣ୍ଡାଇ, ୭।୧୧ (ସଂଚାର ବ୍ୟୁରୋ): ପଟ୍ଟାମୁଣ୍ଡାଇ ବ୍ଲକ ଅନ୍ତର୍ଗତ କଖାରୁଣୀ ଉନ୍ନୀତ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଠାରେ ଗୋଦାବରୀଶ ଆଦର୍ଶ ବିଦ୍ୟାଳୟ ଭିତ୍ତିପ୍ରସ୍ତର ସ୍ଥାପନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ରାଜ୍ୟ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଭିଡ଼ିଓ କନଫରେନ୍ସ ଯୋଗେ ଏହି ବିଦ୍ୟାଳୟର ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ ।

ଏହି ଉପଲକ୍ଷେ ଶିକ୍ଷକ ନେତା ମଳୟ କୁମାର ଜେନାଙ୍କ ପୌରହିତ୍ୟ ଓ ସିଆରସିସି ଅରବିନ୍ଦ ବଳଙ୍କ ସଂଯୋଜନାରେ ଆୟୋଜିତ ବର୍ଣ୍ଣାଢ୍ୟ ଉଦଘାଟନ ଉତ୍ସବରେ ରାଜନଗର ବିଜେପି ବିଧାୟକ ପ୍ରାର୍ଥୀ ଲଳିତ ବେହେରା ଯୋଗ ଦେଇଥିଲେ । ଉଦଯାପନୀ ଉତ୍ସବରେ ପଟ୍ଟାମୁଣ୍ଡାଇ ବ୍ଲକ ଅଧକ୍ଷ ପ୍ରଦ୍ୟୁମ୍ନ ସାମନ୍ତରାୟ ବିଡ଼ିଓ ଶୀତଳ



ଅଗ୍ରୱାଲ ୧୭ନଂ ଜୋନ ଜିଲ୍ଲା ପରିଷଦ ସଦସ୍ୟ ରଞ୍ଜନ ବିଶ୍ୱାଳ, ସରପଞ୍ଚ ରମେଶ ମଲ୍ଲିକ ସମିତି ସଭ୍ୟ ସୁନୀଲ ସାମନ୍ତରାୟ, ପୂର୍ବତନ ବିଆର ସି ସି ପ୍ରେମବାଳା ମହାପାତ୍ର କଷଣ ଅଷ୍ଟା ହାଇସ୍କୁଲ ପୂର୍ବତନ ପ୍ରଧାନ ଶିକ୍ଷକ ସୁରେଶ ଜେନା ନୋଡାଲ ସି ଆର ସି ସି ସଂଘମିତ୍ରା ନାୟକ ସି ଆର ସି ସି ନମିତା ସାହୁ ପ୍ରଧାନ ଶିକ୍ଷକ ଅଜୟ ସାହୁ କବି ଅଶୋକ ପରିଡା ଶିକ୍ଷାବିତ ସୁକାନ୍ତ ଦାସ ସମ୍ମାନିତଅତିଥି ଭାବେ ଯୋଗ ଦେଇ ଆଦର୍ଶ ବିଦ୍ୟାଳୟରୁ ଆଦର୍ଶ ନୀତିବାନ ଛାତ୍ରଛାତ୍ରୀ ତିଆରି ହେଲେ ବିଦ୍ୟାଳୟ ପ୍ରତିଷ୍ଠା ଲକ୍ଷ୍ୟ ପୂରଣ ହୋଇପାରିବ ବୋଲି ମତପ୍ରକାଶ କରିଥିଲେ ।

ଏହି କାର୍ଯ୍ୟକ୍ରମରେ ନିଶିଦ୍ଧ ବେହେରା ବିନ୍ଧିଆ ପ୍ରିୟ ଦର୍ଶନୀ ନାୟକ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ପ୍ରଦ୍ୟୁମ୍ନ ମଲିକ ଶ୍ରୀକାନ୍ତ ପରିଡା କଳାକର ପ୍ରଧାନ ପ୍ରବୀର ନାୟକ ପ୍ରକାଶ ପଣ୍ଡା ନରେଶ ଜେନା ଓ କିରଣ ପଣ୍ଡା ପ୍ରମୁଖ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗ ଦେଇଥିଲେ ।

କଷଣଅଷ୍ଟାରେ ଜିଲ୍ଲାସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା



ପଟ୍ଟାମୁଣ୍ଡାଇ,୭।୧୧ (ସଂଚାର ବ୍ୟୁରୋ): ପଟ୍ଟାମୁଣ୍ଡାଇ କଷଣଅଷ୍ଟାରେ ଜିଲ୍ଲସ୍ତରୀୟ କ୍ରୀଡା ପ୍ରତି ଯୋଗିତା ଅନୁଷ୍ଠିତ ହୋଇଯାଇଛି। ପ୍ରକାଶ ଯେ ଜିଲ୍ଲା ଶିକ୍ଷାଅଧିକାରୀ ପବିତ୍ର ମୋହନ ବାରିକଙ୍କ ନିର୍ଦ୍ଦେଶରେ କେନ୍ଦ୍ରାପଡା ଜିଲ୍ଲା ବିଦ୍ୟାଳୟ କ୍ରୀଡାସଂଗଠନ ଆନୁକୁଲ୍ୟରେ ଜିଲ୍ଲା ସ୍ତରୀୟ ୩୪ତମ କ୍ରିଡ଼ା କ୍ରିକେଟ, ବେସବଲ, ସପ୍ଟବଲ, ହକି ଏବଂ ସିଗୋକଟାକ୍ରା ପ୍ରତି ଯୋଗିତା ପଂଚାୟତ ହାଇସ୍କୁଲ କଷଣଅଷ୍ଟା ଖେଳ ପଡିଆରେ ଅନୁଷ୍ଠିତ ହୋଇଯାଇଛି।

ଏହି ପ୍ରତି ଯୋଗିତାରେ ଉଦଘାଟନୀ ସଭାରେ ପଚାଂୟତ ହାଇସ୍କୁଲର ପ୍ରଧାନ ଶିକ୍ଷକ ପ୍ରଭାଶ ରଂଜନ ପ୍ରଧାନ ଅଧ୍ୟକ୍ଷତା କରିବା ସହିତ କ୍ରୀଡା ପତାକା ଉତୋଳନ କରି ଅନୁଷ୍ଠାନିକ ଭାବେ ଉକ୍ତ ପ୍ରତି ଯୋଗିତାକୁ ଶୁଭଉଦଘା;ନ କରିଥିଲେ । ମୁଖ୍ୟ ଅତିଥିଭାବେ ପୂର୍ବତନ ପ୍ରଧାନ ଶିକ୍ଷକ ସୁରେଶ ଚନ୍ଦ୍ର ଜେନା ଯୋଗଦେଇ କ୍ରୀଡା ଛାତ୍ର ଛାତ୍ରୀଙ୍କର ମାନସିକ ଦକ୍ଷତା ବୃଦ୍ଧି କରିବା ସଂଗେ ସଂଗେ ଶୃଙ୍ଖଳା, ନେତୃତ୍ୱ, ଓ ଦକଙ୍କ୍ଷ ଭାବନାର ବିକାଶରେ ସହାୟକ ହେବ ବୋଲି ମତବ୍ୟକ୍ତ କରିଥିଲେ । କେନ୍ଦ୍ରାପଡା ଜିଲ୍ଲା ବିଦ୍ୟାଳୟ କ୍ରୀଡା ସଂଗଠନର ସଂମ୍ପାଦିକା ତଥା ଡିପିଓ ସ୍ମିତାପ୍ରତିଭା ସାହୁ, ସମ୍ପାଦକୀୟ ବିବରୀ ପାଠ କରିଥିଲେ। । ମଧୁସୁଦନ ଦାସ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ ।

ଏହି ପ୍ରତି ଯୋଗିତାରେ ୯ଟି ବ୍ଲକରୁ ସମୁଦାୟ ୩୦୦ରୁ ଊର୍ଦ୍ଧ୍ୱ ପ୍ରତିଯୋଗି ମାନେ ଭାଗ ନେଇଥିଲେ। ଏହି ପ୍ରତି ଯୋଗିତାରେ ବିଭିନ୍ନ ବିଭାଗରୁ କୃତିପ୍ରତିଯୋଗୀମାନେ ରାଯ୍ୟସ୍ତରୀୟ କ୍ରୀଡା ପ୍ରତି ଯୋଗିତାରେ ଅଂଶଗ୍ରହଣ କରିବାକୁ ମନୋନିତ ହୋଇଥିଲେ । ଏହି ପ୍ରତିଯୋଗିତାକୁ ଅରୁଣ ଧଳ, ପ୍ରବିଶ ନାୟକ, ପ୍ରଫୁଲ୍ଲ ସାହୁ, ଗଜେନ୍ଦ୍ର ସ୍ୱାଇଁ, ଦୂର୍ଯ୍ୟୋଧନ ଜେନା, ମୁନା ମଲ୍ଲିକ, ଶିବ ପ୍ରସାଦ ବଳ, ମିର୍ଜାସଲିମ ବେଗ୍ ପ୍ରମୁଖ ପରିଚାଳନା ଓ ମନୋନୟନ କରିଥିଲେ ।

ପୂର୍ବାପେକ୍ଷା ଅଧିକ ଆକର୍ଷଣୀୟ ହେବ ଅଁଳାନବମୀ ଯାତ୍ରା



ଅଁଳାନବମୀ ୨ୟ ପ୍ରସ୍ତୁତି ବୈଠକ

ସତ୍ୟବାଦୀ, ୭।୧୧(ସଂଚାର ବ୍ୟୁରୋ): ଜିଲ୍ଲାର ଦ୍ୱିତୀୟ ବୃହତ୍ତମ ଗଣପର୍ବ ଶ୍ରୀ ସାକ୍ଷୀଗୋପିନାଥ ଦେବଙ୍କ ପବିତ୍ର ଅଁଳାନବମୀ, ମା' ରାଧାରାଣୀଙ୍କ ପାଦଦର୍ଶନ ଓ ବଡ଼ଏକାଦଶୀ ଯାତ୍ରାକୁ ଅଧିକ ଆକର୍ଷଣୀୟ, ସୁରକ୍ଷିତ ଓ ଶୃଙ୍ଖଳିତ କରିବା ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ପ୍ରସ୍ତୁତି ଜୋରଦାର କରାଯାଇଛି। ଏହି ଉପଲକ୍ଷେ ଦ୍ୱିତୀୟ ସମନ୍ୱୟ ବୈଠକ ଓଡ଼ିଆ ବିଶ୍ୱବିଦ୍ୟାଳୟ ପରିସରରେ ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡ଼ାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଛି। ଚଳିତବର୍ଷ ନଭେମ୍ବର ୧୮ରୁ ୨୧ ତାରିଖ ପର୍ଯ୍ୟନ୍ତ ଚାରିଦିନ ଧରି ଏହି ଯାତ୍ରା ଅନୁଷ୍ଠିତ ହେବ। ବର୍ଷକୁ ଥରେ ମା' ରାଧାରାଣୀଙ୍କ ପାଦଦର୍ଶନର ସୁଯୋଗ ମିଳୁଥିବାରୁ ଏଥିରେ ଲକ୍ଷାଧିକ ଭକ୍ତଙ୍କ ସମାଗମ ହେବାର ଆଶା ରହିଛି। ଅଁଳାନବମୀ ଦିନ ସକାଳ ୬ଟାରୁ ସାହାଣମେଲା ତଥା ସର୍ବସାଧାରଣ ଦର୍ଶନ ଆରମ୍ଭ ହେବାକୁ ସ୍ଥିର ହୋଇଛି। ବୈଠକରେ ସତ୍ୟବାଦୀ ବିଧାୟକ ଓମପ୍ରକାଶ ମିଶ୍ର, ଦେବୋତ୍ତର କମିଶନର ରୋହିତ ମିଶ୍ର, ଉପଜିଲ୍ଲାପାଳ ରାଜକିଶୋର ଜେନା, ଆରକ୍ଷୀ ଅଧୀକ୍ଷକ ପ୍ରତୀକ ସିଂ, ବ୍ଲକ ଅଧ୍ୟକ୍ଷ ସୁନୀଲ କୁମାର ପଣ୍ଡା, ବିଡିଓ ଦେବାଶିଷ ନାୟକ, ଅତିରିକ୍ତ ଏସ୍‌ପି ସଚିନ ପଟେଲ, ଏସ୍‌ଡିପିଓ ଦେବାଶିଷ ମିଶ୍ର ଓ ସତ୍ୟବାଦୀ ଥାନା ଆଇଆଇସି ସୌମ୍ୟରଞ୍ଜନ ମହାଲିକଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀ ଯୋଗଦେଇଥିଲେ।

ତେଣ୍ଡାକୁଡ଼ା ପଞ୍ଚାୟତରେ ଷ୍ଟ୍ରିଟ୍ ଲାଇଟ୍ ମରାମତି ଦୁର୍ନୀତି ଅଭିଯୋଗ

ସ୍ୱଚ୍ଛ ହିସାବ ଦାବି କଲେ ସମିତି ସଭ୍ୟ

ଗରଦପୁର, ୭।୧୧ (ସଂଚାର ବ୍ୟୁରୋ): ତେଣ୍ଡାକୁଡ଼ା ଗ୍ରାମ ପଞ୍ଚାୟତରେ ବିନା କାମରେ ଷ୍ଟ୍ରିଟ୍ ଲାଇଟ୍ ମରାମତି ନାଁରେ ହଜାର ହଜାର ଟଙ୍କା ହଡ଼ପ ହୋଇଥିବା ନେଇ ସାଙ୍ଘାତିକ ଅଭିଯୋଗ ଆସିଛି। ପଞ୍ଚାୟତର ମିନି ହାଇମାଷ୍ଟ ଏବଂ ଷ୍ଟ୍ରିଟ୍ ଲାଇଟ୍ ଗୁଡ଼ିକ ଅଚଳ ଅବସ୍ଥାରେ ପଡ଼ିରହିଥିବା ବେଳେ କାଗଜପତ୍ରରେ ୯୬,୦୦୦ ଟଙ୍କା ଖର୍ଚ୍ଚ ହୋଇଥିବା ଦର୍ଶାଯାଇଛି। ଏନେଇ ପଞ୍ଚାୟତର ସମିତି ସଭ୍ୟ ବାସୁଦେବ ବେହେରା ମୁଖ୍ୟମନ୍ତ୍ରୀଙ୍କୁ ପତ୍ର ଲେଖି ତଦନ୍ତ ସହ ସ୍ପଷ୍ଟ ହିସାବ ମାଗିଛନ୍ତି।


ମିଳିଥିବା ସୂଚନା ଅନୁଯାୟୀ, ପଞ୍ଚାୟତରେ ଲାଗିଥିବା ମିନି ହାଇମାଷ୍ଟ ଲାଇଟ୍‌ଗୁଡ଼ିକ ଦୀର୍ଘଦିନ ହେଲା ମରାମତି ନହୋଇ ସମ୍ପୂର୍ଣ୍ଣ ଅଚଳ ଅବସ୍ଥାରେ ପଡ଼ିରହିଛି। ଫଳରେ ରାତିରେ ସାଧାରଣ ଲୋକେ ଅନ୍ଧାରରେ ଯିବାଆସିବା କରିବାକୁ ବାଧ୍ୟ ହେଉଛନ୍ତି। ମାତ୍ର ଆଶ୍ଚର୍ଯ୍ୟର କଥା ଯେ, ସରକାରୀ ରେକର୍ଡ ଏବଂ ପେମେଣ୍ଟ ଅର୍ଡର ଅନୁସାରେ ଷ୍ଟ୍ରିଟ୍ ଲାଇଟ୍ ମରାମତି ଓ ରକ୍ଷଣାବେକ୍ଷଣ ବାବଦରେ ସନ୍ତୋଷ କୁମାର ନାୟକଙ୍କ ନାମରେ ୯୬,୦୦୦ ଟଙ୍କା ପ୍ରଦାନ କରାଯାଇଛି।

ବାସ୍ତବରେ କୌଣସି ସ୍ଥାନରେ ଲାଇଟ୍ ମରାମତି ହୋଇନଥିବା ସତ୍ତ୍ୱେ ଏତେ ପରିମାଣର ଅର୍ଥ କିପରି ଏବଂ କେଉଁଠି ଖର୍ଚ୍ଚ ହେଲା, ତାହାକୁ ନେଇ ଜନସାଧାରଣଙ୍କ ମନରେ ବଡ଼ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏହି ସଂକ୍ରାନ୍ତରେ ସମିତି ସଭ୍ୟ ଶ୍ରୀ ବେହେରା କିଛି ଗୁରୁତ୍ୱପୂର୍ଣ୍ଣ ପ୍ରଶ୍ନ ଉଠାଇଛନ୍ତି କି ପଞ୍ଚାୟତର କେଉଁ କେଉଁ ଷ୍ଟ୍ରିଟ୍ ଲାଇଟ୍ ମରାମତି ହୋଇଛି, ତାହାର ତାଲିକା କାହିଁକି ଦିଆଯାଉ ନାହିଁକାଗଜକଲମରେ ଦର୍ଶାଯାଇଥିବା ୯୬,୦୦୦ ଟଙ୍କା ପ୍ରକୃତରେ କେଉଁ କାମରେ ଖର୍ଚ୍ଚ ହୋଇଛି । ଲୋକଙ୍କ ଅସୁବିଧା ସତ୍ତ୍ୱେ ମିନି ହାଇମାଷ୍ଟ ଲାଇଟ୍‌ଗୁଡ଼ିକ ଏପର୍ଯ୍ୟନ୍ତ ଅଚଳ ହୋଇ ପଡ଼ିରହିଛି କାହିଁକି ?

ଏହି ମରାମତି କାର୍ଯ୍ୟର ପ୍ରକୃତ ବିଲ୍, ଭାଉଚର ଏବଂ କାମ ସମ୍ପୂର୍ଣ୍ଣ ହେବାର ପ୍ରମାଣ କେଉଁଠି ରହିଛି ?

ସାଧାରଣ ଜନତାଙ୍କ ଟଙ୍କାର ଏଭଳି ଅପବ୍ୟବହାର ଓ ଦୁର୍ନୀତିକୁ ନେଇ ସ୍ଥାନୀୟ ଅଞ୍ଚଳରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। କୌଣସି ବ୍ୟକ୍ତିବିଶେଷଙ୍କ ବିରୋଧରେ ବ୍ୟକ୍ତିଗତ ଆକ୍ରୋଶ ରଖି ଏହି ଅଭିଯୋଗ କରାଯାଇ ନାହିଁ, ବରଂ ଜନସାଧାରଣଙ୍କ କଷ୍ଟାର୍ଜିତ କର ଟଙ୍କାର ସ୍ୱଚ୍ଛ ହିସାବ ସାଧାରଣ ଜନତାଙ୍କ ସାମନାକୁ ଆସୁ ବୋଲି ଦାବି କରାଯାଇଛି। ତୁରନ୍ତ ଏହି ଘଟଣାର ଉଚ୍ଚସ୍ତରୀୟ ତଦନ୍ତ କରାଯାଇ ଅଚଳ ଲାଇଟ୍‌ଗୁଡ଼ିକୁ ମରାମତି କରା ନଗଲେ ଆଗାମୀ ଦିନରେ ଜନଆନ୍ଦୋଳନ କରାଯିବ ବୋଲି ଚେତାବନୀ ଦିଆଯାଇଛି।

ଇକୋ ସେନସେଟିଭ ଜୋନ୍ ହଟାଇବା ପ୍ରତିବାଦରେ ବିକ୍ଷୋଭ




ନୀଳଗିରି, ୭।୧୧(ସଂଚାର ବ୍ୟୁରୋ): ଆଜି ପୂର୍ବାହ୍ନ ୧୧ଟା ଘଟିକା ସମୟ ରେ ନୀଳଗିରି ଆଞ୍ଚଳିକ କୃଷକ ମଞ୍ଚ ଡାକରା ରେ ଝରଣା ଘାଟି ଠାରୁ ଔପଦା ର ପିଣ୍ଡାବସା, ରାଣୀ ପୋଖରୀ ପର୍ଯ୍ୟନ୍ତ ବିସ୍ତୃତ୨୦୪ଟି ଗାଁ ରୁ ସହସ୍ରାଧିକ ବିକ୍ଷୋଭ କାରି ନୀଳଗିରି ଜଗନ୍ନାଥ ମନ୍ଦିର ଠାରୁ ବିଶାଳ ଏକ ପଦଯାତ୍ରାରେ ବାହାରି ଇକୋ ଜୋନ ହଟାଅ, ଆମ ଗ୍ରାମ ରେ ଆମେ ରହିବୁ, ବନ୍ୟ ଜନ୍ତୁ ପାଇଁ ଛାଡ଼ିବୁ ନାହିଁ, ଭଳି ବିଭିନ୍ନ ସ୍ଲୋଗାନ ଦେଇନୀଳଗିରି ଉପଜିଲ୍ଲାପାଳଙ୍କ ଅଫିସ ସମ୍ମୁଖରେ ପହଞ୍ଚି ଥିଲେ। ସେଠାରେଏକ ବିକ୍ଷୋଭ ସଭା ଅନୁଷ୍ଠିତ ହୋଇଥିଲା

ଉକ୍ତ ସଭା ରେ ସଭାପତି ରାମଚନ୍ଦ୍ର ବେହେରା ସଭାପତିତ୍ୱ କରିଥିବା ବେଳେ ନିଳଗିରି ପୂର୍ବତନ ବିଧାୟକ ଇଂ ସୁକାନ୍ତ ନାୟକ,ଆଞ୍ଚଳିକ କୃଷକ ମଞ୍ଚ ର ଉପ ସଭାପତି ଉମାକାନ୍ତ ମଲିକ, ଉପଦେଷ୍ଟା ନିରଞ୍ଜନ ବାରିକ, ବରିଷ୍ଠ ନେତୃତ୍ୱ କୈଳାଶ ଚନ୍ଦ୍ର ପଣ୍ଡା, ସଂଗ୍ରାମୀ ସାଥି ବିଜୟ ସ,କରୁଣାକର ପରିଡା, ଆଇନଜୀବୀ ଅଜୟ ପଟ୍ଟନାୟକ, ଔପଦା ନେତୃତ୍ୱ ଅନିରୁଦ୍ଧ ନାୟକ ନିଜର ବକ୍ତବ୍ୟ ପ୍ରଦାନ କରିଥିଲେ , ସମ୍ପାଦକ ନିହାର ରଞ୍ଜନ ଜେନା ବିକ୍ଷୋଭ କାରି ମାନେ ଆଣିଥିବା ଫର୍ମ ସଂଗ୍ରହ କରିଥିବା ବେଳେ ୫୭୮ ରୁ ଉର୍ଦ୍ଧ ଲୋକ ଇକୋ ସେନସିଟିଭ ଜୋନ ପ୍ରତ୍ୟାହାର ପାଇଁ ଆବେଦନ କରିଥିଲେ।

ରାଜଧାନୀରେ ପୁଣି ଗୁଳିକାଣ୍ଡ

ବିଳମ୍ବିତ ରାତିରେ ଯୁବକଙ୍କୁ ଗୁଳି କରି ହତ୍ୟା



ଘଟଣାସ୍ଥଳରେ ପୁଲିସ କମିଶନର

ଭୁବନେଶ୍ୱର,୭।୧୧(ସଂଚାର ବ୍ୟୁରୋ): ରାଜଧାନୀରେ ପୁଣି ଗୁଳିକାଣ୍ଡ ଘଟିଛି। ବମିଖାଲ କଟକ ରୋଡ୍‌ରେ ଦୁର୍ବୃତ୍ତମାନେ ଜଣେ ଯୁବକଙ୍କୁ ଗୁଳି କରି ହତ୍ୟା କରିଛନ୍ତି। ମୃତ ଯୁବକ ଜଣଙ୍କ ହେଲେ ଲକ୍ଷ୍ମୀସାଗର ଥାନା ଅନ୍ତର୍ଗତ ହଳଦିପଡ଼ିଆ ବସ୍ତିର ସୋନୁ ନାୟକ (୨୨)। ଘଟଣାସ୍ଥଳରେ ଗୁଳିକାଣ୍ଡ ସହ ବୋମାମାଡ଼ ମଧ୍ୟ ହୋଇଛି। ରାତି ପ୍ରାୟ ୩ଟା ବେଳେ ଏହି ଘଟଣା ଘଟିଛି। ପୁଲିସ ମୃତଦେହ ଜବତ କରି କ୍ୟାପିଟାଲ ହସ୍ପିଟାଲ ପଠାଇଛି। ପରିବାର ଲୋକଙ୍କ ଅଭିଯୋଗ କ୍ରମେ ଲକ୍ଷ୍ମୀସାଗର ଥାନା ପୁଲିସ ଏକ ହତ୍ୟା ମାମଲା ରୁଜୁ କରି ତଦନ୍ତ ଚଳାଇଛି। ପୁଲିସ ଟିମ୍ ଘଟଣାସ୍ଥଳରୁ ଖୋକା ଓ ଫୁଟାଯାଇଥିବା ବୋମାର କିଛି ଅଂଶ ଜବତ କରିଛି। ପୁଲିସ ବିଭିନ୍ନ ସ୍ଥାନରେ ଚଢ଼ାଉ କରି ଅଭିଯୁକ୍ତମାନଙ୍କୁ ଅଟକ ରଖିଛି। ଭୋର ପ୍ରାୟ ସାଢ଼େ ୫ଟା ବେଳେ ଲକ୍ଷ୍ମୀସାଗର ପୁଲିସ ଟିମ୍ ସହ ଜୋନ୍-୪ ଏସିପି ଅଭିମନ୍ୟୁ ନାୟକ ଓ ପୁଲିସ କମିଶନର ସୁରେଶ ଦେବଦତ୍ତ ସିଂ ପହଞ୍ଚି ଛାନଭିନ କରିଛନ୍ତି। ପୁଲିସ ଟିମ୍ ସ୍ଥାନୀୟ ଅଞ୍ଚଳର ସିସିଟିଭି ଫୁଟେଜ ଯାଞ୍ଚ କରୁଛି। ନିଶା କାରବାରକୁ ନେଇ ଏହି ହତ୍ୟାକାଣ୍ଡ ହୋଇଥିବା ପୁଲିସ ଅନୁମାନ କରୁଛି। ଏପରିକି ପୂର୍ବ ଶତ୍ରୁତାରୁ ଘଟଣା ଘଟିଥାଇପାରେ ବୋଲି ମଧ୍ୟ ସନ୍ଦେହ କରାଯାଉଛି। ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଚାଞ୍ଚଲ୍ୟ ଖେଳିଯାଇଛି। ଏନେଇ ପୁଲିସ କମିଶନର କହିଛନ୍ତି ଯେ ପରିବାର ଲୋକଙ୍କ ଅଭିଯୋଗ ଅନୁଯାୟୀ ଆମେ ୨ ଜଣଙ୍କୁ ଅଟକ ରଖିଛୁ।

ଓଡ଼ିଶାରେ ଶସ୍ୟଭିତ୍ତିକ କୃଷିର ନୂଆ ସମ୍ଭାବନା

ସ୍ୱାସ୍ଥ୍ୟକର ଚାଉଳ ଓ ମିଲେଟକୁ ପ୍ରୋତ୍ସାହନ ପାଇଁ ରୋଡ୍‌ମ୍ୟାପ୍



ଚାଉଳ ଓ ମିଲେଟ୍‌ର ମୂଲ୍ୟବୃଦ୍ଧି କେନ୍ଦ୍ର ପରିଦର୍ଶନ କଲେ ଉପମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୭।୧୧ (ସଂଚାର ବ୍ୟୁରୋ): ଉପମୁଖ୍ୟମନ୍ତ୍ରୀ ତଥା କୃଷି, କୃଷକ ସଶକ୍ତିକରଣ ମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ଏବଂ ଉପମୁଖ୍ୟମନ୍ତ୍ରୀ ତଥା ମହିଳା ଓ ଶିଶୁ ବିକାଶ ମନ୍ତ୍ରୀ ପ୍ରଭାତୀ ପରିଡ଼ା ସ୍ଥାନୀୟ ବରମୁଣ୍ଡାଠାରେ ନିର୍ମାଣାଧୀନ ସ୍ୱତନ୍ତ୍ର ଚାଉଳ, ମିଲେଟର ମୂଲ୍ୟ ବୃଦ୍ଧି ସୁବିଧା କେନ୍ଦ୍ର ଓ 'ଓଡ଼ିଶା ବଜାର' ପରିଦର୍ଶନ କରିଛନ୍ତି। ରାଜ୍ୟର ଜନସାଧାରଣଙ୍କୁ ସ୍ୱାସ୍ଥ୍ୟକର ଚାଉଳ, ମିଲେଟ୍ ଓ ସେଗୁଡ଼ିକରୁ ପ୍ରସ୍ତୁତ ମୂଲ୍ୟବର୍ଦ୍ଧିତ ସାମଗ୍ରୀ ଯୋଗାଇଦେବା ପାଇଁ ଏକ ରୋଡମ୍ୟାପ୍ ଉପରେ ଉଭୟ ଉପମୁଖ୍ୟମନ୍ତ୍ରୀ ଅନ୍ତର୍ଜାତୀୟ ଧାନ ଗବେଷଣା ସଂସ୍ଥା (ଆଇଆରଆରଆଇ)ର ବୈଜ୍ଞାନିକ, କୃଷି ଓ ମିଶନ ଶକ୍ତି ବିଭାଗ, ଓୟୁଏଟି ଓ ଓଏଆଇସିର ବରିଷ୍ଠ ଅଧିକାରୀଙ୍କ ସହ ବିସ୍ତୃତ ଆଲୋଚନା କରିଥିଲେ।

ଏହାପରେ କୃଷି ବିଭାଗ ପକ୍ଷରୁ ଏହି ପରିପ୍ରେକ୍ଷୀରେ ଏକ କର୍ମଶାଳା ଆୟୋଜନ କରାଯାଇଥିଲା। ପ୍ରଯୁକ୍ତି ବିଦ୍ୟାର ସମନ୍ୱୟ ଓ ସମାବେଶୀ ମୂଲ୍ୟ ଶୃଙ୍ଖଳା ମାଧ୍ୟମରେ ପୋଷଣ ସୁରକ୍ଷା ସୁନିଶ୍ଚିତ କରିବା ସହ କୃଷକଙ୍କ ଆୟକୁ ସ୍ଥାୟୀ ଭାବେ ବୃଦ୍ଧି କରିବା ପାଇଁ ଏହି କର୍ମଶାଳାରେ କାର୍ଯ୍ୟାନ୍ୱୟନ ରଣନୀତି ଏବଂ ସାଂସ୍ଥାନିକ ଢାଞ୍ଚା ନିର୍ଦ୍ଧାରଣ ଉପରେ ଗୁରୁତ୍ୱ ଦିଆଯାଇଥିଲା। ଓଡ଼ିଶାର ପାରମ୍ପରିକ ଧାନ କିସମଗୁଡ଼ିକର ବ୍ୟବହାର ଓ ବ୍ୟାବସାୟିକ ସମ୍ଭାବନାକୁ ଆହୁରି ବଢ଼ାଇବାର ଯଥେଷ୍ଟ ସୁଯୋଗ ରହିଛି। ଏହି ଧାନର ଉତ୍ପାଦନ ବୃଦ୍ଧି କରି କେବଳ ଖାଦ୍ୟ ଭାବେ ଏହାର ବ୍ୟବହାର ବଢ଼ାଇବା ନୁହେଁ, ବରଂ କମ୍ ଦାମ୍‌ର ଭଙ୍ଗା ଚାଉଳ ଓ କୁଣ୍ଡାରୁ ପୁଷ୍ଟିକର ମୂଲ୍ୟଯୁକ୍ତ ଖାଦ୍ୟ ସାମଗ୍ରୀ ପ୍ରସ୍ତୁତ କରାଯାଇପାରିବ। ଏହାଦ୍ୱାରା ଅଧିକ ମୂଲ୍ୟ ହାସଲ ସହ ରାଜ୍ୟର କୃଷକ ଓ ଅନ୍ୟାନ୍ୟ ଅଂଶୀଦାରଙ୍କ ସାମାଜିକ ଓ ଆର୍ଥିକ ବିକାଶରେ ସହାୟତା ମିଳିବ। ଆଇଆରଆରଆଇ ଦ୍ୱାରା ବିକଶିତ ପୁଷ୍ଟିକର ଧାନ କିସମ, ଓଡ଼ିଶାର ଅଳ୍ପ ବ୍ୟବହୃତ ପାରମ୍ପରିକ ଧାନ ଏବଂ ମିଲେଟ୍‌କୁ ବ୍ୟବହାର କରି ଏହି ପ୍ରକ୍ରିୟାକରଣ କେନ୍ଦ୍ରରେ ବିଭିନ୍ନ ମୂଲ୍ୟଯୁକ୍ତ ଖାଦ୍ୟ ଉତ୍ପାଦ ପ୍ରସ୍ତୁତ କରାଯିବ। ଏହି କେନ୍ଦ୍ରର ନାମ 'ଓଡ଼ିଶା କୃଷି ମୂଲ୍ୟବୃଦ୍ଧି ଉତ୍କର୍ଷ କେନ୍ଦ୍ର' ରଖାଯିବ ବୋଲି ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ଘୋଷଣା କରିଥିଲେ। ଏହି କେନ୍ଦ୍ର ଓଡ଼ିଶାକୁ ପ୍ରତିଷେଧକ ପୋଷଣ, ସ୍ୱାସ୍ଥ୍ୟକର ଖାଦ୍ୟ ବ୍ୟବସ୍ଥା ଏବଂ ଚାଉଳ ଓ ମିଲେଟ୍ ଆଧାରିତ ମୂଲ୍ୟଯୁକ୍ତ ଖାଦ୍ୟ ଉତ୍ପାଦ କ୍ଷେତ୍ରରେ ଜାତୀୟ ସ୍ତରରେ ଅଗ୍ରଣୀ ରାଜ୍ୟ ଭାବେ ପରିଚିତ କରାଇବାରେ ସହାୟକ ହେବ ବୋଲି ସେ କହିଥିଲେ।

ବାଙ୍କଡିରା ବ୍ୟାରେଜ୍ ପ୍ରକଳ୍ପକୁ ମିଳିଲା ନୂଆ ଗତି

ଦୂର ହେବ ଜମି ଅଧିଗ୍ରହଣ ପ୍ରତିବନ୍ଧକ



ଭୁବନେଶ୍ୱର,୭।୧୧(ସଂଚାର ବ୍ୟୁରୋ): ରାଜ୍ୟର ଜଳସେଚନ ଭିତ୍ତିଭୂମିକୁ ଅଧିକ ସୁଦୃଢ଼ କରିବା ଦିଗରେ ବାଲେଶ୍ୱର ଜିଲ୍ଲାର ବୁଢ଼ାବଳଙ୍ଗ ନଦୀ ଉପରେ ପ୍ରସ୍ତାବିତ ବହୁ ପ୍ରତୀକ୍ଷିତ ବାଙ୍କଡିରା ବ୍ୟାରେଜ୍ ପ୍ରକଳ୍ପ ନିର୍ମାଣ କାର୍ଯ୍ୟକୁ ନୂଆ ଗତି ମିଳିଛି। ଦୀର୍ଘଦିନ ଧରି ଜମି ଅଧିଗ୍ରହଣକୁ ନେଇ ରହିଥିବା ପ୍ରତିବନ୍ଧକ ଦୂର ହେବା ସହ ଏବେ କ୍ଷତିପୂରଣ ପ୍ରଦାନ ପର୍ଯ୍ୟାୟରେ ପହଞ୍ଚିଛି। ଏହି ପରିପ୍ରେକ୍ଷୀରେ ଆଜି ଅନୁଷ୍ଠିତ ସମୀକ୍ଷା ବୈଠକରେ ଜଳ ସମ୍ପଦ ବିଭାଗର ପ୍ରମୁଖ ଶାସନ ସଚିବ ଶୁଭା ଶର୍ମା ପ୍ରକଳ୍ପର ଅଗ୍ରଗତି ସମୀକ୍ଷା କରିଥିଲେ। ନିର୍ମାଣ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ଉଦ୍ଦେଶ୍ୟରେ ଚିହ୍ନଟ ହୋଇଥିବା ଜମିର ଦଖଲ ଆସନ୍ତା ୧୫ ନଭେମ୍ବର ୨୦୨୬ ସୁଦ୍ଧା ହସ୍ତାନ୍ତର କରିବାକୁ ଲକ୍ଷ୍ୟ ରଖାଯାଇଛି।

ବାଲେଶ୍ୱର ଜିଲ୍ଲାର ରେମୁଣା ବ୍ଲକ୍‌ସ୍ଥିତ ଏହି ପ୍ରକଳ୍ପ ଉତ୍ତର ଓଡ଼ିଶାର କୃଷି ସମୃଦ୍ଧି ଓ ଜଳ ସୁରକ୍ଷା କ୍ଷେତ୍ରରେ ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ ସାବ୍ୟସ୍ତ ହେବ। ଏହାଦ୍ୱାରା ମୟୂରଭଞ୍ଜ ଜିଲ୍ଲାର ବେତନଟୀ ବ୍ଲକ୍ ଓ ବାଲେଶ୍ୱର ଜିଲ୍ଲାର ରେମୁଣା, ବାଲେଶ୍ୱର ସଦର ଓ ବସ୍ତା ବ୍ଲକ୍‌ର ୧୨୦ଟି ଗ୍ରାମର ପ୍ରାୟ ୨୧,୨୬୯ ଜଣ ଲୋକ ଉପକୃତ ହେବା ସହ ପ୍ରାୟ ୭,୩୦୦ ହେକ୍ଟର ଜମିକୁ ଖରିଫ ଋତୁରେ ସୁନିଶ୍ଚିତ ଜଳସେଚନ ସୁବିଧା ମିଳିବ। ଏହାସହ ବ୍ୟାରେଜ୍‌ରୁ ବାଲେଶ୍ୱର ପୌରାଞ୍ଚଳକୁ ଦୈନିକ ୬୦ ନିୟୁତ ଲିଟର ଏବଂ ବାଲେଶ୍ୱର ସଦର ଓ ରେମୁଣା ବ୍ଲକ୍‌ର ୩୪ଟି ଗ୍ରାମ ପଞ୍ଚାୟତକୁ ଦୈନିକ ୪୦ ନିୟୁତ ଲିଟର ଜଳ ଯୋଗାଣ ସମ୍ଭବ ହେବ। ଏଥିସହ ଏହି ବ୍ୟାରେଜ୍‌ର ସଂରକ୍ଷିତ ଜଳ ମୟୂରଭଞ୍ଜ ଜିଲ୍ଲାର ବଡ଼ସାହି ବ୍ଲକ୍‌ରେ ଥିବା ବର୍ତ୍ତମାନର ମେଗା ଲିଫ୍ଟ ଜଳସେଚନ ପ୍ରକଳ୍ପ ଅଧୀନରେ ପ୍ରାୟ ୨,୦୦୦ ହେକ୍ଟର ଜମିକୁ ଖରିଫ ଋତୁରେ ନିରବଚ୍ଛିନ୍ନ ଜଳସେଚନ ଯୋଗାଇବାରେ ସହାୟକ ହେବ। ପ୍ରକଳ୍ପ ପାଇଁ ଡାର୍କୁଳି, ଗଣ୍ଡାର୍ଡ ଓ ତାଳମେଢ଼ି ଗ୍ରାମରେ ଥିବା ମୋଟ ୭.୯୮ ଏକର ଘରୋଇ ଜମି ଅଧିଗ୍ରହଣ ପ୍ରକ୍ରିୟା ଏବେ କ୍ଷତିପୂରଣ ପ୍ରଦାନ ପର୍ଯ୍ୟାୟରେ ପହଞ୍ଚିଛି।

ଇସ୍ରାଏଲ୍-ଓଡ଼ିଶା ଷ୍ଟାର୍ଟଅପ୍ ସହଯୋଗକୁ ନୂଆ ଦିଶା

ଓ-ହବଠାରେ ବିଜନେସ୍ ଓ ଇନୋଭେସନ୍ ରାଉଣ୍ଡ ଟେବୁଲ୍



ଭୁବନେଶ୍ୱର,୭।୧୧(ସଂଚାର ବ୍ୟୁରୋ): ଓଡ଼ିଶାର ଷ୍ଟାର୍ଟଅପ୍ ଇକୋସିଷ୍ଟମ୍‌କୁ ଅନ୍ତର୍ଜାତୀୟ ସ୍ତରରେ ନୂଆ ପରିଚୟ ଦେବା ଓ ଇସ୍ରାଏଲ୍ ସହ ବ୍ୟାବସାୟିକ ଓ ବୈଷୟିକ ସହଯୋଗର ବ୍ୟାପକ ସୁଯୋଗ ସୃଷ୍ଟି ଲକ୍ଷ୍ୟରେ ଇସ୍ରାଏଲ୍- ଓଡ଼ିଶା ବିଜନେସ୍ ଓ ଇନୋଭେସନ୍ ରାଉଣ୍ଡ ଟେବୁଲ୍ ଶୁକ୍ରବାର ଅନୁଷ୍ଠିତ ହୋଇଛି। ଷ୍ଟାର୍ଟଅପ୍ ଓଡ଼ିଶା ଓ ରାଜ୍ୟ ସରକାରଙ୍କ ଏମ୍‌ଏସ୍‌ଏମ୍‌ଇ ବିଭାଗ ପକ୍ଷରୁ ସ୍ଥାନୀୟ ଓ-ହବ୍‌ଠାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଇସ୍ରାଏଲ୍ ପ୍ରତିନିଧିମଣ୍ଡଳୀ ଓଡ଼ିଶାର ବିଭିନ୍ନ ଷ୍ଟାର୍ଟଅପ୍ ସହ ଆଲୋଚନା କରିବା ସହ ସେମାନଙ୍କ ଦ୍ୱାରା ପ୍ରସ୍ତୁତ ନବସୃଜନଗୁଡ଼ିକୁ ସିଧାସଳଖ ଦେଖିଥିଲେ।

ଏହି ଅବସରରେ ଜୁଇସ୍ ପିପୁଲ୍ ପଲିସି ଇନ୍‌ଷ୍ଟିଚ୍ୟୁଟ୍ (ଜେପିପିଆଇ)ର ସୋସିଆଲ୍ ଆକ୍ସିଲେରେଟର୍ସର ମ୍ୟାନେଜିଂ ପାର୍ଟନର୍ ଗିଲାଡ୍ ନ୍ୟୁମାନ୍ ଇସ୍ରାଏଲ୍ ଓ ଓଡ଼ିଶାର ଷ୍ଟାର୍ଟଅପ୍‌ଗୁଡ଼ିକ ମଧ୍ୟରେ ସହଯୋଗର ବିଭିନ୍ନ ସମ୍ଭାବନା ଉପରେ ଆଲୋକପାତ କରିଥିଲେ। ବିଶେଷକରି ପରିବେଶ ସୁରକ୍ଷା, ଇଏସ୍‌ଜି, ନିରୀକ୍ଷଣ ବ୍ୟବସ୍ଥା ଓ ଡ୍ରୋନ୍ ପ୍ରଯୁକ୍ତିବିଦ୍ୟା ଭଳି ବିଭିନ୍ନ କ୍ଷେତ୍ରରେ ମିଳିତ କାର୍ଯ୍ୟ କରିବାର ବ୍ୟାପକ ସୁଯୋଗ ରହିଛି ବୋଲି ସେ ଉଲ୍ଲେଖ କରିଥିଲେ। ଷ୍ଟାର୍ଟଅପ୍ ଓ ଇନ୍‌କ୍ୟୁବେସନ୍ କେନ୍ଦ୍ର ଭାବେ ଓ-ହବ୍ ସହ ଭାଗୀଦାରୀ ସୃଷ୍ଟି ଉପରେ ମଧ୍ୟ ଆଲୋଚନା ହୋଇଥିଲା।

ପ୍ରଯୁକ୍ତିବିଦ୍ୟା ଓ ଡିଜିଟାଲ୍ ଇନୋଭେସନ୍ ସହ ସଷ୍ଟେନେବିଲିଟି ଓ ସାମାଜିକ ନବସୃଜନକୁ ନେଇ ଏକ ଅଧିବେଶନ ଆୟୋଜିତ ହୋଇଥିଲା। ବାସ୍ତବ ସମସ୍ୟାର ସମାଧାନ କରୁଥିବା ନବସୃଜନ ଉପରେ ଗୁରୁତ୍ୱ ଦେବାକୁ ଇସ୍ରାଏଲ୍ ପ୍ରତିନିଧିମଣ୍ଡଳୀ ପରାମର୍ଶ ଦେଇଥିଲେ। ବୈଠକରେ ଉପସ୍ଥିତ ଉଦ୍ୟୋଗ ପୁଞ୍ଜି ନିବେଶକମାନେ ଡ୍ରୋନ୍ ପ୍ରଯୁକ୍ତିବିଦ୍ୟା, ସ୍ୱାସ୍ଥ୍ୟସେବା ଓ ସ୍ଥାୟୀ ବିକାଶ କ୍ଷେତ୍ରରେ ନିବେଶ ଓ ସହଯୋଗ ପ୍ରତି ଆଗ୍ରହ ପ୍ରକାଶ କରିଥିଲେ।

ପୁଲିସ ବସ୍ ଧକ୍କାରେ ମହିଳା ଗୁରୁତର



କଟକ,୭।୧୧(ସଂଚାର ବ୍ୟୁରୋ): କଟକ ସହରରେ ପୁଲିସ ବସ୍ ଧକ୍କାରେ ଜଣେ ମହିଳା ଗୁରୁତର ଭାବେ ଆହତ ହୋଇଛନ୍ତି। ମହିଳା ଜଣଙ୍କ ଚାଲି ଚାଲି ଯାଉଥିବା ବେଳେ ମହିଳାଙ୍କୁ ଏକ ପୁଲିସ ବସ୍ ଧକ୍କା ଦେଇଥିବା ଜଣାପଡ଼ିଛି। ଦୁର୍ଘଟଣାରେ ମହିଳା ଜଣଙ୍କ ଗୁରୁତର ଆହତ ହେବା ପରେ ତାଙ୍କୁ ଚିକିତ୍ସା ପାଇଁ କଟକ ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି। ଘଟଣାଟି ମଙ୍ଗଳାବାଗ ଥାନା ଅନ୍ତର୍ଗତ ତୁଳସୀପୁରସ୍ଥିତ ଡିୟର ପାର୍କ ନିକଟରେ ଘଟିଛି। ମହିଳା ଜଣଙ୍କ ରାସ୍ତାରେ ଚାଲି ଚାଲି ଯାଉଥିବା ସମୟରେ ପୁଲିସ ବସ୍‌ଟି ତାଙ୍କୁ ଧକ୍କା ଦେଇଥିଲା। ଧକ୍କାରେ ସେ ରାସ୍ତାରେ ପଡ଼ିଯାଇ ଗୁରୁତର ଆହତ ହୋଇଥିଲେ। ଦୁର୍ଘଟଣା ପରେ ତାଙ୍କୁ ତୁରନ୍ତ ଏସ୍‌ସିବି ମେଡିକାଲକୁ ନିଆଯାଇଥିଲା।

ସିଏମ୍‌ଜିଆଇ ପକ୍ଷରୁ ପ୍ରଶିକ୍ଷଣ କାର୍ଯ୍ୟକ୍ରମ



ଭୁବନେଶ୍ୱର,୭।୧୧(ସଂଚାର ବ୍ୟୁରୋ): ସରକାରୀ କାର୍ଯ୍ୟରେ ଡିଜିଟାଲ୍ ପ୍ରଯୁକ୍ତିର ଉପଯୋଗ ବୃଦ୍ଧି, ପ୍ରଶାସନିକ ଦକ୍ଷତା ବିକାଶ ଓ ଇ-ଗଭର୍ଣ୍ଣାନ୍ସ ବ୍ୟବସ୍ଥାକୁ ଅଧିକ ସୁଦୃଢ଼ କରିବା ଲକ୍ଷ୍ୟରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ଅଧିକାରୀ ଓ କର୍ମଚାରୀଙ୍କ ପାଇଁ ଆଜି ଏକ ପ୍ରଶିକ୍ଷଣ ତଥା ପ୍ରଦର୍ଶନ କାର୍ଯ୍ୟକ୍ରମ ଆୟୋଜିତ ହୋଇଛି। ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ଅଧୀନସ୍ଥ ସେଣ୍ଟର ଫର୍ ମଡର୍ଣ୍ଣାଇଜିଂ ଗଭର୍ଣ୍ଣମେଣ୍ଟ ଇନିସିଏଟିଭ୍ (ସିଏମଜିଆଇ) ପକ୍ଷରୁ ବିକଶିତ ଓ ପରିଚାଳିତ ବିଭିନ୍ନ ସଫ୍ଟୱେର୍ ଆପ୍ଲିକେସନ୍‌ର କାର୍ଯ୍ୟପ୍ରଣାଳୀ, ବ୍ୟାବହାରିକ ଦିଗ ଓ ବିଭିନ୍ନ ସୁବିଧା ସମ୍ପର୍କରେ ଅଧିକାରୀମାନଙ୍କୁ ଅବଗତ କରାଇବା ଏହି ପ୍ରଶିକ୍ଷଣର ମୁଖ୍ୟ ଉଦ୍ଦେଶ୍ୟ। ଲୋକସେବା ଭବନଠାରେ ଏହି କାର୍ଯ୍ୟକ୍ରମରେ ବିଭାଗର ବିଭିନ୍ନ ଶାଖାର ଡେସ୍କ ଅଫିସର, ସେକ୍ସନ୍ ଅଫିସର ଓ ଆସିଷ୍ଟାଣ୍ଟ ସେକ୍ସନ୍ ଅଫିସରମାନେ ଅଂଶଗ୍ରହଣ କରିଥିଲେ। ସିଏମଜିଆଇ ପକ୍ଷରୁ ପ୍ରୋଜେକ୍ଟ ଆସିଷ୍ଟାଣ୍ଟ ଦେବସ୍ମିତା ପଟ୍ଟନାୟକ ଓ ଟିମଙ୍କ ଦ୍ୱାରା ପ୍ରଶିକ୍ଷଣ ପ୍ରଦାନ କରାଯାଇଥିଲା।

ଆମ ବସ୍‌ରେ ଅଗ୍ନିକାଣ୍ଡ, ଅଳ୍ପକେ ବର୍ତ୍ତିଲେ ଯାତ୍ରୀ



କଟକ, ୭।୧୧(ସଂଚାର ବ୍ୟୁରୋ): କଟକ ଜିଲ୍ଲା ଫୁଲନଖରା-ନିଆଳୀ ରାସ୍ତାର ଅଡ଼ଶପୁର ବସ୍‌ଷ୍ଟାଣ୍ଡରେ ଗୋଟିଏ ଆମ ବସ୍‌ରେ ଅଗ୍ନିକାଣ୍ଡ ଘଟିଛି। ବସ୍‌ରୁ ହଠାତ୍ ଧୂଆଁ ବାହାରିବା ଦେଖି ଯାତ୍ରୀଙ୍କ ମଧ୍ୟରେ ଆତଙ୍କ ଖେଳିଯାଇଥିଲା। ତେବେ ଯାତ୍ରୀମାନେ ତୁରନ୍ତ ବସ୍‌ରୁ ଓହ୍ଲାଇ ଆସିବାରୁ ଏକ ବଡ଼ ଅଘଟଣ ଟଳିଯାଇଛି। ସୌଭାଗ୍ୟବଶତଃ ଏହି ଘଟଣାରେ ସମସ୍ତ ଯାତ୍ରୀ ସୁରକ୍ଷିତ ରହିଛନ୍ତି। ସୂଚନା ଅନୁଯାୟୀ, ଭୁବନେଶ୍ୱରରୁ ଅଡ଼ଶପୁର କଲେଜ ଅଭିମୁଖେ ଯାଉଥିବା ଆମ ବସ୍‌ଟି ବସ୍‌ଷ୍ଟାଣ୍ଡରେ ପହଞ୍ଚିବା ସମୟରେ ହଠାତ୍ ଏଥିରୁ ଧୂଆଁ ବାହାରିବା ଆରମ୍ଭ ହୋଇଥିଲା। ଏହା ଦେଖି ବସ୍‌ରେ ଥିବା ଯାତ୍ରୀମାନେ ତୁରନ୍ତ ଓହ୍ଲାଇ ପଡ଼ିଥିଲେ। ଖବର ପାଇ ଅଡ଼ଶପୁର ଅଗ୍ନିଶମ ବାହିନୀ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲା। ଫଳରେ ନିଆଁ ଅଧିକ ବ୍ୟାପିବାରୁ ରୋକାଯାଇପାରିଥିଲା। ତେବେ ବସ୍‌ରେ ନିଆଁ ଲାଗିବାର ପ୍ରକୃତ କାରଣ ଜଣାପଡ଼ିନାହିଁ।

ପୁରୀ ଗୋବର୍ଦ୍ଧନ ମଠର ହେବ ନବକଳେବର




ନିର୍ମାଣ ହେବ ସ୍ୱତନ୍ତ୍ର କରିଡର

ପୁରୀ,୭।୧୧(ସଂଚାର ବ୍ୟୁରୋ): ଜଗତଗୁରୁ ଶଙ୍କରାଚାର୍ଯ୍ୟଙ୍କ ପୁରୀ ଗୋବର୍ଦ୍ଧନ ମଠର ହେବ ନବକଳେବର। ଗୋବର୍ଦ୍ଧନ ମଠର ବିକାଶମୂଳକ କାର୍ଯ୍ୟ କରାଯାଇ ଏକ ସ୍ୱତନ୍ତ୍ର କରିଡ଼ର ନିର୍ମାଣ ହେବ। ଗୋବର୍ଦ୍ଧନ ମଠଠାରୁ ସ୍ୱର୍ଗଦ୍ୱାର ପର୍ଯ୍ୟନ୍ତ ହେବ ପ୍ରଶସ୍ତ ରାସ୍ତା। ସେହିପରି ସ୍ୱର୍ଗଦ୍ୱାର ନିକଟରେ ହେଉଥିବା ମହୋଦଧି ଆଳତି ସ୍ଥଳରେ ହେବ ସୌନ୍ଦର୍ଯ୍ୟକରଣ। ଗୋବର୍ଦ୍ଧନ ମଠ ଜମିକୁ ଜବରଦଖଲ କରିଥିବା ବ୍ୟକ୍ତିଙ୍କଠାରୁ ଜମିକୁ ଉଦ୍ଧାର ମଧ୍ୟ କରାଯିବ। ଏନେଇ ପ୍ରାରମ୍ଭିକ ପ୍ରକ୍ରିୟା ପୁରୀ ଜିଲ୍ଲା ପ୍ରଶାସନ ପକ୍ଷରୁ ଆରମ୍ଭ ହୋଇଛି। ଗୋବର୍ଦ୍ଧନ ମଠ କରିଡ଼ର ନିର୍ମାଣ ପାଇଁ ୭୪ ଜଣ ଜବରଦଖଲକାରୀଙ୍କୁ ନୋଟିସ ଜାରି କରାଯାଇଛି। ଆଇନ ଅନୁଯାୟୀ ଜବରଦଖଲ ଉଚ୍ଛେଦ କରାଯାଇ ଗୋବର୍ଦ୍ଧନ ମଠର ବିକାଶମୂଳକ କାର୍ଯ୍ୟ କରାଯିବ ବୋଲି ପୁରୀ ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡ଼ା ସୂଚନା ଦେଇଛନ୍ତି। ସେପଟେ ରାଜ୍ୟ ସରକାରଙ୍କ ଏହି ନିଷ୍ପତ୍ତିକୁ ସ୍ୱାଗତ କରିଛି ପୁରୀ ଗୋବର୍ଦ୍ଧନ ମଠ।

ଗତ ଅଗଷ୍ଟରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଭୁବନେଶ୍ୱର ଲୋକସେବା ଭବନରେ ଏକ ସ୍ୱତନ୍ତ୍ର ବୈଠକରେ ଗୋବର୍ଦ୍ଧନ ମଠର ବିକାଶମୂଳକ ଓ ଉନ୍ନତିକରଣ କାର୍ଯ୍ୟ କିଭଳି ହୋଇପାରିବ, ସେନେଇ ସମୀକ୍ଷା କରିଥିଲେ। ତଦନୁଯାୟୀ ପୁରୀ ଜିଲ୍ଲା ପ୍ରଶାସନ ପକ୍ଷରୁ ଗୋବର୍ଦ୍ଧନ ମଠର ବିକାଶମୂଳକ କାର୍ଯ୍ୟ ପାଇଁ ପ୍ରାରମ୍ଭିକ ପ୍ରକ୍ରିୟା ଆରମ୍ଭ ହୋଇଛି। ପ୍ରଥମେ ମଠ ଜମିଗୁଡ଼ିକ ଜବରଦଖଲ କରିଥିବା ଜବରଦଖଲକାରୀଙ୍କୁ ଉଚ୍ଛେଦ କରାଯିବା ପରେ ଗୋବର୍ଦ୍ଧନ ମଠର ଉନ୍ନତିକରଣ କାର୍ଯ୍ୟ ଆରମ୍ଭ ହେବ। ସେପଟେ ପୁରୀ ବାସିନ୍ଦାଙ୍କ ପାଇଁ ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କର ଜମିପଟ୍ଟା ନିଜ ନାମରେ କରିବା ପାଇଁ ସରକାର ଧାର୍ଯ୍ୟ କରିଥିବା ନୂଆ ୟୁନିଫର୍ମ ପଲିସିକୁ ବିରୋଧ କରିଛି ପୁରୀ ଓକିଲ ସଂଘ। ୫ ଦଫା ଦାବି ନେଇ ପୁରୀ ଓକିଲ ସଂଘ ଶ୍ରୀମନ୍ଦିର କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଛି। ତେବେ ଓକିଲ ସଂଘ ଦାବି କରିଛି ପୁରୀ ସହରରେ ଶ୍ରୀଜଗନ୍ନାଥ ମନ୍ଦିର ଓ ବିଭିନ୍ନ ମଠ ମନ୍ଦିର ଜମିରେ ଦୀର୍ଘ ଦିନ ଧରି ବାସ କରୁଥିବା ଯୋଗ୍ୟ ପରିବାରଙ୍କୁ ଆଇନ ସମ୍ମତ ସତ୍ତ୍ୱାଧିକାର ଓ ପଟ୍ଟା ପ୍ରଦାନ କରିବା। ଶ୍ରୀଜଗନ୍ନାଥ ମନ୍ଦିର ବନାମ ସିଦ୍ଧମଠ ସୁପ୍ରିମକୋର୍ଟଙ୍କ ରାୟକୁ ସଠିକ୍ ଭାବେ କାର୍ଯ୍ୟକାରୀ କରିବା। ଓଡ଼ିଶା ସରକାରଙ୍କ ଶ୍ରୀଜଗନ୍ନାଥ ମନ୍ଦିର ଜମି ପରିଚାଳନା ନିୟମ ୨୦୨୬ ପ୍ରତ୍ୟାହାର କରିବା ଭଳି ଦାବି ରଖିଛି ସଂଘ।

ଗୋଲକ ମହାପାତ୍ରଙ୍କ ଜନ୍ମଦିନରେ ସେବା ଉତ୍ସବ



ଭୁବନେଶ୍ୱର,୭।୧୧(ସଂଚାର ବ୍ୟୁରୋ): ଜନ୍ମଦିନ କେବଳ ଉତ୍ସବ ପାଳନର ଅବସର ନୁହେଁ, ବରଂ ସମାଜ ପ୍ରତି ନିଜର ଦାୟିତ୍ୱ ଓ ମାନବିକତାର ଭାବନାକୁ ଅଧିକ ସୁଦୃଢ଼ କରିବାର ଏକ ସୁଯୋଗ। ଏହି ମହତ୍ ଚିନ୍ତାଧାରାକୁ ଆଧାର କରି ବିଜେପିର ବରିଷ୍ଠ ନେତା ଗୋଲକ ପ୍ରସାଦ ମହାପାତ୍ରଙ୍କ ଜନ୍ମଦିନ ଅବସରରେ ତାଙ୍କର ସମର୍ଥକ, ଶୁଭେଚ୍ଛୁ ଓ ଅନୁଗାମୀମାନଙ୍କ ପକ୍ଷରୁ ଭୁବନେଶ୍ୱର ଉତ୍ତର ନିର୍ବାଚନମଣ୍ଡଳୀରେ ବ୍ୟାପକ ଜନସେବା ଓ ମାନବିକତାମୂଳକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଉତ୍ତର ନିର୍ବାଚନମଣ୍ଡଳୀର ୧୦୦ରୁ ଅଧିକ ଅଙ୍ଗନବାଡ଼ି କେନ୍ଦ୍ରରେ ଶିଶୁମାନଙ୍କୁ ପୁଷ୍ଟିକର ଖାଦ୍ୟ ବଣ୍ଟନ କରାଯାଇଥିଲା। ଏଥିସହ ଜୀବନ ବଞ୍ଚାଇବାଠାରୁ ବଡ଼ ମାନବିକତା ଆଉ କିଛି ନାହିଁ ଏହି ବାର୍ତ୍ତାକୁ ନେଇ ଏକ ବିଶାଳ ରକ୍ତଦାନ ଶିବିର ଆୟୋଜନ କରାଯାଇଥିଲା। ଏଥିରେ ବହୁ ସଂଖ୍ୟାରେ ସ୍ୱେଚ୍ଛାସେବୀ ଓ ରକ୍ତଦାତା ସାମିଲ ହୋଇ ୧୦୦ରୁ ଉର୍ଦ୍ଧ୍ୱ ୟୁନିଟ୍ ରକ୍ତ ସଂଗ୍ରହରେ ସହଯୋଗ କରିଥିଲେ। ଏହି ଅବସରରେ ସମର୍ଥକ ଓ ଶୁଭେଚ୍ଛୁମାନେ ସେବା ମାଧ୍ୟମରେ ନିଜର ଶୁଭେଚ୍ଛା ଜଣାଇଥିଲେ।

ସରକାରୀ ନିୟମ ମାନି ଦୀପାବଳି ପାଳନ୍ତୁ: ସତ୍ୟଜିତ ନାୟକ



କଟକ, ୭।୧୧: ଦୀପାବଳି ଅବସରରେ କେନ୍ଦ୍ରାଞ୍ଚଳ ଆଇଜି ସତ୍ୟଜିତ ନାୟକ ଜନସାଧାରଣଙ୍କୁ ହାର୍ଦ୍ଦିକ ଶୁଭେଚ୍ଛା ଜଣାଇବା ସହ ସରକାରଙ୍କ ନିର୍ଦ୍ଧାରିତ ନିୟମ ଓ ନିର୍ଦ୍ଦେଶାବଳି ପାଳନ କରି ଦୀପାବଳି ଉତ୍ସବ ପାଳନ କରିବାକୁ ନିବେଦନ କରିଛନ୍ତି। ସେ କହିଛନ୍ତି ଯେ ଦୀପାବଳି ହେଉଛି ଆଲୋକ, ଆନନ୍ଦ, ଶାନ୍ତି ଓ ମାନବିକତାର ପର୍ବ। ଏହି ପବିତ୍ର ଅବସରରେ ଆମେ ପରିବେଶ ପ୍ରଦୂଷଣ ରୋକିବା, ଶବ୍ଦ ପ୍ରଦୂଷଣ ନିୟନ୍ତ୍ରଣ କରିବା ଓ ସମସ୍ତଙ୍କ ସୁରକ୍ଷା ପ୍ରତି ସଚେତନ ରହିବା ଆବଶ୍ୟକ। ବାଣ ଫୁଟାଇବା ସମୟରେ ସରକାରୀ ନିୟମ ପାଳନ କରିବା ସହ ବୟସ୍କ ବ୍ୟକ୍ତି, ଶିଶୁ, ରୋଗୀ ଓ ପଶୁପକ୍ଷୀଙ୍କ ପ୍ରତି ଯତ୍ନବାନ ହେବା ଉଚିତ। ଆମର ଛୋଟ ଛୋଟ ସଚେତନ ପଦକ୍ଷେପ ଏକ ସୁସ୍ଥ, ସୁନ୍ଦର ଓ ପ୍ରଦୂଷଣମୁକ୍ତ ପରିବେଶ ଗଠନରେ ସହାୟକ ହେବ।

ବନ୍ଦେ ମାତରମ୍‌ର ୧୫୦ ବର୍ଷ ପୂର୍ତ୍ତି ଉତ୍ସବ

ପାଇକ ଆଖଡ଼ା ପଟୁଆରରେ ୬୦୦ରୁ ଉର୍ଦ୍ଧ୍ୱ ପାଇକ ସାମିଲ୍



ଭୁବନେଶ୍ୱର,୭।୧୧(ସଂଚାର ବ୍ୟୁରୋ): ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଏବଂ ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀର ମିଳିତ ଆନୁକୂଲ୍ୟରେ ଆଜି ବନ୍ଦେ ମାତରମ୍‌ର ୧୫୦ ବର୍ଷ ପୂର୍ତ୍ତି ସମାରୋପ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଭୁବନେଶ୍ୱର ରାମ ମନ୍ଦିରଠାରୁ ରବୀନ୍ଦ୍ର ମଣ୍ଡପ ପର୍ଯ୍ୟନ୍ତ ପାଇକ ଆଖଡ଼ାର ଏକ ପଟୁଆର ଅନୁଷ୍ଠିତ ହୋଇଥିଲା, ଯେଉଁଥିରେ ୬୦୦ରୁ ଉର୍ଦ୍ଧ୍ୱ ପାଇକ ସାମିଲ ହୋଇଥିଲେ। କାର୍ଯ୍ୟକ୍ରମରେ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ପାଇକ ଆଖଡ଼ା ପଟୁଆରରେ ସଂସ୍କୃତି ମନ୍ତ୍ରୀ ନିଜେ ସାମିଲ ହୋଇ ରାମ ମନ୍ଦିରଠାରୁ ରବୀନ୍ଦ୍ର ମଣ୍ଡପ ପର୍ଯ୍ୟନ୍ତ ପଦଯାତ୍ରା କରିଥିଲେ। କାର୍ଯ୍ୟକ୍ରମରେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ସଚିବ ଡ. ବିଜୟ କେତନ ଉପାଧ୍ୟାୟ, ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀର ସଚିବ ଡ. ଚନ୍ଦ୍ରଶେଖର ହୋତା, ଡ. ପ୍ରକାଶ ଶ୍ରୀଚନ୍ଦନ, ଡ. ଶାନ୍ତନୁ ରଥ, ନିରଞ୍ଜନ ପଣ୍ଡା ଉପସ୍ଥିତ ଥିଲେ।

ଇଂ. ରବି ନାରାୟଣ ମହାପାତ୍ରଙ୍କ ପରଲୋକ

ବିଭିନ୍ନ ମହଲରେ ଶୋକର ଛାୟା



ଭୁବନେଶ୍ୱର, ୭।୧୧ (ସଂଚାର ବ୍ୟୁରୋ): ୱାଟ୍‌କୋ ସହିଦ ନଗର ଉପଖଣ୍ଡର ମ୍ୟାନେଜର ଇଂ. ରବି ନାରାୟଣ ମହାପାତ୍ରଙ୍କର ଆଜି ହୃଦଘାତରେ ମୃତ୍ୟୁ ହୋଇଛି। ମୃତ୍ୟୁ ବେଳକୁ ତାଙ୍କୁ ୫୯ ବର୍ଷ ବୟସ ହୋଇଥିଲା। ଆଉ ଦୁଇ ମାସ ପରେ ସେ ଚାକିରିରୁ ଅବସର ନେଇଥାନ୍ତେ। ତାଙ୍କ ମୃତ୍ୟୁ ଶଯ୍ୟା ନିକଟରେ ପତ୍ନୀ, ଦୁଇ ଝିଅ ଓ ପୁଅ ଉପସ୍ଥିତ ଥିଲେ। ନିଜ କାମ, ବ୍ୟବହାର ଓ ଜନସମ୍ପର୍କ ପାଇଁ ସେ ୱାଟ୍‌କୋ କର୍ମଚାରୀ, ଯନ୍ତ୍ରୀଙ୍କ ସମେତ ବିଭିନ୍ନ ମହଲରେ ବେଶ ଲୋକପ୍ରିୟ ଥିଲେ। ଦୀପାବଳି ପୂର୍ବରୁ ତାଙ୍କର ବିୟୋଗ କର୍ମଚାରୀମାନଙ୍କୁ ମର୍ମାହତ କରିଛି। ତାଙ୍କ ମୃତ୍ୟୁ ପରେ କର୍ମଚାରୀମାନେ ତାଙ୍କ ହସ ହସ ମୁହଁକୁ ଝୁରି ହେଉଛନ୍ତି। ତାଙ୍କ ବିୟୋଗରେ ୱାଟକୋର ପରିଚାଳନା ନିର୍ଦ୍ଦେଶକ ଦେବ ପ୍ରସାଦ ମହାନ୍ତି, ଇଂ. ସାରଦା ନାୟକ, ଇଂ. ବିକ୍ରମ ରାଉତ, ଇଂ. ରାଜେନ୍ଦ୍ର ସେଠୀଙ୍କ ସମେତ ବହୁ ଯନ୍ତ୍ରୀ ତାଙ୍କ ଅନ୍ତିମ ଦର୍ଶନ କରିବା ସହ ପରିବାର ପ୍ରତି ସମବେଦନ ଜଣାଇଛନ୍ତି।

ସ୍ୱର୍ଗଧାମ ସହିଦ ସ୍ତମ୍ଭରେ ୧୦୮ ଦୀପଦାନ



କଟକ, ୭।୧୧ (ସଂଚାର ବ୍ୟୁରୋ): ନରକ ଚତୁର୍ଦ୍ଦଶୀ ତଥା ପବିତ୍ର ଦୀପାବଳି ଅବସରରେ ଖାନନଗରସ୍ଥିତ ସ୍ୱର୍ଗଧାମ ସେବା ସମିତି ପକ୍ଷରୁ ୧୦୮ ଦୀପଦାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସ୍ୱର୍ଗଧାମର ପ୍ରତିଷ୍ଠାତା ଶରତ ଚନ୍ଦ୍ର ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅତିଥି ଭାବେ କଟକ ଜିଲ୍ଲାପାଳ ଦତ୍ତାତ୍ରେୟ ଭାଓ ସାହେବ ସିନ୍ଦେ, ଚୌଦ୍ୱାର କଟକର ପୂର୍ବତନ ବିଧାୟକ ପ୍ରଭାତ ରଞ୍ଜନ ବିଶ୍ୱାଳ ପ୍ରମୁଖ ଯୋଗଦେଇ ଦିବଂଗତ ଆତ୍ମୀୟସ୍ୱଜନ ଓ ଦେଶ ମାତୃକା ପାଇଁ ସହିଦ ହୋଇଥିବା ବୀର ଯବାନଙ୍କ ସ୍ମୃତି ଉଦ୍ଦେଶ୍ୟରେ ସହିଦ ସ୍ତମ୍ଭ ନିକଟରେ ୧୦୮ଟି ଦୀପ ପ୍ରଜ୍ୱଳନ କରିଥିଲେ। ଯୁବନେତା ରବିଶରଣ ସିଂ (ମିଲା), ସମାଜସେବୀ ଅଶୋକ କୁମାର ସ୍ୱାଇଁ, ବରିଷ୍ଠ ସାମ୍ବାଦିକ ସଚ୍ଚିକାନ୍ତ ନାଥ, ଚଳଚ୍ଚିତ୍ର ଜଗତର ପ୍ରତିଷ୍ଠାତା ଆଦିକନ୍ଦ ରାଉତ, ବରିଷ୍ଠ ନାଗରିକ ମଞ୍ଚର ସଭାପତି ରବୀନ୍ଦ୍ରନାଥ ମହାନ୍ତି, ସମାଜସେବୀ ଅଭିମନ୍ୟୁ ଦାସ, ଶିକ୍ଷାବିତ ସରୋଜିନୀ ମିଶ୍ର ଓ କର୍ପୋରେଟର ଅରବିନ୍ଦ ଜେନା ପ୍ରମୁଖ ଯୋଗଦେଇ ଥିଲେ।

ନିରାପଦ ଓ ସୁରକ୍ଷିତ ଯାତ୍ରା ପାଇଁ ରେଳବାଇର ଅପିଲ



ଭୁବନେଶ୍ୱର,୭।୧୧(ସଂଚାର ବ୍ୟୁରୋ): ଚଳିତ ପାର୍ବଣ ଋତୁରେ ଯାତ୍ରୀଙ୍କ ଅଧିକ ଭିଡ଼କୁ ଦୃଷ୍ଟିରେ ରଖି ପୂର୍ବତଟ ରେଳପଥ ଏହାର ପରିସୀମା ମଧ୍ୟରେ ଯାତ୍ରା କରୁଥିବା ସମସ୍ତ ରେଳଯାତ୍ରୀଙ୍କୁ ରେଳବାଇ କର୍ତ୍ତୃପକ୍ଷଙ୍କ ସହଯୋଗ କରିବା ସହ ରେଳ ଷ୍ଟେସନ ଓ ଟ୍ରେନ୍ ମଧ୍ୟରେ ଭିଡ଼ ପରିଚାଳନା ଏବଂ ସୁରକ୍ଷା ସମ୍ବନ୍ଧୀୟ ନିୟମାବଳୀକୁ କଡ଼ାକଡ଼ି ପାଳନ କରିବାକୁ ନିବେଦନ କରିଛି। ପାର୍ବଣ ସମୟରେ ସମସ୍ତ ଯାତ୍ରୀଙ୍କ ପାଇଁ ଏକ ନିରାପଦ, ଆରାମଦାୟକ ଓ ସୁଗମ ଯାତ୍ରା ସୁନିଶ୍ଚିତ କରିବା ଏହି ନିବେଦନର ମୁଖ୍ୟ ଉଦ୍ଦେଶ୍ୟ।

ଯାତ୍ରୀଙ୍କ ଅଧିକ ଭିଡ଼କୁ ସୁଚାରୁ ରୂପେ ପରିଚାଳନା କରିବା ପାଇଁ ପୂର୍ବତଟ ରେଳପଥ ପକ୍ଷରୁ ବିଭିନ୍ନ ବ୍ୟବସ୍ଥା ଗ୍ରହଣ କରାଯାଇଛି। ଏଥିମଧ୍ୟରେ ସ୍ୱତନ୍ତ୍ର ଟ୍ରେନ୍ ଚଳାଚଳ, ରେଳ ସୁରକ୍ଷା ବଳ ଓ ସରକାରୀ ରେଳବାଇ ପୁଲିସ କର୍ମଚାରୀଙ୍କ ନିୟୋଜନ ମାଧ୍ୟମରେ ସୁରକ୍ଷା ବ୍ୟବସ୍ଥାକୁ ସୁଦୃଢ଼ କରିବା ଏବଂ ଯାତ୍ରୀଙ୍କ ଚଳପ୍ରଚଳ ଉପରେ ନିରନ୍ତର ନଜର ରଖିବା ଆଦି ଅନ୍ତର୍ଭୁକ୍ତ। ତେବେ ଏହି ସମସ୍ତ ବ୍ୟବସ୍ଥାର ସଫଳତା ଯାତ୍ରୀମାନଙ୍କ ସହଯୋଗ, ଶୃଙ୍ଖଳା ଏବଂ ଦାୟିତ୍ୱପୂର୍ଣ୍ଣ ଆଚରଣ ଉପରେ ଅଧିକ ନିର୍ଭର କରେ। ଯାତ୍ରୀମାନଙ୍କୁ ଷ୍ଟେସନରେ ପ୍ରବେଶ ଓ ପ୍ରସ୍ଥାନ ସମୟରେ, ଟିକେଟ୍ କିଣିବା ଓ ଟ୍ରେନ୍‌ରେ ଚଢ଼ିବା ସମୟରେ ସୁବ୍ୟବସ୍ଥିତ ଧାଡ଼ି ବଜାୟ ରଖିବାକୁ ପରାମର୍ଶ ଦିଆଯାଇଛି। ବିଶେଷକରି ଫୁଟ୍ ଓଭର ବ୍ରିଜ୍, ଏସ୍କାଲେଟର୍, ସିଡ଼ି ଓ ପ୍ଲାଟଫର୍ମର ଧାର ନିକଟରେ ତରବରିଆ ହେବା, ଠେଲାପେଲା କରିବା କିମ୍ବା ଅଯଥା ଭିଡ଼ ସୃଷ୍ଟି କରିବାରୁ ନିବୃତ୍ତ ରହିବାକୁ ଯାତ୍ରୀମାନଙ୍କୁ ଅନୁରୋଧ କରାଯାଇଛି। ପ୍ଲାଟଫର୍ମରେ ବିପଦପୂର୍ଣ୍ଣ ଭିଡ଼କୁ ଏଡ଼ାଇବା ପାଇଁ ଷ୍ଟେସନରେ ଉପଲବ୍ଧ ନିର୍ଦ୍ଦିଷ୍ଟ ହୋଲ୍ଡିଂ ଏରିଆ ବ୍ୟବହାର କରିବା ସହ ଟ୍ରେନ୍‌ରେ ଚଢ଼ିବା ପାଇଁ ଅନୁମତି ମିଳିବା ପର୍ଯ୍ୟନ୍ତ ସେଠାରେ ଅପେକ୍ଷା କରିବାକୁ ମଧ୍ୟ କୁହାଯାଇଛି। ଆହୁରି ଜୀବନ ପ୍ରତି ବିପଦ ସୃଷ୍ଟି କରୁଥିବା ଓ ରେଳ ଚଳାଚଳରେ ବାଧା ଉପୁଜାଉଥିବା ଅସୁରକ୍ଷିତ ଓ ନିଷିଦ୍ଧ କାର୍ଯ୍ୟକଳାପରୁ ଦୂରେଇ ରହିବାକୁ ରେଳବାଇ ପକ୍ଷରୁ ଯାତ୍ରୀମାନଙ୍କୁ ସତର୍କ କରାଯାଇଛି। ଏଥିସହ ଟ୍ରେନ୍ କିମ୍ବା ରେଳ ଷ୍ଟେସନ ପରିସରରେ ଦହନଶୀଳ ସାମଗ୍ରୀ, ବାଣ ଓ ଅନ୍ୟାନ୍ୟ ନିଷିଦ୍ଧ ସାମଗ୍ରୀ ନେବା ଉପରେ ପୂରାପୂରି କଟକଣା ଲଗାଯାଇଛି।

ଜୀବନ ଅମୃତ ଅନୁଚିନ୍ତା

ପ୍ରକୃତ ଧନ-ଆଜି ପର୍ଯ୍ୟନ୍ତ କେହି ପାର୍ଥିବ ଧନ ସଂସାରରୁ ନେଇ ଆର ପାରିକୁ ଯାଇ ନାହାଁନ୍ତି। ଯାହା ନେଇଛନ୍ତି ତାହା ସତ କର୍ମ ବା ପୁଣ୍ୟର ଫଳ। ଏହା ହିଁ ପ୍ରକୃତ ଧନ ଯାହା ଆର ପାରିରେ ସହାୟକ ହୋଇଥାଏ।

sanchar.live

ସମ୍ପାଦକୀୟ

SANCHAR
ସଂଚାର

୪

ରବିବାର ୮ ନଭେମ୍ବର ୨୦୨୬, ଭୁବନେଶ୍ୱର
Sunday 8 November 2026, Bhubaneswar

କୃତ୍ରିମ ବୁଦ୍ଧିର ମିଛ ଆଶା

କିଛି ବର୍ଷ ତଳେ କୃତ୍ରିମ ବୁଦ୍ଧି (ଏଆଇ) କୁ ବିଶ୍ୱପରିବର୍ତ୍ତନକାରୀ ବଳ ଭାବେ ପ୍ରଚାର କରାଯାଇଥିଲା। ଏହା କେବଳ ଟେକ୍ନୋଲୋଜି ନୁହେଁ, ବରଂ ଧନ ଅର୍ଜନର ନୂତନ ଉପାୟ ଭାବେ ଉପସ୍ଥାପିତ ହୋଇଥିଲା। ବିନିଯୋଗକାରୀ, କମ୍ପାନୀ ଓ ସରକାର ସମସ୍ତେ ଏହାକୁ ଭବିଷ୍ୟତର ସୁବର୍ଣ୍ଣ ସୁଯୋଗ ଭାବେ ଦେଖିଥିଲେ। କିନ୍ତୁ ଆଜି ବାସ୍ତବତା ସ୍ପଷ୍ଟ ହୋଇଛି, ଏହି ଆଶା ଅଧିକାଂଶ କ୍ଷେତ୍ରରେ ବିଫଳ ହୋଇଛି। ବିନିଯୋଗକାରୀ ବିଶାଳ ଆର୍ଥିକ କ୍ଷତି ସହିବାକୁ ବାଧ୍ୟ ହେଉଛନ୍ତି ଏବଂ ଅନେକ ବ୍ୟବସାୟ ସଙ୍କଟରେ ପଡ଼ିଛି।



ବିଶ୍ୱ ବଜାରରେ ଏଆଇ ସମ୍ପର୍କିତ ଷ୍ଟକ୍ଗୁଡ଼ିକର ମୂଲ୍ୟ ବହୁତ ବଢ଼ିଥିଲା। ବଡ଼ ଟେକ୍ କମ୍ପାନୀମାନେ ଡାଟା ସେଣ୍ଟର, ଚିପ୍ ଓ ମଡେଲ ଉପରେ ଟ୍ରିଲିୟନ ଡଲାର ଖର୍ଚ୍ଚ କରିଥିଲେ। ବିନିଯୋଗକାରୀମାନେ ଭାବିଥିଲେ ଯେ ଏହି ବିନିଯୋଗ ଶୀଘ୍ର ଲାଭ ଦେବ। କିନ୍ତୁ ବାସ୍ତବରେ ଆୟ ପ୍ରତ୍ୟାଶା ଅନୁଯାୟୀ ବଢ଼ିନାହିଁ। ଅନେକ କମ୍ପାନୀ ଏବେ ଋଣ ନେଇ ଏଆଇ ପ୍ରକଳ୍ପ ଚଳାଉଛନ୍ତି। ଫଳରେ ବଜାରରେ ଅସ୍ଥିରତା ସୃଷ୍ଟି ହୋଇଛି। ସାମ୍ପ୍ରତିକ ସମୟରେ ଆମେରିକୀୟ ଷ୍ଟକ୍ ବଜାରରେ ଟ୍ରିଲିୟନ ଡଲାରର କ୍ଷତି ହୋଇଛି। ନାସଡାକ୍ ଓ ଅନ୍ୟାନ୍ୟ ସୂଚକାଙ୍କରେ ଏଆଇ ସମ୍ପର୍କିତ କମ୍ପାନୀମାନଙ୍କ ସେୟାର ମୂଲ୍ୟ ବହୁତ କମିଛି। ଚିପ୍ ନିର୍ମାତା ଓ କ୍ଲାଉଡ୍ ସେବା ପ୍ରଦାନକାରୀ କମ୍ପାନୀଗୁଡ଼ିକ ବିଶେଷ ଭାବେ ପ୍ରଭାବିତ ହୋଇଛନ୍ତି।

ବ୍ୟବସାୟ କ୍ଷେତ୍ରରେ ମଧ୍ୟ ସ୍ଥିତି ସୁଖକର ନୁହେଁ। ଅନେକ ସଂସ୍ଥା ଏଆଇ ଉପରେ ବହୁତ ଅର୍ଥ ଖର୍ଚ୍ଚ କରିଛନ୍ତି, କିନ୍ତୁ ପ୍ରକୃତ ଲାଭ ପାଇପାରୁନାହାନ୍ତି। ଗବେଷଣାରୁ ଜଣାପଡ଼ିଛି ଯେ ଅଧିକାଂଶ ଜେନେରେଟିଭ୍ ଏଆଇ ପ୍ରକଳ୍ପ ବିଫଳ ହୋଇଛି। କେବଳ ଅଳ୍ପ ସଂଖ୍ୟକ କମ୍ପାନୀ ପ୍ରକୃତରେ ଲାଭ ପାଉଛନ୍ତି। ଅନେକ କ୍ଷେତ୍ରରେ ଡାଟାର ଗୁଣବତ୍ତା ଖରାପ, ଏକୀକରଣରେ ସମସ୍ୟା ଓ ଅସ୍ପଷ୍ଟ ଲକ୍ଷ୍ୟ ଯୋଗୁଁ ପ୍ରକଳ୍ପଗୁଡ଼ିକ ବନ୍ଦ ହୋଇଛି। ଷ୍ଟାର୍ଟଅପ୍ଗୁଡ଼ିକ ମଧ୍ୟ ବହୁତ ପ୍ରଭାବିତ ହୋଇଛନ୍ତି। ହାଇପ୍ ଉପରେ ନିର୍ଭର କରି ଗଢ଼ା ଅନେକ କମ୍ପାନୀ ବନ୍ଦ ହୋଇଛି କିମ୍ବା ଲାଭହୀନ ହୋଇ ରହିଛି। କର୍ମଚାରୀଙ୍କ ଉତ୍ପାଦନଶୀଳତା ବଢ଼ିବାର ଦାବି ଥିଲା, କିନ୍ତୁ ବାସ୍ତବରେ ଅନେକ କ୍ଷେତ୍ରରେ ଏହା ପୂରଣ ହୋଇନାହିଁ।

ଏହି ପରିସ୍ଥିତିରେ ବିନିଯୋଗକାରୀମାନେ ସବୁଠାରୁ ଅଧିକ କ୍ଷତିଗ୍ରସ୍ତ। ସାଧାରଣ ଲୋକଙ୍କ ପେନ୍ସନ ଫଣ୍ଡ ଓ ମ୍ୟୁଚୁଆଲ୍ ଫଣ୍ଡରେ ମଧ୍ୟ ଏଆଇ ସମ୍ପର୍କିତ ଷ୍ଟକ୍ ରହିଛି। ବଜାରର ପତନ ଯୋଗୁଁ ସେମାନଙ୍କ ସଞ୍ଚୟ ବିପଦରେ ପଡ଼ିଛି। ବଡ଼ କମ୍ପାନୀମାନେ ଋଣ ନେଇ ଖର୍ଚ୍ଚ କରୁଥିବାରୁ ଭବିଷ୍ୟତରେ ଆହୁରି ବଡ଼ ସଙ୍କଟ ଆସିପାରେ। ଯଦି ଆୟ ନ ବଢ଼େ, ତେବେ ଋଣ ପରିଶୋଧ କରିବା କଷ୍ଟକର ହୋଇପଡ଼ିବ। ଏହାର ମୂଳ କାରଣ ହେଉଛି ଅତିରିକ୍ତ ଆଶା ଓ ଅବାସ୍ତବ ପ୍ରଚାର। ଏଆଇ ନିଶ୍ଚିତ ଭାବେ ଉପଯୋଗୀ ଟେକ୍ନୋଲୋଜି, କିନ୍ତୁ ଏହା ସବୁ ସମସ୍ୟାର ତୁରନ୍ତ ସମାଧାନ ନୁହେଁ। ଏହାକୁ ଧନ ଅର୍ଜନର ସହଜ ଉପାୟ ଭାବେ ଦେଖିବା ଭୁଲ୍ ଥିଲା। ଅନେକ କମ୍ପାନୀ ପ୍ରକୃତ ଆବଶ୍ୟକତା ବୁଝି ନ ପାରି କେବଳ ହାଇପ୍କୁ ଅନୁସରଣ କରିଥିଲେ। ଏବେ ସମୟ ଆସିଛି ବାସ୍ତବବାଦୀ ହେବାର। ବିନିଯୋଗ କରିବା ପୂର୍ବରୁ ପ୍ରକୃତ ଲାଭର ସମ୍ଭାବନା ମୂଲ୍ୟାଙ୍କନ କରିବା ଆବଶ୍ୟକ। ବ୍ୟବସାୟମାନେ କେବଳ ପାଇଲଟ୍ ପ୍ରକଳ୍ପ ଉପରେ ନ ରହି ପ୍ରକୃତ ଉପଯୋଗ ଉପରେ ଧ୍ୟାନ ଦେବା ଉଚିତ୍। ସରକାର ଓ ନିୟନ୍ତ୍ରକ ସଂସ୍ଥାମାନେ ମଧ୍ୟ ସତର୍କତା ଅବଲମ୍ବନ କରିବା ଆବଶ୍ୟକ, ଯାହାଫଳରେ ସାଧାରଣ ବିନିଯୋଗକାରୀମାନେ ଅଧିକ କ୍ଷତିରୁ ରକ୍ଷା ପାଇପାରିବେ। ଏଆଇ ଭବିଷ୍ୟତରେ ଉପଯୋଗୀ ହୋଇପାରେ, କିନ୍ତୁ ଏହାର ବିକାଶ ଧୀରେ ଧୀରେ ହେବ। ମିଛ ଆଶା ଉପରେ ନିର୍ଭର କରି ଅନ୍ଧଭାବେ ବିନିଯୋଗ କରିବା ବଦଳରେ ସତର୍କ ଓ ବିଚାରପୂର୍ଣ୍ଣ ପଦକ୍ଷେପ ନେବା ଆବଶ୍ୟକ। ନଚେତ୍ ଆହୁରି ଅଧିକ ଲୋକ ଓ ବ୍ୟବସାୟ କ୍ଷତିଗ୍ରସ୍ତ ହେବେ।

ଜୀବନର ଯାଦୁଗର: ପଦ୍ମଶ୍ରୀ ଡାକ୍ତର ଅଶୋକ ମହାପାତ୍ରଙ୍କୁ ଶ୍ରଦ୍ଧାଞ୍ଜଳି

ଡ଼ଃ.ଅରୁନ୍ଧତୀ ଦେବୀ



ବିଶିଷ୍ଟ ସ୍ନାୟୁଶଲ୍ୟ ଚିକିତ୍ସକ ପଦ୍ମଶ୍ରୀ ପ୍ରଫେସର ଡାକ୍ତର ଅଶୋକ କୁମାର ମହାପାତ୍ରଙ୍କ ମହାପ୍ରୟାଣ ହୋଇଛି। ୧୯୫୨ ମସିହା ଡିସେମ୍ବର ୨୯ ତାରିଖ ପୁରୀ ଜିଲ୍ଲାରେ ଜନ୍ମ ଗ୍ରହଣ କରିଥିଲେ। ୧୯୭୦ ମସିହାରେ ଏମକେସିଜି ମେଡିକାଲ କଲେଜରେ ନାମ ଲେଖାଇ ଥିଲେ ସେଠାରୁ ଏମବିବିଏସ ସମ୍ପୂର୍ଣ୍ଣ କରିବା ପରେ ଏମ୍ସ ନୂଆଦିଲ୍ଲୀରୁ ନ୍ୟୁରୋ ସର୍ଜରୀରେ ଏମଏସ୍ ଓ ଏମସିଏଚ୍ କରିଥିଲେ। ୧୯୮୩ ମସିହାରେ ସେ ଏମ୍ସରେ ନ୍ୟୁରୋ ସର୍ଜରୀର ଜଣେ ଅଧ୍ୟାପକ ଭାବେ ତାଙ୍କ କର୍ମମୟ ଜୀବନ ଆରମ୍ଭ କରିଥିଲେ। ପାଖାପାଖି ୩୪ ବର୍ଷ ଧରି ଅଧ୍ୟାପନା କରିବା ସହ ବିଭାଗୀୟ ମୁଖ୍ୟ ଓ ବିଭିନ୍ନ ରିସର୍ଚ୍ଚ ତଥା ପ୍ରକଳ୍ପ ଭଳି ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ସମ୍ଭାଳିଥିଲେ। ପରବର୍ତ୍ତୀ ସମୟରେ ଅର୍ଥାତ୍ ୨୦୦୬ରୁ ୨୦୦୯ ପର୍ଯ୍ୟନ୍ତ ସେ ସଞ୍ଜୟ ଗାନ୍ଧୀ ପୋଷ୍ଟ ଗ୍ରାଜୁଏଟ, ଇନଷ୍ଟିଚ୍ୟୁଟ ଅଫ ମେଡ଼ିକାଲ ସାଇନ୍ସ, ଲକ୍ଷ୍ନୌର ନିର୍ଦ୍ଦେଶକ ଭାବେ ଦାୟିତ୍ୱ ତୁଲାଇ ଥିଲେ। ଆଜି ଆମେ କେବଳ ଓଡ଼ିଶା ନୁହେଁ ପୂର୍ବ ଭାରତର ସ୍ୱାସ୍ଥ୍ୟ ଚିକିତ୍ସାଳୟର ଏକ ନିର୍ଭରଯୋଗ୍ୟ ଉଚ୍ଚ ସ୍ୱାସ୍ଥ୍ୟ ପ୍ରତିଷ୍ଠାନ ଭୁବନେଶ୍ୱରର ଏମ୍ସକୁ ଦେଖୁଛେ ଏହାର ପ୍ରଥମ ନିର୍ଦ୍ଦେଶକ ଭାବେ ୨୦୧୨ ମସିହାରେ ଡାକ୍ତର ମହାପାତ୍ର ଯୋଗ ଦେଇଥିଲେ। ଭୁବନେଶ୍ୱର ଏମ୍ସ ଆଜି ବିଶ୍ୱସ୍ତରୀୟ ଶିକ୍ଷା ଓ ଚିକିତ୍ସା କ୍ଷେତ୍ରରେ ସୁନାମ ଯୋଡ଼ିଥିବାବେଳେ ଏହାକୁ ଆଗେଇ ନେବାରେ ଡାକ୍ତର ମହାପାତ୍ରଙ୍କ ଉଲ୍ଲେଖନୀୟ ଅବଦାନ ଥିଲା।

ତାଙ୍କ କର୍ମମୟ ଜୀବନ ଭିତରେ ନ୍ୟୁରୋ ସର୍ଜରୀ ଗବେଷଣା କ୍ଷେତ୍ରରେ ତାଙ୍କର ଅଶିଟି ଗବେଷଣା ପତ୍ର ପ୍ରକାଶ ପାଇଛି। ବାର ଜଣରୁ ଉର୍ଦ୍ଧ୍ୱ ପିଏଚଡି ଛାତ୍ରଙ୍କୁ ସେ ଶିକ୍ଷା ମାର୍ଗ ଦେଖାଇଥିଲେ। ଏହା ସହିତ ଏକ ବଡ଼ ଉଲ୍ଲେଖନୀୟ ଘଟଣାଟି ହେଉଛି ୧୯୯୮-୨୦୦୮ ମସିହା ମଧ୍ୟରେ ଦେଶରେ ତୃତୀୟ ସର୍ବୋଚ୍ଚ ଚିକିତ୍ସା ପ୍ରକାଶନ ଓ ଏମ୍ସରେ ସର୍ବାଧିକ ସଂଖ୍ୟକ ପ୍ରକାଶନ ତାଙ୍କରି ନାମରେ ରହିଥିଲା। ସେହିପରି ୨୦୧୯-୨୦୨୩ ମସିହା ମଧ୍ୟରେ ବିଶ୍ୱର ୨% ବୈଜ୍ଞାନିକ, ୫% ସ୍ନାୟୁ ବିଜ୍ଞାନୀ ଓ ୧% ଶିଶୁ ସ୍ୱାସ୍ଥ୍ୟ ଶଲ୍ୟ ଚିକିତ୍ସକଙ୍କ ମଧ୍ୟରେ ସ୍ଥାନ ପାଇଥିଲେ। ଏପରି ବିରଳ କୃତୀ ପାଇଥିବା ସମ୍ଭବତଃ ସେ ପ୍ରଥମ ଓଡ଼ିଆ ଡାକ୍ତର ହୋଇପାରନ୍ତି। ୨୦୧୭ ମସିହାରେ ସମଗ୍ର ବିଶ୍ୱରେ ଏକ ପ୍ରକାର ଆଲୋଡ଼ନ ସୃଷ୍ଟି କରିଥିବା ଓଡ଼ିଶାର ଯୋଡ଼ାମୁଣ୍ଡ ଶିଶୁ ଜଗା ବଳିଆଙ୍କ ଜଟିଳ ଅସ୍ତ୍ରୋପଚାର ନୂଆଦିଲ୍ଲୀର ଏମ୍ସରେ ହୋଇଥିଲା। ଏହି ଅସ୍ତ୍ରୋପଚାରର ମୁଖ୍ୟ ପୁରୋଧା ଥିଲେ ଡାକ୍ତର ମହାପାତ୍ର। ୨୦୨୦ ମସିହା ଲିମକା ବୁକ୍ ଅଫ ରେକର୍ଡ଼ସରେ ତାଙ୍କୁ ସ୍ଥାନ ମିଳିଥିଲା। ତାଙ୍କର ଭୁବନେଶ୍ୱରର ଏମ୍ସରେ କର୍ମମୟ ଜୀବନର ୨୦୧୨ ରୁ ୨୦୧୬ ଭିତରେ ଏମବିବିଏସ୍, ବିଏସସି, ପିଜି ଓ ଡିଏମ୍, ଏସିଏଚ୍ ଆରମ୍ଭ କରାଯାଇଥିଲା। ଏହା ସହିତ ୨୦୧୫ ମସିହାରେ ଏମ୍ସ ଭୁବନେଶ୍ୱରରେ ବିଏସସି ମେଡ଼ିକାଲ ଟେକ୍ନୋଲୋଜି ମଧ୍ୟ ଆରମ୍ଭ ହୋଇଥିଲା। ସେ ନ୍ୟୁରୋଲୋଜିକାଲ ସର୍ଜନ ସୋସାଇଟି ଅଫ ଇଣ୍ଡିଆ ଅନୁଷ୍ଠାନ ନିଜେ ତିଆରି କରିଥିଲେ ଓ ଏହାର ପ୍ରତିଷ୍ଠାତା ସଭାପତି ଥିଲେ। ଏହା ବ୍ୟତୀତ ଇଣ୍ଡିଆନ ସୋସାଇଟି ଅଫ ପେରିଫେରାଲ ନର୍ଭ ସର୍ଜରୀ ଆରମ୍ଭ କରିଥିଲେ। ଏହା ବ୍ୟତୀତ ଦେଶରେ ଶିଶୁ ରୋଗ ନ୍ୟୁରୋ ସର୍ଜରୀ, ନ୍ୟୁରୋ ଟ୍ରମା ଓ ସ୍କୁଲ ବେଶ ସର୍ଜନ ସୋସାଇଟି ଓ ପେରିଫେରାଲ ନର୍ଭ ସର୍ଜରୀ ବିକାଶରେ ତାଙ୍କର ବହୁତ ବଡ଼ ଯୋଗଦାନ ରହିଥିଲା।

ଚିକିତ୍ସା ବିଜ୍ଞାନ କ୍ଷେତ୍ରରେ ତାଙ୍କର ଅସାଧାରଣ ସଫଳତା ପାଇଁ କେନ୍ଦ୍ର ସରକାର ଗତ ବର୍ଷ ତାଙ୍କୁ ପଦ୍ମଶ୍ରୀ ପୁରସ୍କାରରେ ସମ୍ମାନିତ କରିଥିଲେ। ସ୍ୱାସ୍ଥ୍ୟସେବା କ୍ଷେତ୍ରକୁ ସମୃଦ୍ଧ କରିବା ସହ ଓଡ଼ିଶା ତଥା ଦେଶ ପାଇଁ ଗୌରବ ଆଣିଥିଲେ। ଭାରତର ରାଜଧାନୀ ଦିଲ୍ଲୀ ଓ ଓଡ଼ିଶାର ରାଜଧାନୀ ଭୁବନେଶ୍ୱରର ଏମ୍ସ ଭଳି ପ୍ରତିଷ୍ଠିତ ଅନୁଷ୍ଠାନରେ ତାଙ୍କର ଅବଦାନ ଇତିହାସର ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ ହୋଇ ରହିବ ନିଶ୍ଚୟ। ତାଙ୍କ ସହିତ ପୂଜ୍ୟଶ୍ରୀ କୁମାର ଭାଇଙ୍କ ହାତଗଢ଼ା ଅନୁଷ୍ଠାନ ଆନ୍ତର୍ଜାତିକ ଅଶୋଭନୀୟତା ନିରୋଧ ଆନ୍ଦୋଳନର ଏକ ଭାବଗତ ସମ୍ପର୍କ ରହିଥିଲା। ଆନ୍ଦୋଳନର ସେ ଜଣେ ବଡ଼ ଶୁଭେଚ୍ଛୁ ଥିଲେ ଓ ଅନେକ କାର୍ଯ୍ୟକ୍ରମରେ ସେ ମଧ୍ୟ ଯୋଗଦାନ କରିଥିଲେ। ଏହି ଲେଖିକା ତାଙ୍କୁ ଅନେକ କାର୍ଯ୍ୟକ୍ରମରେ ତାଙ୍କ ସହିତ ଆଲୋଚନା ଓ ପରାମର୍ଶର ସୁଯୋଗ ପାଇଛନ୍ତି।

ଭାଗବତର ସେହି ସ୍ମରଣୀୟ ବାଣୀଟି ମନେପଡୁଛି - 'ମାନବ ଜୀବନ ନୁହଁଇ କେବଳ, ବର୍ଷ ମାସ ଦିନ ଦଣ୍ଡ, କର୍ମେ ଯିଏ ନର କର୍ମ ଏକା ତାର, ଜୀବନର ମାନଦଣ୍ଡ।' ଦୁର୍ଲ୍ଲଭ ମଣିଷର ସଫଳତା କେବଳ କର୍ମ ଉପରେ ହିଁ ନିର୍ଭର କରିଥାଏ। ଜଗତକୁ ଆସିଲେ ଜଗତ ଛାଡ଼ିବା ସମସ୍ତଙ୍କ ପାଇଁ ଏକ ନିଶ୍ଚିତ ସତ୍ୟ। ଚିକିତ୍ସା ବିଜ୍ଞାନ ଭିତରେ ଅତି ସରଳ ଜୀବନ ନିର୍ବାହ କରି ସମସ୍ତଙ୍କୁ ଛୁଇଁଲା ପରି କଥା କହୁଥିବା ଜଣେ ଏପରି କୃତବିଦ୍ୟ ଧନ୍ୱନ୍ତରୀଙ୍କ ଅକାଳ ପରଲୋକ ମୋ ପରି କୋଟି କୋଟି ଓଡ଼ିଆଙ୍କ ପାଇଁ ନିଶ୍ଚିନ୍ତ କଷ୍ଟ ଓ ଯନ୍ତ୍ରଣା ଭରି ଦେଇଛି। ଭାଗବତର ସେ ପବିତ୍ର ଧାଡ଼ିଟି ମନେପଡୁଛି - 'ମନୁଷ୍ୟ ଜୀବନେ ଏ ଲାଭ, ଯଦି ଗୋବେନ୍ଦେ କରେ ଭାବ'। ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପାବନ ମାଟିରେ ତାଙ୍କର ଜନ୍ମ ଓ ସେ ଜୀବନ ତମାମ ଶ୍ରୀଜଗନ୍ନାଥଙ୍କର ଜଣେ ପରମ ଭକ୍ତ ଥିଲେ। ନିଜ ଆତ୍ମାର ସଦଗତି ପାଇଁ ତାଙ୍କର କର୍ମମୟ ଜୀବନ ଭିତରେ ନୀତି ଓ ନିଃସ୍ୱାର୍ଥପର ସେବାର ସେ ଯେଉଁ ପରଶ ଛାଡ଼ି ଯାଇଛନ୍ତି ସେ ଭଗବାନଙ୍କ ପାଦପଦ୍ମରେ ନିଶ୍ଚିନ୍ତ ବିଲୀନ ହୋଇଯାଇଛନ୍ତି। ତାଙ୍କର ଅମର ଆତ୍ମାର ସଦଗତି ପାଇଁ ପ୍ରାର୍ଥନା କରିବା ସମୟରେ ଅନୁଭବ କରୁଛି ଏଭଳି ମହାତ୍ମାଙ୍କୁ କ'ଣ କେବେ ମୃତ୍ୟୁ ଛୁଇଁପାରେ ବରଂ ସେ ମୃତ୍ୟୁକୁ ଛୁଇଁ ନେଇଛନ୍ତି। ସେ ସବୁ ଦିନ ପାଇଁ ଅମର ହୋଇ ରହିଯାଇଛନ୍ତି। ଚିକିତ୍ସା ଓ ସେବା, ଗବେଷଣା କ୍ଷେତ୍ରରେ ତାଙ୍କର ଉଲ୍ଲେଖନୀୟ ଅବଦାନ ସର୍ବଦା ଅବିସ୍ମରଣୀୟ ହୋଇ ରହିବ।

ନିର୍ଦ୍ଦେଶିକା-ସମ୍ପାଦିକା, ଆନ୍ତର୍ଜାତିକ ଅଶୋଭନୀୟତା ନିରୋଧ ଆନ୍ଦୋଳନ କଟକ, ମୋବାଇଲ୍:୯୯୩୭୧୭୨୮୧୦

ଶହେ ବର୍ଷରେ ଭାରତରତ୍ନ ଲାଲକୃଷ୍ଣ ଆଡଭାନୀ!



ନରେନ୍ଦ୍ର ମୋଦି, ପ୍ରଧାନମନ୍ତ୍ରୀ

ଆଜି, ନଭେମ୍ବର ୮ ତାରିଖରେ, ଶ୍ରୀ ଲାଲକୃଷ୍ଣ ଆଡଭାଣୀ ଜୀ ନିଜ ଜୀବନର ଶହେତମ ବର୍ଷରେ ପଦାର୍ପଣ କରୁଛନ୍ତି। ଚଳିତ ବର୍ଷ ତାଙ୍କ ଜନ୍ମଦିନ ଦୀପାବଳି ସହିତ ଏକ ସୁନ୍ଦର ସଂଯୋଗ ସୃଷ୍ଟି କରିଛି। ଏହି ପର୍ବ ପ୍ରଭୁ ଶ୍ରୀ ରାମ ଏବଂ ଦୀପ ସହ ଜଡ଼ିତ। ଏଥିସହିତ ବର୍ତ୍ତମାନ ଆମେ ଜନସଂଘ ପ୍ରତିଷ୍ଠାର ୭୫ ବର୍ଷ, ଡକ୍ଟର ଶ୍ୟାମା ପ୍ରସାଦ ମୁଖାର୍ଜୀଙ୍କ ୧୨୫ତମ ଜୟନ୍ତୀ ସହ ନିକଟରେ ଆରଏସ୍ଏସ୍ର ଶତବାର୍ଷିକୀ ସମାରୋହ ପାଳନ କରିଛୁ। ଏପରି ବ୍ୟକ୍ତି ବହୁତ କମ୍ ଅଛନ୍ତି, ଯେଉଁମାନଙ୍କ ଜୀବନ ଆଧୁନିକ ଭାରତର ଅନେକ ଭିନ୍ନ ଭିନ୍ନ ଅଧ୍ୟାୟ ସହ ଜଡ଼ିତ ରହିଛି। ଆଡଭାଣୀ ଜୀ ୧୯୨୭ ମସିହା ନଭେମ୍ବର ୮ ତାରିଖରେ, ଅର୍ଥାତ୍ 'ଦେବ ଦୀପାବଳି' ଦିନ ଜନ୍ମଗ୍ରହଣ କରିଥିଲେ। ୧୯୪୭ ମସିହାରେ, ଯୁବାବସ୍ଥାରେ ଥିବା ସମୟରେ, ତାଙ୍କୁ ସିନ୍ଧୁ ପ୍ରଦେଶରେ ଥିବା ନିଜର ପରିଚିତ ଦୁନିଆକୁ ପଛରେ ଛାଡ଼ି ଆସିବାର ଯନ୍ତ୍ରଣା ସହିବାକୁ ପଡ଼ିଥିଲା। ସେ କୌଣସି ପ୍ରକାରର କ୍ଷୋଭ କିମ୍ବା ତିକ୍ତତା ନ ରଖି, ପୁନର୍ବାର ଶୂନ୍ୟରୁ ନିଜ ଜୀବନ ଗଢ଼ି ତୋଳିଲେ। ସମସ୍ତ ପ୍ରତିକୂଳ ପରିସ୍ଥିତି ସତ୍ତ୍ୱେ ଶୂନ୍ୟରୁ ନିଜକୁ ଗଢ଼ି ତୋଳିବାର ଏହି ଗୁଣ ଜୀବନସାରା ତାଙ୍କ ସହ ରହିଆସିଛି। ଜନସଂଘକୁ ସୁଦୃଢ଼ କରିବା ଏବଂ ପରବର୍ତ୍ତୀ ସମୟରେ ବିଜେପି ଗଠନ କରିବା ସମୟରେ ଏହା ଦେଖିବାକୁ ମିଳିଥିଲା। ତାଙ୍କର ବିଜେପି ଅଧକ୍ଷ କାର୍ଯ୍ୟକାଳ ମଧ୍ୟରେ, ୧୯୮୯ ମସିହାରେ କଂଗ୍ରେସର ସ୍ଥିତି ୪୦୦ ଆସନରୁ ଖସି ୨୦୦ରୁ କମ୍କୁ ଚାଲିଆସିଥିଲା ଏବଂ ୧୯୯୬ ମସିହାରେ ବିଜେପି ପ୍ରଥମ ଥର ପାଇଁ ସବୁଠାରୁ ବଡ଼ ଦଳ ଭାବେ ଉଭା ହୋଇଥିଲା। ଆଡଭାଣୀ ଜୀ ଏକାଧିକ ପିଢ଼ିର କାର୍ଯ୍ୟକର୍ତ୍ତାମାନଙ୍କୁ ପ୍ରସ୍ତୁତ କରିଥିଲେ ଏବଂ ଦଳକୁ 'ରାଷ୍ଟ୍ର ପ୍ରଥମ' ନୀତି ଉପରେ ଆଧାରିତ ଏକ ସୁଦୃଢ଼ ଭିତ୍ତିଭୂମି ପ୍ରଦାନ କରିଥିଲେ।

ଦୁଇଟି ଗୁଣ ଆଡଭାଣୀ ଜୀଙ୍କୁ ଜଣେ ନେତା ଭାବରେ ସର୍ବଦା ଅନ୍ୟମାନଙ୍କଠାରୁ ଭିନ୍ନ କରି ରଖିଛି। ପ୍ରଥମଟି ହେଉଛି, ତାଙ୍କର ଆଦର୍ଶଗତ ସ୍ପଷ୍ଟତା ଏବଂ ବୌଦ୍ଧିକ ବିଚକ୍ଷଣତା। ଏହା ତାଙ୍କର ଭାଷଣ ଓ ଲେଖାରେ ପ୍ରତିଫଳିତ ହେଉଥିଲା। ଜନସଂଘ ଏବଂ ବିଜେପି ପାଇଁ ସେ ପ୍ରସ୍ତୁତ କରିଥିବା ପ୍ରସ୍ତାବଗୁଡ଼ିକ ଆଜି ମଧ ପଢ଼ିବା ଯୋଗ୍ୟ; ସେହିପରି ତାଙ୍କର ସାକ୍ଷାତକାରଗୁଡ଼ିକ ସର୍ବଦା ତୀକ୍ଷ୍ଣ ଏବଂ ସଠିକ୍ ଥିଲା। ଦ୍ୱିତୀୟଟି ହେଉଛି, ଭାରତୀୟ ରାଜନୀତିର ଏକ ବଡ଼ ଗୋଷ୍ଠୀ ଦ୍ୱାରା ବହୁ ବର୍ଷ ଧରି ପ୍ରଚାରିତ 'ଛଦ୍ମ-ଧର୍ମନିରପେକ୍ଷତା'କୁ ସେ ଯେଉଁ ଢଙ୍ଗରେ ପଦାରେ ପକାଇଥିଲେ ତାହା ପ୍ରଶଂସନୀୟ ଥିଲା।

ଆଡଭାଣୀ ଜୀ ଅତ୍ୟନ୍ତ ନିଷ୍ଠାର ସହ ପ୍ରତ୍ୟେକ ଦାୟିତ୍ୱ ତୁଲାଇଥିଲେ। ଜଣେ ଆରଏସ୍ଏସ୍ ପ୍ରଚାରକ ଭାବରେ, ଆଡଭାଣୀ ଜୀ ପ୍ରଥମେ ରାଜସ୍ଥାନର ବିଭିନ୍ନ ଅଞ୍ଚଳରେ କାର୍ଯ୍ୟ କରିଥିଲେ। ସେଠାରୁ ସେ ଦେଶର ରାଜଧାନୀକୁ ଗଲେ, ଯେଉଁଠାରେ ସେ ଅଟଳ ଜୀଙ୍କ ସହ ଘନିଷ୍ଠ ଭାବରେ କାମ କରିବା ଆରମ୍ଭ କଲେ। ଇତିହାସ ସାକ୍ଷୀ ରହିଛି, ଏହି ଦୁଇଜଣ ବିଶିଷ୍ଟ ରାଜନୈତିକ ନେତା ପରସ୍ପରର ପ୍ରତିଦ୍ୱନ୍ଦ୍ୱୀ ନ ହୋଇ, ବରଂ ପରସ୍ପରକୁ ସହଯୋଗ କରି ଦୀର୍ଘ ଦଶନ୍ଧି ଧରି ଏକାଠି କାମ କରିବା ଏକ ବିରଳ ଘଟଣା। ଆଡଭାଣୀ ଜୀ ଏବଂ ଅଟଳ ଜୀ ଏକ ଉଲ୍ଲେଖନୀୟ ଉଦାହରଣ ସୃଷ୍ଟି କରିଥିଲେ। ଉଭୟେ ମିଶି ଭାରତୀୟ ରାଜନୀତିର ଗତିପଥ ବଦଳାଇ ଦେଇଥିଲେ। ଆଡଭାଣୀ ଜୀ ଯେଉଁ ଦିଲ୍ଲୀକୁ ଆସିଥିଲେ, ସେହି ସହର ସେତେବେଳେ ବିଭାଜନର ଭୟାବହତା ସହ ମୁକାବିଲା କରୁଥିଲା। ସେ 'ଜନସଂଘ'କୁ ଅଧିକ ଶକ୍ତିଶାଳୀ କରିବା କାର୍ଯ୍ୟରେ ନିଜକୁ ନିୟୋଜିତ କଲେ। ୧୯୬୭ ମସିହାରେ, ଆଡଭାଣୀ ଜୀ ଦିଲ୍ଲୀ ମେଟ୍ରୋପଲିଟାନ୍ କାଉନସିଲର ଅଧକ୍ଷ ହେଲେ; ସେଠାରେ ସେ ସ୍ୱର୍ଗତ ବିଜୟ କୁମାର ମଲହୋତ୍ରା ଜୀ (ଯିଏ ମୁଖ୍ୟ କାର୍ଯ୍ୟକାରୀ କାଉନସିଲର ହୋଇଥିଲେ)ଙ୍କ ସହ ମିଶି କାର୍ଯ୍ୟ କରିଥିଲେ।

୧୯୭୦ ମସିହାରେ ଆଡଭାଣୀ ଜୀଙ୍କ ସଂସଦୀୟ ଯାତ୍ରା ଆରମ୍ଭ ହୋଇଥିଲା। ସଂସଦରେ ତାଙ୍କର ମତାମତ ସମସ୍ତ ରାଜନୈତିକ ଦଳର ପ୍ରଶଂସା ଲାଭ କରିଥିଲା। ଜଣେ ସାଂସଦ ଭାବରେ, ପରବର୍ତ୍ତୀ ସମୟରେ ଉଭୟ ସଦନରେ ବିରୋଧୀ ଦଳର ନେତା ଭାବରେ ଏବଂ ଶାସକ ଦଳର ସଦସ୍ୟ ଭାବରେ ମଧ ସେ ନିଜର ଏକ ସ୍ୱତନ୍ତ୍ର ଛାପ ଛାଡ଼ିଯାଇଛନ୍ତି। ସଂସଦୀୟ ଦାୟିତ୍ୱରେ ବ୍ୟସ୍ତ ରହିବା ସତ୍ତ୍ୱେ, ସେ ନିୟମିତ ଭାବେ ସାରା ଭାରତ ଭ୍ରମଣ କରି ଲୋକମାନଙ୍କୁ ଭେଟୁଥିଲେ।



ମୋର ୧୯୯୧ ଲୋକସଭା ନିର୍ବାଚନ କଥା ଭଲ ଭାବରେ ମନେ ଅଛି। ସେତେବେଳେ ନିଷ୍ପତ୍ତି ନିଆଯାଇଥିଲା ଯେ ଆଡଭାଣୀ ଜୀ ଦୁଇଟି ଆସନରୁ ଲୋକସଭା ନିର୍ବାଚନ ଲଢ଼ିବେ, ସେଥିମଧ୍ୟରୁ ଗୋଟିଏ ଥିଲା ଗାନ୍ଧୀନଗର। ଗୁଜରାଟ ସହିତ ତାଙ୍କର ଏକ ପୁରୁଣା ସମ୍ପର୍କ ଥିଲା। ଦେଶ ବିଭାଜନ ପରେ ତାଙ୍କ ପିତା କଚ୍ଛ ଅଞ୍ଚଳରେ ଆସି ରହିଥିଲେ। ଆଡଭାଣୀ ଜୀ ଗୁଜରାଟରୁ ରାଜ୍ୟସଭା ସାଂସଦ ଭାବରେ ମଧ କାର୍ଯ୍ୟ କରିଥିଲେ। ତେଣୁ, ଏହା ଏକ ପ୍ରକାରରେ 'ଘରକୁ ଫେରିବା' ଭଳି ଥିଲା। ବିଜେପି ସଂଗଠନ ସହ ଜଡ଼ିତ ଥିବାରୁ, ମୋତେ ତାଙ୍କ ନାମାଙ୍କନପତ୍ର ପ୍ରସ୍ତୁତ କରିବା ଏବଂ ନିର୍ବାଚନ ପ୍ରଚାର ସମୟରେ ତାଙ୍କୁ ସହଯୋଗ କରିବାର ସୌଭାଗ୍ୟ ମିଳିଥିଲା। ଗାନ୍ଧୀନଗରର ଜନସାଧାରଣ ତାଙ୍କୁ ବାରମ୍ବାର ସଂସଦକୁ ପଠାଇଥିଲେ। ଗାନ୍ଧୀନଗରର ଜଣେ ଭୋଟର ଭାବରେ, ମୋତେ ମଧ ଅନେକ ଥର ଆଡଭାଣୀ ଜୀଙ୍କୁ ଭୋଟ୍ ଦେବାର ସୌଭାଗ୍ୟ ମିଳିଥିଲା। ନିଜ ନିର୍ବାଚନ ମଣ୍ଡଳୀ ପ୍ରତି ସେ ଯେଉଁ ଯତ୍ନ ଓ ଧ୍ୟାନ ଦେଉଥିଲେ, ତାହା ଅନ୍ୟମାନଙ୍କ ପାଇଁ ଏକ ଶିକ୍ଷଣୀୟ ବିଷୟ।



'ଜରୁରୀକାଳୀନ ପରିସ୍ଥିତି' ଆଡଭାଣୀ ଜୀଙ୍କ ଜୀବନରେ ଏକ ନିର୍ଣ୍ଣାୟକ ମୋଡ଼ ଥିଲା। ଗଣତନ୍ତ୍ରକୁ ବଞ୍ଚାଇବା ଏବଂ ସମ୍ବିଧାନର ସୁରକ୍ଷା କରିବା କ୍ଷେତ୍ରରେ ସେ ଅଗ୍ରଣୀ ଭୂମିକା ଗ୍ରହଣ କରିଥିଲେ। ତାଙ୍କର ଏହି ଅନୁଭୂତିଗୁଡ଼ିକ ତାଙ୍କ ପୁସ୍ତକ 'ଏ ପ୍ରିଜନର୍ସ ସ୍କ୍ରାପ୍-ବୁକ୍'ରେ ସ୍ଥାନ ପାଇଛି। ଏହି ପୁସ୍ତକର 'ଏ ଟେଲ୍ ଅଫ୍ ଟୁ ଏମର୍ଜେନ୍ସିଜ୍' ଶୀର୍ଷକ ଅଂଶରେ ୧୯୭୫ ମସିହା ଜୁନ୍ ମାସରୁ ଭାରତରେ ଘଟିଥିବା ଘଟଣାବଳୀ ଏବଂ ୧୯୩୩ ମସିହାର ନାଜି ଜର୍ମାନୀରେ ଘଟିଥିବା ଘଟଣାବଳୀ ମଧ୍ୟରେ ଥିବା ଆଶ୍ଚର୍ଯ୍ୟଜନକ ସାମଞ୍ଜସ୍ୟକୁ ବେଶ୍ ସୁନ୍ଦର ଭାବରେ ବର୍ଣ୍ଣନା କରାଯାଇଛି।

ଆଡଭାଣୀ ଜୀ ଜଣେ ପ୍ରଖର ବିରୋଧୀ ଦଳ ନେତା ଥିଲେ କିନ୍ତୁ ସମାନ ଭାବରେ ଜଣେ ଉତ୍କୃଷ୍ଟ ପ୍ରଶାସକ ମଧ ଥିଲେ। ୧୯୭୭ ମସିହାରେ ଜନତା ପାର୍ଟି ସରକାର କ୍ଷମତାକୁ ଆସିବା ପରେ, ଆଡଭାଣୀ ଜୀ ସୂଚନା ଏବଂ ପ୍ରସାରଣ ମନ୍ତ୍ରୀ ହୋଇଥିଲେ। ଏହି ବିଭାଗରେ ତାଙ୍କର କାର୍ଯ୍ୟ ଅତ୍ୟନ୍ତ ପ୍ରଭାବଶାଳୀ ଥିଲା, ଯାହା ସାଧାରଣରେ ଗ୍ରହଣୀୟ ହୋଇଥିଲା। ଉପପ୍ରଧାନମନ୍ତ୍ରୀ ଏବଂ ଭାରତର ସବୁଠାରୁ ଦୀର୍ଘ ସମୟ ଧରି ଗୃହମନ୍ତ୍ରୀ ଭାବରେ, ସେ ଭାରତର ସୁରକ୍ଷା ବ୍ୟବସ୍ଥାକୁ ମଜବୁତ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲେ। ଆମର ସୁରକ୍ଷା ବାହିନୀର ସ୍ଥିତିକୁ ଉନ୍ନତ କରିବାରେ ତାଙ୍କର କାର୍ଯ୍ୟ ସ୍ମରଣୀୟ ହୋଇ ରହିଛି। ଆତଙ୍କବାଦ ବିରୁଦ୍ଧରେ ତାଙ୍କର ସ୍ପଷ୍ଟ ଦୃଷ୍ଟିକୋଣ ରହିଥିଲା। ଫଳରେ ଭାରତକୁ ଏକ କଠୋର ଆତଙ୍କବାଦ ବିରୋଧୀ ଆଇନ ମିଳିଥିଲା।

ଆଡଭାଣୀ ଜୀଙ୍କ ଜୀବନର ଏକ ସ୍ମରଣୀୟ ମୁହୂର୍ତ୍ତ ଥିଲା ସୋମନାଥରୁ ଅଯୋଧ୍ୟା ପର୍ଯ୍ୟନ୍ତ ରଥଯାତ୍ରା। ଏହା ଭାରତୀୟ ସମାଜର ଗତିପଥକୁ ଉନ୍ନତ କରିଥିଲା। ପରିକଳ୍ପନା ପର୍ଯ୍ୟାୟରୁ କାର୍ଯ୍ୟକାରିତା ପର୍ଯ୍ୟନ୍ତ ଏହି ଯାତ୍ରାରେ ସାମିଲ ହେବା ଲାଗି ସୁଯୋଗ ପାଇବା ଥିଲା ମୋ ପାଇଁ ସୌଭାଗ୍ୟର ବିଷୟ। ଯାତ୍ରା ଆରମ୍ଭ ହେବା ସମୟରେ ସୋମନାଥରେ ଉପସ୍ଥିତ ରହିବା ବିଶେଷ ଭାବରେ ସ୍ୱତନ୍ତ୍ର ଥିଲା। ଏକ ଯାତ୍ରା ବହୁତ କଷ୍ଟକର ହୋଇପାରେ, ଏଥିପାଇଁ ଦୀର୍ଘ ସମୟ, ନିରନ୍ତର ଯାତ୍ରା, ଶାରୀରିକ ସହନଶୀଳତା ଏବଂ କ୍ଳାନ୍ତି ସତ୍ତ୍ୱେ ଧ୍ୟାନ କେନ୍ଦ୍ରିତ କରିବାର କ୍ଷମତା ଆବଶ୍ୟକ ହୁଏ। ଆଡଭାଣୀ ଜୀ ଏହି ସହନଶୀଳତାକୁ ମୂର୍ତ୍ତିମନ୍ତ କରିଥିଲେ।

ବିହାରରେ ଆଡଭାଣୀ ଜୀଙ୍କୁ ଗିରଫ କରାଯିବାର ଦୁଃଖଦାୟକ ମୁହୂର୍ତ୍ତଗୁଡ଼ିକ ଏବେ ମଧ ମୋର ମନେ ଅଛି। ତତ୍କାଳୀନ ସମୟରେ ଗୁଜରାଟରେ, ବିଜେପି ଚିମନଭାଇ ପଟେଲଙ୍କ ସରକାରରୁ ନିଜର ସମର୍ଥନ ପ୍ରତ୍ୟାହାର କରିନେଇଥିଲା। ଏହା ମାଧ୍ୟମରେ ଏକ ସ୍ପଷ୍ଟ ବାର୍ତ୍ତା ଦିଆଯାଇଥିଲା ଯେ, ଆମର ବିଚାରଧାରା ଏବଂ ରାମ ମନ୍ଦିର ପ୍ରସଙ୍ଗରେ କେବେବି କୌଣସି ପ୍ରକାରର ସାଲିସ୍ କରାଯିବ ନାହିଁ। ପରିସ୍ଥିତି ଯାହା ହେଉନା କାହିଁକି, ରାମ ମନ୍ଦିର ନିଶ୍ଚିତ ଭାବରେ ନିର୍ମାଣ କରାଯିବ ବୋଲି ଆମର ଅନେକ ବରିଷ୍ଠ ନେତା ଏବଂ କାର୍ଯ୍ୟକର୍ତ୍ତା ଶପଥ ନେଇଥିଲେ। ଆଉ ବର୍ଷ ବର୍ଷ ପରେ, ଭାରତର ଜନସାଧାରଣଙ୍କ ଆଶୀର୍ବାଦରୁ ଅଯୋଧ୍ୟାରେ ପ୍ରଭୁ ଶ୍ରୀରାମଙ୍କ ପାଇଁ ଏକ ଭବ୍ୟ ମନ୍ଦିର ନିର୍ମାଣ ହେବା ସତ୍ୟରେ ପରିଣତ ହେଲା।

ଆଡଭାଣୀ ଜୀଙ୍କ ବ୍ୟକ୍ତିତ୍ୱରେ ଆହୁରି ଅନେକ ଉଲ୍ଲେଖନୀୟ ଦିଗ ରହିଛି। ଉଦାହରଣ ସ୍ୱରୂପ, ତାଙ୍କର ସରଳତା। 'ନବନିର୍ମାଣ ଆନ୍ଦୋଳନ' ପରେ, ଆଡଭାଣୀ ଜୀ ଜୁନାଗଡ଼ ଆସିଥିଲେ ଏବଂ ସେଠାରେ ଜଣେ ସାଧାରଣ କାର୍ଯ୍ୟକର୍ତ୍ତା ଭାବରେ ଏକ ମାସ ରହିଥିଲେ। ସେଠାରେ ରହି ସେ ବିଧାନସଭା ନିର୍ବାଚନ ପାଇଁ ଦଳକୁ ପ୍ରସ୍ତୁତ କରିଥିଲେ। ସେହି ନିର୍ବାଚନରେ କଂଗ୍ରେସକୁ ପରାଜୟର ସାମ୍ନା କରିବାକୁ ପଡ଼ିଥିଲା। ସାର୍ବଜନୀନ ଜୀବନରେ ନୈତିକତା ଓ ସଚ୍ଚୋଟତା କ'ଣ, ତାହା ସେ ସର୍ବଦା ପ୍ରଦର୍ଶିତ କରିଆସିଛନ୍ତି। ସେ ଜଣେ ଅତ୍ୟନ୍ତ ପଠନପ୍ରିୟ ବ୍ୟକ୍ତି। ଯେଉଁମାନେ ତାଙ୍କ ସହିତ ସମୟ ବିତାଇଛନ୍ତି, ସେମାନେ ଜାଣନ୍ତି ଯେ ସେ କେତେ ଯତ୍ନର ସହ ଖବରକାଗଜ ପଢ଼ନ୍ତି। ସେ ଚଳଚ୍ଚିତ୍ର ଏବଂ ନାଟକର ବହୁତ ବଡ଼ ପ୍ରଶଂସକ। ସେ ମଧ ଜଣେ ଉତ୍ସାହୀ ଚଳଚ୍ଚିତ୍ର ସମୀକ୍ଷକ। ଇତିହାସ ପ୍ରତି ତାଙ୍କର ଗଭୀର ଦୃଷ୍ଟିକୋଣ ଏବଂ ଏହାକୁ ସଂରକ୍ଷଣ କରିବାର ଆବଶ୍ୟକତା ତାଙ୍କ ପୁସ୍ତକ 'ମାଇଁ କଣ୍ଟ୍ରି ମାଇଁ ଲାଇଫ୍'ରେ ସ୍ପଷ୍ଟ ଭାବରେ ପରିଲକ୍ଷିତ ହୁଏ।

ଆଡଭାଣୀ ଜୀ ସର୍ବଦା ସିନ୍ଧୀ ସଂସ୍କୃତି ସହ ଯୋଡ଼ି ହୋଇ ରହିଛନ୍ତି। ତାଙ୍କର ଆଉ ଗୋଟିଏ ପ୍ରୟାସ ଥିଲା- ଲେହ ନିକଟରେ 'ସିନ୍ଧୁ ଦର୍ଶନ ପୂଜା'କୁ ଲୋକପ୍ରିୟ କରିବା। ମୁଁ ନିଜେ ଆଡଭାଣୀ ଜୀ ଏବଂ ଜର୍ଜ ଫର୍ଣ୍ଣାଣ୍ଡିସ୍ ଜୀଙ୍କ ସହିତ ଏପରି ଏକ ପୂଜାରେ ଯାଇଥିଲି।କମଲା ଆଡଭାଣୀ ଜୀଙ୍କ ଉଲ୍ଲେଖ ବିନା ଆଡଭାଣୀ ଜୀଙ୍କ ଅସାଧାରଣ ଯାତ୍ରା ବିଷୟରେ କୌଣସି ବର୍ଣ୍ଣନା ଅସମ୍ପୂର୍ଣ୍ଣ ରହିବ। ତାଙ୍କର ସାର୍ବଜନୀନ ଜୀବନରେ ଶ୍ରୀମତୀ ଆଡ଼ଭାଣୀ ସର୍ବଦା ଶକ୍ତି ଓ ସମର୍ଥନର ଏକ ଉତ୍ସ ହୋଇ ରହିଥିଲେ। କରାଚୀରେ ବଢ଼ିବା ସମୟରେ, ଆଡଭାଣୀ ଜୀ ବୋଧହୁଏ କଳ୍ପନା ମଧ କରିନଥିବେ ଯେ ତାଙ୍କ ଜୀବନ କେଉଁ ମୋଡ଼ ନେବ। କୃତଜ୍ଞତା ସ୍ୱରୂପ, ଭାରତର ଜନସାଧାରଣ ୨୦୨୪ ମସିହାରେ ତାଙ୍କୁ 'ଭାରତ ରତ୍ନ' ସମ୍ମାନରେ ଭୂଷିତ କରିଛନ୍ତି। ଆଡଭାଣୀ ଜୀ ନିଜ ଜୀବନର ଶହେତମ ବର୍ଷରେ ପଦାର୍ପଣ କରୁଥିବା ବେଳେ ସେ ଉତ୍ତମ ସ୍ୱାସ୍ଥ୍ୟ ଲାଭ କରନ୍ତୁ ଏବଂ ପୂର୍ବଭଳି ଆମ ସମସ୍ତଙ୍କୁ ଅନୁପ୍ରାଣିତ କରିଚାଲନ୍ତୁ ବୋଲି ମୁଁ ପ୍ରାର୍ଥନା କରୁଛି।

ପ୍ରଦୂଷଣ ମୁକ୍ତ ଦୀପାବଳି ହେଉ ସାମୂହିକ ସଂକଳ୍ପ

ଚିତ୍ତରଞ୍ଜନ ପୃଷ୍ଟି



ଭାରତୀୟ ସଂସ୍କୃତିରେ ପର୍ବପର୍ବାଣିର ଏକ ସ୍ୱତନ୍ତ୍ର ସ୍ଥାନ ରହିଛି। ସେଥିମଧ୍ୟରୁ ଆଲୋକର ପର୍ବ ଦୀପାବଳି ଅନ୍ୟତମ। ଏହି ପର୍ବ ଅନ୍ଧକାର ଉପରେ ଆଲୋକର, ଅଜ୍ଞାନ ଉପରେ ଜ୍ଞାନର,ଅଧର୍ମ ଉପରେ ଧର୍ମର ଏବଂ ଅସତ୍ୟ ଉପରେ ସତ୍ୟର ବିଜୟର ପ୍ରତୀକ।ଏହି ପର୍ବ ରାବଣ ଉପରେ ବିଜୟ ପରେ ପ୍ରଭୁ ଶ୍ରୀରାମଙ୍କ ଅଯୋଧ୍ୟା ଫେରିବା, ଭଗବାନ କୃଷ୍ଣଙ୍କ ଦ୍ୱାରା ରାକ୍ଷସ ନରକାସୁରକୁ ବଧ କରିବା, ଧନର ଦେବୀ ଲକ୍ଷ୍ମୀଙ୍କ ପୂଜା ଏବଂ ଭଗବାନ ମହାବୀରଙ୍କ ନିର୍ବାଣକୁ ସ୍ମରଣ କରେ। ଏହା ଧାର୍ମିକ ଏବଂ ସାଂସ୍କୃତିକ ମହତ୍ତ୍ୱର ଏକ ପର୍ବ, ଆନନ୍ଦ, ସମୃଦ୍ଧି ଏବଂ ଆଶାର ପ୍ରତୀକ। ଅମାବାସ୍ୟା ଦିନ ଅଯୋଧ୍ୟାର ମର୍ଯ୍ୟାଦା ପୁରୁଷ ପ୍ରଭୁ ଶ୍ରୀରାମଚନ୍ଦ୍ର ୧୪ ବର୍ଷ ବନବାସ ସାରି ଘରକୁ ଫେରିଥିଲେ। ରାମଚନ୍ଦ୍ରଙ୍କ ଘର ବାହୁଡ଼ାକୁ ଅଯୋଧ୍ୟାବାସୀ ହର୍ଷଉଲ୍ଲାସ ସହ ପାଳନ କରିଥିଲେ। ଅମାବାସ୍ୟାର ଅନ୍ଧକାର ରାତିରେ ସାରା ଅଯୋଧ୍ୟାକୁ ଆଲୋକିତ କରି ଶ୍ରୀରାମଙ୍କୁ ସ୍ୱାଗତ କରାଯାଇଥିଲା। ସେବେଠାରୁ ଆଜିଯାଏଁ କାର୍ତ୍ତିକ ମାସ ଅମାବାସ୍ୟାରେ ଦିପାବଳୀ ପର୍ବ ପାଳନ କରାଯାଉଛି।

କାଳକ୍ରମେ ଏହି ପବିତ୍ର ଆଲୋକର ପର୍ବ ଦୀପାବଳି ନିଜର ପ୍ରକୃତ ସ୍ୱରୂପ ହରାଇ ବାଣର ଧୂଆଁ ଓ ବିକଟାଳ ଶବ୍ଦ ଭିତରେ ହଜିଯିବାକୁ ବସିଲାଣି।ଏହି ଖୁସିର ପର୍ବ ମଧ୍ୟରେ ଏବେ ଚିନ୍ତା ବଢ଼ାଉଛି ବାଣ ଫୁଟାଇବା ଯୋଗୁଁ ହେଉଥିବା ବାୟୁ ଓ ଶବ୍ଦ ପ୍ରଦୂଷଣ।ପ୍ରତିବର୍ଷ ଦୀପାବଳି ଆସିଲେ ବାଣ ବଜାରରେ ଭିଡ଼ ଜମେ। ଛୋଟ ପିଲାଙ୍କଠାରୁ ବଡ଼ଙ୍କ ପର୍ଯ୍ୟନ୍ତ ସମସ୍ତଙ୍କ ମଧ୍ୟରେ ବାଣ ଫୁଟାଇବାର ଉତ୍ସାହ ଦେଖାଯାଏ। କିନ୍ତୁ ଏହି କିଛି ଘଣ୍ଟାର ଆନନ୍ଦ ପରେ ପରିବେଶ ଉପରେ ଏହାର ପ୍ରଭାବ କେତେ ଗମ୍ଭୀର, ସେଥିପ୍ରତି ଅନେକେ ଧ୍ୟାନ ଦେଉନାହାନ୍ତି।ବାଣ ଫୁଟିବା ଫଳରେ ବାୟୁରେ ଧୂଳିକଣା ଓ ବିଭିନ୍ନ ପ୍ରଦୂଷକ ପଦାର୍ଥ ମିଶିଥାଏ। ଏହା ଶ୍ୱାସକ୍ରିୟା ସମସ୍ୟା ଥିବା ବ୍ୟକ୍ତି, ଛୋଟ ପିଲା ଓ ବୟସ୍କଙ୍କ ପାଇଁ ଅଧିକ ଅସୁବିଧା ସୃଷ୍ଟି କରେ । ଅନ୍ୟପଟେ ଅତ୍ୟଧିକ ଶବ୍ଦ ଯୋଗୁଁ ରୋଗୀ, ବୃଦ୍ଧବୃଦ୍ଧା ଓ ଶିଶୁମାନେ ମଧ୍ୟ ଅସୁବିଧାର ସମ୍ମୁଖୀନ ହୁଅନ୍ତି। ବାଣ ଫୁଟିବା ପରେ ରାସ୍ତାଘାଟରେ ଜମା ହେଉଥିବା ଆବର୍ଜନା ମଧ୍ୟ ଆଉ ଏକ ସମସ୍ୟା। ବ୍ୟକ୍ତିଗତ ସ୍ୱାର୍ଥ ଓ ମନୋରଞ୍ଜନ ପାଇଁ ଆମେ ପରିବେଶକୁ ଧ୍ୱଂସମୁଖକୁ ଠେଲି ଦେଉଛୁ। ତେଣୁ ବର୍ତ୍ତମାନ ସମୟରେ କେବଳ ଜଣେ କିମ୍ବା ଦୁଇଜଣ ନୁହେଁ, ବରଂ ପ୍ରଦୂଷଣ ମୁକ୍ତ ଦୀପାବଳି ପାଳନ କରିବା ସମଗ୍ର ସମାଜର ଏକ ସାମୂହିକ ସଂକଳ୍ପ ହେବା ନିତାନ୍ତ ଆବଶ୍ୟକ।ବାଣରୁ ବାହାରୁଥିବା ବିଷାକ୍ତ କାର୍ବନ, ସଲଫର ଓ ସୀସା ବାୟୁମଣ୍ଡଳକୁ ଦୂଷିତ କରିବା ସହ ଶ୍ୱାସକ୍ରିୟା ଜନିତ ସମସ୍ୟା, ହୃଦଘାତ ଓ ଆଖି ରୋଗ ସୃଷ୍ଟି କରିଥାଏ। ଯେତେବେଳେ ସମାଜର ପ୍ରତ୍ୟେକ ବ୍ୟକ୍ତି, ଗାଁ, ସହର ଏବଂ ଅନୁଷ୍ଠାନ ଏକାଠି ହୋଇ ଏହା ବିରୁଦ୍ଧରେ ସଂକଳ୍ପ ନେବେ, ସେତେବେଳେ ଯାଇ ଆମେ ବାୟୁମଣ୍ଡଳକୁ ସ୍ୱଚ୍ଛ ରଖିପାରିବା। ଦିଲ୍ଲୀରେ ବାୟୁ ଗୁଣବତ୍ତା ଅତି ଭୟଙ୍କର ସ୍ଥିତିରେ ପହଞ୍ଚିଛି।ସମଗ୍ର ଦିଲ୍ଲୀର ବାୟୁ ଗୁଣବତ୍ତା ସୂଚକାଙ୍କ (ଏକ୍ୟୁଆଇ) ୪୮୨ ରେକର୍ଡ କରାଯାଇଛି, ଯାହାକି ଏକ ଗମ୍ଭୀର ପରିସ୍ଥିତି ଅଟେ।କେନ୍ଦ୍ରୀୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ (ସିପିସିବି) ର ତଥ୍ୟ ଅନୁଯାୟୀ, ସହରର ୭ଟି ପ୍ରମୁଖ ମନିଟରିଂ ଷ୍ଟେସନରେ 'ଏକ୍ୟୁଆଇ' ୪୦୦ରୁ ଉପରେ ରହିଛି।ଦୀପାବଳି ପରେ ସ୍ଥିତି ଆହୁରି ଜଟିଳ ହେବାର ସମ୍ଭାବନା ରହିଛି।କେବଳ ଦିଲ୍ଲୀ ନୁହେଁ ବଡ଼ ବଡ଼ ସହର ମଧ୍ୟ ବାୟୁ ପ୍ରଦୂଷଣ ଜାଲରେ ଛନ୍ଦି ହେଉଛନ୍ତି।ତେଣୁ ସାମ୍ପ୍ରତିକ ସମୟରେ 'ପ୍ରଦୂଷଣ ମୁକ୍ତ ଦୀପାବଳି' ବା 'ସବୁଜ ଦୀପାବଳି' ପାଳନ କରିବା ସବୁଠାରୁ ବଡ଼ ଆବଶ୍ୟକତା ହୋଇପଡ଼ିଛି। ପରିବେଶ ପ୍ରଦୂଷଣ ହେବ ନାହିଁ ବା କମ୍ ପ୍ରଦୂଷଣ ହେବ ତାହା ହିଁ ସବୁଜ ଦୀପାବଳି। ଅତିରିକ୍ତ ଧୂଆଁ ଏବଂ ଶବ୍ଦ ସୃଷ୍ଟିକାରୀ ବାଣ ବ୍ୟବହାରକୁ ସୀମିତ କରିବା ଏବଂ ଉତ୍ସବ ପରେ ବର୍ଜ୍ୟବସ୍ତୁକୁ ଠିକ୍ ଭାବରେ ସଫା କରିବା ଉଚିତ।ସମସ୍ତେ ସରକାରୀ ନିୟମ ଅନୁଯାୟୀ କେବଳ ସୀମିତ ସମୟ ପାଇଁ କମ୍ ପ୍ରଦୂଷଣକାରୀ 'ସବୁଜ ବାଣ' ବ୍ୟବହାର କରିବା ଉଚିତ। ଏହି ପର୍ବରେ ବିଭିନ୍ନ ପ୍ରକାର ବାଣ ଫୁଟାଯାଇଥାଏ। ଆଲୋକ ଏବଂ ଶବ୍ଦର ମାହୋଲ ସିନା ମନକୁ କ୍ଷଣିକ ଆନନ୍ଦ ଦିଏ, ହେଲେ ତାହାର କୁପ୍ରଭାବ ପରିବେଶ ଏବଂ ସମାଜ ଉପରେ ପଡ଼ିଥାଏ। ବାଣ ଫୁଟାଇବା ବେଳେ ଅନେକେ ଆହତ ହୋଇଥାଆନ୍ତି। କେତେକେ ଏହାର ରାସାୟନିକ ବାଷ୍ପ ସଂସ୍ପର୍ଶରେ ଆସି ଅସୁସ୍ଥ ଅନୁଭବ କରନ୍ତି। ବିଶେଷଭାବରେ ବାଣର ଶବ୍ଦ ଆମର ଶ୍ରବଣ ଶକ୍ତିକୁ ଅଧିକ ପ୍ରଭାବିତ କରିଥାଏ।ବାଣ ଫୁଟାଇବା ଆଜିକାଲି ଏକ ସଉକ ପାଲଟିଗଲାଣି। ବିଶେଷଭାବରେ ଯୁବପିଢ଼ି ଅଧିକ ଶବ୍ଦ କରୁଥିବା ଏବଂ ଅଧିକ ପ୍ରଦୂଷଣକାରୀ ବାଣ ଆଣି ଫୁଟାଇ ଥାଆନ୍ତି। ହେଲେ ଏହାର କୁପ୍ରଭାବ ସମ୍ପର୍କରେ ଅବଗତ ହେବା ଜରୁରୀ। ଏହି ସମୟରେ ଯଦି ଆମେ ଯଥେଷ୍ଟ ସତର୍କତା ଅବଲମ୍ବନ କରିବା ତେବେ ଏହି ପର୍ବକୁ ବେଶ୍ ଆନନ୍ଦର ସହ ପାଳନ କରିପାରିବା।

ଦୀପାବଳି ହେଉଛି ଅନ୍ଧକାର ଉପରେ ଆଲୋକର ଏବଂ ଅଧର୍ମ ଉପରେ ଧର୍ମର ବିଜୟର ପ୍ରତୀକ। ତେଣୁ ଆମର ଖୁସି ଅନ୍ୟ କାହାର ଦୁଃଖ ବା ଅସୁସ୍ଥତାର କାରଣ ହେବା ଉଚିତ ନୁହେଁ। ପରିବେଶ ସୁରକ୍ଷିତ ରହିଲେ ହିଁ ଆମେ ସୁସ୍ଥ ରହିପାରିବା। ଆସନ୍ତୁ, ଏଥର ଏକ ସଚେତନ ନାଗରିକ ଭାବରେ ପ୍ରଦୂଷଣ ମୁକ୍ତ ଦୀପାବଳି ପାଳନ କରିବା ଏବଂ ପୃଥିବୀକୁ ସବୁଜ ଓ ସୁନ୍ଦର ରଖିବା ପାଇଁ ସଂକଳ୍ପ ନେବା। ଆଲୋକର ଏହି ପର୍ବ ଯେପରି କାହାର ଜୀବନରେ ପ୍ରଦୂଷଣର ଅନ୍ଧକାର ନ ଆଣେ, ସେଥିପ୍ରତି ଆମକୁ ସଚେତନ ହେବାକୁ ପଡ଼ିବ। ଏଣୁ ଆସନ୍ତୁ ଆମେ ସମସ୍ତେ ସଂକଳ୍ପ ନେବା-"ବାଣ ନୁହେଁ, ଦୀପ ଜଳାଇବା; ସବୁଜ ଦୀପାବଳି ମନାଇବା।"ଆମର କ୍ଷଣିକ ସୁଖ ପାଇଁ ପ୍ରକୃତି ମାତାକୁ କଷ୍ଟ ଦେବା ଆଦୌ ଉଚିତ ନୁହେଁ। ପରିବେଶ ସୁରକ୍ଷିତ ରହିଲେ ହିଁ ମାନବ ସମାଜ ସୁରକ୍ଷିତ ରହିବ। ତେଣୁ ଆସନ୍ତୁ, ଜାତି, ଧର୍ମ, ବର୍ଣ୍ଣ ନିର୍ବିଶେଷରେ ଆମେ ସମସ୍ତେ ହାତ ମିଳାଇ ଏକ ସାମୂହିକ ସଂକଳ୍ପ ନେବା- "ଏଥର ଦୀପାବଳିରେ ବାଣ ନୁହେଁ, ବରଂ ସୁସ୍ଥ ପରିବେଶ ଓ ସଦଭାବନାର ଦୀପ ଜାଳି ସାରା ଜଗତକୁ ଆଲୋକିତ କରିବା।"


ନିମାପଡା, ପୁରୀ
ମୋବାଇଲ୍:୯୭୭୮୧୭୭୫୦୧

ଇ-୨୦ ନୁହେଁ, ୪-ଟ୍ୱେଣ୍ଟି

ବେଙ୍ଗାଲୁରୁ/ନୂଆଦିଲ୍ଲୀ, ୭।୧୧: କର୍ଣ୍ଣାଟକର ୭ଟି ଜିଲ୍ଲାରେ ବିକ୍ରି ହେଉଥିବା ପେଟ୍ରୋଲରେ ନିର୍ଦ୍ଧାରିତ ୨୦ ପ୍ରତିଶତ ସୀମାଠାରୁ ବହୁ ଅଧିକ, ଅର୍ଥାତ୍ ୩୧.୨ ପ୍ରତିଶତ ପର୍ଯ୍ୟନ୍ତ ଇଥାନଲ୍ ମିଶାଯାଉଥିବା ନେଇ ରାଜ୍ୟ ସରକାରଙ୍କ ରିପୋର୍ଟ ସାମ୍ନାକୁ ଆସିବା ପରେ ଦେଶବ୍ୟାପୀ ରାଜନୈତିକ ଝଡ଼ ସୃଷ୍ଟି ହୋଇଛି। ବେଙ୍ଗାଲୁରୁ ସ୍ଥିତ 'ଶ୍ରୀରାମ୍ ରିସର୍ଚ୍ଚ ଇନଷ୍ଟିଚ୍ୟୁଟ୍'ରେ ପରୀକ୍ଷା କରାଯାଇଥିବା ୧୪ଟି ନମୁନା ମଧ୍ୟରୁ ୧୧ଟିରେ ଇଥାନଲ୍ ପରିମାଣ ୨୦ ପ୍ରତିଶତରୁ ଅଧିକ ରହିଥିବା ଜଣାପଡ଼ିଛି। ଇଣ୍ଡିଆନ୍ ଅଏଲ୍‌ର ଗୋଟିଏ ନମୁନାରେ ୩୧.୨ ପ୍ରତିଶତ, ହିନ୍ଦୁସ୍ତାନ ପେଟ୍ରୋଲିୟମ୍‌ର 'ପାୱାର' ପେଟ୍ରୋଲରେ ୩୦.୫ ପ୍ରତିଶତ, ଭାରତ ପେଟ୍ରୋଲିୟମ୍‌ର 'ସ୍ପିଡ୍' ପେଟ୍ରୋଲରେ ୨୬.୫ ପ୍ରତିଶତ ଏବଂ ନାୟରା ଓ ସେଲ୍ ଭଳି ଘରୋଇ କମ୍ପାନୀଗୁଡ଼ିକର ପେଟ୍ରୋଲରେ ମଧ୍ୟ ନିର୍ଦ୍ଧାରିତ ସୀମାଠାରୁ ଅଧିକ ଇଥାନଲ୍ ମିଳିଥିବା କର୍ଣ୍ଣାଟକ ସରକାର ଦାବି କରିଛନ୍ତି। ତେବେ ତୈଳ କମ୍ପାନୀଗୁଡ଼ିକର ନିଜସ୍ୱ ଲ୍ୟାବ୍ ରିପୋର୍ଟରେ ଏହି ଅଧିକ ମାତ୍ରା ବାବଦରେ କୌଣସି ଉଲ୍ଲେଖ ନଥିବା ଜଣାପଡ଼ିଛି।

ଏହି ତଥ୍ୟ ସାମ୍ନାକୁ ଆସିବା ପରେ ଲୋକସଭା ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ କେନ୍ଦ୍ର ସରକାର ଓ ତୈଳ କମ୍ପାନୀଗୁଡ଼ିକୁ ସମାଲୋଚନା କରିଛନ୍ତି। ସୋସିଆଲ ମିଡିଆ 'ଏକ୍ସ'ରେ ପୋଷ୍ଟ କରି ରାହୁଲ କହିଛନ୍ତି ଯେ, କେନ୍ଦ୍ର ସରକାରଙ୍କ ଇ-୨୦ ନୀତି ଏବେ '୪୨୦'ରେ ପରିଣତ ହୋଇଛି, ଯାହା ଗାଡ଼ିଚାଳକଙ୍କ ପକେଟରୁ ସିଧାସଳଖ ଖୋଲାଖୋଲି ଚୋରି। ଗ୍ରାହକମାନେ ମହଙ୍ଗା ପେଟ୍ରୋଲ ପାଇଁ ପୂରା ଟଙ୍କା ଗଣୁଥିବାବେଳେ ସେମାନଙ୍କ ଟାଙ୍କିରେ ନିର୍ଦ୍ଧାରିତ ସୀମାରୁ ଅଧିକ ଇଥାନଲ୍ ଭରି ଦିଆଯାଉଛି। ଅଧିକ ଇଥାନଲ୍ ମିଶ୍ରଣ ଯୋଗୁଁ ଗାଡ଼ିର ମାଇଲେଜ୍ କମିବା, ଇଞ୍ଜିନ୍ ଖରାପ ହେବା ଓ ବାରମ୍ବାର ମେକାନିକ ନିକଟକୁ ଦୌଡ଼ିବା ଫଳରେ ଦେଶର ଉପଭୋକ୍ତାମାନେ ବାର୍ଷିକ ପ୍ରାୟ ୧.୦୧ ଲକ୍ଷ କୋଟି ଟଙ୍କାର ଅଦୃଶ୍ୟ ଆର୍ଥିକ ବୋଝ ସହିବାକୁ ବାଧ୍ୟ ହେଉଛନ୍ତି ବୋଲି ସେ ଅଭିଯୋଗ କରିଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ସିଧାସଳଖ ପ୍ରଶ୍ନ କରି ରାହୁଲ ପଚାରିଛନ୍ତି ଯେ, ନିର୍ଦ୍ଧାରିତ ସୀମାରୁ ଅଧିକ ଇଥାନଲ୍ ମିଶାଉଥିବା କମ୍ପାନୀଗୁଡ଼ିକ ଉପରେ କେନ୍ଦ୍ର ସରକାର କେବେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ ଏବଂ ଏହି ନୀତିର ପ୍ରକୃତ ଲାଭାର୍ଥୀ କିଏ?

ଅନ୍ୟପକ୍ଷରେ, ତିନୋଟି ଯାକ ସରକାରୀ ତୈଳ ବିପଣନ କମ୍ପାନୀ (ଆଇଓସିଏଲ୍, ବିପିସିଏଲ୍, ଏଚପିସିଏଲ୍) ଏକ ମିଳିତ ବିବୃତି ଜାରି କରି କର୍ଣ୍ଣାଟକ ସରକାରଙ୍କ ଏହି ଅଭିଯୋଗକୁ ସମ୍ପୂର୍ଣ୍ଣ ରୂପେ ପ୍ରତ୍ୟାଖ୍ୟାନ କରିଛନ୍ତି। ନମୁନା ସଂଗ୍ରହ ଓ ପରୀକ୍ଷା ପ୍ରକ୍ରିୟା ଆଇନଗତ ଏବଂ ବୈଷୟିକ ନିୟମାନୁସାରେ ହୋଇନଥିବା ଦର୍ଶାଇବା ସହ ଦେଶସାରା ବିକ୍ରି ହେଉଥିବା ଇ୨୦ ପେଟ୍ରୋଲ୍ ଭାରତୀୟ ମାନକ ବ୍ୟୁରୋର ନିୟମାବଳୀ (ଆଇଏସ୍ ୧୭୦୨୧) ଅନୁଯାୟୀ ୧୯ରୁ ୨୧ ପ୍ରତିଶତ ମଧ୍ୟରେ ହିଁ ପ୍ରସ୍ତୁତ କରାଯାଉଛି ବୋଲି ସେମାନେ ସ୍ପଷ୍ଟ କରିଛନ୍ତି।



ମୋଦି ସରକାରଙ୍କୁ ଘେରିଲେ ରାହୁଲ

ବିଜେପି କହିଲା, ଅଭିଯୋଗ ଭିତ୍ତିହୀନ

ବିଜେପି ନେତା ନିଶିକାନ୍ତ ଦୁବେ ଓ ଶାହନୱାଜ ହୁସେନ୍ ରାହୁଲ ଗାନ୍ଧୀଙ୍କ ଅଭିଯୋଗକୁ ସମ୍ପୂର୍ଣ୍ଣ ଭିତ୍ତିହୀନ କହି ପ୍ରତ୍ୟାଖ୍ୟାନ କରିଛନ୍ତି। ଇନ୍ଧନରେ ମିଶ୍ରଣ ଓ ଇଥାନଲ୍ ନୀତିର ମୂଳଦୁଆ ୨୦୧୧ ମସିହାରେ କଂଗ୍ରେସ ନେତୃତ୍ୱାଧୀନ ୟୁପିଏ ସରକାର ସମୟରେ ପଡ଼ିଥିଲା ବୋଲି ମନେପକାଇ ଦେଇ ବିଜେପି ନେତାମାନେ ବିରୋଧୀ ଦଳ ଉପରେ ଗ୍ରାହକଙ୍କ ମଧ୍ୟରେ ଭ୍ରାନ୍ତ ତଥ୍ୟ ଓ ଗୁଜବ ପ୍ରଚାର କରୁଥିବା ଅଭିଯୋଗ ଆଣିଛନ୍ତି। କର୍ଣ୍ଣାଟକ ସରକାର ଏହି ମାମଲାରେ କେନ୍ଦ୍ର ସରକାରଙ୍କଠାରୁ ସ୍ପଷ୍ଟୀକରଣ ଦାବି କରିବା ସହ ପ୍ରତ୍ୟେକ ପେଟ୍ରୋଲ୍ ପମ୍ପରେ ଇଥାନଲ୍ ମିଶ୍ରଣର ପରିମାଣ ସାର୍ବଜନୀନ ଭାବେ ପ୍ରଦର୍ଶନ କରିବାକୁ ଦାବି କରିବା ପରେ ସମଗ୍ର ଦେଶରେ ଇନ୍ଧନ ଗୁଣବତ୍ତା, ଗାଡ଼ି ସୁରକ୍ଷା ଓ ଗ୍ରାହକ ଅଧିକାରକୁ ନେଇ ବିବାଦ ଆରମ୍ଭ ହୋଇଛି।

ସୁନ୍ଦରୀ ନାରୀଙ୍କ ଦେଶ

ବିଶ୍ୱ ତାଲିକାରେ ଭାରତ ତୃତୀୟ



ନୂଆଦିଲ୍ଲୀ, ୭।୧୧: ଦୁନିଆରେ ସବୁଠାରୁ ସୁନ୍ଦର ମହିଳାମାନେ କେଉଁ ଦେଶରେ ରୁହନ୍ତି, ସେନେଇ ପ୍ରକାଶିତ ଏକ ନୂତନ ରାଙ୍କିଙ୍ଗ୍ ବେଶ୍ ଚର୍ଚ୍ଚା ସୃଷ୍ଟି କରିଛି। ଟ୍ରାଭେଲ ପ୍ଲାଟଫର୍ମ 'ମାଇଁଟୁର' ପକ୍ଷରୁ ଜାରି ୨୦ଟି ଦେଶର ତାଲିକାରେ ରୁଷକୁ ପ୍ରଥମ, ଭେନେଜୁଏଲାକୁ ଦ୍ୱିତୀୟ ଓ ଭାରତକୁ ତୃତୀୟ ସ୍ଥାନ ମିଳିଛି। ଆର୍ଜେଣ୍ଟିନା ଚତୁର୍ଥ ଓ ସର୍ବିଆ ପଞ୍ଚମ ସ୍ଥାନରେ ରହିଥିବାବେଳେ ଆମେରିକା ୧୧ଶ ଓ ବ୍ରିଟେନ ୧୩ତମ ସ୍ଥାନରେ ରହିଛି। ରୁଷୀୟ ମହିଳାମାନଙ୍କ ଶାରୀରିକ ବୈଶିଷ୍ଟ୍ୟର ମିଶ୍ରଣ ପାଇଁ ରୁଷକୁ ପ୍ରଥମ ଓ ଅନ୍ତର୍ଜାତୀୟ ସୌନ୍ଦର୍ଯ୍ୟ ପ୍ରତିଯୋଗିତାରେ ସଫଳତା ପାଇଁ ଭେନେଜୁଏଲାକୁ ଦ୍ୱିତୀୟ ସ୍ଥାନ ଦିଆଯାଇଛି। ସେହିପରି ଭାରତର ବିଭିନ୍ନ ସଂସ୍କୃତି, ପୋଷାକ ପରିଚ୍ଛଦ ଓ ଜୀବନଶୈଳୀର ବିବିଧତାକୁ ଆଧାର କରି ଭାରତକୁ ତୃତୀୟ ସ୍ଥାନ ପ୍ରଦାନ କରାଯାଇଛି। ତେବେ ଏହି ରାଙ୍କିଙ୍ଗ୍ ପ୍ରସ୍ତୁତ କରିବା ପାଇଁ କୌଣସି ବୈଜ୍ଞାନିକ ଅଧ୍ୟୟନ କିମ୍ବା ସର୍ବମାନ୍ୟ ମାନଦଣ୍ଡ ଅବଲମ୍ବନ କରାଯାଇ ନାହିଁ। ସୌନ୍ଦର୍ଯ୍ୟ ପ୍ରତ୍ୟେକ ବ୍ୟକ୍ତିଙ୍କ ନିଜସ୍ୱ ଦୃଷ୍ଟିକୋଣ ଓ ପସନ୍ଦ ଉପରେ ନିର୍ଭର କରୁଥିବାରୁ ଏହାକୁ କୌଣସି ସରକାରୀ ତାଲିକା ଭାବରେ ଗ୍ରହଣ କରାଯାଇପାରିବ ନାହିଁ। ବର୍ତ୍ତମାନ ଏହି ତାଲିକା ସୋସିଆଲ ମିଡିଆରେ ବେଶ୍ ଆଲୋଚନାର କେନ୍ଦ୍ରବିନ୍ଦୁ ପାଲଟିଛି।


ବ୍ରିଚ୍ କ୍ୟାଣ୍ଡିରୁ ଡିସଚାର୍ଜ ହେଲେ ଶରଦ ପାୱାର

ମୁମ୍ବାଇ, ୭।୧୧: ନ୍ୟାସନାଲିଷ୍ଟ କଂଗ୍ରେସ ପାର୍ଟି ମୁଖ୍ୟ ଶରଦ ପାୱାରଙ୍କୁ ଛାତି ଓ ଶ୍ୱାସକ୍ରିୟା ସଂକ୍ରମଣର ଚିକିତ୍ସା ପରେ ମୁମ୍ବାଇର ବ୍ରିଚ୍ କ୍ୟାଣ୍ଡି ହସ୍ପିଟାଲରୁ ଡିସଚାର୍ଜ କରାଯାଇଛି। ୮୪ ବର୍ଷୀୟ ଶରଦ ପାୱାରଙ୍କ ସ୍ୱାସ୍ଥ୍ୟାବସ୍ଥାରେ ଏବେ ଯଥେଷ୍ଟ ଉନ୍ନତି ଦେଖାଯାଇଛି। ଡାକ୍ତରମାନେ ତାଙ୍କୁ ବର୍ତ୍ତମାନ ପାଇଁ ଘରେ ବିଶ୍ରାମ ନେବାକୁ ତଥା ଚିକିତ୍ସା ଜାରି ରଖିବାକୁ ପରାମର୍ଶ ଦେଇଛନ୍ତି। ବ୍ରିଚ୍ କ୍ୟାଣ୍ଡି ହସ୍ପିଟାଲର ବରିଷ୍ଠ ଡାକ୍ତର ଡାକ୍ତର ପ୍ରତୀତ ସମଦାନୀ ଶରଦ ପାୱାରଙ୍କ ସ୍ୱାସ୍ଥ୍ୟାବସ୍ଥା ବିଷୟରେ ବିସ୍ତୃତ ସୂଚନା ପ୍ରଦାନ କରି ତାଙ୍କ ମେଡିକାଲ୍ ବୁଲେଟିନ୍ ସେୟାର କରି କହିଛନ୍ତି, ଶରଦ ପାୱାରଙ୍କୁ ସମ୍ପୂର୍ଣ୍ଣ ସ୍ଥିର ଅବସ୍ଥାରେ ହସ୍ପିଟାଲରୁ ଡିସଚାର୍ଜ କରାଯାଇଛି। ସେ ଏବେ ତାଙ୍କ ବାସଭବନରେ ତାଙ୍କର ଔଷଧ ଓ ଅନ୍ୟାନ୍ୟ ଆରୋଗ୍ୟ ସମ୍ବନ୍ଧୀୟ ଚିକିତ୍ସା ଜାରି ରଖିବେ।



କଲେଜ ଛାତ୍ରଛାତ୍ରୀଙ୍କୁ ମାଗଣା ଲାପଟପ୍

ଚେନ୍ନାଇ, ୭।୧୧: କଲେଜ ଛାତ୍ରଛାତ୍ରୀଙ୍କ ପାଇଁ ମାଗଣା ଲାପଟପ୍ ଯୋଜନା ଲାଗୁ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି ତାମିଲନାଡୁ ମୁଖ୍ୟମନ୍ତ୍ରୀ ସି. ଜୋସେଫ୍ ବିଜୟ। ଏହି ଯୋଜନାର ନାମ 'ଭେଟ୍ରି ଲାପଟପ୍ ଯୋଜନା' ରଖାଯାଇଛି। ଏଥିପାଇଁ ଟିଭିକେ ସରକାର ୨,୦୦୦ କୋଟି ଟଙ୍କାର ବଜେଟ୍ ବ୍ୟବସ୍ଥା କରିଛନ୍ତି। ୨୦୨୬-୨୭ ଆର୍ଥିକ ବର୍ଷର ବଜେଟ୍‌ରେ ଏହି ଯୋଜନା ଘୋଷଣା କରାଯାଇଥିଲା। ଶନିବାର ଟିଭିକେ ସରକାର ଏହି ଯୋଜନାର କାର୍ଯ୍ୟକାରିତା ନେଇ ସୂଚନା ଦେଇଛନ୍ତି। ଯୋଜନାକୁ ସଠିକ୍ ଭାବେ ଲାଗୁ କରିବା ପାଇଁ ମୁଖ୍ୟମନ୍ତ୍ରୀଙ୍କ ନେତୃତ୍ୱରେ ଏକ ଉଚ୍ଚସ୍ତରୀୟ କମିଟି ଗଠନ କରାଯିବ। ସରକାରଙ୍କ ଏକ ସରକାରୀ ବିଜ୍ଞପ୍ତି ଅନୁଯାୟୀ, ମେଡିକାଲ, କୃଷି ଓ ଆଇନ ସମେତ ବିଭିନ୍ନ ପାଠ୍ୟକ୍ରମରେ ସରକାରୀ ଏବଂ ସରକାରୀ ଅନୁଦାନପ୍ରାପ୍ତ କଲେଜରେ ପଢୁଥିବା ସ୍ନାତକ (ୟୁଜି) ଓ ଡିପ୍ଲୋମା ପ୍ରଥମ ଓ ଦ୍ୱିତୀୟ ବର୍ଷର ଛାତ୍ରଛାତ୍ରୀ ଏହାର ଲାଭ ପାଇବେ। ଭେଟ୍ରି ଲାପଟପ୍ ଯୋଜନାରେ କଳା, ବିଜ୍ଞାନ, ଇଞ୍ଜିନିୟରିଂ, ମେଡିକାଲ, ପ୍ରାଣୀ ଚିକିତ୍ସା ବିଜ୍ଞାନ, କୃଷି, ମତ୍ସ୍ୟ ବିଜ୍ଞାନ ଓ ଆଇନ ଭଳି ପାଠ୍ୟକ୍ରମର ଛାତ୍ରଛାତ୍ରୀ ସାମିଲ ହେବେ। ଏହା ବ୍ୟତୀତ ପଲିଟେକ୍ନିକ୍ ଓ ଆଇଟିଆଇରେ ପଢୁଥିବା ଛାତ୍ରଛାତ୍ରୀ ମଧ୍ୟ ମାଗଣା ଲାପଟପ୍ ପାଇବେ।



ଗୁପ୍‌ଚୁପ୍ ଲୋଭ ଦେଖାଇ ଜଘନ୍ୟକାଣ୍ଡ

ଲକ୍ଷ୍ନୌ, ୭।୧୧: ଉତ୍ତର ପ୍ରଦେଶର ବୁଲନ୍ଦସହରରେ ଜଣେ ଦୁର୍ବୃତ୍ତ ଗୁପ୍‌ଚୁପ୍ ଲୋଭ ଦେଖାଇ ଜଣେ ୮ ବର୍ଷର ଝିଅକୁ ଘରୁ ବାହାରକୁ ନେଇ ତା'ସହିତ ଦୁଷ୍କର୍ମ କରିବା ପରେ ଲୁହାରଡ଼ରେ ମୁଣ୍ଡକୁ ପିଟି ହତ୍ୟା କରିଛି। ଶୁକ୍ରବାର ଏହି ଘଟଣା ଘଟାଇବା ପରେ ଅଭିଯୁକ୍ତ ଫେରାର୍ ହୋଇଯାଇଛି। ଅପରାହ୍ଣରେ ଶିଶୁଟି ନିଖୋଜ ହେବା ପରେ ପରିବାର ଲୋକ ତାକୁ ଖୋଜାଖୋଜି କରି ପାଇନଥିଲେ। ପରେ ସେମାନେ ପୁଲିସରେ ଅଭିଯୋଗ କରିଥିଲେ। ପୁଲିସ ତୁରନ୍ତ ତଲାସି ଆରମ୍ଭ କରିଥିଲା ଓ ରାତି ୨ଟାରେ ଶିଶୁଟିର ମୃତଦେହ ପାଇଥିଲା। ମୁଣ୍ଡରେ ଆଘାତ ଥିବା ଦେଖିବାକୁ ମିଳିଥିଲା। ଅଭିଯୋଗ ଆଧାରରେ ସିକନ୍ଦରାବାଦ ଥାନାରେ ଏକ ମାମଲା ରୁଜୁ କରାଯାଇଛି। ଅଭିଯୁକ୍ତ ରବି କଶ୍ୟପ ଝିଅଟିର ବାପା କାମ କରୁଥିବା ଫ୍ୟାକ୍ଟ୍ରିରେ କାମ କରୁଥିଲା। ଉଭୟ ପରିବାର ଗୋଟିଏ କୋଠାରେ ଭଡ଼ା ଘରେ ରହୁଥିଲେ। ପୁଲିସ ଘଟଣା ସମ୍ପର୍କରେ ତାଙ୍କ ସ୍ତ୍ରୀଙ୍କୁ ପଚରାଉଚରା କରୁଛି ଓ ତାଙ୍କୁ ଗିରଫ କରିବା ପାଇଁ ସନ୍ଦିଗ୍ଧ ସ୍ଥାନରେ ଚଢ଼ାଉ କରୁଛି।




ଇମର୍ଜେନ୍ସି ପାଇଁ ଅନୁତାପ କରିଥିଲେ ଇନ୍ଦିରା

ନୂଆଦିଲ୍ଲୀ, ୭।୧୧: କଂଗ୍ରେସ ସଂସଦୀୟ ଦଳର ଅଧ୍ୟକ୍ଷା ସୋନିଆ ଗାନ୍ଧୀଙ୍କ ପୁସ୍ତକ 'ବିଲଙ୍ଗିଙ୍ଗ: ଏ ଜର୍ଣ୍ଣି ଅଫ ଲଭ' ନିକଟରେ ସାମ୍ନାକୁ ଆସିଛି। ଏହି ପୁସ୍ତକରେ ସେ ଦେଶରେ ଲାଗୁ ହୋଇଥିବା ଇମର୍ଜେନ୍ସି ବିଷୟରେ ଉଲ୍ଲେଖ କରିଛନ୍ତି।

ସୋନିଆ କହିଛନ୍ତି, ଜରୁରୀକାଳୀନ ପରିସ୍ଥିତି ପରେ ହିଁ ସେହି ସମୟରେ କ'ଣ ସବୁ ଘଟୁଥିଲା ଓ ପରିସ୍ଥିତି କେତେ ଗମ୍ଭୀର ଥିଲା, ତାହା ସେ ପ୍ରତ୍ୟକ୍ଷ କରିଛନ୍ତି। ସେହି ସମୟରେ ଗଣତାନ୍ତ୍ରିକ ଅଧିକାରକୁ ସୀମିତ କରାଯାଇଥିଲା।

ସୋନିଆ ଆହୁରି ଲେଖିଛନ୍ତି ଯେ, ସେହି ସମୟକୁ ଫେରି ଇନ୍ଦିରା ଗାନ୍ଧୀଙ୍କ ଦୃଷ୍ଟିକୋଣରୁ ଘଟଣାଗୁଡ଼ିକୁ ଦେଖିଲେ ତାଙ୍କୁ ଲାଗେ ଯେ ଇନ୍ଦିରା ଦ୍ରୁତଗତିରେ ବିଗିଡ଼ି ଯାଉଥିବା ପରିସ୍ଥିତି ସହ ଲଢୁଥିଲେ। ଇନ୍ଦିରା ଗାନ୍ଧୀ ନିଜେ ପରିସ୍ଥିତିକୁ ବୁଝିଥିଲେ ଓ ମାର୍ଚ୍ଚ ୧୯୭୭ରେ ନିର୍ବାଚନ କରାଇବାକୁ ନିଷ୍ପତ୍ତି ନେଇଥିଲେ। ପରବର୍ତ୍ତୀ ସମୟରେ ଇନ୍ଦିରା ଗାନ୍ଧୀ ସାର୍ବଜନୀନ ଭାବେ ନିଜର ନିଷ୍ପତ୍ତିକୁ ନେଇ ଅନୁତାପ ପ୍ରକାଶ କରିଥିଲେ ଓ ଜରୁରୀକାଳୀନ ସମୟରେ ହୋଇଥିବା ଅତ୍ୟାଚାର ପାଇଁ କ୍ଷମା ମଧ୍ୟ ମାଗିଥିଲେ।

ବିଲଙ୍ଗିଙ୍ଗରେ ଖୁଲାସା କଲେ ସୋନିଆ



ଗ୍ୟାଙ୍ଗଷ୍ଟରର ହ୍ୟାରି ବକ୍ସର ଗିରଫ


■ ସଲମାନ ଓ କପିଲ ଶର୍ମାଙ୍କୁ ଦେଇଥିଲା ଧମକ

ୱାଶିଂଟନ, ୭।୧୧: ଲରେନ୍ସ ବିଶ୍ନୋଇର ଘନିଷ୍ଠ ସହଯୋଗୀ ହ୍ୟାରି ବକ୍ସରକୁ ଆମେରିକାରେ ଗିରଫ କରାଯାଇଛି। ସ୍ପେଶାଲ୍ ସେଲ୍‌ରୁ ମିଳିଥିବା ସୂଚନା ଆଧାରରେ ସେ କାଲିଫର୍ନିଆରେ ଗିରଫ ହୋଇଛି। ଏହି ଗିରଫଦାରୀ ପରେ ଲରେନ୍ସ ଗ୍ୟାଙ୍ଗକୁ ଏକ ଧକ୍କା ଲାଗିଛି। ଆମେରିକାରେ ରହିବା ସମୟରେ ହ୍ୟାରି ମୁମ୍ବାଇରେ ସଲମାନ ଖାନ ଓ ରୋହିତ ଶେଟ୍ଟୀଙ୍କ ପରି ସେଲିବ୍ରିଟିଙ୍କୁ ଧମକ ଦେଇଥିଲା ଓ କାନାଡ଼ାରେ କପିଲ ଶର୍ମାଙ୍କ କାଫେରେ ଗୁଳିକାଣ୍ଡ ମଧ୍ୟ କରିଥିଲା। ମୂଳତଃ ରାଜସ୍ଥାନର କୋଟପୁଟଲି-ବେହରର ଜିଲ୍ଲାର ବାଂସୁର ତହସିଲର ଏକ ଛୋଟ ଗାଁ ଚତରପୁରା ଆଡ଼ି ଗେଲିରୁ ସେ କିଛି ବର୍ଷ ପୂର୍ବରୁ ପଳାୟନ କରି ବିଦେଶ ଆସିଥିଲା। ହ୍ୟାରି ବକ୍ସରର ପ୍ରକୃତ ନାମ ହରଚାନ୍ଦ। ବକ୍ସିଂ ପ୍ରତି ତା'ର ପ୍ରବଳ ଆଗ୍ରହ ରହିଛି। ଅପରାଧ ଜଗତରେ ପ୍ରବେଶ କରିବା ପରେ ସେ ହ୍ୟାରି ବକ୍ସର ଭାବରେ ପରିଚିତ ହୋଇଥିଲା। ହ୍ୟାରି ଆମେରିକାରେ ରହି ଲରେନ୍ସ ବିଷ୍ଣୋଇ ଗ୍ୟାଙ୍ଗ ପରିଚାଳନା କରୁଥିଲା। ରୋହିତ ଶେଟ୍ଟୀଙ୍କ ଘର ବାହାରେ ହୋଇଥିବା ଗୁଳିକାଣ୍ଡ ପାଇଁ ସେ ନିଜକୁ ଦାୟୀ କରିଥିଲା।



■ ୬୦ ଦିନର ଶୋଇବା ଇଣ୍ଟର୍ନସିପ୍

୨ ଲକ୍ଷ ପ୍ରତିଯୋଗୀଙ୍କୁ ହରାଇଲେ ଜିନିୟା



ମୁମ୍ବାଇ, ୭।୧୧: ବର୍ତ୍ତମାନ କର୍ମମୟ ଜୀବନରେ ଅନେକ ଲୋକ ନିଦ୍ରାହୀନତାର ଶିକାର ହେଉଛନ୍ତି। ଶାନ୍ତିରେ ଶୋଇବା ବି ଅନେକଙ୍କ ପାଇଁ ଏକ କଷ୍ଟକର ବ୍ୟାପାର ପାଲଟିଛି। ଏଭଳି ସ୍ଥିତିରେ ଜଣେ ମହିଳା ଶୋଇବାର ସବୁ ରେକର୍ଡ ଭାଙ୍ଗିଛନ୍ତି। ୬୦ ଦିନ ଭଲରେ ଶୋଇବା ଲାଗି ତାଙ୍କୁ ୯ ଲକ୍ଷ ୬୦ ହଜାର ଟଙ୍କା ଓ ବିଦେଶ ଭ୍ରମଣ ପାଇଁ ମାଗଣା ଟିକେଟ୍ ମିଳିଛି। ମୁମ୍ବାଇର ଜିନିୟା ଚାଟାର୍ଜୀ ୬୦ ଦିନ ଧରି ଭଲ ଭାବରେ ଶୋଇ ଏକ ସ୍ୱତନ୍ତ୍ର ଇଣ୍ଟର୍ନସିପ୍ ଜିତିବା ସହ ୯.୬ ଲକ୍ଷ ଟଙ୍କା ଓ ମାଗଣାରେ ବିଦେଶରେ ବୁଲିବାକୁ ଅଫର ପାଇଛନ୍ତି। 'ୱେକଫିଟ୍' କମ୍ପାନୀ ଦ୍ୱାରା ଆୟୋଜିତ ହୋଇଥିବା 'ସ୍ଲିପ୍ ଇଣ୍ଟର୍ନସିପ୍' ର ପଞ୍ଚମ ସଂସ୍କରଣରେ ସେ ଏହି ବଡ଼ ସଫଳତା ହାସଲ କରିଛନ୍ତି। ଏହି ସ୍ୱତନ୍ତ୍ର ଦୁଇ ମାସିଆ ପ୍ରତିଯୋଗିତା ପାଇଁ ସାରା ଭାରତରୁ ୨ ଲକ୍ଷରୁ ଅଧିକ ଆବେଦନ ପତ୍ର ଆସିଥିଲା। ଯେଉଁଥିରୁ ମାତ୍ର ୧୦ ଜଣ ପ୍ରତିଯୋଗୀଙ୍କୁ ବଛାଯାଇଥିଲା। ଏହି ଇଣ୍ଟର୍ନସିପ୍‌ର ମୂଳ ଲକ୍ଷ୍ୟ ଅତି ସହଜ ଓ ରୋଚକ ଥିଲା।

ଦମ୍ ଅଛି ତ ବୁଲଡୋଜର ଚଢ଼ାଅ

କୋଲକାତା/ନୂଆଦିଲ୍ଲୀ, ୭।୧୧: ପଶ୍ଚିମବଙ୍ଗରେ ରାଜନୈତିକ ହିଂସା ଚରମ ସୀମାରେ ପହଞ୍ଚିଥିବାବେଳେ ତୃଣମୂଳ କଂଗ୍ରେସ (ଟିଏମ୍‌ସି) ସାଂସଦ ଅଭିଷେକ ବାନାର୍ଜୀଙ୍କ କାଳୀଘାଟସ୍ଥିତ ବାସଭବନ ଉପରେ ହୋଇଥିବା ଆକ୍ରମଣକୁ ନେଇ ରାଜ୍ୟରେ ବିସ୍ଫୋରକ ପରିସ୍ଥିତି ସୃଷ୍ଟି ହୋଇଛି। ଶନିବାର ଭୋର ପ୍ରାୟ ୨ଟା ସମୟରେ ବିଜେପି ସମର୍ଥିତ ଦୁର୍ବୃତ୍ତମାନେ ତାଙ୍କ ଘର ଉପରେ ଆକ୍ରମଣ କରିଛନ୍ତି ବୋଲି ଅଭିଷେକ ଅଭିଯୋଗ କରିବା ସହ ଏହାକୁ ଗତ ଛଅ ମାସ ମଧ୍ୟରେ ତାଙ୍କୁ ହତ୍ୟା କରିବାର ସପ୍ତମ ଉଦ୍ୟମ ବୋଲି ଦର୍ଶାଇଛନ୍ତି।



ବିଜେପିକୁ ମମତାଙ୍କ ଚ୍ୟାଲେଞ୍ଜ

ଏହି ଘଟଣାକୁ ନେଇ କ୍ଷିପ୍ର ହୋଇପଡ଼ିଥିବା ପଶ୍ଚିମବଙ୍ଗର ପୂର୍ବତନ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ବିଜେପିକୁ କଡ଼ା ସମାଲୋଚନା କରିଛନ୍ତି। ସେ ଚେତାବନୀ ଦେଇଛନ୍ତି, ତୁମ ପାଖରେ କେତେ ବୁଲଡୋଜର ଅଛି ଆଣ, ମୁଁ ତୁମ ସାମ୍ନାରେ ଛିଡ଼ା ହୋଇଛି। ମୋ ଛାତି ଉପରେ ବୁଲ୍ଡୋଜର ଚଢ଼ାଇ ଦେଖାଅ। ମୁଁ ବି ଦେଖିବି ଯେ ତୁମେ କେତେ ସାହସୀ।

ସୂଚନା ଅନୁଯାୟୀ, ଅଭିଷେକଙ୍କ କାଳୀଘାଟସ୍ଥିତ ଘର ବାହାରେ ବିଜେପି ସମର୍ଥକମାନେ ଏକଜୁଟ୍ ହୋଇ 'ଚୋର' ସ୍ଲୋଗାନ ଦେବାରୁ ଉତ୍ତେଜନା ଆରମ୍ଭ ହୋଇଥିଲା। ଏହାର ଜବାବରେ ସେଠାରେ ଉପସ୍ଥିତ ଟିଏମ୍‌ସି ସମର୍ଥକମାନେ ମଧ୍ୟ ପାଲଟା ସ୍ଲୋଗାନ ଦେଇଥିଲେ। ପରେ ଉଭୟ ଗୋଷ୍ଠୀ ମଧ୍ୟରେ ମାରପିଟ୍ ଓ ପଥରମାଡ଼ ହୋଇଥିଲା। ଘଟଣାସ୍ଥଳ ପରିଦର୍ଶନ କରିବା ପରେ ଏକ ସାମ୍ବାଦିକ ସମ୍ମିଳନୀରେ ମମତା ବାନାର୍ଜୀ କାଳୀଘାଟରେ କାଳୀ ପୂଜା ପାଳନରେ ବିଜେପି ଜାଣିଶୁଣି ସମସ୍ୟା ସୃଷ୍ଟି କରୁଥିବା ଅଭିଯୋଗ ଆଣିଛନ୍ତି। ଅନ୍ୟପକ୍ଷରେ, ଟିଏମ୍‌ସିର ଏହି ସମସ୍ତ ଅଭିଯୋଗକୁ ଖଣ୍ଡନ କରି ପଶ୍ଚିମବଙ୍ଗ ସରକାରଙ୍କ ମନ୍ତ୍ରୀ ଦିଲୀପ ଘୋଷ କହିଛନ୍ତି ଯେ କ୍ଷମତା ହାତରୁ ଖସିଯିବାକୁ ବସିଲେ ଏଭଳି ଭିତ୍ତିହୀନ ଅଭିଯୋଗ କରାଯାଇଥାଏ। ଖବର ପାଇ କୋଲକାତା ପୁଲିସ ଘଟଣାସ୍ଥଳରେ ପହଞ୍ଚି ପରିସ୍ଥିତିକୁ ନିୟନ୍ତ୍ରଣକୁ ଆଣିଥିବାବେଳେ ବର୍ତ୍ତମାନ ପୁଲିସ ପକ୍ଷରୁ ସମଗ୍ର ଘଟଣାର କଡ଼ା ତଦନ୍ତ କରାଯାଉଛି।

● କୋଚି ପାଲଟିଲା 'ଯନ୍ତର ମନ୍ତର'

ଏସ୍‌ଆଇଆର୍ ବିରୋଧରେ ସିଜେପିର ପ୍ରତିବାଦ

କୋଚି, ୭।୧୧: 'କୋଚିରେ ଯନ୍ତର ମନ୍ତର' ଅଭିଯାନର ଅଂଶ ସ୍ୱରୂପ କକ୍ରୋଚ ଜନତା ପାର୍ଟି (ସିଜେପି) ଦ୍ୱାରା ଆୟୋଜିତ ଏକ ପ୍ରତିବାଦ ରାଲି ଶନିବାର କୋଚିର ମାରିନ୍ ଡ୍ରାଇଭରେ ଆରମ୍ଭ ହୋଇଥିଲା, ଯେଉଁଥିରେ ପ୍ରାୟ ୫୦୦ କର୍ମୀ ଅଂଶଗ୍ରହଣ କରିଥିଲେ। ରାଲିର ନେତୃତ୍ୱ ଅଭିନେତା ପ୍ରକାଶ ରାଜ ନେଇଥିଲେ। ସେ ଭୋଟର ତାଲିକାର ସ୍ୱତନ୍ତ୍ର ସଘନ ସଂଶୋଧନ (ଏସ୍‌ଆଇଆର୍) ରଦ୍ଦ କରିବା ଓ ମୁଖ୍ୟ ନିର୍ବାଚନ କମିସନର (ସିଇସି) ଜ୍ଞାନେଶ କୁମାରଙ୍କ ଇସ୍ତଫା ଦାବି କରିଥିଲେ। ସିଜେପି ପ୍ରତିଷ୍ଠାତା ଅଭିଜିତ ଦୀପ୍‌କେ ଏହି ପ୍ରତିବାଦରେ ଯୋଗଦେବାକୁ କେରଳ ଗସ୍ତ କରିଥିଲେ। କୋଚିନ୍ ଅନ୍ତର୍ଜାତୀୟ ବିମାନବନ୍ଦରରେ ପହଞ୍ଚିବା ପରେ ସେ କହିଛନ୍ତି, ଦେଶରେ ଏକ ସ୍ୱାଧୀନ ଓ ନିରପେକ୍ଷ ନିର୍ବାଚନ ବ୍ୟବସ୍ଥା ସୁନିଶ୍ଚିତ ନହେବା ପର୍ଯ୍ୟନ୍ତ ଜ୍ଞାନେଶ କୁମାରଙ୍କ ବିରୋଧରେ ସିଜେପିର ଅଭିଯାନ ଜାରି ରହିବ। ବିମାନବନ୍ଦରରେ ସାମ୍ବାଦିକମାନଙ୍କ ସହିତ କଥାବାର୍ତ୍ତାବେଳେ ଦୀପ୍‌କେ ଅଭିଯୋଗ କରିଥିଲେ ଯେ, ବର୍ତ୍ତମାନର ସିଇସିଙ୍କ ନେତୃତ୍ୱରେ ଅନୁଷ୍ଠିତ ହେଉଥିବା ନିର୍ବାଚନ ଉପରେ ବିଶ୍ୱାସ କରାଯାଇପାରିବ ନାହିଁ। ଏହି ନିର୍ବାଚନ କେବଳ ଗୋଟିଏ ରାଜନୈତିକ ଦଳକୁ ଲାଭ ପହଞ୍ଚାଇବା ଲକ୍ଷ୍ୟରେ କରାଯାଉଛି ଓ ଆମ ପାଖରେ ଏହାର ଅନେକ ଉଦାହରଣ ରହିଛି। କେରଳରେ ସର୍ବାଧିକ ସଂଖ୍ୟକ ପଞ୍ଜୀକୃତ ସିଜେପି ସଦସ୍ୟ ଥିବା ଦାବିକରି ଦୀପକେ ମଧ୍ୟ ବିଶ୍ୱାସ ପ୍ରକାଶ କରିଥିଲେ ଯେ, ପ୍ରତିବାଦରେ ବହୁ ସଂଖ୍ୟକ ଯୁବକ ଯୁବତୀ ଅଂଶଗ୍ରହଣ କରିବେ। ଡେମୋକ୍ରାଟିକ୍ ୟୁଥ୍ ଫେଡେରେସନ୍ ଅଫ୍ ଇଣ୍ଡିଆ (ଡିୱାଇଏଫ୍‌ଆଇ)ର ରାଜ୍ୟ ସଭାପତି ଚିନ୍ତା ଜେରୋମ୍ ମଧ୍ୟ ପଦଯାତ୍ରାରେ ଯୋଗ ଦେଇଥିଲେ।




କୃତ୍ରିମ ବର୍ଷାର ବିପଦକୁ ନେଇ ବିଶେଷଜ୍ଞଙ୍କ ଚେତାବନୀ

ପ୍ରଦୂଷଣ ହଟାଇବାକୁ କ୍ଲାଉଡ୍ ସିଡିଂ କରିବ ଦିଲ୍ଲୀ!

ନୂଆଦିଲ୍ଲୀ, ୭।୧୧: ଦିଲ୍ଲୀରେ ବାୟୁ ପ୍ରଦୂଷଣ ସ୍ଥିତି ଦିନକୁ ଦିନ ଅତି ସାଂଘାତିକ ହେବାରେ ଲାଗିଥିବାବେଳେ ପ୍ରଦୂଷଣରୁ ଅସ୍ଥାୟୀ ଆଶ୍ୱସ୍ତି ପାଇଁ କୃତ୍ରିମ ବର୍ଷା ବା କ୍ଲାଉଡ୍ ସିଡିଂ ପ୍ରକ୍ରିୟାକୁ ନେଇ ପୁଣିଥରେ ଚର୍ଚ୍ଚା ଜୋର ଧରିଛି। ଚୀନ୍‌ରେ ୨୦୧୩ ମସିହାଠାରୁ ପ୍ରାୟ ୨୭ ହଜାର ଥର ଏହି ପ୍ରକ୍ରିୟା କରାଯାଇସାରିଥିବାବେଳେ ଦିଲ୍ଲୀ ସେହି ଅଭିଜ୍ଞତାକୁ ଦୋହରାଇ ପାରିବ କି ନାହିଁ, ତାହାକୁ ନେଇ ଚର୍ଚ୍ଚା ଆରମ୍ଭ ହୋଇଛି। ନଭେମ୍ବର ୫ ତାରିଖରେ ଦିଲ୍ଲୀର ବାୟୁମାନ ସୂଚକାଙ୍କ ୩୬୭ ଛୁଇଁଥିବାବେଳେ ସରକାର ଏହାକୁ ନେଇ ପୁନର୍ବାର ବିଚାର କରୁଛନ୍ତି।

ଏୟାର କ୍ୱାଲିଟି ଲାଇଫ୍ ଇଣ୍ଡେକ୍ସର ପ୍ରତିଷ୍ଠାତା ତଥା ଅର୍ଥନୀତିଜ୍ଞ ମାଇକେଲ୍ ଗ୍ରୀନଷ୍ଟୋନ୍‌ଙ୍କ କହିବା ଅନୁଯାୟୀ, ଚୀନ୍‌ର ଅଭିଜ୍ଞତାରୁ ଜଣାପଡ଼ିଛି ଯେ କ୍ଲାଉଡ୍ ସିଡିଂ ମାଧ୍ୟମରେ ଲକ୍ଷ୍ୟସ୍ଥଳରେ ବର୍ଷା ପରିମାଣ ବଢ଼ାଯାଇପାରିବ, ବାୟୁ ପ୍ରଦୂଷଣ କମାଯାଇପାରିବ ଓ ଅତ୍ୟଧିକ ତାପମାତ୍ରାକୁ ମଧ୍ୟ ହ୍ରାସ କରାଯାଇପାରିବ। କିନ୍ତୁ ଏଥିରେ ଏକ ବିରାଟ ସତ୍ୟ ଲୁଚି ରହିଛି। ମୁଁ ଗୁରୁତ୍ୱର ସହ କହିବାକୁ ଚାହେଁ ଯେ ଏହା ଏକ ସ୍ୱଳ୍ପକାଳୀନ ପଦକ୍ଷେପ ଓ ଏହାଦ୍ୱାରା ଆପଣଙ୍କ ପଡ଼ୋଶୀର କ୍ଷତି ଘଟିବ ବୋଲି ସେ ଚେତାବନୀ ଦେଇଛନ୍ତି। ଚୀନ୍‌ରେ ୨୦୧୩ ମସିହାଠାରୁ ହୋଇଥିବା ପ୍ରାୟ ୨୭, ୦୦୦ କ୍ଲାଉଡ୍ ସିଡିଂ ଅପରେସନରୁ ଜଣାପଡ଼ିଛି ଯେ ଏହି କୌଶଳ ଦ୍ୱାରା ନିର୍ଦ୍ଦିଷ୍ଟ ଅଞ୍ଚଳରେ ବର୍ଷା ବୃଦ୍ଧି ପାଇଥାଏ। ଏହାଦ୍ୱାରା ଅପରେସନ୍‌ର ପ୍ରାୟ ୧୦ ଦିନ ପର୍ଯ୍ୟନ୍ତ ପିଏମ୍ ୨.୫ ପ୍ରଦୂଷଣ ହ୍ରାସ ପାଇବା ସହିତ ତାପମାତ୍ରା ମଧ୍ୟ କମିଥିବା ତଥ୍ୟରୁ ପ୍ରକାଶ ପାଇଛି। କ୍ଲାଉଡ୍ ସିଡିଂ ପ୍ରକ୍ରିୟାରେ ସଲଫର ଆୟୋଡାଇଡ୍ ଭଳି ପଦାର୍ଥକୁ ମେଘରେ ପ୍ରବେଶ କରାଯାଇଥାଏ। ଏହି କଣିକାଗୁଡ଼ିକ ଜଳ କଣିକା କିମ୍ବା ବରଫ ସ୍ଫଟିକକୁ ଗଠନ କରିବାରେ ଓ ବୃଦ୍ଧି ପାଇବାରେ ସାହାଯ୍ୟ କରେ, ଯାହା ଫଳରେ ବର୍ଷା ହେବାର ସମ୍ଭାବନା ସୃଷ୍ଟି ହୁଏ। ଚୀନ୍‌ରେ ସ୍ଥାନୀୟ ସରକାରମାନେ ଏଥିପାଇଁ ବିମାନ ବଦଳରେ ଆଣ୍ଟି-ଏୟାରକ୍ରାଫ୍ଟ, ମିସାଇଲ୍ ଲଞ୍ଚର୍ ବ୍ୟବହାର କରି ମେଘରେ ସଲଫର ଆୟୋଡାଇଡ୍ ପ୍ରେରଣ କରିଥିଲେ। ତେବେ ବାରମ୍ବାର ଏହି ପ୍ରକ୍ରିୟା କରିବା ଦ୍ୱାରା ଗୋଟିଏ ଅଞ୍ଚଳରେ ବର୍ଷା ବଢ଼ିଲେ ପଡ଼ୋଶୀ ଅଞ୍ଚଳରେ ବର୍ଷା ପରିମାଣ କମିଯାଇଥାଏ ବୋଲି ଗ୍ରୀନଷ୍ଟୋନ୍ ମତ ଦେଇଛନ୍ତି।

ଦିଲ୍ଲୀ ସରକାର ଓ ଆଇଆଇଟି କାନପୁରର ମିଳିତ ପ୍ରୟାସରେ ପ୍ରଥମେ ୨୦୨୫ ମସିହା ଅକ୍ଟୋବର ମାସରେ କ୍ଲାଉଡ୍ ସିଡିଂ ପରୀକ୍ଷା କରାଯାଇଥିଲା। ମାତ୍ର ଦୁଇ ପର୍ଯ୍ୟାୟର ଏହି ପରୀକ୍ଷଣ ବର୍ଷା କରାଇବାରେ ବିଫଳ ହୋଇଥିଲା। ଏହାପରେ ୨୦୨୬ ମସିହା ଅକ୍ଟୋବର-ନଭେମ୍ବର ମାସରେ ବିମାନବନ୍ଦର ନିକଟରେ ଆଉ ଦୁଇଟି ପରୀକ୍ଷା କରାଯାଇଥିଲା। ଏବେ ସରକାର ଦୀପାବଳି ଓ ଛଠ୍ ପୂଜା ପରେ ପୁଣିଥରେ ଏହାକୁ ନେଇ ବିଚାର କରୁଛନ୍ତି।



● ଦ୍ୱିତୀୟ ଦିନିକିଆ: ବର୍ଷା ପ୍ରଭାବିତ ମ୍ୟାଚ୍‌ରେ ବୋଲର୍‌ଙ୍କ ଦବ୍‌ଦବା

ଡି/ଏଲ୍ ନିୟମରେ ଜିତିଲା ଭାରତ



ୱେଲିଂଟନ୍,୭।୧୧: ଚଳିତ ଭାରତ-ନ୍ୟୁଜିଲାଣ୍ଡର ଦ୍ୱିତୀୟ ମ୍ୟାଚ୍‌ରେ ବର୍ଷାର ପ୍ରଭାବ ଦେଖିବାକୁ ମିଳିଥିବା ବେଳେ ଏଥିରେ ବୋଲର୍‌ମାନଙ୍କ ଦବ୍‌ଦବା ବି ପରିଲକ୍ଷିତ ହୋଇଛି। ପୂର୍ବରୁ ସିରିଜ୍‌ରେ ୧-୦ରେ ଅଗ୍ରଣୀ ଲାଭ କରିଥିବା ଭାରତ ତା'ର ବିଜୟ ଧାରା ଜାରି ରଖିଛି। ପ୍ରଥମେ ବ୍ୟାଟିଂ ପାଇଥିବା ନ୍ୟୁଜିଲାଣ୍ଡ୍ ୪୧ ଓଭର୍‌ରେ ୧୩୪ ରନ୍‌ରେ ଅଲ୍‌ଆଉଟ୍ ହୋଇଯାଇଥିଲା। ଏହାର ଜବାବରେ ଭାରତ ୨୬ ଓଭର୍‌ରେ ୭ ୱିକେଟ୍ ହରାଇ ୧୧୩ ରନ୍ କରିଥିବା ବେଳେ ବର୍ଷା ଯୋଗୁଁ ଖେଳ ଆଉ ସମ୍ଭବପର ହୋଇପାରି ନଥିଲା। ଫଳରେ ଡକ୍‌ୱର୍ଥ ଲୁଇସ୍ (ଡି/ଏଲ୍) ପଦ୍ଧତିରେ ୪ ରନ୍‌ରେ ବିଜୟୀ ହୋଇଛି। ନ୍ୟୁଜିଲାଣ୍ଡ୍ ବ୍ୟାଟ୍ସମ୍ୟାନ୍‌ମାନେ ଭାରତୀୟ ପେସର୍‌ଙ୍କ ଉପଯୁକ୍ତ ମୁକାବିଲା କରିପାରି ନଥିଲେ। ବିଶେଷକରି ପେସର୍ ଗୁରନୁର୍ ବ୍ରାର୍ ଅଧିକ ଘାତକ ହୋଇଥିଲେ। କିୱି ବ୍ୟାଟ୍ସମ୍ୟାନ୍‌ଙ୍କ ମଧ୍ୟରୁ କେବଳ ଡାରିଲ୍ ମିଚେଲ୍ ୫ଟି ଚୌକା ଓ ୨ଟି ଛକା ସହ ୫୫ ରନ୍ କରିଥିବା ଅଧିନାୟକ ମିଚେଲ୍ ସାଣ୍ଟନର୍ ୩୧ ରନ୍ କରିଥିଲେ। ଦଳର ୮ ଜଣ ବ୍ୟାଟ୍ସମ୍ୟାନ୍ ଦୁଇ ଅଙ୍କରେ ବି ପହଞ୍ଚିପାରି ନଥିଲେ। ସେହିପରି ଭାରତ ପକ୍ଷରୁ ପ୍ଲେୟର ଅଫ ଦି ମ୍ୟାଚ୍ ବିବେଚିତ ବ୍ରାର୍ ମାତ୍ର ୩୦ ରନ୍ ବ୍ୟୟ କରି ୪ଟି ୱିକେଟ୍ ଦଖଲ କରିଥିଲେ। ତାଙ୍କୁ ଅକ୍ୱିବ୍ ନବୀ, ଅଂଶୁଲ୍ କାମ୍ବୋଜ୍ ଓ ଅକ୍ଷର ପଟେଲ୍ ୨ଟି ଲେଖାଏଁ ୱିକେଟ୍ ନେଇ ଉତ୍ତମ ସହଯୋଗ କରିଥିଲେ।

ବ୍ୟାଟିଂରେ ଭାରତ ପାଇଁ ରନ୍ ସଂଗ୍ରହ କରିବା କଷ୍ଟକର ହୋଇଥିଲା। ବିଶେଷକରି ଅଧିନାୟକ ତଥା ଓପନର ଶୁବମାନ ଗିଲ୍ ଶୂନ ଓ ବିରାଟ କୋହଲି ୭ ରନ୍‌ରେ ଆଉଟ୍ ହେବା ପରେ ଦଳ ଉପରେ ଚାପ ପଡ଼ିଥିଲା। କିନ୍ତୁ ଶ୍ରେୟସ୍ ଆୟର୍ (୩୦), ଲୋକେଶ ରାହୁଲ୍ ଅପରାଜିତ ୨୬ ଓ ରୋହିତ ଶର୍ମା (୨୩) ଦଳକୁ ୧୧୩/୭ରେ ପହଞ୍ଚାଇଥିଲେ। ନ୍ୟୁଜିଲାଣ୍ଡ୍ ପକ୍ଷରୁ ଜ୍ୟାକବ୍ ଡଫି ଓ କାଇଲ୍ ଜେମିସନ୍ ୩ଟି ଲେଖାଏଁ ଏବଂ ମାଥ୍ୟୁ ଫିଶର୍ ଅନ୍ୟ ୱିକେଟ୍‌ଟି ନେଇଥିଲେ। ଏହି ବିଜୟ ସହ ଭାରତ ସିରିଜ୍‌ରେ ୨-୦ରେ ଅଗ୍ରଣୀ ଲାଭ କରିଥିବା ବେଳେ ତୃତୀୟ ଦିନିକିଆଟି ଆସନ୍ତା ୧୦ ତାରିଖରେ ହାମିଲଟନ୍‌ଠାରେ ଖେଳାଯିବ।

ୱାର୍ ରୁମ୍ ସମୀକ୍ଷା କଲେ କେନ୍ଦ୍ରମନ୍ତ୍ରୀ



ନୂଆଦିଲ୍ଲୀ,୭।୧୧: କେନ୍ଦ୍ର ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଚଳିତ ପାର୍ବଣ ଋତୁରେ ନୂଆଦିଲ୍ଲୀର ରେଳ ଭବନରେ ୱାର୍ ରୁମର ପ୍ରସ୍ତୁତି ଏବଂ ପରିଚାଳନା ବ୍ୟବସ୍ଥାର ସମୀକ୍ଷା କରିଛନ୍ତି । ସମୀକ୍ଷା ସମୟରେ, ଏକ କେନ୍ଦ୍ରୀକୃତ ତଦାରଖ ଓ ସମନ୍ୱୟ ସୁବିଧା ଭାବେ ୱାର୍ ରୁମର କାର୍ଯ୍ୟକାରିତା ଉପରେ ଆଲୋକପାତ କରାଯାଇଥିଲା, ଯେଉଁଥିରେ ସଚେତନତା ବୃଦ୍ଧି, ସମୟୋଚିତ ନିଷ୍ପତ୍ତି ନେବାରେ ସୁବିଧା ଏବଂ ରେଳ ପରିଚାଳନାର ଦକ୍ଷ ପରିଚାଳନା ସୁନିଶ୍ଚିତ କରିବା ପାଇଁ ଲାଇଭ୍ ରେଳ ଷ୍ଟେସନ ଫିଡ୍, ଏଆଇ ଆଧାରିତ ବ୍ୟବସ୍ଥା ଓ ରିଅଲ୍ ଟାଇମ୍ ପରିଚାଳନା ତଥ୍ୟର ଲାଭ ଉଠାଯାଇଥିଲା। ୱାର୍ ରୁମ୍ ରେଳ ଷ୍ଟେସନରୁ ଲାଇଭ୍ ଭିଜୁଆଲ୍ ଫିଡ୍ ପ୍ରଦାନ କରେ, ପ୍ଲାଟଫର୍ମ, ଫୁଟ୍-ଓଭର ବ୍ରିଜ୍ ଏବଂ ଷ୍ଟେସନ ଆଖପାଖ ପରି ଗୁରୁତ୍ୱପୂର୍ଣ୍ଣ ଅଞ୍ଚଳକୁ ଅନ୍ତର୍ଭୁକ୍ତ କରେ। ଏକ କେନ୍ଦ୍ରୀକୃତ ନିରୀକ୍ଷଣ ବ୍ୟବସ୍ଥା ମାଧ୍ୟମରେ ଅଧିକାରୀମାନେ ଏକକାଳୀନ ଏକାଧିକ ସ୍ଥାନ ଉପରେ ନଜର ରଖିପାରିବେ।

ଯବାନଙ୍କ ସହ ଦୀପାବଳି ପାଳିବେ ପ୍ରଧାନମନ୍ତ୍ରୀ





ନୂଆଦିଲ୍ଲୀ, ୭।୧୧: ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଶନିବାର ଦେଶବାସୀଙ୍କୁ ଦୀପାବଳିର ଶୁଭେଚ୍ଛା ଜଣାଇଛନ୍ତି। ଏହି ପର୍ବ ସମସ୍ତଙ୍କ ଭିତରେ ସକାରାତ୍ମକ ଚିନ୍ତାଧାରା ସୃଷ୍ଟି କରିବ ବୋଲି ସେ ଆଶା ପ୍ରକାଶ କରିଛନ୍ତି। ଏଥିସହ ଏକ ଭିଡିଓ ସେୟାର କରି ପ୍ରଧାନମନ୍ତ୍ରୀ ମୋଦି କହିଛନ୍ତି ଯେ, ସେ ଏଥର ମଧ୍ୟ ଦେଶର ଯବାନଙ୍କ ସହିତ ଦୀପାବଳି ପାଳନ କରିବେ। ଭାରତ ସରକାରଙ୍କ 'ଜନ ସମ୍ପର୍କ ପୋର୍ଟାଲ୍'ରେ ସେୟାର କରାଯାଇଥିବା ଏକ ବାର୍ତ୍ତାରେ ପ୍ରଧାନମନ୍ତ୍ରୀ କହିଛନ୍ତି ଯେ, ଦୀପାବଳି ଭାରତର ସମୃଦ୍ଧ ପରମ୍ପରାରେ ଗର୍ବ କରିବା ଓ ପାରସ୍ପରିକ ସଂହତିର ବନ୍ଧନକୁ ସୁଦୃଢ଼ କରିବାର ଏକ ଅବସର। ଦୀପାବଳି ପ୍ରତ୍ୟେକ ଘରକୁ ସୁଖ, ସଦ୍ଭାବ ଓ ସମୃଦ୍ଧିରେ ଆଲୋକିତ କରୁ। ପ୍ରଧାନମନ୍ତ୍ରୀ ସମସ୍ତଙ୍କୁ ସମୃଦ୍ଧ ଓ ବିକଶିତ ଭାରତ ନିର୍ମାଣ କରିବା ପାଇଁ ନୂତନ ଶକ୍ତି ଓ ଦୃଢ଼ ସଂକଳ୍ପ ସହିତ ଆଗକୁ ବଢ଼ିବାକୁ ଆହ୍ୱାନ କରିଛନ୍ତି।

ଦିଲ୍ଲୀରେ ଏକ୍ୟୁଆଇ ଛୁଇଁଲା ୩୬୪

■ ପଞ୍ଚମ ଯାଏ ହାଇବ୍ରିଡ୍ ମୋଡ୍‌ରେ ସ୍କୁଲ

ନୂଆଦିଲ୍ଲୀ, ୭।୧୧: ଦୀପାବଳିକୁ ଆଉ ଦିନଟିଏ ଥିବା ବେଳେ ଶନିବାର ଦିଲ୍ଲୀର ବାୟୁ ଗୁଣବତ୍ତା ସୂଚକାଙ୍କ (ଏକ୍ୟୁଆଇ) ୩୬୪ରେ ପହଞ୍ଚିଛି। ଏହା ଅତି ଖରାପ ଶ୍ରେଣୀରେ ରହିଛି। ବାୟୁ ଗୁଣବତ୍ତା ଖରାପ ହେଉଥିବା ବେଳେ ଶିକ୍ଷା ନିର୍ଦ୍ଦେଶାଳୟ ଜାତୀୟ ରାଜଧାନୀର ସମସ୍ତ ସରକାରୀ ଓ ବେସରକାରୀ ସ୍କୁଲଗୁଡ଼ିକୁ ହାଇବ୍ରିଡ୍ ମୋଡ୍‌ରେ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ଶ୍ରେଣୀ ପରିଚାଳନା କରିବାକୁ ନିର୍ଦ୍ଦେଶ ଦେଇଛି। ଏହାଦ୍ୱାରା ଛାତ୍ରଛାତ୍ରୀମାନେ ବ୍ୟକ୍ତିଗତ ଭାବରେ କିମ୍ବା ଅନଲାଇନରେ ଯୋଗ ଦେଇପାରିବେ। ସହରର ମୋଟ ୫୯ଟି ବାୟୁ ମାନ ପରୀକ୍ଷା କେନ୍ଦ୍ର ମଧ୍ୟରୁ ୧୮ଟିରେ ପ୍ରଦୂଷଣ ସ୍ତର ଅତି ଗୁରୁତର ଶ୍ରେଣୀରେ ରେକର୍ଡ ହୋଇଛି।

ଯୁବ କଂଗ୍ରେସ ସଭାପତି ପାଇଁ ହୋଇପାରୁନି ସହମତି

ରେସ୍‌ରେ ୬ ଆଶାୟୀ

ଭୁବନେଶ୍ୱର,୭।୧୧(ସଂଚାର ବ୍ୟୁରୋ): ଓଡ଼ିଶା ପ୍ରଦେଶ ଯୁବ କଂଗ୍ରେସ ସଭାପତି ନିର୍ବାଚନକୁ ନେଇ ରାଜ୍ୟରେ ରାଜନୈତିକ ଉତ୍କଣ୍ଠା ବଢ଼ିଛି। ପୂର୍ବ ଘୋଷଣା ଅନୁଯାୟୀ ରାଜ୍ୟରେ ଯୁବ କଂଗ୍ରେସ ନିର୍ବାଚନ ହେବାକୁ ଯାଉଥିବା ବେଳେ ନାମାଙ୍କନପତ୍ର ଦାଖଲର ଶେଷ ତାରିଖ ନଭେମ୍ବର ୬ ତାରିଖରୁ ୧୫କୁ ଘୁଞ୍ଚିଛି। ଏହା ଫଳରେ ଆଶାୟୀ ପ୍ରାର୍ଥୀମାନଙ୍କୁ ନିଜ ନାମାଙ୍କନପତ୍ର ଦାଖଲ ପାଇଁ ଅଧିକ ସମୟ ମିଳିଛି। ସବୁଠାରୁ ଉଦ୍‌ବେଗର କଥା ହେଉଛି, ପିସିସି ସଭାପତି ଯୁବ କଂଗ୍ରେସ ସଭାପତି ଚୟନରେ ସହମତି ଆଣିପାରିନାହାଁନ୍ତି। ଓଡ଼ିଶା ପ୍ରଦେଶ ଯୁବ କଂଗ୍ରେସ ନିର୍ବାଚନରେ ରାଜ୍ୟ ସଭାପତି, ରାଜ୍ୟ ସାଧାରଣ ସମ୍ପାଦକ, ଜିଲ୍ଲା ସଭାପତି ଓ ଜିଲ୍ଲା ସାଧାରଣ ସମ୍ପାଦକ ପଦବୀ ପାଇଁ ନିର୍ବାଚନ ହେବ। ଜାତୀୟ ଯୁବ କଂଗ୍ରେସର ନିର୍ଦ୍ଦେଶାବଳୀ ଅନୁଯାୟୀ ଏହି ନିର୍ବାଚନ ପ୍ରକ୍ରିୟା ପରିଚାଳିତ ହେବ। ତଦନୁଯାୟୀ ଜାତୀୟ ଯୁବ କଂଗ୍ରେସ ପକ୍ଷରୁ ପ୍ରଦେଶ ସଭାପତି ପଦ ପାଇଁ ପ୍ରଥମେ ୯ ଜଣଙ୍କ ନାମ ଅନୁମୋଦନ କରାଯାଇଥିଲା। ତେବେ ପୂର୍ବରୁ ପ୍ରକାଶିତ ତାଲିକା ଅନୁଯାୟୀ ୬ ଜଣ ଆଶାୟୀ ପ୍ରାର୍ଥୀ ନାମାଙ୍କନ ଦାଖଲ କରିଛନ୍ତି। ବାଦଲ ମହାନ୍ତି, ନଳିନୀକାନ୍ତ ନାୟକ, ବିଧାୟକ ସତ୍ୟଜିତ ଗମାଙ୍ଗୋ, ଜ୍ଞାନ ରଞ୍ଜନ ରାଉତ, ସୁପ୍ରଭା କୁମାରୀ ଦାସ ଓ ୟାସିର ନୱାଜ ସଭାପତି ପଦ ପାଇଁ ନାମାଙ୍କନ ଦାଖଲ କରିଛନ୍ତି। ଏହି ଦୌଡ଼ରେ ଜଣେ ମହିଳା ପ୍ରାର୍ଥୀ, ଜଣେ ବିଧାୟକ, ଜଣେ ରାଜ୍ୟ କଂଗ୍ରେସ ମୁଖପାତ୍ର ଓ ଜଣେ ପୂର୍ବତନ ଛାତ୍ର କଂଗ୍ରେସ ସଭାପତି ରହିଥିବାରୁ ନିର୍ବାଚନ ଆହୁରି ରୋଚକ ହୋଇଛି।

● ୨୨ତମ ସଚିବାଳୟ କପ୍ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ

ପ୍ରଥମ ମ୍ୟାଚ୍‌ରେ ଜିତିଲା ସୋଆ ବିଶ୍ୱବିଦ୍ୟାଳୟ



ଭୁବନେଶ୍ୱର,୭।୧୧(ସଂଚାର ବ୍ୟୁରୋ): ଓଡ଼ିଶା ସଚିବାଳୟ କ୍ରିକେଟ୍ ଆସୋସିଏସନ୍ ପକ୍ଷରୁ ଆଜି ୨୨ତମ ସଚିବାଳୟ କପ୍ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ ହୋଇଛି। ହାଇ-ଟେକ୍ କ୍ରିକେଟ୍ ଷ୍ଟାଡିୟମ୍‌ରେ ଅନୁଷ୍ଠିତ ପ୍ରଥମ ପ୍ରତିଯୋଗିତାରେ ସୋଆ ବିଶ୍ୱବିଦ୍ୟାଳୟ ଦଳ ୨୫ ରନରେ ଜ୍ୟୋତି ଗ୍ରୁପ୍‌କୁ ହରାଇଛି। ଜ୍ୟୋତି ଗ୍ରୁପ୍ ଟସ୍ ଜିତି ପ୍ରଥମେ ଫିଲଡିଂ କରିବାକୁ ନିଷ୍ପତ୍ତି ନେଇଥିଲା। ସୋଆ ବିଶ୍ୱବିଦ୍ୟାଳୟ ପ୍ରଥମ ବ୍ୟାଟିଂ କରି ୭ ୱିକେଟ୍‌ରେ ୧୪୫ ରନ୍ ସଂଗ୍ରହ କରିଥିବା ବେଳେ ଦେବୀ ପ୍ରସାଦ ସାହୁ ୪୯ ଏବଂ ଆଶୁତୋଷ ବେହେରା ୪୭ ରନ୍ କରିଥିଲେ। ଜ୍ୟୋତି ଗ୍ରୁପ୍ ପକ୍ଷରୁ ରାଜେଶ ମହାନ୍ତି ୯ ରନ୍ ଦେଇ ଦୁଇଟି ୱିକେଟ୍ ପାଇଥିବା ବେଳେ ନିଲୁ ପ୍ରଧାନ ୧୭ ରନ୍ ଦେଇ ୨ଟି ୱିକେଟ୍ ଅକ୍ତିୟାର କରିଥିଲେ। ପରେ ୧୪୮ ରନ୍ ବିଜୟ ଲକ୍ଷ୍ୟ ନେଇ ପଡ଼ିଆକୁ ଓହ୍ଲାଇଥିବା ଜ୍ୟୋତି ଗ୍ରୁପ୍ ୧୭ ଓଭର୍‌ରେ ୧୨୦ ରନ୍ କରି ଅଲ୍ ଆଉଟ୍ ହୋଇଯାଇଥିଲେ। ଜ୍ୟୋତି ଗ୍ରୁପ୍ ପକ୍ଷରୁ ଜି. ସାମନ୍ତସିଂହାର ୩୩ ରନ୍ କରିଥିବା ବେଳେ ଦିବ୍ୟ ପଣ୍ଡା ୨୫ ରନ୍ କରିଥିଲେ। ସୋଆ ବିଶ୍ୱବିଦ୍ୟାଳୟ ପକ୍ଷରୁ ଶାଶ୍ୱତ ମହାନ୍ତି ୧୧ ରନ୍ ଦେଇ ୩ଟି ୱିକେଟ୍ ହାସଲ କରିଥିବା ବେଳେ ସମ୍ବିତ୍ ଦୁଇ ୱିକେଟ୍ ବିନିମୟରେ ୧୫ ରନ୍ ଦେଇଥିଲେ। ଦେବୀ ପ୍ରସାଦ ସାହୁ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଥିଲେ।

ସେହିପରି ଓଏଏସ୍‌ଏମ୍‌ଇ ଦ୍ୱିତୀୟ ମ୍ୟାଚ୍‌ରେ କୋଟାକ୍ ମହିନ୍ଦ୍ରାକୁ ହରାଇ ବିଜୟୀ ହୋଇଛି। ଟସ୍ ଜିତି ପ୍ରଥମେ ବ୍ୟାଟିଂ ପାଇଁ ପଡ଼ିଆକୁ ଓହ୍ଲାଇଥିବା ଓଏଏସ୍‌ଏମ୍‌ଇ ୧୬ ଓଭରରେ ୧୫୧ ରନ୍ କରିଥିଲା। ଦଳ ପକ୍ଷରୁ ଭକ୍ତି ସାମଲ ୭୩ ରନ୍, ସୁବାସ ସିଂହ ୪୩ ରନ୍ ଓ ମନୀଷ ୧୯ ରନ୍ ସଂଗ୍ରହ କରିଥିଲେ। କୋଟାକ୍ ମହିନ୍ଦ୍ରାର ସୌମ୍ୟ ରଞ୍ଜନ ବିଶ୍ୱାଳ ୨୫ ରନ୍ ଦେଇ ଦୁଇଟି ୱିକେଟ୍ ପାଇଥିଲେ। ବିଜୟ ପାଇଁ ୧୫୨ ରନ୍ ଆବଶ୍ୟକ ଥିବା ବେଳେ କୋଟାକ୍ ମହିନ୍ଦ୍ରା ୧୩ ଓଭରରେ ୮୪ ରନ୍ କରି ଅଲ୍ ଆଉଟ୍ ହୋଇଯାଇଥିଲେ। ଦଳ ପକ୍ଷରୁ ଶ୍ରୀକାନ୍ତ ସାହୁ ୩୭ ରନ୍ କରିଥିବା ବେଳେ ଓଏଏସ୍‌ଏମ୍‌ଇର ମନୀଷ ୧୬ ରନ୍ ଦେଇ ୫ଟି ୱିକେଟ୍ ହାସଲ କରିଥିଲେ। ମନୀଷଙ୍କୁ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ଘୋଷଣା କରାଯାଇଥିଲା। ରାଜେଶ ପାତ୍ର ଓ ରାଜେନ୍ଦ୍ର ନାୟକ ଅମ୍ପାୟରିଂ କରିଥିବା ବେଳେ ସ୍କୋରର୍ ଭାବେ ଶିବାଶିଷ ବେହେରା ଦାୟିତ୍ୱ ତୁଲାଇଥିଲେ। ପୋଷ୍ଟାଲ ଟିମର ପୂର୍ବତନ ଅଧିନାୟକ ଲିଙ୍ଗରାଜ ସାହୁ ପୁରସ୍କାର ପ୍ରଦାନ କରିଥିଲେ।

■ ଆପଣ କେମିତି ଅଛନ୍ତି କାର୍ଯ୍ୟକ୍ରମ

ବରିଷ୍ଠ ପୁଲିସ ପ୍ରଶାସକଙ୍କୁ ଭେଟିଲେ କଟକ ମେୟର

କଟକ, ୨୫।୧୦ (ସଂଚାର ବ୍ୟୁରୋ): 'ଆପଣ କେମିତି ଅଛନ୍ତି' କାର୍ଯ୍ୟକ୍ରମରେ ବରିଷ୍ଠ ପୁଲିସ ପ୍ରଶାସକ ତଥା କ୍ରୀଡ଼ାବିତ୍ ଭକ୍ତ ବଲ୍ଲଭ ଦାସ (ଗଟୁ ଭାଇ)ଙ୍କୁ ତାଙ୍କ ନିଜଘରେ ଭେଟିଛନ୍ତି କଟକ ମହାନଗର ନିଗମର ମେୟର ସୁବାସ ସିଂହ। ୮୦ ବର୍ଷ



ବୟସରେ ପଦାର୍ପଣ କରିଥିବା ଶ୍ରୀ ଦାସଙ୍କ ସ୍ୱାସ୍ଥ୍ୟାବସ୍ଥା, ଦୈନନ୍ଦିନ ଜୀବନ ଓ ବିଭିନ୍ନ ସାମାଜିକ କାର୍ଯ୍ୟକଳାପ ସମ୍ପର୍କରେ ମେୟର ପଚାରି ବୁଝିଥିଲେ। ଦୀର୍ଘ ପୁଲିସ ସେବା କାଳରେ ନିଜର ଦକ୍ଷତା ଓ ଅଭିଜ୍ଞତା ପାଇଁ ପରିଚିତ ଶ୍ରୀ ଦାସ କଟକରେ ଥାନା ଅଧିକାରୀ ଭାବେ କାର୍ଯ୍ୟ ଆରମ୍ଭ କରି ଏସ୍‌ପି ପଦବୀ ପର୍ଯ୍ୟନ୍ତ ପହଞ୍ଚିଥିଲେ। ୨୦୦୬ ମସିହାରେ ଢେଙ୍କାନାଳରୁ ଆରକ୍ଷୀ ଅଧୀକ୍ଷକ ଭାବେ ଅବସର ଗ୍ରହଣ କରିଥିଲେ। କଟକ ସହରର ପୂଜାପର୍ବାଣୀ, ସାହିଗଣ୍ଡାର ବିବାଦ ଓ ଆଇନଶୃଙ୍ଖଳା ପରିସ୍ଥିତିର ସମାଧାନ କ୍ଷେତ୍ରରେ ତାଙ୍କର ଦୀର୍ଘ ଅଭିଜ୍ଞତା ରହିଛି। ଏହି ଅବସରରେ ସ୍ଥାନୀୟ କର୍ପୋରେଟର ଶ୍ରୀ ଜତିନ୍ ବେହେରା, ଶ୍ରୀ ନିମାଇଁ ବିଶ୍ୱାଳ ଓ ଶ୍ରୀ ଅଶୋକ ସେଠୀ ପ୍ରମୁଖ ଉପସ୍ଥିତ ଥିଲେ। 'ଆପଣ କେମିତି ଅଛନ୍ତି' କାର୍ଯ୍ୟକ୍ରମ କେବଳ ଏକ ସୌଜନ୍ୟମୂଳକ ସାକ୍ଷାତ୍‌କାର ନୁହେଁ; ଏହା ନାଗରିକଙ୍କ ସହ ପ୍ରଶାସନର ଆତ୍ମୀୟ ସମ୍ପର୍କ ସ୍ଥାପନ କରିବାର ଏକ ପ୍ରୟାସ। ବିଶେଷକରି ବରିଷ୍ଠ ନାଗରିକ ଓ ବିଶିଷ୍ଟ ବ୍ୟକ୍ତିମାନଙ୍କ ସ୍ୱାସ୍ଥ୍ୟ, ସୁଖଦୁଃଖ ଓ ଆବଶ୍ୟକତା ସମ୍ପର୍କରେ ପଚାରି ବୁଝିବା ମାଧ୍ୟମରେ ସମ୍ମାନ, ଯତ୍ନ ଓ ସାମାଜିକ ଦାୟିତ୍ୱବୋଧର ଭାବନାକୁ ଆଗକୁ ବଢ଼ାଇବା ଏହାର ମୁଖ୍ୟ ଲକ୍ଷ୍ୟ।

● ଶିଶୁ ଶ୍ରମିକ ମୁକ୍ତ ଅଭିଯାନର ସଫଳତାକୁ ଶ୍ରମ ମନ୍ତ୍ରୀଙ୍କ ଗୁରୁତ୍ୱ

ପ୍ରତି ମାସରେ ହେବ ସମୀକ୍ଷା

ଭୁବନେଶ୍ୱର,୭।୧୧(ସଂଚାର ବ୍ୟୁରୋ): ଆଜି ଶ୍ରମ ନିର୍ଦ୍ଦେଶାଳୟର କ୍ଷେତ୍ରୀୟ ଅଧିକାରୀମାନଙ୍କ ରାଜ୍ୟସ୍ତରୀୟ ସମୀକ୍ଷା ବୈଠକ ଶ୍ରମ ଓ କର୍ମଚାରୀ ରାଜ୍ୟ ବୀମା ମନ୍ତ୍ରୀ ଗଣେଶ ରାମ ସିଂଖୁଣ୍ଟିଆଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା। ବୈଠକରେ ଶ୍ରମିକ କଲ୍ୟାଣ, ଶିଶୁ ଶ୍ରମିକ ପ୍ରଥାର ଉଚ୍ଛେଦ, ଦାଦନ ଶ୍ରମିକ ସମସ୍ୟାର ନିରାକରଣ, ଶ୍ରମ ବିଭାଗର କାର୍ଯ୍ୟାଳୟ ନିର୍ମାଣ ଓ ଓଡ଼ିଶା ଲୋକସେବା ଅଧିକାର ଅଧିନିୟମ, ୨୦୧୨ର କାର୍ଯ୍ୟକାରିତା ସମେତ ବିଭିନ୍ନ ଶ୍ରମ ଆଇନ ଓ କଲ୍ୟାଣକାରୀ ବୋର୍ଡର କାର୍ଯ୍ୟ ସମୀକ୍ଷା କରାଯାଇଥିଲା। ଜିଲ୍ଲା ସ୍ତରରେ ନିୟମିତ ସମୀକ୍ଷା ବୈଠକ ଏବଂ ନିର୍ଦ୍ଧାରିତ ସମୟରେ ଅଗ୍ରଗତି ରିପୋର୍ଟ ଦାଖଲ ମାଧ୍ୟମରେ ତଦାରଖ ଓ ଉତ୍ତରଦାୟିତ୍ୱ ବ୍ୟବସ୍ଥାକୁ ଅଧିକ ସୁଦୃଢ଼ କରିବା ଉପରେ ବୈଠକରେ ଗୁରୁତ୍ୱ ଦିଆଯାଇଥିଲା। ଏହି ବ୍ୟବସ୍ଥା ଅନୁଯାୟୀ, ଯୁଗ୍ମ ଶ୍ରମ କମିଶନରମାନେ ପ୍ରତି ମାସ ୭ ତାରିଖରେ ପ୍ରଭାଗୀୟ ଶ୍ରମ କମିଶନର ଓ ଜିଲ୍ଲା ଶ୍ରମ ଅଧିକାରୀମାନଙ୍କ କାର୍ଯ୍ୟ ସମୀକ୍ଷା କରିବେ। ସେହିପରି ଡିଏସିମାନେ ପ୍ରତି ମାସ ୪ ତାରିଖରେ ଡିଏଲ୍‌ଓମାନଙ୍କର ଓ ଡିଏଲ୍‌ଓମାନେ ପ୍ରତି ମାସ ୨ ଓ ୧୭ ତାରିଖରେ ସହକାରୀ ଶ୍ରମ ଅଧିକାରୀ ଓ ନିରୀକ୍ଷକମାନଙ୍କ କାର୍ଯ୍ୟର ସମୀକ୍ଷା କରିବେ।

ଋଷିକୁଲ୍ୟାରେ ସ୍ଥାୟୀ ପ୍ରତିକାର ପାଇଁ ମାଷ୍ଟରପ୍ଲାନ୍ ଜରୁରୀ: ଭକ୍ତ

ଗଞ୍ଜାମ,୭।୧୧(ସଂଚାର ବ୍ୟୁରୋ): ଆସ୍କା ସହରରେ ୧୦-୧୫ ଫୁଟ୍ ପାଣି ପଶିବାର ମୁଖ୍ୟ କାରଣ ଜାଆଡ଼ାଠାରେ ଋଷିକୁଲ୍ୟା ନଦୀର ମୁହାଣକୁ ନଷ୍ଟ କରାଯିବା ବୋଲି ପିସିସି ସଭାପତି ଭକ୍ତ ଚରଣ ଦାସ କହିଛନ୍ତି। ସେ କହିଛନ୍ତି ଯେ ଋଷିକୂଲ୍ୟାରେ ପୂର୍ବରୁ ମଧ୍ୟ କେତେ ଥର ବନ୍ୟା ଆସିଛି। କିନ୍ତୁ ଏ ଥରର ବିଭୀଷିକା ପୂର୍ବର ସବୁ ରେକର୍ଡକୁ ଟପିଗଲା। ପରିସ୍ଥିତି ଏପରି ହୋଇଛି ଯେ ଋଷିକୁଲ୍ୟା ନଦୀର ଘାଇ ଭାଙ୍ଗିଥିବା ସ୍ଥାନରେ ବିଶେଷଜ୍ଞମାନଙ୍କ ପରାମର୍ଶ କ୍ରମେ ଭଲ ଭାବେ କାମ ନ କଲେ ଆଗକୁ ବଡ଼ ବର୍ଷା ହେଲେ ଆହୁରି ବିପଦ ସୃଷ୍ଟି ହେବ। ତେବେ ଋଷିକୁଲ୍ୟା ପାଇଁ ମାଷ୍ଟରପ୍ଲାନ ଦିଗରେ କେହି ଆଗ୍ରହ ନ ନେବା ପରିତାପର ବିଷୟ ବୋଲି ସେ କହିଛନ୍ତି। ଆସ୍କା ସହରର ବନ୍ୟା ମଧ୍ୟ ମନୁଷ୍ୟକୃତ ବୋଲି ଦର୍ଶାଇ ଶ୍ରୀ ଦାସ କହିଛନ୍ତି, ଏଥିପାଇଁ ଉଭୟ ରାଜସ୍ୱ ବିଭାଗ ଓ ପୌର ପରିଷଦ ଦାୟୀ।

ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

ଦୀପାବଳି...

ସେହିପରି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଦକ୍ଷିଣ ଓଡ଼ିଶାର ବନ୍ୟା ପ୍ରଭାବିତ ଲୋକଙ୍କ ପ୍ରତି ସମ୍ବେଦନଶୀଳ ହେବାକୁ ରାଜ୍ୟବାସୀଙ୍କୁ ଆହ୍ୱାନ ଦେଇଛନ୍ତି। ବିପର୍ଯ୍ୟୟରେ କ୍ଷତିଗ୍ରସ୍ତ ପରିବାରଙ୍କୁ ସହାୟତାର ହାତ ବଢ଼ାଇବା ସହ ସେମାନଙ୍କ ଦୁଃଖରେ ସାମିଲ ହେବାକୁ ସେ ଅନୁରୋଧ କରିଛନ୍ତି। ବିପର୍ଯ୍ୟୟ ସମୟରେ ପ୍ରଭାବିତ ଲୋକଙ୍କ ପାଖରେ ଛିଡ଼ା ହେବା ଓ ସେମାନଙ୍କୁ ସହଯୋଗ କରିବା ହିଁ ଏହି ସମୟରେ ସବୁଠାରୁ ବଡ଼ ମାନବିକତାର ପରିଚୟ। ତେଣୁ ଚଳିତ ବର୍ଷ ଦୀପାବଳିକୁ ଆଡ଼ମ୍ବରରେ ପାଳନ ନ କରି ଗଞ୍ଜାମ ଜିଲ୍ଲା ବିପନ୍ନଙ୍କ ସହ ଏକାତ୍ମତା ପ୍ରକାଶ କରିବାକୁ ମୁଖ୍ୟମନ୍ତ୍ରୀଙ୍କ ଏହି ନିଷ୍ପତ୍ତିକୁ ଏକ ସମ୍ବେଦନଶୀଳ ପଦକ୍ଷେପ ଭାବେ ଦେଖାଯାଉଛି। ସେହିପରି ଶ୍ରୀ ପଟ୍ଟନାୟକ କହିଛନ୍ତି ଯେ 'ଅର୍ଣ୍ଣବ' ବାତ୍ୟାଜନିତ ବନ୍ୟା ଯୋଗୁଁ ଗଞ୍ଜାମ ଓ ଗଜପତିରେ ନାହିଁ ନ ଥିବା କ୍ଷତି ହୋଇଛି। ଲୋକମାନେ ଅକଥନୀୟ ଦୁଃଖରେ ଦିନ କାଟୁଛନ୍ତି। ସେହିପରି କନ୍ଧମାଳରେ ଭୂସ୍ଖଳନ ଯୋଗୁଁ ମାଟି ତଳେ ଚାପି ହୋଇଥିବା ନିଖୋଜ ସବୁ ଲୋକଙ୍କୁ ଏ ପର୍ଯ୍ୟନ୍ତ ଉଦ୍ଧାର କରାଯାଇ ପାରିନାହିଁ। ତେଣୁ ଲୋକଙ୍କ ଏ ଦୁଃଖ ସମୟରେ ସେ ଦୀପାବଳି ପାଳନ କରିବେ ନାହିଁ ବୋଲି ନିଷ୍ପତ୍ତି ନେଇଛନ୍ତି।

ଚାଷୀ ସମୃଦ୍ଧ...

କରାଯିବ। ଆଜି କେନ୍ଦୁଝର ଓ ମୟୂରଭଞ୍ଜ କ୍ଲଷ୍ଟରକୁ ସଂଯୋଗ କରୁଥିବା ୩ଟି ବୃହତ ଉଠା ଜଳସେଚନ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଛି। ପ୍ରାୟ ୧୨୦ କୋଟି ଟଙ୍କାର ଏହି ମେଗା ଲିଫ୍ଟ ଜଳସେଚନ ପ୍ରକଳ୍ପ ଅଧୀନରେ ରାଇକଳା, ସତିକୁଦର ଓ ଜାରକାଣି ଭଳି ଗୁରୁତ୍ୱପୂର୍ଣ୍ଣ ପ୍ରକଳ୍ପଗୁଡ଼ିକ କାର୍ଯ୍ୟକାରୀ ହେଉଛି, ଯାହାର କାର୍ଯ୍ୟ ୨୦୨୮ ସୁଦ୍ଧା ସମ୍ପୂର୍ଣ୍ଣ ହେବାକୁ ଲକ୍ଷ୍ୟ ରଖାଯାଇଛି। ଏହି ବୃହତ ପ୍ରକଳ୍ପଗୁଡ଼ିକ କେନ୍ଦୁଝର ଓ ମୟୂରଭଞ୍ଜ ଜିଲ୍ଲାର ୪ ହଜାର ୨୮୦ ହେକ୍ଟର ଶୁଷ୍କ ଚାଷ ଜମିକୁ ଜଳସେଚନର ସୁବିଧା ଯୋଗାଇବ। ଏହାଦ୍ୱାରା କେନ୍ଦୁଝର ଜିଲ୍ଲାର ଝୁମ୍ପୁରା ଓ କେନ୍ଦୁଝର ବ୍ଲକର ଅନେକ ଗ୍ରାମ ସହ ମୟୂରଭଞ୍ଜ ଜିଲ୍ଲାର ଜାରକାଣୀ ଅଞ୍ଚଳ ପ୍ରତ୍ୟକ୍ଷ ଭାବେ ଉପକୃତ ହେବେ।

କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ଚାଷୀମାନଙ୍କ କଲ୍ୟାଣ ପ୍ରତି ସରକାରଙ୍କ ପ୍ରତିବଦ୍ଧତା ପ୍ରକାଶ କରି କହିଛନ୍ତି ଯେ ଚାଷୀ ସମୃଦ୍ଧ ତ ଓଡ଼ିଶା ସମୃଦ୍ଧ। ଯେପର୍ଯ୍ୟନ୍ତ ଆମର କୃଷକ ଭାଇର କ୍ଷେତକୁ ପାଣି ମିଳିନାହିଁ, ସେପର୍ଯ୍ୟନ୍ତ ଗାଁର ଅର୍ଥନୀତି ମଜବୁତ ହୋଇପାରିବ ନାହିଁ। ଏହି ପ୍ରକଳ୍ପ କେବଳ ପାଣି ପାଇପ୍‌ର ସଂଯୋଗ ନୁହେଁ, ଏହା ହେଉଛି ଆମର ଶୁଷ୍କ ମାଟିରେ ସୁନା ଫଳାଇବାର ଏକ ବୈପ୍ଳବିକ ପଦକ୍ଷେପ। ଆମର ଚାଷୀମାନେ ବର୍ଷକୁ ଗୋଟିଏ ଫସଲ ବଦଳରେ ଦୁଇରୁ ତିନୋଟି ଫସଲ ଅମଳ କରିବେ ଓ ସେମାନଙ୍କ ଆୟରେ ଆଖିଦୃଶିଆ ବୃଦ୍ଧି ହେବ। ପୂର୍ବ ୨୪ ବର୍ଷର ସରକାରକୁ କଡ଼ା ସମାଲୋଚନା କରି ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଅତୀତରେ ପ୍ରତି ବ୍ଲକ୍‌କୁ ଅତି କମରେ ୩୫ ପ୍ରତିଶତ ଜମିକୁ ପାଣି ଯୋଗାଇଦେବା ପାଇଁ ଦିଆଯାଇଥିବା ପ୍ରତିଶ୍ରୁତି କେବଳ କାଗଜ କଲମରେ ରହିଯାଇଥିଲା। ଆସନ୍ତା ମାସରେ କେନ୍ଦୁଝର ଜିଲ୍ଲାର ବହୁପ୍ରତୀକ୍ଷିତ କାନୁପୁର ଜଳସେଚନ ପ୍ରକଳ୍ପର ଆନୁଷ୍ଠାନିକ ଉଦ୍‌ଘାଟନ କରାଯିବ ବୋଲି ମୁଖ୍ୟମନ୍ତ୍ରୀ ଘୋଷଣା କରିଛନ୍ତି। ଏହି ବୃହତ ଜଳାଶୟ ପ୍ରକଳ୍ପ କାର୍ଯ୍ୟକ୍ଷମ ହେବା ଦ୍ୱାରା ଜିଲ୍ଲାର ହଜାର ହଜାର ହେକ୍ଟର ଚାଷ ଜମିକୁ ସ୍ଥାୟୀ ଜଳସେଚନ ସୁବିଧା ମିଳିପାରିବ, ଯାହା ସ୍ଥାନୀୟ କୃଷକମାନଙ୍କ ଆର୍ଥିକ ଅଭିବୃଦ୍ଧିରେ ପ୍ରମୁଖ ଭୂମିକା ଗ୍ରହଣ କରିବ ବୋଲି ସେ କହିଛନ୍ତି। ମୁଖ୍ୟମନ୍ତ୍ରୀ ଆଜି ମଧ୍ୟ ଝୁମ୍ପୁରାଠାରେ ୧୭ କୋଟି ୯୭ ଲକ୍ଷ ଟଙ୍କା ବ୍ୟୟରେ ନିର୍ମିତ ଝୁମ୍ପୁରା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ଉଦ୍‌ଘାଟନ କରିଛନ୍ତି। ଏଥିସହ ରାଇକଳାଠାରେ ଷ୍ଟେଟ୍ ବ୍ୟାଙ୍କ ଅଫ୍ ଇଣ୍ଡିଆର ଏକ ନୂତନ ଶାଖାର ଉଦ୍‌ଘାଟନ କରାଯାଇଛି, ଯାହା ସ୍ଥାନୀୟ ଚାଷୀ ଓ ବ୍ୟବସାୟୀଙ୍କୁ ସରକାରୀ ଋଣ ଓ ବ୍ୟାଙ୍କିଙ୍ଗ୍ ସେବା ପାଇବାରେ ବିଶେଷ ସହାୟକ ହେବ। ରାଇକଳା ଓ ସ୍ଥାନୀୟ ଯୁବକ ତଥା ଛାତ୍ରଛାତ୍ରୀଙ୍କ ଭବିଷ୍ୟତକୁ ସୁଦୃଢ଼ କରିବା ପାଇଁ ମୁଖ୍ୟମନ୍ତ୍ରୀ ଦୁଇଟି ବୃହତ ପ୍ରକଳ୍ପର ଘୋଷଣା କରିଛନ୍ତି। ରାଇକଳାଠାରେ ୨୪ କୋଟି ଟଙ୍କାର ବ୍ୟୟବରାଦରେ ଏକ ଅତ୍ୟାଧୁନିକ ସ୍ପୋର୍ଟ୍ସ କମ୍ପ୍ଲେକ୍ସ ନିର୍ମାଣ କରାଯିବ ଏବଂ ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତିର ଛାତ୍ରଛାତ୍ରୀଙ୍କ ପାଇଁ ୩୦ କୋଟି ଟଙ୍କାର ବ୍ୟୟରେ ଏକ ଅତ୍ୟାଧୁନିକ ଆବାସିକ ବିଦ୍ୟାଳୟ ସ୍ଥାପନ କରାଯିବ। ନିଜ ଜନ୍ମମାଟିରେ ମୁଖ୍ୟମନ୍ତ୍ରୀ ଭାବବିହ୍ୱଳ ହୋଇ କହିଥିଲେ ଯେ ରାଇକଳା କେବଳ ମୋର ଜନ୍ମମାଟି ନୁହେଁ, ଏହା ମୋ ପାଇଁ ଏକ ତୀର୍ଥ କ୍ଷେତ୍ର। 'ମୋ ପାଇଁ ମୋ ଜନ୍ମଭୂମିଠାରୁ ବଡ଼ ସ୍ୱର୍ଗ ଆଉ କିଛି ନାହିଁ। ଆପଣମାନଙ୍କ ଏହି ପୁଅ, ଆପଣମାନଙ୍କ ଏହି ଭାଇ ଆଜି ଯେଉଁ ସ୍ଥାନରେ ବି ପହଞ୍ଚିଛି, ସେ କେବଳ ଆପଣମାନଙ୍କ ଆଶୀର୍ବାଦ ଓ ଏହି ମାଟିର ସଂସ୍କାର ପାଇଁ। ଜୀବନରେ ଯେତେ ବଡ଼ ହୁଅନା କାହିଁକି, କେବେ ନିଜର ମୂଳକୁ ଭୁଲିଯାଅ ନାହିଁ; ମୁଁ ଶେଷ ନିଃଶ୍ୱାସ ପର୍ଯ୍ୟନ୍ତ ଏହା ଭୁଲିବି ନାହିଁ'।

ଦୁର୍ନୀତି କଲେ...

ଅବହେଳା ନ କରିବାକୁ ସେ ଆହ୍ୱାନ ଦେଇଛନ୍ତି। ଏପରିକି ଦୁର୍ନୀତି କଲେ ସରକାରୀ କର୍ମଚାରୀମାନଙ୍କୁ ବହିଷ୍କାର ପର୍ଯ୍ୟନ୍ତ ଦଣ୍ଡାଦେଶ ହେବ ବୋଲି ଡ. ପାଢ଼ୀ ତାଗିଦ୍ କରିଛନ୍ତି। ରାଜସ୍ୱ ବିଭାଗ ପ୍ରତି ଜନସାଧାରଣଙ୍କ ଆସ୍ଥା ଓ ବିଶ୍ୱାସକୁ ଅତୁଟ ରଖିବା ସହ ବିଭାଗର ଗାରିମା ଓ ମର୍ଯ୍ୟାଦା ବଜାୟ ରଖିବା ଆମ ସମସ୍ତଙ୍କ ସାମୂହିକ ଦାୟିତ୍ୱ ବୋଲି ସେ କହିଛନ୍ତି।

ଲାଗୁ ହେବ...

ଓୟୁଟିଆର ଭୁବନେଶ୍ୱର, ଆଇଜିଆଇଟି ସାରଙ୍ଗ, ବିପିଏଫଟିଆଇଓ କଟକ, ପିଏମଇସି ବ୍ରହ୍ମପୁର, କେନ୍ଦୁଝର ସରକାରୀ ଇଞ୍ଜିନିୟରିଂ କଲେଜ, କଳାହାଣ୍ଡି ସରକାରୀ ଇଞ୍ଜିନିୟରିଂ କଲେଜ ଓ ଆଇଏମଆଇଟି କଟକ ଭଳି ସରକାରୀ ବୈଷୟିକ ଶିକ୍ଷାନୁଷ୍ଠାନରେ ତୁରନ୍ତ କଡ଼ାକଡ଼ି ଭାବେ କାର୍ଯ୍ୟକାରୀ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏହି ଯୋଜନାର ସମସ୍ତ ବ୍ୟୟଭାର ନିଜର ଜିଆଇଏ (ଜେନେରାଲ) ପାଣ୍ଠିରୁ ସମ୍ପୃକ୍ତ ସରକାରୀ ବୈଷୟିକ ଶିକ୍ଷାନୁଷ୍ଠାନଗୁଡ଼ିକ ବହନ କରିବେ ବୋଲି ସ୍ପଷ୍ଟ କରାଯାଇଛି। ଏହି 'ଗ୍ରୀନ୍ ପ୍ୟାସେଜ୍' ଯୋଜନାରେ ଅନାଥ ଓ ନିରାଶ୍ରୟ ଛାତ୍ରଛାତ୍ରୀଙ୍କୁ ଶତପ୍ରତିଶତ ମାଗଣା ଶିକ୍ଷାଦାନ ସହ ସମସ୍ତ ପ୍ରକାରର ସୁବିଧା ଯୋଗାଇ ଦିଆଯିବ। ଯୋଗ୍ୟ ଛାତ୍ରଛାତ୍ରୀମାନଙ୍କୁ ବୈଷୟିକ କଲେଜରେ ନାମଲେଖାଠାରୁ ଆରମ୍ଭ କରି ପାଠପଢ଼ା ଶେଷ ହେବା ପର୍ଯ୍ୟନ୍ତ କୌଣସି ପ୍ରକାର ଫି' ଦେବାକୁ ପଡ଼ିବ ନାହିଁ। ସେମାନଙ୍କର ଆବେଦନ ଫି', ନାମଲେଖା ଓ ରିଆଡ୍‌ମିଶନ ଫି', ଟ୍ୟୁସନ ଫି', ପରୀକ୍ଷା ଫି', ହଷ୍ଟେଲ ନାମଲେଖା ଫି', ଲାବୋରେଟୋରୀ ଫି', ଲାଇବ୍ରେରୀ ଫି' ଓ କଲେଜ ଡେଭଲପମେଣ୍ଟ ଫି' ସମ୍ପୂର୍ଣ୍ଣ ଛାଡ଼ କରାଯିବ। ଏହାଛଡ଼ା ଏହି ଯୋଜନାରେ ସମ୍ପୃକ୍ତ ଛାତ୍ରଛାତ୍ରୀମାନଙ୍କୁ କଲେଜ କ୍ୟାମ୍ପସରେ ସମ୍ପୂର୍ଣ୍ଣ ମାଗଣା ରହଣି ଓ ମାଗଣା ଖାଦ୍ୟପେୟର ସୁବିଧା ମଧ୍ୟ ଶିକ୍ଷାନୁଷ୍ଠାନ ଯୋଗାଇଦେବେ। ସମ୍ପୂର୍ଣ୍ଣ ପାଠ୍ୟକ୍ରମ ଅବଧି ପାଇଁ ଏହି ରିଇମ୍ବର୍ସମେଣ୍ଟ ରାଶି ସର୍ବାଧିକ ୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ସୀମିତ ରହିବ। ଅପର ପକ୍ଷରେ ଅନୁଦାନପ୍ରାପ୍ତ ବେସରକାରୀ କଲେଜରେ ନାମଲେଖା ସମୟରେ ହିଁ ଫି' ଛାଡ଼ କରାଯିବ ଓ ସରକାରଙ୍କଠାରୁ ଉକ୍ତ ଅର୍ଥ କଲେଜ କର୍ତ୍ତୃପକ୍ଷ ଭରଣା କରିପାରିବେ। ଦ୍ୱାଦଶ ଶ୍ରେଣୀ ପରେ ଅତି କମ୍‌ରେ ଏକ ବର୍ଷ ଅବଧି ବିଶିଷ୍ଟ ଯେକୌଣସି ବୈଷୟିକ ବା ପ୍ରଫେସନାଲ ପାଠ୍ୟକ୍ରମରେ ଏହି ସୁବିଧା ଉପଲବ୍ଧ ହେବ। ଏହି ଯୋଜନା ଅଧୀନରେ ବାପା-ମା' ଛେଉଣ୍ଡ ଅନାଥ ପିଲା, କୋଭିଡ ମହାମାରୀ ସମୟରେ ଉଭୟ ପିତାମାତା କିମ୍ବା ପରିବାରର ଏକମାତ୍ର ରୋଜଗାରକ୍ଷମ ବ୍ୟକ୍ତିଙ୍କୁ ହରାଇଥିବା ଛାତ୍ରଛାତ୍ରୀ, ଶିଶୁ ଯତ୍ନ ଅନୁଷ୍ଠାନ (ସିସିଆଇ)ରେ ରହୁଥିବା ଅନ୍ତେବାସୀ ତଥା ଫଷ୍ଟର କେୟାର କିମ୍ବା ଅଭିଭାବକଙ୍କ ଆଶ୍ରୟରେ ଥିବା ପିଲାମାନେ ଉପକୃତ ହୋଇପାରିବେ। ତେବେ ଉକ୍ତ ଛାତ୍ରଛାତ୍ରୀଙ୍କ ପରିବାର କିମ୍ବା ଅଭିଭାବକଙ୍କ ବାର୍ଷିକ ଆୟ ସମସ୍ତ ଉତ୍ସରୁ ୮ ଲକ୍ଷ ଟଙ୍କାରୁ କମ୍ ହୋଇଥିବା ବାଧ୍ୟତାମୂଳକ କରାଯାଇଛି।

ଲାଞ୍ଚ ନେବାରେ...


ପୁଲିସ ଏସଆଇ ସୁଜିତ କୁମାର ମହାନ୍ତ। କହିବାକୁ ଗଲେ ପୁରୁଷଙ୍କ ତୁଳନାରେ ୩ ଗୁଣ ଅଧିକ ମହିଳା କର୍ମଚାରୀ ଲାଞ୍ଚ ନେଇ ଧରାପଡ଼ିଛନ୍ତି, ଯାହା ଅନେକଙ୍କୁ ମଧ୍ୟ ଆଶ୍ଚର୍ଯ୍ୟ କରୁଛି। ଆଉ ବିଶ୍ୱାସଯୋଗ୍ୟ ମଧ୍ୟ ହେଉନାହିଁ। ତେବେ ଭିଜିଲାନ୍ସର ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି, ଏ ହେଉଛି କେବଳ ଲାଞ୍ଚ ନେଇ ଧରା ପଡୁଥିବା ତଥ୍ୟ। ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ଚଢ଼ାଉ ସମ୍ପର୍କରେ ଆଲୋଚନା କଲେ, ମହିଳା ସରକାରୀ କର୍ମଚାରୀଙ୍କ ସଂଖ୍ୟା ବହୁତ ବଢ଼ିବ। ଏଠାରେ ପ୍ରକାଶ ଥାଉକି, ରାଜ୍ୟରେ ଗତ ଦୁଇ ବର୍ଷରେ ୨୩୨ଟି ଲାଞ୍ଚ ମାମଲା ରୁଜୁ କରିଥିଲା ଭିଜିଲାନ୍ସ। ଏଥିରେ ସମୁଦାୟ ୨୭୪ ଜଣ ପୁରୁଷ ଓ ମହିଳା ସରକାରୀ କର୍ମଚାରୀ ଗିରଫ ହୋଇଛନ୍ତି। ଏଥି ମଧ୍ୟରେ ୨୧ ଜଣ ପ୍ରଥମେ ଶ୍ରେଣୀ ଓ ୩୮ ଜଣ ଦ୍ୱିତୀୟ ଶ୍ରେଣୀ କର୍ମଚାରୀ ଅଛନ୍ତି ବୋଲି ଉକ୍ତ ଅଧିକାରୀ ଜଣଙ୍କ କହିଛନ୍ତି।

ଗଞ୍ଜାମରୁ ବାଜିଲା...

ଲଗାଇଲା ତାହା ଜଣାପଡ଼ିବ। ପୂର୍ବରୁ ଗଞ୍ଜାମ କୁଳାଙ୍ଗାର ଲେଖା ଥିବା ପୋଷ୍ଟର ବି ଲାଗିଲା। ଏଥିରେ ବିଜେପିର ଜଣେ ସାଂସଦ, ଦୁଇ ମନ୍ତ୍ରୀଙ୍କ ସମେତ ଦୁଇ ବିଧାୟକଙ୍କ ଫଟୋ ଲାଗିଥିଲା। ଏହି ବିବାଦ ଭିତରେ ନବୀନଙ୍କ ଗଞ୍ଜାମ ଗସ୍ତକୁ ନେଇ ବିଜେପି ଓ ବିଜେଡି ମଧ୍ୟରେ ତୁତୁ ମେଁମେଁ ଜୋର୍ ଧରିଛି। କଂଗ୍ରେସ ବି ବିଭିନ୍ନ ଅଞ୍ଚଳ ଗସ୍ତ କରି ସରକାରଙ୍କ କାର୍ଯ୍ୟକୁ ସମାଲୋଚନା କରିବାରେ ଲାଗିଛି। ସବୁଠାରୁ ବଡ଼ କଥା ହେଉଛି, ଗଞ୍ଜାମରେ ବାତ୍ୟା କ୍ଷତି ହୋଇଥିବା ବେଳେ ରାଜଧାନୀରେ ତିନି ଦଳ ପ୍ରତିଦିନ ସାମ୍ବାଦିକ ସମ୍ମିଳନୀ କରି ପରସ୍ପରକୁ ଗାଳି ଦେଉଛନ୍ତି। ସୁଯୋଗ ହାତଛଡ଼ା କରିବାକୁ କେହି ରାଜି ନୁହନ୍ତି। ରାଜ୍ୟରେ ବାତ୍ୟା 'ଅର୍ଣ୍ଣବ' ଆଢୁଆଳରେ ଯେଉଁ ରାଜନୀତି ଆରମ୍ଭ ହୋଇଛି, ତାହା ପଞ୍ଚାୟତ ପୂର୍ବର କସରତ ବୋଲି ରାଜନୈତିକ ବିଶ୍ଳେଷକମାନେ ମତ ଦେଉଛନ୍ତି। ଗଞ୍ଜାମରେ ପଞ୍ଚାୟତ ଯୁଦ୍ଧର ଯେଉଁ ଟ୍ରେଲର ଆରମ୍ଭ ହୋଇଛି, ତାହା ଖୁବ୍‌ଶୀଘ୍ର ରାଜ୍ୟର ଅନ୍ୟ ଅଞ୍ଚଳକୁ ବ୍ୟାପିବ ଓ ପଞ୍ଚାୟତ ଦଖଲ ଆଶାୟୀ ନେତାମାନେ ନିଆଁରେ ଘିଅ ଢାଳିବା କାର୍ଯ୍ୟ କରିବେ ବୋଲି ଆଲୋଚନା ଜୋର୍ ଧରିଛି।

ପୋଷ୍ୟ ସନ୍ତାନ ଗ୍ରହଣ ଦଲିଲ୍ ପଞ୍ଜୀକରଣ ମାମଲା

ବୈଧତା ନିର୍ଣ୍ଣୟରେ ସବ୍-ରେଜିଷ୍ଟ୍ରାରଙ୍କ କ୍ଷମତା ସୀମିତ: ହାଇକୋର୍ଟ



କଟକ, ୭।୧୧(ସଂଚାର ବ୍ୟୁରୋ): ପୋଷ୍ୟ ସନ୍ତାନ ଗ୍ରହଣ ସମ୍ପର୍କିତ ଦଲିଲ୍ ପଞ୍ଜୀକରଣକୁ ନେଇ ଓଡ଼ିଶା ହାଇକୋର୍ଟ ଏକ ଗୁରୁତ୍ୱପୂର୍ଣ୍ଣ ସ୍ପଷ୍ଟୀକରଣ ଦେଇଛନ୍ତି। ପୋଷ୍ୟ ସନ୍ତାନ ଗ୍ରହଣର ବୈଧତା କିମ୍ବା ସତ୍ୟତା ନିର୍ଣ୍ଣୟ କରିବା ସବ୍-ରେଜିଷ୍ଟ୍ରାରଙ୍କ କ୍ଷମତା ପରିସରଭୁକ୍ତ ନୁହେଁ। ରେଜିଷ୍ଟ୍ରେସନ ଆଇନ, ୧୯୦୮ ଅନୁଯାୟୀ ଦଲିଲ୍ ପଞ୍ଜୀକରଣ ସମ୍ପର୍କିତ ଆଇନଗତ ଦାୟିତ୍ୱ ପାଳନ କରିବା ହିଁ ପଞ୍ଜୀକରଣ କର୍ତ୍ତୃପକ୍ଷଙ୍କ ପ୍ରମୁଖ କାର୍ଯ୍ୟ ବୋଲି ହାଇକୋର୍ଟ ସ୍ପଷ୍ଟ କରିଛନ୍ତି। ଜଷ୍ଟିସ୍ ଶଶିକାନ୍ତ ମିଶ୍ରଙ୍କୁ ନେଇ ଗଠିତ ଖଣ୍ଡପୀଠ ଏକ ମାମଲାର ଶୁଣାଣି କରି ବାଲେଶ୍ୱର ଅତିରିକ୍ତ ଜିଲ୍ଲା ମାଜିଷ୍ଟ୍ରେଟ୍ (ଏଡିଏମ୍) ଓ ସିମୁଳିଆ ସବ୍-ରେଜିଷ୍ଟ୍ରାରଙ୍କ ପୂର୍ବ ନିର୍ଦ୍ଦେଶକୁ ରଦ୍ଦ କରିଛନ୍ତି। ଆବେଦନକାରୀଙ୍କ ପକ୍ଷରୁ ଦାଖଲ କରାଯାଇଥିବା ପୋଷ୍ୟ ସନ୍ତାନ ଗ୍ରହଣ ସ୍ୱୀକୃତି ଦଲିଲ୍‌କୁ ଆବଶ୍ୟକ ଆଇନଗତ ସର୍ତ୍ତ ପୂରଣ ହେବା ପରେ ତିନି ଦିନ ମଧ୍ୟରେ ପଞ୍ଜୀକରଣ କରିବାକୁ ସମ୍ପୃକ୍ତ କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ହାଇକୋର୍ଟ ରାୟରେ ଆହୁରି ସ୍ପଷ୍ଟ କରିଛନ୍ତି ଯେ, କୌଣସି ପୋଷ୍ୟ ସନ୍ତାନ ଗ୍ରହଣ ସମ୍ପର୍କିତ ଦଲିଲ୍ ପଞ୍ଜୀକୃତ ହେବା ମାତ୍ରେ ସେହି ଗ୍ରହଣର ବୈଧତା ଚୂଡ଼ାନ୍ତ ଭାବେ ପ୍ରମାଣିତ ହୋଇଯାଏ ନାହିଁ। ଏହାକୁ ନେଇ ଯଦି କୌଣସି ପକ୍ଷଙ୍କର ଆପତ୍ତି କିମ୍ବା ବିବାଦ ରହିଥାଏ, ତେବେ ସେ ସିଭିଲ୍ କୋର୍ଟର ଆଶ୍ରୟ ନେଇ ଆଇନଗତ ଭାବେ ଏହାର ବୈଧତାକୁ ଚ୍ୟାଲେଞ୍ଜ କରିପାରିବେ। ତେଣୁ ପଞ୍ଜୀକରଣ ପ୍ରକ୍ରିୟାକୁ ପୋଷ୍ୟ ସନ୍ତାନ ଗ୍ରହଣର ସତ୍ୟତା ନିର୍ଦ୍ଧାରଣ ପାଇଁ ଏକ ବିଚାର ପ୍ରକ୍ରିୟାରେ ପରିଣତ କରାଯାଇପାରିବ ନାହିଁ।

୨୦୦୧ରେ ପୋଷ୍ୟପୁତ୍ର ଗ୍ରହଣ, ୨୦୨୫ରେ ଦଲିଲ୍ ପଞ୍ଜୀକରଣ ଉଦ୍ୟମ ମାମଲାର ବିବରଣୀ ଅନୁଯାୟୀ, ବାଲେଶ୍ୱର ଜିଲ୍ଲା ସିମୁଳିଆ ଅଞ୍ଚଳର ଏକ ଦମ୍ପତି ୨୦୦୧ ମାର୍ଚ୍ଚ ୨୫ ତାରିଖରେ ନିଜର ୯ ବର୍ଷୀୟ ପୁଅକୁ ଅନ୍ୟ ଏକ ଦମ୍ପତିଙ୍କୁ ପୋଷ୍ୟପୁତ୍ର ଭାବେ ଦେଇଥିଲେ। ତେବେ ସେହି ସମୟରେ ଏ ସମ୍ପର୍କିତ କୌଣସି ପଞ୍ଜୀକୃତ ଦଲିଲ୍ ପ୍ରସ୍ତୁତ ହୋଇନଥିଲା। ଏହାର ଦୀର୍ଘ ବର୍ଷ ପରେ, ୨୦୨୫ ସେପ୍ଟେମ୍ବର ୨୪ରେ ଏକ ପୋଷ୍ୟପୁତ୍ର ଗ୍ରହଣ ସ୍ୱୀକୃତି ଦଲିଲ୍ ପ୍ରସ୍ତୁତ କରାଯାଇ ସିମୁଳିଆ ସବ୍-ରେଜିଷ୍ଟ୍ରାରଙ୍କ ନିକଟରେ ପଞ୍ଜୀକରଣ ପାଇଁ ଦାଖଲ କରାଯାଇଥିଲା। କିନ୍ତୁ ୨୦୨୫ ସେପ୍ଟେମ୍ବର ୨୬ରେ ସବ୍-ରେଜିଷ୍ଟ୍ରାର ଏହି ଦଲିଲ୍ ପଞ୍ଜୀକରଣକୁ ଅସ୍ୱୀକାର କରିଥିଲେ। ବୟସ ସମ୍ପର୍କିତ ସୀମା, ସ୍କୁଲ୍ ଏସ୍‌ଏଲ୍‌ସି ସାର୍ଟିଫିକେଟ୍‌ରେ ଥିବା ନାମ ଏବଂ ଆଧାର କାର୍ଡରେ ନାମ ସଂଶୋଧନ ସମ୍ପର୍କିତ ପ୍ରସଙ୍ଗକୁ ଆଧାର କରି ପଞ୍ଜୀକରଣ ପାଇଁ ଅନୁମତି ଦିଆଯାଇନଥିଲା। ଏହି ନିଷ୍ପତ୍ତି ବିରୋଧରେ ଆବେଦନକାରୀ ବାଲେଶ୍ୱର ଏଡିଏମ୍‌ଙ୍କ ନିକଟରେ ଅପିଲ୍ କରିଥିଲେ। ମାତ୍ର ୨୦୨୬ ଏପ୍ରିଲ୍ ୩୦ ତାରିଖରେ ଏହି ଅପିଲ୍ ଖାରଜ ହୋଇଯାଇଥିଲା। ଶେଷରେ ନ୍ୟାୟ ପାଇଁ ଆବେଦନକାରୀ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ମାମଲାର ବିଚାର କରି ହାଇକୋର୍ଟ ପଞ୍ଜୀକରଣ କର୍ତ୍ତୃପକ୍ଷଙ୍କ ଅଧିକାରର ସୀମା ନିର୍ଦ୍ଧାରଣ କରିବା ସହ ଆବେଦନକାରୀଙ୍କ ସପକ୍ଷରେ ଏହି ଗୁରୁତ୍ୱପୂର୍ଣ୍ଣ ରାୟ ପ୍ରଦାନ କରିଛନ୍ତି।

ସିଲେଇ ତାଲିମ କେନ୍ଦ୍ର ଜରିଆରେ ଭିଏଏମ୍ଏଲ୍‌ର ମହିଳା ଜୀବିକା ଅଭିଯାନ ସମ୍ପ୍ରସାରିତ

ଭୁବନେଶ୍ୱର,୭।୧୧ (ସଂଚାର ବ୍ୟୁରୋ): ମହିଳା ସଶକ୍ତିକରଣ ଓ ଗ୍ରାମୀଣ ବିକାଶ ପ୍ରତି ନିଜର ପ୍ରତିବଦ୍ଧତାକୁ ସୁଦୃଢ଼ କରି ଭିଏଏମ୍ଏଲ୍ ଲାଞ୍ଜିଗଡ଼ ଏହାର ଫ୍ଲାଗସିପ୍ ମହିଳା ସଶକ୍ତିକରଣ କାର୍ଯ୍ୟକ୍ରମ ପ୍ରକଳ୍ପ 'ସଖୀ' ଅଧୀନରେ କଳାହାଣ୍ଡି ଅନ୍ତର୍ଗତ ଛତ୍ରପୁରର ଭାଟଗୁଡ଼ା ଗ୍ରାମରେ ଏକ ନୂତନ ସିଲେଇ ତାଲିମ କେନ୍ଦ୍ରର ଉଦଘାଟନ କରିଛି। ଏହି କେନ୍ଦ୍ରର ଶୁଭାରମ୍ଭ ସହ ଏସ୍ଏଚଜିର ୩୦ ସଦସ୍ୟାଙ୍କୁ ନେଇ ଗଠିତ ୩ଟି ବ୍ୟାଚ୍ ଏବେ ସେମାନଙ୍କର ଦକ୍ଷତା ବୃଦ୍ଧି ଓ ସମ୍ପ୍ରଦାୟର ପ୍ରଗତି ପାଇଁ ସ୍ଥାୟୀ ଜୀବିକା ସୁଯୋଗ ସୃଷ୍ଟି କରିବା ଉଦ୍ଦେଶ୍ୟରେ ୩ ମାସର ବୃତ୍ତିଭିତ୍ତିକ ତାଲିମ କାର୍ଯ୍ୟକ୍ରମ ଆରମ୍ଭ କରିଛନ୍ତି। ଏହି ପଦକ୍ଷେପ ଗ୍ରାମୀଣ ମହିଳାଙ୍କ ସାମର୍ଥ୍ୟକୁ ସୁଦୃଢ଼ କରିବା, ସେମାନଙ୍କୁ ଅଧିକ ଆତ୍ମନିର୍ଭରଶୀଳ ଓ ଆର୍ଥିକ ସ୍ୱାଧୀନ ହେବାରେ ସକ୍ଷମ ପାଇଁ ଉଦ୍ଦିଷ୍ଟ। ବ୍ୟାବହାରିକ ସିଲେଇ ପ୍ରଶିକ୍ଷଣ



ମାଧ୍ୟମରେ ଅଂଶଗ୍ରହଣକାରୀମାନେ ମୌଳିକ ଆୟ-ସୃଷ୍ଟି କୌଶଳ ଶିଖୁଛନ୍ତି, ଯାହା ଘରୋଇ ଦାୟିତ୍ୱ ସହ କରାଯାଇପାରିବ, ସେମାନଙ୍କ ସମ୍ପ୍ରଦାୟ ମଧ୍ୟରେ ବିକାଶ ପ୍ରୟାସର ନେତୃତ୍ୱ ନେବାର କ୍ଷମତା ବୃଦ୍ଧି କରିବା ସହ ସେମାନଙ୍କର ଆର୍ଥିକ ସ୍ଥିତିରେ ଉନ୍ନତି ଆଣିବାରେ ସାହାଯ୍ୟ କରିଥାଏ।

ଏହି କାର୍ଯ୍ୟକ୍ରମ ଆରମ୍ଭ ହେବା ପରଠାରୁ ନିୟମଗିରି ବେଦାନ୍ତ ନଗର କଲୋନୀ, ରେଙ୍ଗୋପାଲି ବନ୍ଧାଗୁଡ଼ା କୋଠଦୁଆର କଲୋନୀ (ଆରବିକେ), ପେଡ଼ିଗୁଡ଼ା, ଗୋପୀନାଥପୁର, ବାଟେଲିମା ଓ ନଙ୍ଗଲବେଡା ଗ୍ରାମରେ ୧୨ରୁ ଅଧିକ ଗାଁର ୨୨୬ ଜଣ ଏସ୍ଏଚ୍‌ଜିର ମହିଳା ସିଲେଇ ତାଲିମ ସମାପ୍ତ କରିଛନ୍ତି। କାର୍ଯ୍ୟକ୍ରମ ଅଂଶଗ୍ରହଣକାରୀଙ୍କୁ ବଜାର ଅନୁକୂଳ ଦକ୍ଷତା, ଆତ୍ମନିଯୁକ୍ତି ଓ ଅତିରିକ୍ତ ଆୟ ସୃଷ୍ଟି ପାଇଁ ସୁଯୋଗ ଦେଇଛି। ନୂତନ ଉତ୍ସର୍ଗୀକୃତ ସିଲେଇ ତାଲିମ କେନ୍ଦ୍ର ବର୍ତ୍ତମାନ ଅନେକ ଅତିରିକ୍ତ ମହିଳାଙ୍କୁ ଏହି ପଦକ୍ଷେପରୁ ଉପକୃତ କରିବାରେ ସକ୍ଷମ କରିବ। ଏନେଇ ଭିଏଏମଏଲ ଲାଞ୍ଜିଗଡ଼ର ସିଇଓ ପ୍ରଣବ କୁମାର ଭଟ୍ଟାଚାର୍ଯ୍ୟ କହିଛନ୍ତି ଯେ ମହିଳାମାନେ ସାମାଜିକ ଓ ଅର୍ଥନୈତିକ ପରିବର୍ତ୍ତନର ଉତପ୍ରେରକ ଏବଂ ସେମାନଙ୍କୁ ଜୀବିକା କୌଶଳ ସହ ସଶକ୍ତ କରିବା ସମଗ୍ର ସମ୍ପ୍ରଦାୟ ଉପରେ ସ୍ଥାୟୀ ପ୍ରଭାବ ସୃଷ୍ଟି କରେ। 'ସଖୀ' ପ୍ରକଳ୍ପ ଜରିଆରେ ମହିଳାମାନଙ୍କୁ ଆର୍ଥିକ ଦୃଷ୍ଟିରୁ ସ୍ୱାଧୀନ, ଆତ୍ମବିଶ୍ୱାସୀ ଓ ଉଦ୍ୟୋଗୀ ହେବାରେ ସକ୍ଷମ କରାଯାଉଛି। ଏହି ସିଲେଇ ପ୍ରଶିକ୍ଷଣ ପଦକ୍ଷେପ ସ୍ଥାୟୀ ଜୀବିକା ସୁଯୋଗ ସୃଷ୍ଟି କରିବା ସହ ଓଡ଼ିଶାର ସମାବେଶୀ ଅଭିବୃଦ୍ଧି ଓ ଗ୍ରାମୀଣ ବିକାଶକୁ ପ୍ରୋତ୍ସାହିତ କରିବା ଦିଗରେ ଆଉ ଏକ ପଦକ୍ଷେପ । ସମାବେଶୀ ଅଭିବୃଦ୍ଧି ପାଇଁ ସ୍ଥାୟୀ ସୁଯୋଗ ସୃଷ୍ଟି କରିବା ଜାରି ରଖିଛି।

● ସୁନା ଅଳଙ୍କାର ଚୋରି ଘଟଣାର ପର୍ଦ୍ଦାଫାଶ

୬୧.୫୯୦ ଗ୍ରାମ ସୁନା ସହ ବିଭିନ୍ନ ସାମଗ୍ରୀ ଜବତ, ୪ ଗିରଫ



ଢେଙ୍କାନାଳ,୭।୧୧ (ସଂଚାର ବ୍ୟୁରୋ): ଢେଙ୍କାନାଳ ଟାଉନ ଥାନା ପୁଲିସକୁ ମିଳିଛି ଏକ ବଡ଼ ସଫଳତା। ସୁନା ଅଳଙ୍କାର ଚୋରି ଘଟଣାର ତଦନ୍ତ କରି ପୁଲିସ ୬୧.୫୯୦ ଗ୍ରାମ ଓଜନର ବିଭିନ୍ନ ସୁନା ଅଳଙ୍କାର ସହ ଚୋରି କାର୍ଯ୍ୟରେ ବ୍ୟବହୃତ ବୁଲେଟ୍ ମୋଟରସାଇକେଲ ଓ ଅନ୍ୟାନ୍ୟ ସାମଗ୍ରୀ ଜବତ କରିଛି। ଏହି ଘଟଣାରେ ଢେଙ୍କାନାଳ ଟାଉନ ଥାନାରେ ରୁଜୁ ହୋଇଥିବା ତିନୋଟି ଚୋରି ମାମଲାର ସମ୍ପୃକ୍ତି ସାମ୍ନାକୁ ଆସିଛି।

ଜିଲ୍ଲା ପୁଲିସ ମୁଖ୍ୟାଳୟ ପକ୍ଷରୁ ନଭେମ୍ବର ୭ ତାରିଖରେ ଜାରି ପ୍ରେସ୍ ନୋଟ୍ ଅନୁଯାୟୀ, ଏହି ଘଟଣା ସମ୍ପର୍କରେ ଢେଙ୍କାନାଳ ଟାଉନ ଥାନା କେସ୍ ନମ୍ବର ୬୨୨, ତାରିଖ ୨୪.୦୮.୨୦୨୬, ଭାରତୀୟ ନ୍ୟାୟ ସଂହିତା (ବିଏନ୍ଏସ୍) ୨୦୨୩ର ଧାରା ୩୩୧(୪)/୩୦୫ ଅନୁଯାୟୀ ମାମଲା ରୁଜୁ ହୋଇଥିଲା। ଏହାର ତଦନ୍ତ ସମୟରେ ପୁଲିସ ବିଭିନ୍ନ ସୁନା ଅଳଙ୍କାର ଜବତ କରିଛି।

ଜବତ ସୁନା ଅଳଙ୍କାର ମଧ୍ୟରେ ଗୋଟିଏ ମଙ୍ଗଳସୂତ୍ର, ଦୁଇଟି ମୁଦି, ଚାରିଟି ଶଙ୍ଖା ସହିତ ବାଲା, ଗୋଟିଏ ଯୋଡ଼ା କାନଫୁଲ ଏବଂ ଗୋଟିଏ ଯୋଡ଼ା ଝରା କାନଫୁଲ ରହିଛି। ଏହି ସମସ୍ତ ସୁନା ଅଳଙ୍କାରର ମୋଟ ଓଜନ ୬୧.୫୯୦ ଗ୍ରାମ ବୋଲି ପୁଲିସ ପ୍ରେସ୍ ନୋଟ୍‌ରେ ଉଲ୍ଲେଖ କରିଛି।

ସେହିପରି ଚୋରି କାର୍ଯ୍ୟରେ ବ୍ୟବହୃତ ହୋଇଥିବା ଏକ କଳା ରଙ୍ଗର ବୁଲେଟ୍ ମୋଟରସାଇକେଲ (ନମ୍ବର ଓଡି-୦୬-ଆର୍-୪୯୫୮), ଗୋଟିଏ ଟର୍ଚ୍ଚ, ଲୁହାର ସବଳ, ତିନୋଟି ସ୍କ୍ରୁ ଡ୍ରାଇଭର, ଦୁଇଟି ଲୁହା ରଡ୍ ଏବଂ ଗୋଟିଏ ଗ୍ୟାସ୍ ସିଲିଣ୍ଡର ମଧ୍ୟ ଜବତ କରାଯାଇଛି। ସରଜଙ୍ଗ ସାହିର ମିଲୁ ନାଏକ (୨୧), ଲିପୁ ନାଏକ (୨୧), ତାପୁ ଓରଫ ଅମା ନାଏକ (୧୯) ଏବଂ ଶୁଭମ୍ ଓରଫ ଭଗୁ ନାଏକ (୨୦)ଙ୍କ ନାମ ଉଲ୍ଲେଖ ରହିଛି। ଚୋରି ଘଟଣାରେ ଜବତ ସାମଗ୍ରୀ ଓ ଅନ୍ୟାନ୍ୟ ତଥ୍ୟକୁ ଆଧାର କରି ପୁଲିସର ତଦନ୍ତ ଜାରି ରହିଛି।

ବିଲୁଆ କାମୁଡ଼ାରେ ଦୁଇ ଆହତ, ଭୟରେ ଅଞ୍ଚଳବାସୀ

ଫୁଲବାଣୀ,୭।୧୧ (ସଂଚାର ବ୍ୟୁରୋ): ଫିରିଙ୍ଗିଆ ପଞ୍ଚାୟତର ଡାଲେରି ସାହିରେ ବିଲୁଆ କାମୁଡାରେ ଦୁଇ ଜଣ ଆହତ ହୋଇଛନ୍ତି ଯାହାଦ୍ୱାରା ଡାଲେରି ସାହି ସମେତ ପାଖା ପାଖି ଲୋକେ ବାହାରକୁ ଯିବାକୁ ଭୟ କରୁଛନ୍ତି ।

ସୂଚନା ଅନୁସାରେ ଗତକାଲି ଏକ ବିଲୁଆ ଗାଁ ପାଖରେ ବୁଲୁଥିଲା ଓ ଯାହାକୁ ଦେଖିଲା ଗୋଡାଉ ଥିଲା। ସେହି ଡାଲେରି ସାହିର ବିଶ୍ୱକର୍ମା କହଁର ନାମକ ଯୁବକଙ୍କୁ କାମୁଡି ଥିଲା। କିଛି ସମୟ ପରେ ସେହି ସାହିର ଲାଜୁ କହଁରକୁ କାମୁଡି ଥିଲା। ଯାହାଦ୍ୱାରା ଲୋକେ ଶୌଚ ହେବା ପାଇଁ ବାହାରକୁ ଯିବାକୁ ଭୟ କରୁଥିବା ବେଳେ ଜଙ୍ଗଲକୁ ଜାଳେଣି କାଠ କିମ୍ବା ଶାଳ ପତ୍ର ପାଇଁ ଯିବାକୁ ଭୟ କରୁଛନ୍ତି । ବିଲୁଆଟି ସାହି ଭିତରକୁ ପଶି ଆସୁଥିବା ବେଳେ ଯାହାକୁ ଦେଖୁଚି କାମୁଡ଼ିବାକୁ ଗୋଡାଉଛି। ଫଳରେ ଛୋଟ ଛୋଟ ପିଲା ମାନଙ୍କୁ ବାହାରକୁ ଓ ସ୍କୁଲକୁ ଛାଡିବାକୁ ଲୋକେ ଭୟ କରୁଛନ୍ତି ।

ଲୋକଙ୍କ କହିବା ଅନୁସାରେ ବିଲୁଆଟି ପାଗଳ ହେଲା ଭଳି ଲାଗୁଛି, ତେଣୁ ଯାହାକୁ ପାଉଛି ଗୋଡାଉଛି। ତେଣୁ ବନ ବିଭାଗ ତରଫରୁ ବିଲୁଆକୁ ଘଉଡ଼ାଇବାକୁ କହିଛନ୍ତି ନଚେତ ପୁଣି କାହାକୁ ଜୀବନରେ ମାରିନଦେବ ତାହା କହି ହେବ ନାହିଁ।

ରଗଡ଼ି ସବଜେଲରେ ବିଚାରାଧୀନ କଏଦୀଙ୍କ ମୃତ୍ୟୁକୁ ନେଇ ଚର୍ଚ୍ଚା

ଆତ୍ମହତ୍ୟା ବନାମ ହତ୍ୟା ଅଭିଯୋଗ



କୋରେଇ, ୭।୧୧ (ସଂଚାର ବ୍ୟୁରୋ): କୋରେଇ ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ରଗଡି ସ୍ଥିତ ଯାଜପୁର, ରଗଡ଼ି ସବଜେଲରେ ବିଗତ ଦିନ ବିଚାରାଧୀନ କଏଦୀଙ୍କ ମୃତ୍ୟୁକୁ ନେଇ ଚର୍ଚ୍ଚା ଜୋର ଧରିଛି। ଜେଲ କର୍ତ୍ତୃପକ୍ଷ ଏହାକୁ ଆତ୍ମହତ୍ୟା ବୋଲି କହୁଥିବା ବେଳେ ପରିବାର ଲୋକେ ଯୋଜନାବଦ୍ଧ ହତ୍ୟା ବୋଲି ଅଭିଯୋଗ କରିଛନ୍ତି। ମୃତକ ହେଉଛନ୍ତି କଳିଙ୍ଗନଗର ଥାନା ନିମପଲ୍ଲୀ ଗ୍ରାମର ଅବିନାଶ ବିଶ୍ୱାଳ। ପୋକ୍ସୋ ମାମଲାରେ ଅଭିଯୁକ୍ତ ହୋଇ ସେ ବିଚାରାଧୀନ କଏଦୀ ଭାବେ ଜେଲରେ ଥିଲେ।

କୁମ୍ଭୀର ଆକ୍ରମଣରେ ଯୁବକ ଗୁରୁତର



କୋରେଇ, ୭।୧୧ (ସଂଚାର ବ୍ୟୁରୋ): କୋରେଇ ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ରାଉତରାପୁର ଗ୍ରାମର ମକର ସାହୁଙ୍କ ୪୨ ବର୍ଷୀୟ ପୁଅ ଉଦୟ କୁମାର ସାହୁ ଆଜି ଅପରାହ୍ନ ପ୍ରାୟ ୧.୩୦ ସମୟରେ ଖରସ୍ରୋତା ନଦୀକୁ ଗାଧୋଇବାକୁ ଯାଇଥିଲେ।

ନଦୀ ଗର୍ଭରେ ପୂର୍ବରୁ ଛକି ବସିଥିବା କୁମ୍ଭୀର ହଠାତ୍ ତାଙ୍କ ଗୋଡ଼କୁ ପାଣି ଭିତରକୁ ଟାଣି ନେଇଥିଲା। ଏହି ସମୟରେ ସେ କୌଶଳ କ୍ରମେ ଚିତ୍କାର କରି ଗୋଡ଼କୁ ଛାଡ଼ାଇ ଉପରକୁ ଉଠି ଆସିଥିଲେ। ଗ୍ରାମବାସୀ ତୁରନ୍ତ କୁମ୍ଭୀରକୁ ଘଉଡ଼ାଇବାକୁ ଉଦ୍ୟମ କରିଥିଲେ। ପରେ ଆହତ ଉଦୟଙ୍କୁ ଚିକିତ୍ସା ପାଇଁ ଯାଜପୁର ରୋଡ୍ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ନେଇ ଚିକିତ୍ସା କରିଥିବା ବେଳେ ବନ ବିଭାଗ ପକ୍ଷରୁ କୁମ୍ଭୀରର ଗତିବିଧି ଉପରେ ନଜର ରଖାଯାଇଛି।

ଭୋଟର ତାଲିକାର ସ୍ୱତନ୍ତ୍ର ସଘନ ସଂଶୋଧନ ନେଇ ରାଜନୈତିକ ଦଳର ପ୍ରତିନିଧିମାନଙ୍କ ସହ ବୈଠକ



ସୁନ୍ଦରଗଡ଼,୭।୧୧ (ସଂଚାର ବ୍ୟୁରୋ): ଭାରତ ନିର୍ବାଚନ ଆୟୋଗଙ୍କ ନିର୍ଦ୍ଦେଶାନୁଯାୟୀ, ୧ ଜାନୁୟାରୀ ୨୦୨୭କୁ ଯୋଗ୍ୟତା ତାରିଖ ଭାବେ ଧାର୍ଯ୍ୟ କରି ଭୋଟର ତାଲିକାର ସ୍ୱତନ୍ତ୍ର ସଂକ୍ଷିପ୍ତ ସଂଶୋଧନ କାର୍ଯ୍ୟକ୍ରମ ସମ୍ପର୍କରେ ଶନିବାର ଅତିରିକ୍ତ ଜିଲ୍ଲାପାଳ ସୂରଜ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ରାଜନୈତିକ ଦଳଗୁଡ଼ିକର ପ୍ରତିନିଧିମାନଙ୍କୁ ନେଇ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ସମସ୍ତ ରାଜନୈତିକ ଦଳର ପ୍ରତିନିଧିମାନଙ୍କୁ ଭାରତର ନିର୍ବାଚନ ଆୟୋଗଙ୍କ ନିର୍ଦ୍ଦେଶାନୁଯାୟୀ ହେବାକୁ ଥିବା ସ୍ୱତନ୍ତ୍ର ସଂକ୍ଷିପ୍ତ ସଂଶୋଧନ କାର୍ଯ୍ୟକ୍ରମ ସମ୍ପର୍କରେ ବିସ୍ତୃତ ଭାବେ ଅବଗତ କରାଇଥିଲେ।

ବୈଠକରେ ଭୋଟର ତାଲିକାର ସ୍ୱତନ୍ତ୍ର ସଂକ୍ଷିପ୍ତ ସଂଶୋଧନର ବିସ୍ତୃତ କାର୍ଯ୍ୟସୂଚୀ ଓ ଏହାର ବିଭିନ୍ନ ପର୍ଯ୍ୟାୟରେ ନିର୍ଦ୍ଧାରିତ ସମୟସୀମା ସମ୍ପର୍କରେ ସମସ୍ତ ସ୍ୱୀକୃତିପ୍ରାପ୍ତ ରାଜନୈତିକ ଦଳର ପ୍ରତିନିଧିମାନଙ୍କୁ ଅବଗତ କରାଯାଇଥିଲା ଏବଂ ଏହି କାର୍ଯ୍ୟକ୍ରମର ସଫଳ ରୂପାୟନ ନିମନ୍ତେ ସେମାନଙ୍କର ସହଯୋଗ କାମନା କରାଯାଇଥିଲା। ସେହିଭଳି ଜିଲ୍ଲାର ୮ ଗୋଟି ମତଦାନ କେନ୍ଦ୍ରରେ ୧୨୦୦ରୁ ଅଧିକ ଭୋଟର ଥିବାରୁ ଭାରତର ନିର୍ବାଚନ ଆୟୋଗଙ୍କ ନିର୍ଦ୍ଦେଶାନୁଯାୟୀ ଏହାର ଯୁକ୍ତିସଂଗତ ପୁନର୍ବିନ୍ୟାସ ଆବଶ୍ୟକ।

ସେହି ମତଦାନ କେନ୍ଦ୍ର ଗୁଡ଼ିକ ହେଉଛି ସେକ୍ଟର ୧୪, ବ୍ଲକ ସି (୧୨୦୨ ଭୋଟର), ସେକ୍ଟର ୭, ବ୍ଲକ ସି (୧୨୨୦ ଭୋଟର), ମଧୁସୂଦନପାଲି (୧୨୧୬ ଭୋଟର), କ୍ୱାରୀ ସାଇଡିଂ -୨ (୧୨୧୯ ଭୋଟର), ଛେଣ୍ଡ ହାଉସିଙ୍ଗ କଲୋନୀ (୧୩୨୭ ଭୋଟର), ଖରିଆବହାଲ କୋଏଲ ବ୍ୟାଙ୍କ୍ (୧୩୧୦ ଭୋଟର), ପ୍ଲାଣ୍ଟ ସାଇଟ୍ (୧୨୪୦ ଭୋଟର), ରାଜଗାଙ୍ଗପୁର (୧୨୨୦ ଭୋଟର)।

ଉପରୋକ୍ତ ୮ଗୋଟି ମତଦାନ କେନ୍ଦ୍ରର ପୁନର୍ବିନ୍ୟାସ ପ୍ରସ୍ତାବ ଉପରେ ବିସ୍ତୃତ ଆଲୋଚନା ପରେ ବୈଠକରେ ଉପସ୍ଥିତ ସମସ୍ତ ରାଜନୈତିକ ଦଳର ପ୍ରତିନିଧିମାନେ ଏହି ପ୍ରସ୍ତାବରେ ସହମତି ପ୍ରକାଶ କରିଥିଲେ।

ଯାଜପୁର ଜିଲ୍ଲା ସାମ୍ବାଦିକ ୟୁନିଅନ୍‌ର ନୂତନ ଟିମ୍ ଗଠିତ

ରଞ୍ଜିତ ରାଉତ ସଭାପତି, ତପନ ମହାନ୍ତି ସାଧାରଣ ସମ୍ପାଦକ

ନିରଞ୍ଜନ ପଣ୍ଡା କାର୍ଯ୍ୟକାରୀ ସଭାପତି, ଲିଗାଲ୍ ସେଲ୍ ଅଧ୍ୟକ୍ଷ ହେଲେ ମାନସ



ଯାଜପୁର,୭।୧୧ (ସଂଚାର ବ୍ୟୁରୋ): ଯାଜପୁର ଜିଲ୍ଲାର ସାମ୍ବାଦିକ ସଂଗଠନକୁ ଅଧିକ ସୁଦୃଢ଼ ଓ ସକ୍ରିୟ କରିବା ଲକ୍ଷ୍ୟରେ ଯାଜପୁର ଜିଲ୍ଲା ସାମ୍ବାଦିକ ୟୁନିଅନ୍ (ଜେୟୁଜେ)ର ନୂତନ କର୍ମକର୍ତ୍ତା ନିର୍ବାଚିତ ହୋଇଛନ୍ତି। ଏଥିରେ ବରିଷ୍ଠ ସାମ୍ବାଦିକ ରଞ୍ଜିତ କୁମାର ରାଉତ ଜିଲ୍ଲା ସଭାପତି ଭାବେ ନିର୍ବାଚିତ ହୋଇଥିବା ବେଳେ ତପନ କୁମାର ମହାନ୍ତି ସାଧାରଣ ସମ୍ପାଦକ ଓ ନିରଞ୍ଜନ ପଣ୍ଡା କାର୍ଯ୍ୟକାରୀ ସଭାପତି ଦାୟିତ୍ୱ ପାଇଛନ୍ତି। ସେହିପରି ଲିଗାଲ୍ ସେଲ୍ ଅଧ୍ୟକ୍ଷ ଭାବେ ମାନସ ତ୍ରିପାଠୀଙ୍କୁ ନିଯୁକ୍ତ କରାଯାଇଛି।

ଏହି ଅବସରରେ ସ୍ଥାନୀୟ ଡିଆରଡିଏ ସମ୍ମିଳନୀ କକ୍ଷରେ ଜେୟୁଜେର ଦ୍ୱିବାର୍ଷିକ ସମ୍ମିଳନୀ, ନିର୍ବାଚନ ଓ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଥିଲା। ଜିଲ୍ଲାର ବହୁ ସାମ୍ବାଦିକ, ସଂଘର ରାଜ୍ୟସ୍ତରୀୟ କର୍ମକର୍ତ୍ତା ଓ ବିଶିଷ୍ଟ ଅତିଥିଙ୍କ ଉପସ୍ଥିତିରେ ସାଙ୍ଗଠନିକ ଆଲୋଚନା ସହ ନୂତନ ନେତୃତ୍ୱ ଚୟନ କରାଯାଇଥିଲା। କାର୍ଯ୍ୟକ୍ରମକୁ ଯାଜପୁର ବିଧାୟିକା ସୁଜାତା ସାହୁ ଉଦ୍‌ଘାଟନ କରିଥିଲେ। ମୁଖ୍ୟ ଅତିଥି ଭାବେ ଓଡ଼ିଶା ୟୁନିଅନ୍ ଅଫ୍ ଜର୍ଣ୍ଣାଲିଷ୍ଟସ୍ (ଓୟୁଜେ)ର ରାଜ୍ୟ ସଭାପତି ତଥା ପ୍ରେସ୍ କାଉନସିଲ୍ ଅଫ୍ ଇଣ୍ଡିଆର ବରିଷ୍ଠ ସଦସ୍ୟ ପ୍ରସନ୍ନ ମହାନ୍ତି ଯୋଗଦେଇଥିଲେ। ମୁଖ୍ୟବକ୍ତା ଭାବେ ଓୟୁଜେର ରାଜ୍ୟ ସମ୍ପାଦକ କିଷାନ ରାଉତ ଯୋଗଦେଇ ସାମ୍ବାଦିକ ସଂଗଠନର ଏକତା, ସାମ୍ବାଦିକଙ୍କ ବୃତ୍ତିଗତ ମର୍ଯ୍ୟାଦା ଓ ଅଧିକାର ସୁରକ୍ଷାର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ। ସମ୍ମାନିତ ଅତିଥି ଭାବେ ବରିଷ୍ଠ ସମାଜସେବୀ କର୍ଣ୍ଣାଟ କେଶରୀ ଦାସ, ପ୍ରାଧ୍ୟାପକ ଡ. ବଟକୃଷ୍ଣ ମହାପାତ୍ର, ରାଜ୍ୟ ଟ୍ରିବ୍ୟୁନାଲ କମିଟି ଅଧ୍ୟକ୍ଷ ଅଭୟ ପତି, ଲିଗାଲ୍ ସେଲ୍ ଅଧ୍ୟକ୍ଷ ରାଜୀବ ମହାନ୍ତି, ଶୃଙ୍ଖଳା କମିଟି ଅଧ୍ୟକ୍ଷ ଆଦିତ୍ୟ ମେକାପ, ପୂର୍ବତନ ରାଜ୍ୟ ସମ୍ପାଦକ ସମରଜିତ୍ ମହାନ୍ତି ଓ ଜିଲ୍ଲା ସଭାପତି ଅରୁଣ କୁମାର ରାଉତରାୟ ଉପସ୍ଥିତ ଥିଲେ। ଏହି ଅବସରରେ ଏସ୍‌ପି ପାହ୍ୟାକୁ ପଦୋନ୍ନତି ପାଇଥିବା ଶୀତିକଣ୍ଠ କାନୁନଗୋଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

ଉପସଭାପତି ଭାବେ କୌଶିକ ଦାସ, ହେମନ୍ତ ଜେନା, ଏକାଦଶୀ ସେଠୀ, ସୁବ୍ରତ ଜେନା, ଦେବପ୍ରସାଦ ସାହୁ ଓ ଜ୍ଞାନ ଓଝା ନିର୍ବାଚିତ ହୋଇଛନ୍ତି। ଏହାଛଡ଼ା ସମ୍ପାଦକ ଭାବେ ବିଶ୍ୱଜିତ ପତି, ସୁଶାନ୍ତ ବେହୁରିଆ, ସୁରେନ୍ଦ୍ର ସାମଲ, ଆଶୁତୋଷ ମିଶ୍ର, ଦେବେନ୍ଦ୍ର ପାଢ଼ୀ ଓ ଅଜୟ ସାହୁ ଦାୟିତ୍ୱ ପାଇଛନ୍ତି। ଆହୁରି ସଂଗଠକ ସମ୍ପାଦକ ଭାବେ ସମର ବିଜୟ ଶରଣ ଏବଂ କୋଷାଧ୍ୟକ୍ଷ ଭାବେ ରାଜକିଶୋର ମହାନ୍ତି ନିର୍ବାଚିତ ହୋଇଛନ୍ତି।

କଥା କମ୍, କାମ ବେଶୀ- ସେ ହେଉଛନ୍ତି ଇନ୍ଦ୍ରମଣି

ଆଗାମୀ ପଞ୍ଚାୟତ ନିର୍ବାଚନରେ ଗେମ୍ ଚେଞ୍ଜର

ସେବା ହିଁ ରାଜନୀତି, କର୍ମୀ ହିଁ ଶକ୍ତି

ସେବକରୁ ମଣ୍ଡଳ ସଭାପତି

କାକଟପୁର/ଅସ୍ତରଙ୍ଗ,୭।୧୧ (ସଂଚାର ବ୍ୟୁରୋ): ପୁରୀ ଜିଲ୍ଲା ଅସ୍ତରଙ୍ଗ ମଣ୍ଡଳ-୧ ରେ ଏବେ ଗୋଟିଏ ନାଁ ସବୁଠୁ ଅଧିକ ଚର୍ଚ୍ଚାରେ ଅଛି। ସେ ନାଁ ହେଉଛି ଯୁବ ସମାଜସେବୀ ଇନ୍ଦ୍ରମଣି ଜେନା। ବୟସରେ ଯୁବକ, କିନ୍ତୁ ଚିନ୍ତାଧାରାରେ ପରିପକ୍ୱ। କାମରେ ଦୃଢ଼, କଥାରେ ନମ୍ର। ଏଥିପାଇଁ ଆଜି ସେ କେବଳ ଜଣେ ମଣ୍ଡଳ ସଭାପତି ନୁହଁନ୍ତି, ସେ ହେଉଛନ୍ତି ଅସ୍ତରଙ୍ଗର ଯୁବକଙ୍କ ଆଶାର ଆଲୋକ।

ଯେଉଁ ଗାଁ ମାଟିରେ ସେ ଜନ୍ମ ହୋଇଛନ୍ତି, ସେହି ମାଟିର ଦୁଃଖ-ସୁଖ ସେ ନିଜ ଆଖିରେ ଦେଖିଛନ୍ତି। ଗରିବର ଯନ୍ତ୍ରଣା, ଯୁବକଙ୍କ ବେକାରୀ, ଗାଁର ରାସ୍ତା-ପାଣି ସମସ୍ୟା - ଏସବୁ ତାଙ୍କୁ ଛୋଟ ବେଳୁ ବିଚଳିତ କରୁଥିଲା। ସେଥିପାଇଁ ସେ ରାଜନୀତିକୁ କୁର୍ସୀ ବୋଲି ନୁହେଁ, ସେବା ବୋଲି ଭାବିଲେ।

ଦୀର୍ଘ ବର୍ଷ ହେବ ଇନ୍ଦ୍ରମଣି ଜେନା ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ - ର ଜଣେ ନିଷ୍ଠାବାନ୍ ସଦସ୍ୟ ଭାବେ କାମ କରି ଆସୁଛନ୍ତି। ସକାଳ ଶାଖାରୁ ଆରମ୍ଭ କରି ସେବା କାର୍ଯ୍ୟ ଯାଏଁ, ବନ୍ୟା-ବାତ୍ୟା ବେଳେ ଲୋକଙ୍କ ପାଖରେ ଛିଡ଼ା ହେବା ଯାଏଁ, ପ୍ରତିଟି ସ୍ତରରେ ସେ ନିଜକୁ ପ୍ରମାଣିତ କରିଛନ୍ତି। ସଂଘରୁ ମିଳିଥିବା ଶୃଙ୍ଖଳା, ସମର୍ପଣ ଏବଂ ଦେଶ ପ୍ରେମ ହିଁ ଆଜି ତାଙ୍କ ରାଜନୀତିର ମୂଳଧନ। ଲୋକେ କହୁଛନ୍ତି - ଇନ୍ଦ୍ରମଣି କଥା କୁହନ୍ତି କମ୍, କାମ କରନ୍ତି ବେଶୀ। ଇନ୍ଦ୍ରମଣି ସବୁବେଳେ କୁହନ୍ତି, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ସବୁବେଳେ କହି ଆସୁଛନ୍ତି - "ଯୁବ ଶକ୍ତି ହିଁ



ଦେଶର ଶକ୍ତି। ଯୁବକ ଆଗେଇ ଆସିଲେ ଦେଶ ଆଗେଇବ। ସେବା ହିଁ ସବୁଠୁ ବଡ଼ ରାଜନୀତି। କୁର୍ସୀ ପାଇଁ ନୁହେଁ, କର୍ମ ପାଇଁ ରାଜନୀତି କର।" "ସଂଗଠନ ମଜବୁତ୍ ହେଲେ ଦେଶ ମଜବୁତ୍ ହେବ। ବୁଥ୍ ଜିତିଲେ ନିର୍ବାଚନ ଜିତିବା। କର୍ମୀ ହିଁ ଦଳର ପ୍ରାଣ।"

ଇନ୍ଦ୍ରମଣି ଜେନା ଏହି କଥାକୁ ନିଜ ଜୀବନର ମନ୍ତ୍ର କରି ନେଇଛନ୍ତି। ସେ ପ୍ରଧାନମନ୍ତ୍ରୀଙ୍କ କଥା ଶୁଣି କେବଳ ହାତ ତାଳି ମାରୁ ନାହାଁନ୍ତି, ତାହାକୁ ମାଟିରେ କାମ କରି ଦେଖାଉଛନ୍ତି। ବର୍ତ୍ତମାନ ସେ ଅସ୍ତରଙ୍ଗ ମଣ୍ଡଳ-୧ ର ସଭାପତି ଭାବେ ଦାୟିତ୍ୱ ନେଇଛନ୍ତି। ତାଙ୍କ ଅଧୀନରେ ଅଛି ୮ ଟି ପଞ୍ଚାୟତ - ଅସ୍ତରଙ୍ଗ, ଶିଶୁଅ, ସରିପୁର, କୋରଣା, କେନ୍ଦ୍ରାପଟି, ଛୁରିଆନା, ପାଟଳଦା ଏବଂ ମାଣ୍ଡୁକି। ଏହି ୮ ପଞ୍ଚାୟତରେ ସେ ସଂଗଠନକୁ ତଳ ସ୍ତରରୁ ସଶକ୍ତ କରିଛନ୍ତି। ବୁଥ୍ ସ୍ତରରେ କର୍ମୀ ତିଆରି କରିବା, ଯୁବକଙ୍କୁ ଦଳ ସହ ଯୋଡ଼ିବା, ମହିଳା ଓ ବୟୋଜ୍ୟେଷ୍ଠଙ୍କୁ ସମ୍ମାନ ଦେବା - ଏହା ହିଁ ତାଙ୍କ କାମର ଶୈଳୀ।

ରାଜନୈତିକ ମହଲରେ ଚର୍ଚ୍ଚା ହେଉଛି - ଇନ୍ଦ୍ରମଣି ଜେନାଙ୍କ ନେତୃତ୍ୱରେ ଏଥର ମଣ୍ଡଳ-୧ ରେ ବିଜେପି ଅଧିକ ସଂଖ୍ୟାରେ ଜିତିବ। କାରଣ ସେ କେବଳ ନେତା ନୁହଁନ୍ତି, ସେ ଜଣେ କର୍ମୀଙ୍କ ନେତା। ସେ ନିଜେ ମାଟିରେ ବସି କାମ କରନ୍ତି। ଯୁବକମାନେ ତାଙ୍କୁ ନିଜର ଆଦର୍ଶ ଭାବୁଛନ୍ତି। ବୟସ୍କମାନେ ତାଙ୍କ ଉପରେ ଭରସା କରୁଛନ୍ତି। ଦଳର ବରିଷ୍ଠ ନେତାମାନେ ମଧ୍ୟ ତାଙ୍କ କାମକୁ ପ୍ରଶଂସା କରୁଛନ୍ତି।

ଫଟେପୁର ରେଳ ଫାଟକ ଯୋଗୁଁ ଯାତାୟାତ ବାଧା, ଅଣଦେଖା କରୁଛି ପ୍ରଶାସନ



ପାରାଦ୍ୱୀପ,୭।୧୧ (ସଂଚାର ବ୍ୟୁରୋ): ଫଟେପୁର ରେଳ ଫାଟକ ଦେଇ ଆଇଓସିଏଲ୍ ଓ ଜିନ୍ଦଲ ଶିଳ୍ପାଞ୍ଚଳକୁ ଯାତାୟାତ କରୁଥିବା ହଜାର ହଜାର ଗାଡ଼ିମୋଟର ଚାଳକ ନିତିଦିନ ନାନା ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଡ୍ୟୁଟିକୁ ଯିବା ଓ ଫେରିବା ସମୟରେ ବାରମ୍ବାର ରେଳ ଫାଟକ ପଡ଼ିବା ଯୋଗୁଁ ଦୀର୍ଘ ସମୟ ଧରି ଯାନବାହନ ଅଟକି ରହୁଛି। ଫଳରେ ଶ୍ରମିକ, କର୍ମଚାରୀ ଓ ସାଧାରଣ ଯାତ୍ରୀମାନେ ଯାତାୟାତରେ ଅହେତୁକ ବିଳମ୍ବ ଓ ଅସୁବିଧା ଭୋଗୁଛନ୍ତି। ଅନ୍ୟପକ୍ଷରେ ରେଳଧାରଣା ତଳେ ଥିବା ରାସ୍ତାଟି ବନ୍ଦ ରହିବା ସହ ଜଳ ନିଷ୍କାସନ ସମସ୍ୟା ମଧ୍ୟ ଲାଗି ରହିଥିବା ଅଭିଯୋଗ ହୋଇଛି। ଏହାର ସମାଧାନ ପାଇଁ ରେଳଧାରଣା ତଳେ ଥିବା ରାସ୍ତାକୁ ଯାତାୟାତ ଉପଯୋଗୀ କରିବା ସହ ଉପଯୁକ୍ତ ଜଳ ନିଷ୍କାସନ ବ୍ୟବସ୍ଥା କରିବାକୁ ସ୍ଥାନୀୟ ଲୋକେ ଦାବି ଜଣାଇଛନ୍ତି।

କେବଳ ଫଟେପୁର ରେଳ ଫାଟକ ନୁହେଁ, କୁଜଙ୍ଗକୁ ସଂଯୋଗ କରୁଥିବା ମୁଖ୍ୟ ରାସ୍ତାର ଉନ୍ନତିକରଣ ସହ ଏଠାରେ ଏକ ଓଭରବ୍ରିଜ୍ ନିର୍ମାଣର ମଧ୍ୟ ଜରୁରୀ ଆବଶ୍ୟକତା ରହିଛି। ଶିଳ୍ପାଞ୍ଚଳକୁ ଦୈନିକ ହଜାର ହଜାର ଗାଡ଼ି ଚଳାଚଳ କରୁଥିବାରୁ ଏହି ରାସ୍ତାରେ ଯାତାୟାତ ଚାପ ବଢ଼ିବାରେ ଲାଗିଛି। ତେଣୁ ସମସ୍ୟାର ସ୍ଥାୟୀ ସମାଧାନ କରିବାକୁ ପ୍ରଶାସନ ପଦକ୍ଷେପ ନେବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

ଚିତ୍ରକୋଣ୍ଡା ବ୍ଲକର ଜୁମଡାଙ୍ଗ ଗ୍ରାମରେ ସ୍ଥାପନ ହେଲା ୧୦ଟି ସୋଲାର ଷ୍ଟ୍ରିଟ୍ ଲାଇଟ୍

ମାଲକାନଗିରି,୭।୧୧ (ସଂଚାର ବ୍ୟୁରୋ): ଦୁର୍ଗମ ଅଞ୍ଚଳର ବିକାଶ ପ୍ରତି ନିଜର ପ୍ରତିବଦ୍ଧତାକୁ ପ୍ରମାଣିତ କରି ଜିଲ୍ଲା ପ୍ରଶାସନ ପକ୍ଷରୁ ଚିତ୍ରକୋଣ୍ଡା ବ୍ଲକ୍ ଅନ୍ତର୍ଗତ ଜୁମଡାଙ୍ଗ ଗ୍ରାମରେ ୧୦ଟି ନୂତନ ସୋଲାର ଷ୍ଟ୍ରିଟ୍ ଲାଇଟ୍ ସ୍ଥାପନ କାର୍ଯ୍ୟ ଦ୍ରୁତ ଗତିରେ ଜାରି ରହିଛି। ଦୀର୍ଘ ଦିନ ଧରି ଗାଁ ରାସ୍ତାରେ ଆଲୋକର ଅଭାବ କାରଣରୁ ଗ୍ରାମବାସୀମାନେ ଯେଉଁ ଅସୁବିଧାର ସମ୍ମୁଖୀନ ହେଉଥିଲେ, ତାହାକୁ ଦୃଷ୍ଟିରେ ରଖି ପ୍ରଶାସନ ତରଫରୁ ଏହି ଦୃଢ଼ ପଦକ୍ଷେପ ନିଆଯାଇଛି। ଯୁଦ୍ଧକାଳୀନ ଭିତ୍ତିରେ ଚାଲିଥିବା ଏହି କାର୍ଯ୍ୟ ଖୁବ୍ ଶୀଘ୍ର ସମ୍ପୂର୍ଣ୍ଣ ହୋଇ ଲୋକାର୍ପିତ ହେବାକୁ ଯାଉଛି।

ଏହି ସଫଳତା ଏବଂ ଉନ୍ନୟନମୂଳକ ପ୍ରକଳ୍ପ ସମ୍ପର୍କରେ ଜିଲ୍ଲାପାଳ ପ୍ରଥମେଶ ଅରବିନ୍ଦ ରାଜଶିର୍କେ କହିଛନ୍ତି ଯେ ଜିଲ୍ଲାର ସବୁଠାରୁ ଦୁର୍ଗମ ତଥା ଉପାନ୍ତ ଅଞ୍ଚଳରେ ରହୁଥିବା ଶେଷ ଧାଡ଼ିର ଲୋକଙ୍କ ପାଖରେ ସରକାରୀ ଯୋଜନା ଓ ମୌଳିକ ସୁବିଧା ପହଞ୍ଚାଇବା ଆମର ସର୍ବୋଚ୍ଚ ପ୍ରାଥମିକତା। ଜୁମଡାଙ୍ଗ ଗ୍ରାମରେ ସ୍ଥାପିତ ହେଉଥିବା ଏହି ୧୦ଟି ନୂତନ ସୋଲାର ଷ୍ଟ୍ରିଟ୍ ଲାଇଟ୍ କେବଳ ରାସ୍ତାକୁ ଆଲୋକିତ କରିବ ନାହିଁ, ବରଂ ଗ୍ରାମବାସୀଙ୍କ ରାତ୍ରିକାଳୀନ ସୁରକ୍ଷା ବଢ଼ାଇବା ସହ ସେମାନଙ୍କ ଜୀବନଶୈଳୀରେ ଏକ ସକାରାତ୍ମକ ପରିବର୍ତ୍ତନ ଆଣିବ।



ସରକାରୀ ସ୍କୁଲରେ ଚକ୍ଷୁ ପରୀକ୍ଷଣ ଶିବିର



ବାଲିଅନ୍ତା,୭।୧୧ (ସଂଚାର ବ୍ୟୁରୋ): ସୁରେନ୍ଦ୍ର ସାଏ ଦିବ୍ୟ ଦୃଷ୍ଟି ଯୋଜନା ଆନୁକୂଲ୍ୟରେ ଖୋର୍ଦ୍ଧା ଜିଲ୍ଲା ବାଲିଅନ୍ତା ବ୍ଲକରେ ତିନି ଦିନ ଧରି ତିନୋଟି ସରକାରୀ ସ୍କୁଲରେ ଚକ୍ଷୁ ପରିକ୍ଷଣ ଶିବିର ଅନୁଷ୍ଠିତ ହୋଇଛି। ପ୍ରତାପ ଶାସନ ଉଚ୍ଚ ବିଦ୍ୟାଳୟ, ଭିଙ୍ଗାରପୁର ଉଚ୍ଚ ବିଦ୍ୟାଳୟ, ବାଲିଅନ୍ତା ଉଚ୍ଚ ବିଦ୍ୟାଳୟର ମୋଟ ୪୪୩ ଛାତ୍ର ଛାତ୍ରୀଙ୍କ ଚକ୍ଷୁ ପରିକ୍ଷଣ କରାଯାଇଛି। ସେଥିମଧ୍ୟରୁ ୨୧୫ ଜଣ ଛାତ୍ରଛାତ୍ରୀ ଚଷମା ବ୍ୟବହାର କରିବା ପାଇଁ ପରାମର୍ଶ ଦିଆଯାଇଛି। ଜଟିଳ ରୋଗ ପାଇଁ ଉନ୍ନତ ଚିକିତ୍ସା ପାଇଁ କ୍ୟାପିଟାଲ ହସ୍ପିଟାଲକୁ ଯିବା ପାଇଁ ପରାମର୍ଶ ଦିଆଯାଇଛି। ବାଲକାଟୀ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ଚକ୍ଷୁ ଚିକିତ୍ସା ଅଧିକାରୀ ଲୋକନାଥ ବେହେରା ଓ ବାଲିପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ଚକ୍ଷୁ ଚିକିତ୍ସା ଅଧିକାରୀ ଚକ୍ଷୁ ପରିକ୍ଷଣ କରିଥିଲେ।

ସୋଆ ଆଇଭିଏସ୍ଏଏଚ୍‌ରେ ପରିସଂଖ୍ୟାନ ଓ ପ୍ରୟୋଗ ସମ୍ବନ୍ଧୀୟ ଦୁଇଦିନିଆ କର୍ମଶାଳା

ଭୁବନେଶ୍ୱର, ୭।୧୧ (ସଂଚାର ବ୍ୟୁରୋ): ଶିକ୍ଷା ଓ ଅନୁସନ୍ଧାନ (ସୋଆ) ପରିଚାଳିତ ଇନଷ୍ଟିଚ୍ୟୁଟ୍ ଅଫ୍ ଭେଟେରିନାରୀ ସାଇନସ୍ ଆଣ୍ଡ ଆନିମଲ ହଜବ୍ୟାଣ୍ଡ୍ରି (ଆଭିଏସ୍ଏଏଚ୍)ରେ ବୁଧବାର ପ୍ରାଣୀପ୍ରଜନନ (ଆନିମଲ୍ ଜେନେଟିକ୍ସ ଆଣ୍ଡ ବ୍ରିଡ଼ିଂ) ବିଭାଗ ପକ୍ଷରୁ ଗବେଷଣା କ୍ଷେତ୍ରରେ ପରିସଂଖ୍ୟାନର ଗୁରୁତ୍ୱ ଓ ଏହାର ବ୍ୟବହାରିକ ପ୍ରୟୋଗ ସମ୍ବନ୍ଧୀୟ ଗବେଷଣ ଓ ଶିକ୍ଷକମାନଙ୍କୁ କିପରି ଅଧିକ ଦକ୍ଷ କରାଯାଇପାରିବ ସେ ସମ୍ପର୍କିତ ଦୁଇ ଦିନିଆ ପ୍ରଶିକ୍ଷଣ କର୍ମଶାଳା ଆୟୋଜିତ ହୋଇଯାଇଛି।



ଏହି କର୍ମଶାଳାରେ ସୋଆ ବିଶ୍ୱବିଦ୍ୟାଳୟ ପରିଚାଳିତ ବିଭିନ୍ନ ଶିକ୍ଷାନୁଷ୍ଠାନ ନର୍ସିଂ, ଆଇଏଏସ୍, ଫାର୍ମାସୀ, ବାୟୋଟେକ୍‌ନୋଲୋଜି ଓ ଭେଟେରିନାରୀ ମହାବିଦ୍ୟାଳୟର ୪୩ ଜଣ ଶିକ୍ଷକ ଅଂଶଗ୍ରହଣ କରି ପରିସଂଖ୍ୟାନର ବିଭିନ୍ନ ଦିଗ ଓ ଗବେଷଣାରେ ଏହାର ପ୍ରୟୋଗ ସମ୍ପର୍କରେ ପ୍ରଶିକ୍ଷଣ ନେଇଥିଲେ। ଆୟୋଜିତ ଏହି କାର୍ଯ୍ୟକ୍ରମରେ କେଉଁ ଡାଟାକୁ କେଉଁ ଷ୍ଟାଟିଷ୍ଟିକାଲ୍ ଡିଜାଇନ୍ ଦରକାର ଓ ଅତି ସହଜରେ କିପରି ତାର ଆନାଇଲିସିସ, କମ୍ପ୍ୟୁଟର ମାଧ୍ୟମରେ (ଏସ୍‌ପିଏସ୍ଏସ୍) ସଫ୍ଟୱେର ସାହାଯ୍ୟରେ କରାଯାଇପାରିବ ସେ ଉପରେ ପ୍ରଶିକ୍ଷଣ ଦିଆଯାଇଥିଲା।

ସୋଆ କୁଳପତି ପ୍ରଫେସର ପ୍ରଦୀପ୍ତ କୁମାର ନନ୍ଦ ଏହି ସମ୍ମିଳନୀକୁ ଉଦ୍‌ଘାଟନ କରିବା ପରିପ୍ରେକ୍ଷୀରେ ପରିସଂଖ୍ୟାନ ବିନା ଗବେଷଣା ଅସମ୍ପୂର୍ଣ୍ଣ ଓ ଦିଗହୀନ ବୋଲି ଅଭିହିତ କରିଥିଲେ। କାର୍ଯ୍ୟକ୍ରମରେ ଆଇଭିଏସ୍ଏଏଚର ଡିନ୍ ପ୍ରଫେସର ସୁଶାନ୍ତ କୁମାର ଦାସ ଓ ନିର୍ଦ୍ଦେଶକ, ସୋଆ ପ୍ରଫେସର କୌତୁକ କୁମାର ସର୍ଦ୍ଦାର ମଧ୍ୟ ଉଦ୍‌ବୋଧନ ଦେଇଥିଲେ।

ଗଞ୍ଜେଇ ଗଛ ନଷ୍ଟ, ଜଣେ ଗିରଫ



ରାଇଘର, ୭।୧୧ (ସଂଚାର ବ୍ୟୁରୋ): ରାଇଘର ଥାନା ଅଧୀନରେ ଥିବା ଟିମନପୁର ପଞ୍ଚାୟତ ବିନୟପୁର ଗ୍ରାମରେ ଏକ ଚାଷ ଜମିରେ ଗଞ୍ଜେଇ ଚାଷ ହେଉଥିବା ଖବର ପାଇ ରାଇଘର ପୁଲିସ ଘଟଣା ସ୍ଥଳରେ ପହଞ୍ଚି ସମସ୍ତ ଗଞ୍ଜେଇ ଗଛ ନଷ୍ଟ କରିବା ସହ ଜମି ମାଲିକକୁ ଗିରଫ କରିଥିବା ନେଇ ଏସଡିପିଓ ସୁବେନ୍ଦୁ ଶବର ଏକ ସାମ୍ବାଦିକ ସମ୍ମିଳନୀରେ କହିଛନ୍ତି।

ବିଶେଷ ସୂତ୍ରରୁ ଖବର ପାଇ ରାଇଘର ଥାନା ଅଧିକାରୀ ଟିକେ ଚାନ୍ଦ ବାହାବଲ ଖଟୁଆଙ୍କ ନେତୃତ୍ୱରେ ଏକ ଟିମ ବିନୟପୁର ଗ୍ରାମରେ ଚଢ଼ାଉ କରି ସମସ୍ତ ଗଛ ନଷ୍ଟ କରିବା ସହ ଜମି ମାଲିକ ତିଲଚାନ୍ଦ ମାଝୀଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି।

ବିପନ୍ନଙ୍କ ଦୁଃଖ ଦେଖି ନବୀନଙ୍କ ଆଖିରେ ଲୁହ

- ଗଞ୍ଜାମରୁ ଫେରିବା ପରେ ଖାଇବା ପ୍ରତି ନଥିଲା ଆଗ୍ରହ
- ବିପନ୍ନ ପରିବାର ଓ କ୍ଷତିଗ୍ରସ୍ତ ଚାଷୀଙ୍କ ସହ କଲେ ଆଲୋଚନା
- କ୍ଷତିଗ୍ରସ୍ତ ଲୋକଙ୍କୁ ସହଯୋଗ ଆଶ୍ୱାସନା



ଭୁବନେଶ୍ୱର,୭।୧୧(ସଂଚାର ବ୍ୟୁରୋ)ଃ ବିଜେଡି ସଭାପତି ତଥା ବିରୋଧୀ ଦଳର ନେତା ନବୀନ ପଟ୍ଟନାୟକ ଆଜି ଗଞ୍ଜାମ ଜିଲ୍ଲାର ବିଭିନ୍ନ ବନ୍ୟା ପ୍ରଭାବିତ ଅଞ୍ଚଳ ପରିଦର୍ଶନ କରିଥିଲେ। ବନ୍ୟା ପ୍ରଭାବିତ ଲୋକଙ୍କ ଦୁଃଖ ଦୁର୍ଦ୍ଦଶା ଦେଖି ନବୀନ ନିଜ କୋହ ସମ୍ଭାଳିପାରି ନଥିଲେ। ତାଙ୍କ ଆଖିରୁ ଦୁଇଧାର ଲୁହ ବୋହିଯାଇଥିଲା। ସେହିଭଳି ଆଜି ସକାଳୁ ସେ ବନ୍ୟା ଅଞ୍ଚଳ ଯିବା ପୂର୍ବରୁ କିଛି ଖାଇକି ଯାଇନଥିଲେ। ଫେରିବା ପରେ ଖାଇବେ ବୋଲି କହିଥିଲେ। ହେଲେ ଲୋକଙ୍କ କଷ୍ଟ ଦେଖିବା ପରେ ତାଙ୍କୁ ଆଉ ଖାଇବାକୁ ଆଗ୍ରହ ହୋଇନଥିଲା। ଫେରିବାପରେ ପାଖାପାଖି ଦୁଇଘଣ୍ଟାରୁ ଅଧିକ ସମୟ ପରେ ସେ ଅଳ୍ପ ଖାଦ୍ୟ ଗ୍ରହଣ କରିଥିଲେ। ଏହିଥିରୁ ସ୍ପଷ୍ଟ ହେଉଛି ଯେ, ଗଞ୍ଜାମବାସୀଙ୍କ ପାଇଁ ତାଙ୍କ ମଧ୍ୟରେ ଥିବା ଭଲପାଇବା। ସେ ବନ୍ୟା ଯୋଗୁଁ ହୋଇଥିବା କ୍ଷୟକ୍ଷତିର ସ୍ଥିତି ଅନୁଧ୍ୟାନ କରିବା ସହ ବିପନ୍ନ ପରିବାର, ଚାଷୀ ଓ ସ୍ଥାନୀୟ ଲୋକଙ୍କ ସହ ଆଲୋଚନା କରିଥିଲେ। ଶେରଗଡ଼, ହିଞ୍ଜିଳିକାଟୁ, ଆସିକା ଓ ସୋରଡ଼ା ବ୍ଲକ ପରିଦର୍ଶନ କରି ବନ୍ୟା ପରବର୍ତ୍ତୀ ସ୍ଥିତିର ସମୀକ୍ଷା କରିବା ସହ ରିଲିଫ, ଥଇଥାନ ଓ ପୁନରୁଦ୍ଧାର କାର୍ଯ୍ୟ ତଦାରଖ କରିଥିଲେ।

ବିଭିନ୍ନ ସ୍ଥାନରେ ନବୀନଙ୍କୁ କ୍ଷତିଗ୍ରସ୍ତ ଲୋକେ ଦୁଃଖ ଜଣାଇଥିଲେ। ଚାଷୀମାନେ ନଷ୍ଟ ହୋଇଯାଇଥିବା ଧାନ କେଣ୍ଡା ଓ ଆଖୁ ଗଛ ଧରି ବନ୍ୟା ପରିଚାଳନାରେ ସରକାରୀ ଉଦାସୀନତାକୁ ନେଇ କ୍ଷୋଭ ପ୍ରକାଶ କରିଥିଲେ। ବନ୍ୟାରେ ଘର ଭାଙ୍ଗିଯାଇଥିବା ଓ ନିଜ ଜୀବିକା ହରାଇଥିବା ଲୋକେ ମଧ୍ୟ ବିରୋଧୀ ଦଳ ନେତାଙ୍କୁ ଜଣାଇଥିଲେ। ୨୪ ବର୍ଷ ଶାସନରେ ଏଭଳି ହଇରାଣ ଗଞ୍ଜାମବାସୀ କେବେ ହୋଇ ନ ଥିଲେ ବୋଲି କହିଥିଲେ। ନବୀନ କହିଥିଲେ ଯେ ମୋ ନିର୍ବାଚନମଣ୍ଡଳୀ ସମେତ ଗଞ୍ଜାମ ଜିଲ୍ଲାର ୪ଟି ଭିନ୍ନ ଭିନ୍ନ ବନ୍ୟାଞ୍ଚଳ ପରିଦର୍ଶନ କରିବା ପରେ ବନ୍ୟା ବିପନ୍ନ ପରିବାର ଓ ଚାଷୀମାନଙ୍କ ଦୁଃଖ ଓ ଦୁର୍ଦ୍ଦଶାକୁ ଅତି ନିକଟରୁ ଦେଖିଛି। ସେମାନେ ଦୁର୍ଦ୍ଦିନରେ ଦିନ କାଟୁଛନ୍ତି। ଏହି ସମୟରେ ସେମାନଙ୍କୁ ତୁରନ୍ତ ସହାୟତାର ଆବଶ୍ୟକତା ରହିଛି। ମୁଁ ରାଜ୍ୟ ସରକାରଙ୍କୁ ନିବେଦନ କରୁଛି, କ୍ଷତିଗ୍ରସ୍ତ ଚାଷୀ ଓ ବନ୍ୟା ବିପନ୍ନ ପରିବାରଗୁଡ଼ିକୁ ଆବଶ୍ୟକ କ୍ଷତିପୂରଣ ଓ ରିଲିଫ୍ ସହାୟତା ପ୍ରଦାନ କରନ୍ତୁ। ସେମାନଙ୍କ ଦୁଃଖ ଓ ଯନ୍ତ୍ରଣାକୁ କୌଣସି ପରିସ୍ଥିତିରେ ଅଣଦେଖା କରାଯିବା ଉଚିତ୍ ନୁହେଁ।

ନବୀନ ଶେରଗଡ଼, ହିଞ୍ଜିଳିକାଟୁ, ଆସିକା, ସୋରଡ଼ା ଆଦି ବନ୍ୟା ପ୍ରଭାବିତ ଅଞ୍ଚଳ ପରିଦର୍ଶନ କରି ଦୁର୍ଦ୍ଦଶାର ସମ୍ମୁଖୀନ ହେଉଥିବା ଲୋକମାନଙ୍କ ସମସ୍ୟା ଓ ଅଭିଯୋଗ ଶୁଣିଥିଲେ।

● ଦୀପାବଳିରେ ହାଇଆଲର୍ଟରେ କମିଶନରେଟ ପୁଲିସ

ଅଧିକ ଶବ୍ଦ ସୃଷ୍ଟିକାରୀ ବାଣ ଉପରେ କଟକଣା



ଭୁବନେଶ୍ୱର,୭।୧୧(ସଂଚାର ବ୍ୟୁରୋ)ଃ କାଳୀପୂଜା ଓ ଦୀପାବଳି ପାଇଁ କମିଶନରେଟ୍ ପୁଲିସର କଡ଼ା ସୁରକ୍ଷା ବ୍ୟବସ୍ଥା। ଟ୍ରାଫିକ୍, ଭିଡ଼ ନିୟନ୍ତ୍ରଣ ଓ ଆଇନଶୃଙ୍ଖଳା ପରିଚାଳନା ଉପରେ ରହିଛି ସ୍ୱତନ୍ତ୍ର ନଜର। ଚୋରି ଓ ଅସାମାଜିକ କାର୍ଯ୍ୟ ରୋକିବାକୁ ପୁଲିସ ସଜାଗ ରହିବ ବୋଲି ପୁଲିସ କମିଶନର ଡ. ସୁରେଶ ଦେବଦତ୍ତ ସିଂ କହିଛନ୍ତି। କେବଳ ଲାଇସେନ୍ସପ୍ରାପ୍ତ ବ୍ୟବସାୟୀ ବାଣ ବିକ୍ରି କରିପାରିବେ। ବାଣ ଗଚ୍ଛିତ ରଖିବାରେ ସୁରକ୍ଷା ନିୟମ ପାଳନ ବାଧ୍ୟତାମୂଳକ। ଅଧିକ ଶବ୍ଦ ସୃଷ୍ଟିକାରୀ ବାଣ ଉପରେ କଟକଣା ଲଗାଯାଇଛି। ଛୋଟ ପିଲାଙ୍କ ପ୍ରତି ବିଶେଷ ଧ୍ୟାନ ଦେବାକୁ ଅଭିଭାବକଙ୍କୁ ଅପିଲ୍ କରିଛନ୍ତି ପୁଲିସ କମିଶନର। ବୟସ୍କ, ଶିଶୁ ଓ ହସ୍ପିଟାଲର ରୋଗୀଙ୍କୁ ଯେପରି ଅସୁବିଧା ନ ହୁଏ, ସେଥିପ୍ରତି ସଚେତନ ରହିବାକୁ ପରାମର୍ଶ ଦେଇଛନ୍ତି ସିପି। ଜନଜୀବନ ପ୍ରତି ବିପଦ ସୃଷ୍ଟିକାରୀ କାର୍ଯ୍ୟ ପ୍ରତି ପୁଲିସର ଶୂନ୍ୟ ସହନଶୀଳତା। ସୁରକ୍ଷିତ ଦୀପାବଳି ପାଇଁ ନାଗରିକଙ୍କ ସହଯୋଗ ଲୋଡ଼ିଛନ୍ତି ପୁଲିସ କମିଶନର।

ମାଣ୍ଡିଆ ଉତ୍ପାଦନରେ କୋରାପୁଟ ପ୍ରଥମ

୧୫୯୮୭ ହେକ୍ଟର ଜମିରେ ୨୭୭୫୦ ଚାଷୀ କରୁଛନ୍ତି ଚାଷ



କୋରାପୁଟ,୭।୧୧(ସଂଚାର ବ୍ୟୁରୋ)ଃ କୋରାପୁଟ ଜିଲା ଡିଏନ୍‌କେ ସଦ୍‌ଭାବନା ଗୃହଠାରେ ଜିଲ୍ଲାସ୍ତରୀୟ 'ମାଣ୍ଡିଆ ଦିବସ' ପାଳିତ ହୋଇଛି। ମାଣ୍ଡିଆ ଉତ୍ପାଦନରେ କୋରାପୁଟ ରାଜ୍ୟରେ ପ୍ରଥମ ସ୍ଥାନ ହାସଲ କରିଥିବାରୁ ଏହି ଉତ୍ସବରେ ଜିଲ୍ଲାର କୃଷି ସଫଳତାକୁ ନେଇ ଗର୍ବ ପ୍ରକାଶ ପାଇଥିଲା। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି କୋଟପାଡ଼ ବିଧାୟକ ରୂପୁ ଭତ୍ରା ମାଣ୍ଡିଆର ପୁଷ୍ଟିକର ଗୁଣ ଓ ଆର୍ଥିକ ଉପଯୋଗିତା ଉପରେ ଆଲୋକପାତ କରିବା ସହ ଏହାର ମୂଲ୍ୟଯୁକ୍ତ ଖାଦ୍ୟ ପ୍ରସ୍ତୁତ କରି ଜାତୀୟ ଓ ଅନ୍ତର୍ଜାତୀୟ ବଜାରରେ ପହଞ୍ଚାଇବାକୁ ଆହ୍ୱାନ ଦେଇଥିଲେ। ଜିଲ୍ଲା ପରିଷଦ ଅଧ୍ୟକ୍ଷା ସସ୍ମିତା ମେଲେକା, ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧ୍ୟକ୍ଷ ଭଗବାନ ମୁଦୁଲି ଓ ଜିଲ୍ଲାପାଳ ମନୋଜ ସତ୍ୟବାନ ମହାଜନଙ୍କ ସମେତ ଅନ୍ୟାନ୍ୟ ଅତିଥି ଯୋଗଦେଇଥିଲେ। ଜିଲ୍ଲାର ୧୨ଟି ବ୍ଲକ୍‌ରେ ଶ୍ରୀଅନ୍ନ ଅଭିଯାନ ଅଧୀନରେ ୨୭,୭୫୦ ଚାଷୀ ୧୫,୯୮୭ ହେକ୍ଟର ଜମିରେ ମାଣ୍ଡିଆ ଚାଷ କରୁଛନ୍ତି। ମାଣ୍ଡିଆ ଚାଷରେ ଉଲ୍ଲେଖନୀୟ ଅବଦାନ ପାଇଁ 'ମାଣ୍ଡିଆ ରାଣୀ' ଡ. ରାଇମତି ଘୁରିଆ, ଶ୍ରେଷ୍ଠ ଚାଷୀ, ଏଫ୍‌ପିଓ, ଏନ୍‌ଜିଓ ଓ କୃଷି ଅଧିକାରୀଙ୍କୁ ସମ୍ମାନିତ କରାଯାଇଥିଲା। ଯୋଜନା ଅଧିକାରୀ ତାପସ ରାୟ ଧନ୍ୟବାଦ ଦେଇଥିଲେ।

ଯୁବକଙ୍କୁ ଟାଣିନେଲା କୁମ୍ଭୀର, ଗୁରୁତର ଅବସ୍ଥାରେ ଉଦ୍ଧାର

ଯାଜପୁର,୭।୧୧(ସଂଚାର ବ୍ୟୁରୋ)ଃ ଖରସ୍ରୋତା ନଦୀରେ ପୁଣି କୁମ୍ଭୀର ଆତଙ୍କ। ଗାଧୋଇବାକୁ ଯାଇଥିବା ବେଳେ ଜନୈକ ଯୁବକଙ୍କୁ ଟାଣିନେଇଛି କୁମ୍ଭୀର। ତେବେ ଗୁରୁତର ଅବସ୍ଥାରେ ତାଙ୍କୁ ଗ୍ରାମବାସୀ ଉଦ୍ଧାର କରିଛନ୍ତି। କୁମ୍ଭୀର ଆକ୍ରମଣର ଶିକାର ହୋଇଥିବା ଯୁବକ ଜଣଙ୍କ ହେଲେ ଉଦୟ ନାଥ ସାହୁ। ଯାଜପୁର ରୋଡ୍ ବନାଞ୍ଚଳ ଅନ୍ତର୍ଗତ ପହଙ୍ଗା ପଞ୍ଚାୟତର ରାଉତରାପୁର ଗାଁ ନିକଟରେ ଘଟିଛି ଏହି ଘଟଣା। ଉଦୟ ଖରସ୍ରୋତା ନଦୀକୁ ଗାଧୋଇବା ପାଇଁ ଯାଇଥିଲେ। ଏହି ସମୟରେ ହଠାତ୍ କୁମ୍ଭୀର ତାଙ୍କୁ ଆକ୍ରମଣ କରିଥିଲା। କୁମ୍ଭୀର ଆକ୍ରମଣରେ ଉଦୟ ଗୁରୁତର ଭାବେ ଆହତ ହୋଇଥିଲେ। ତେବେ ନିକଟରେ ଥିବା ଗ୍ରାମବାସୀ ଉଦୟଙ୍କୁ ଉଦ୍ଧାର କରି ତୁରନ୍ତ ଯାଜପୁର ରୋଡ୍ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ସେଠାରେ ପ୍ରାଥମିକ ଚିକିତ୍ସା ପରେ ତାଙ୍କ ଅବସ୍ଥା ଅଧିକ ଗୁରୁତର ଥିବାରୁ ଉନ୍ନତ ଚିକିତ୍ସା ସକାଶେ ତାଙ୍କୁ କଟକ ସ୍ଥାନାନ୍ତର କରାଯାଇଛି।



ଗଞ୍ଜାମବାସୀଙ୍କ ଯାତାୟାତ ହେବ ସହଜ

ଗଞ୍ଜାମରେ ଗଡ଼ିଲା ଆଉ ୨୫ 'ଆମ ବସ୍'

ଗଞ୍ଜାମ,୭।୧୧(ସଂଚାର ବ୍ୟୁରୋ)ଃ ଗଞ୍ଜାମ ଜିଲ୍ଲାରେ ଗମନାଗମନ ବ୍ୟବସ୍ଥାକୁ ମିଳିବ ନୂଆ ଗତି। ଜିଲ୍ଲାବାସୀଙ୍କ ଯାତାୟାତକୁ ଅଧିକ ସୁଗମ ଓ ସୁବିଧାଜନକ କରିବା ପାଇଁ ଗଡ଼ିଲା ଆଉ ୨୫ଟି 'ଆମ ବସ୍'। ଛତ୍ରପୁର ବସଷ୍ଟାଣ୍ଡରୁ ୮ଟି ପ୍ରମୁଖ ରୁଟରେ ଏହି ବସ୍ ସେବାର ଶୁଭାରମ୍ଭ କରିଛନ୍ତି ପରିବହନ ମନ୍ତ୍ରୀ ବିଭୂତି ଭୂଷଣ ଜେନା। ପୂର୍ବରୁ ଜିଲ୍ଲାରେ ୨୫ଟି ବସ୍ ଚଳାଚଳ କରୁଥିବା ବେଳେ ଏବେ ଆଉ ୨୫ଟି ବସ୍ ଯୋଡ଼ି ହୋଇଛି। ଫଳରେ ସାଧାରଣ ଯାତ୍ରୀଙ୍କ ସହ ପର୍ଯ୍ୟଟକ ଓ ଶ୍ରଦ୍ଧାଳୁଙ୍କ ଯାତାୟାତ ଆହୁରି ସହଜ ହେବା ଆଶା କରାଯାଉଛି। ବ୍ରହ୍ମପୁର, ଛତ୍ରପୁର, ଗୋପାଳପୁର, ସୋନାପୁର, ତାରାତାରିଣୀ, ହିଞ୍ଜିଳି, ଗଞ୍ଜାମ, ରମ୍ଭା ଓ ଖଲ୍ଲିକୋଟ ଭଳି ଅଞ୍ଚଳକୁ ଏହି ବସ୍ ସେବା ସଂଯୋଗ କରିବ। ବସଗୁଡ଼ିକର ଚାର୍ଜିଂ ବ୍ୟବସ୍ଥା ମଧ୍ୟ ଛତ୍ରପୁରରେ କରାଯାଇଛି। କୁଟ୍ ପକ୍ଷରୁ ଏହାର ପରିଚାଳନା କରାଯିବ। ଗୋପାଳପୁର ଓ ସୋନାପୁରର ପ୍ରସିଦ୍ଧ ବେଳାଭୂମି ହେଉ କି ମା' ତାରାତାରିଣୀ ଓ ମା' ନାରାୟଣୀଙ୍କ ପୀଠ ଏହିସବୁ ପର୍ଯ୍ୟଟନ ଓ ଧାର୍ମିକ ସ୍ଥଳୀକୁ ଯିବା ପାଇଁ ଏଣିକି ଯାତ୍ରୀଙ୍କୁ ଅସୁବିଧାର ସମ୍ମୁଖୀନ ହେବାକୁ ପଡ଼ିବ ନାହିଁ। ପୂର୍ବରୁ ଗଞ୍ଜାମ ଜିଲ୍ଲାରେ ୨୫ଟି 'ଆମ ବସ୍' ଚଳାଚଳ କରୁଥିବା ବେଳେ ଏବେ ଆଉ ୨୫ଟି ବସ୍ ଯୋଡ଼ି ହୋଇଛି। ଏହି ପର୍ଯ୍ୟାୟରେ ମୋଟ୍ ୫୦ଟି ବସ୍ ଚଳାଚଳ କରିବା ଲକ୍ଷ୍ୟ ରହିଛି। ଏହାଦ୍ୱାରା ଛାତ୍ରଛାତ୍ରୀ, କର୍ମଜୀବୀ, ବ୍ୟବସାୟୀ ଓ ଦୈନନ୍ଦିନ ଯାତ୍ରୀଙ୍କୁ ବିଶେଷ ସୁବିଧା ମିଳିବ ବୋଲି ଆଶା କରାଯାଉଛି।

କାର୍ଯ୍ୟକ୍ରମରେ ଛତ୍ରପୁର ବିଧାୟକ କୃଷ୍ଣଚନ୍ଦ୍ର ନାୟକ, ଗଞ୍ଜାମ ଜିଲ୍ଲାପାଳ ଭି. କିର୍ତ୍ତୀ ଭାସନ ଓ ଛତ୍ରପୁର ପୌର ପରିଷଦ ଅଧ୍ୟକ୍ଷା ଜି. ପାପା ରାଓଙ୍କ ସମେତ ବହୁ ଅତିଥି ଉପସ୍ଥିତ ଥିଲେ। ଦୀର୍ଘଦିନର ଦାବି ପରେ ଗଞ୍ଜାମ ଜିଲ୍ଲାରେ ଆରମ୍ଭ ହୋଇଛି ଆଉ ୨୫ଟି 'ଆମ ବସ୍'ର ଚଳାଚଳ। ଏହାଦ୍ୱାରା ଜିଲ୍ଲାର ସହରାଞ୍ଚଳ ସହ ଗ୍ରାମାଞ୍ଚଳ ଓ ପର୍ଯ୍ୟଟନସ୍ଥଳୀ ମଧ୍ୟରେ ଯୋଗାଯୋଗ ଅଧିକ ସୁଗମ ହେବ ବୋଲି ଆଶା ରହିଛି।



୪୫ ଦିନ ପରେ ଖୋଲିଲା କଳିଙ୍ଗା ଘାଟି



କନ୍ଧମାଳ,୭।୧୧(ସଂଚାର ବ୍ୟୁରୋ)ଃ ପାଖାପାଖି ୪୫ ଦିନ ପରେ ଖୋଲିଲା କଳିଙ୍ଗା ଘାଟି। ଗଞ୍ଜାମ-କନ୍ଧମାଳ ଜିଲ୍ଲା ସୀମାନ୍ତରେ ଥିବା ଏହି ଘାଟି ରାସ୍ତାରେ ଏବେ ସମସ୍ତ ଗାଡ଼ି ଚଳାଚଳ ପାଇଁ ଅନୁମତି ମିଳିଛି। ଫଳରେ ଉଭୟ ଜିଲ୍ଲା ମଧ୍ୟରେ ଯାତାୟାତ ପୁଣି ସ୍ୱାଭାବିକ ହୋଇଛି। ବାତ୍ୟା 'ଅର୍ଣ୍ଣବ' ପ୍ରଭାବରେ ଭୂସ୍ଖଳନ ଓ ବ୍ରିଜ ଧୋଇଯିବା କାରଣରୁ ଏହି ରାସ୍ତାରେ ଯାତାୟାତ ବିପଦପୂର୍ଣ୍ଣ ହୋଇପଡ଼ିଥିଲା। ଯାତ୍ରୀଙ୍କ ସୁରକ୍ଷା ଦୃଷ୍ଟିରୁ ଘାଟି ରାସ୍ତାରେ ଗାଡ଼ି ଚଳାଚଳକୁ ପ୍ରଶାସନ ପକ୍ଷରୁ ବନ୍ଦ କରାଯାଇଥିଲା। ମରାମତି ପରେ ଏବେ ଏହି ଘାଟି ରାସ୍ତାରେ ଯାତାୟାତକୁ ଅନୁମତି ମିଳିଛି।

କାର୍ଯ୍ୟରେ ଅବହେଳା, କନ୍ଧମାଳ ବିଡିଓ ନିଲମ୍ବିତ



କନ୍ଧମାଳ,୭।୧୧(ସଂଚାର ବ୍ୟୁରୋ)ଃ କନ୍ଧମାଳ ବିଡିଓ ନିଲମ୍ବିତ। କାର୍ଯ୍ୟରେ ଅବହେଳା ଯୋଗୁଁ ତାଙ୍କୁ ନିଲମ୍ବନ କରାଯାଇଛି। ବୌଦ୍ଧ ଜିଲ୍ଲା କନ୍ଧମାଳ ବିଡିଓ ସାମି ରେଡ୍ଡୀ ଜୟଶ୍ରୀଙ୍କୁ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ପକ୍ଷରୁ ନିଲମ୍ବନ କରାଯାଇଛି। କାର୍ଯ୍ୟର ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ପ୍ରକ୍ରିୟା ଆରମ୍ଭ ହେବାକୁ ଥିବାରୁ ତାଙ୍କୁ ତତ୍କାଳ ପ୍ରଭାବରୁ ନିଲମ୍ବନ କରିଛନ୍ତି ସରକାର। ନିଲମ୍ବନ ଅବଧି ମଧ୍ୟରେ ତାଙ୍କର ମୁଖ୍ୟାଳୟ ସମ୍ବଲପୁରସ୍ଥିତ ରାଜସ୍ୱ ଡିଭିଜନାଲ କମିଶନର, ଉତ୍ତରାଞ୍ଚଳଙ୍କ କାର୍ଯ୍ୟାଳୟରେ ରହିବ। ସେଠାରୁ ପୂର୍ବ ଅନୁମତି ବିନା ସେ ମୁଖ୍ୟାଳୟ ଛାଡ଼ିପାରିବେ ନାହିଁ। ଅନ୍ୟପକ୍ଷରେ ବୌଦ୍ଧ ଜିଲ୍ଲାପାଳଙ୍କୁ ସମ୍ପୃକ୍ତ ଅଧିକାରୀଙ୍କ ବିରୋଧରେ ପ୍ରମାଣ ସମ୍ବନ୍ଧୀୟ ଦସ୍ତାବିଜ ସହ ଚାର୍ଜ ଡ୍ରାଫ୍ଟ ପ୍ରସ୍ତୁତ କରି ସରକାରଙ୍କୁ ପ୍ରଦାନ କରିବାକୁ ବିଭାଗ ପକ୍ଷରୁ କୁହାଯାଇଛି।

● ୨ ଦିନ ଧରି ନିଖୋଜ ଥିଲେ ଯବାନ

ଝୁଲନ୍ତା ଅବସ୍ଥାରେ ମୃତଦେହ ଉଦ୍ଧାର

ଲଖନପୁର,୭।୧୧(ସଂଚାର ବ୍ୟୁରୋ)ଃ ଦୁଇଦିନ ଧରି ନିଖୋଜ ଥିବା ଜଣେ ଓଏସ୍‌ପି ଯବାନଙ୍କ ଝୁଲନ୍ତା ମୃତଦେହକୁ ସୁନ୍ଦରଗଡ଼ ଜିଲ୍ଲା ହେମଗିରି ପୁଲିସ ଶନିବାର ଉଦ୍ଧାର କରିଛି। ମୃତ ଯବାନ ଜଣଙ୍କ ହେଲେ ଝାରସୁଗୁଡ଼ା ଜିଲ୍ଲା ଲଖନପୁର ବ୍ଲକ୍ ରେଙ୍ଗାଲି ଥାନା ଅନ୍ତର୍ଗତ ଦେଓପାଲି ଗ୍ରାମର ଚୂଳ ସାହୁଙ୍କ ଏକମାତ୍ର ପୁଅ ପୃଥ୍ୱୀରାଜ (୩୩)। ସେ ଓଡ଼ିଶା ସ୍ପେଶାଲ ପୁଲିସ (ଓଏସ୍‌ପି)ରେ କାର୍ଯ୍ୟରତ ଥିବା ବେଳେ ଝାରସୁଗୁଡ଼ାସ୍ଥିତ ବୀର ସୁରେନ୍ଦ୍ର ସାଏ ବିମାନବନ୍ଦରରେ ନିୟୋଜିତ ଥିଲେ।

ପ୍ରାପ୍ତ ସୂଚନାନୁଯାୟୀ, କୌଣସି କାରଣରୁ ଗତ ଗୁରୁବାରଠାରୁ ପୃଥ୍ୱୀରାଜ ହଠାତ ନିଖୋଜ ହୋଇଯାଇଥିଲେ। ଗତ ଶୁକ୍ରବାର ସୁନ୍ଦରଗଡ଼ ଜିଲ୍ଲା ହେମଗିରି ଥାନା ଅନ୍ତର୍ଗତ ଘୁଡ଼ାମରା ଘାଟି ନିକଟରେ ତାଙ୍କ ସ୍କୁଟିକୁ ସ୍ଥାନୀୟ ଲୋକେ ଦେଖିଥିଲେ। ଖବର ପାଇ ଶନିବାର ସକାଳେ ଘାଟି ନିକଟସ୍ଥ ଜଙ୍ଗଲରେ ଏକ ବେରୁଆ ଗଛରେ ପୃଥ୍ୱୀରାଜଙ୍କ ଝୁଲନ୍ତା ମୃତଦେହକୁ ପୁଲିସ ଠାବ କରିଥିଲା। ପୁଲିସ ମୃତଦେହ ଜବତ କରିବା ସହ ଘଟଣାର ତଦନ୍ତ ଆରମ୍ଭ କରିଛି।



ପ୍ରଧାନଶିକ୍ଷୟିତ୍ରୀଙ୍କ ଅନୁପସ୍ଥିତି ନେଇ ଅସନ୍ତୋଷ

ସ୍କୁଲ୍ ଫାଟକରେ ତାଲା ପକାଇଲେ ଅଭିଭାବକ



ବଞ୍ଜୋ,୭।୧୧(ସଂଚାର ବ୍ୟୁରୋ)ଃ ଆନନ୍ଦପୁର ପୌରପାଳିକାର ୧ ନମ୍ବର ୱାର୍ଡ ଅଧୀନରେ ଥିବା ବିରିବଲ ସରକାରୀ ପ୍ରାଥମିକ ବିଦ୍ୟାଳୟରେ ଶିକ୍ଷାଦାନ ବ୍ୟବସ୍ଥାକୁ ନେଇ ଅଭିଭାବକ ଓ ଗ୍ରାମବାସୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଦେଖାଦେଇଛି। ପ୍ରଧାନଶିକ୍ଷୟିତ୍ରୀ ଦୀର୍ଘ ୫ ଦିନ ହେବ ବିଦ୍ୟାଳୟକୁ ଆସୁ ନ ଥିବା ଓ ପିଲାମାନଙ୍କ ପାଠପଢ଼ା ଠିକ୍ ଭାବେ ହୋଇପାରୁ ନ ଥିବା ଅଭିଯୋଗ କରି ଆଜି ସକାଳେ ଅଭିଭାବକ ଓ ଗ୍ରାମବାସୀ ବିଦ୍ୟାଳୟ ଫାଟକରେ ତାଲା ପକାଇଥିଲେ।

ଅଭିଭାବକଙ୍କ ଅଭିଯୋଗ ଅନୁଯାୟୀ, ପ୍ରଧାନଶିକ୍ଷୟିତ୍ରୀ ଅନେକ ସମୟରେ ବିଦ୍ୟାଳୟରେ ଅନୁପସ୍ଥିତ ରହୁଥିବାରୁ ପିଲାମାନଙ୍କ ପାଠପଢ଼ା ବ୍ୟାହତ ହେଉଛି। ଏନେଇ ପଚାରିଲେ ମଧ୍ୟ ସନ୍ତୋଷଜନକ ଉତ୍ତର ମିଳୁ ନ ଥିବା ସେମାନେ କହିଛନ୍ତି। ଘଟଣା ସମ୍ପର୍କରେ ଅଭିଭାବକମାନେ ଆନନ୍ଦପୁର ଏବିଇଓଙ୍କୁ ଅବଗତ କରାଇବା ପରେ ସେ ନିଜେ ବିଦ୍ୟାଳୟରେ ପହଞ୍ଚିଥିଲେ। ଅଭିଭାବକ ଓ ଗ୍ରାମବାସୀଙ୍କ ସହ ଆଲୋଚନା କରି ସେମାନଙ୍କ ଅଭିଯୋଗ ଶୁଣିବା ସହ ବିଦ୍ୟାଳୟର ଶିକ୍ଷାଦାନ ବ୍ୟବସ୍ଥା ସମ୍ପର୍କରେ ଅନୁଧ୍ୟାନ କରିଥିଲେ। ଘଟଣାର ତଦନ୍ତ ସହ ନିୟମିତ ପାଠପଢ଼ା ସୁନିଶ୍ଚିତ ଓ ସମସ୍ୟାର ସମାଧାନ କରିବାକୁ ଏବିଇଓ ପ୍ରତିଶ୍ରୁତି ଦେଇଥିବା ଜଣାପଡ଼ିଛି। ଶିକ୍ଷାଦାନ ଭଳି ଗୁରୁତ୍ୱପୂର୍ଣ୍ଣ ବିଷୟରେ ଏପରି ଅବହେଳା ନ ହେବା ସହ ପିଲାମାନଙ୍କ ପାଠପଢ଼ା ଯେପରି ବ୍ୟାହତ ନ ହୁଏ, ସେଥିପ୍ରତି ଶିକ୍ଷା ବିଭାଗ ପଦକ୍ଷେପ ନେବାକୁ ଗ୍ରାମବାସୀ ଦାବି କରିଛନ୍ତି।



ମଦ ବିକ୍ରିକୁ ତୀବ୍ର ବିରୋଧ

ତାତିଲେ ଗ୍ରାମବାସୀ, ଭାଙ୍ଗିଲେ କାଉଣ୍ଟର ଆଜ୍‌ବେଷ୍ଟସ୍

ନୟାଗଡ଼,୭।୧୧(ସଂଚାର ବ୍ୟୁରୋ)ଃ ଗାଁରେ ମଦ ବିକ୍ରିକୁ ନେଇ ତେଜିଛି ଅସନ୍ତୋଷ। ମଦ ବିକ୍ରି ବନ୍ଦ କରିବା ଦାବିରେ ଏକଜୁଟ ହୋଇ ରାସ୍ତାରୋକୋ କରିଛନ୍ତି ଗ୍ରାମବାସୀ। ନୟାଗଡ଼ ବ୍ଲକ୍ ମୁଥାଗାଡ଼ିଆ ପଞ୍ଚାୟତ ଅନ୍ତର୍ଗତ ଜୟପୁର ଗ୍ରାମରେ ଏଭଳି ଘଟଣା ଘଟିଛି। ଏପରିକି ମଦ ବିକ୍ରି ହେଉଥିବା ଘରର ଆଜ୍‌ବେଷ୍ଟସ୍‌କୁ ଭାଙ୍ଗିଦେଇଛନ୍ତି। ଏହାକୁ ନେଇ ଗ୍ରାମବାସୀ ଗ୍ରାମର ବାଇପାସ ରୋଡ୍ ଅବରୋଧ କରି ରାସ୍ତାରୋକ କରିଥିଲେ। ଘଟଣାକୁ ନେଇ ଗ୍ରାମବାସୀଙ୍କ ମଧ୍ୟରେ ମଦମୁକ୍ତ ଗାଁ ଗଠନର ଦାବି ଜୋର୍ ଧରିଛି। ଆଇନକୁ ହାତକୁ ନ ନେଇ ଏଭଳି ବେଆଇନ ମଦ କାରବାର ବିରୋଧରେ ପ୍ରଶାସନ ଓ ଅବକାରୀ ବିଭାଗ ତୁରନ୍ତ ହସ୍ତକ୍ଷେପ କରିବାକୁ ସେମାନେ ଦାବି କରିଛନ୍ତି। ଟାଉନ ଥାନା ପୁଲିସ ଓ ଏସ୍‌ଡିପିଓ ଘଟଣାସ୍ଥଳରେ ପହଞ୍ଚି ମଦ ବିକ୍ରିକୁ ସମ୍ପୂର୍ଣ୍ଣ ବନ୍ଦ କରିବାକୁ ପ୍ରତିଶ୍ରୁତି ଦେବା ପରେ ଗ୍ରାମବାସୀ ରାସ୍ତାରୋକରୁ ଓହରିଥିଲେ।

ପ୍ରତିଷ୍ଠାତା: ଡାକ୍ତର ଦାମୋଦର ରାଉତ Published by Sri Rudra Pratap Das at Plot No.312, Flat No.003,Green High Appartment, Kharvel Nagar, Bhubaneswar, Dist-Khorda-751001 and Owned by Sri Saroj Kumar Nayak of Plot No.495, Nilakantha Nagar, Nayapalli, Bhubaneswar-751012 and printed by Sri Sudhir Kumar Panda at Nijukti Khabar Prakashan, TS 3/191, Mancheswar Industrial Estate, Bhubaneswar-751010, Dist-Khurda (Odisha) Ph. No. 8093008776
Editor: Himanshu Bhusan Kar
ସମ୍ପାଦକଃ ହିମାଂଶୁ ଭୂଷଣ କର
Chief Editor: Ajit Kumar Dash
ମୁଖ୍ୟ ସମ୍ପାଦକଃ ଅଜିତ କୁମାର ଦାଶ



ଆଜିର ସୁନା ଦର



ସୁନା କିଣିବାକୁ ଚାହୁଁଥିଲେ, ଆପଣଙ୍କ ପାଇଁ ଖୁସି ଖବର । କମିଲା ସୁନା ଓ ରୁପା ଦାମ୍ । ଯଦି ଆପଣ ଆଜି ସୁନା କିଣିବାକୁ ଚାହୁଁଛନ୍ତି ବା ଯୋଜନା କରିଛନ୍ତି ତେବେ ପ୍ରଥମେ ଜାଣି ନିଅନ୍ତୁ ଆଜିର ସୁନା ଦର । ଆଜି ଭାରତୀୟ ବଜାରରେ ୨୪ କ୍ୟାରେଟ ସୁନା ୧,୪୨,୨୬୦ ଟଙ୍କା ରହିଛି । ସେହିପରି ୨୨ କ୍ୟାରେଟ ସୁନା ଦର ୧,୩୦,୪୦୦ ଟଙ୍କା ଛୁଇଁଛି । ୧୮ କ୍ୟାରେଟ ସୁନା ଦାମ୍ ୧୦,୬୬୯ ଟଙ୍କା ରହିଛି । ସେହିପରି ରାଜଧାନୀ ଭୁବନେଶ୍ୱରରେ ୨୪ କ୍ୟାରେଟ ସୁନା ୧,୪୨,୨୬୦ ଟଙ୍କା ରହିଛି । ସେହିପରି ୨୨ କ୍ୟାରେଟ ସୁନା ଦର ୧,୩୦,୪୦୦ ଟଙ୍କା ରହିଛି । ସେହିପରି ମୁମ୍ବାଇରେ ୨୪ କ୍ୟାରେଟ ସୁନା ୧,୪୨,୨୬୦ ଟଙ୍କା ରହିଛି । ସେହିପରି ୨୨ କ୍ୟାରେଟ ସୁନା ଦର ୧,୩୦,୪୦୦ ଟଙ୍କା ଛୁଇଁଛି । ନୂଆଦିଲ୍ଲୀରେ ୨୪ କ୍ୟାରେଟ ୧,୪୨,୪୧୦ ଟଙ୍କା ଓ ୨୨ କ୍ୟାରଟେ ୧,୩୦,୫୫୦ ଟଙ୍କା ରହିଛି । ଦକ୍ଷିଣ ଭାରତର ପ୍ରମୁଖ ସହର ଚେନ୍ନାଇରେ ୨୪ କ୍ୟାରଟେ ମୂଲ୍ୟ ୧,୪୨,୨୬୦ ଟଙ୍କା ଥିବା ବେଳେ ୨୨ କ୍ୟାରେଟ ମୂଲ୍ୟ ୧,୩୦,୪୦୦ ଟଙ୍କା ରହିଛି । ପୂର୍ବ ଭାରତର ପ୍ରମୁଖ ସହର କୋଲକାତାରେ ଯଥାକ୍ରମେ ୧,୪୨,୨୬୦ ଟଙ୍କା ଥିବା ବେଳେ ୨୨ କ୍ୟାରେଟ ମୂଲ୍ୟ ୧,୩୦,୪୦୦ ଟଙ୍କା ରହିଛି ।

ଆଜିର ପେଟ୍ରୋଲ, ଡିଜେଲ୍ ଦର



ଆଜି ମଧ୍ୟ ପେଟ୍ରୋଲ ଓ ଡିଜେଲ ଦର ସ୍ଥିର ରହିଛି । ଆଜି ଭୁବନେଶ୍ୱରରେ ପେଟ୍ରୋଲ ଦର ୧୦୮.୯୭ ଟଙ୍କା ରହିଥିବା ବେଳେ ଡିଜେଲ ଦାମ୍ ପ୍ରତି ଲିଟର ପିଛା ୧୦୦.୬୮ ପଇସା ରହିଛି । ସେହିପରି ଦିଲ୍ଲୀରେ ପେଟ୍ରୋଲ ଲିଟର ପିଛା ୧୦୨ ଟଙ୍କା ୧୨ ପଇସା ଓ ଡିଜେଲ ଦର ୯୫ ଟଙ୍କା ୨୦ ପଇସା ହୋଇଛି । ମୁମ୍ବାଇରେ ପେଟ୍ରୋଲ ଲିଟର ପିଛା ୧୧୧ଟଙ୍କା ୨୧ ପଇସା ହୋଇଥିବା ବେଳେ ଡିଜେଲ ଲିଟର ପିଛା ୯୭.୮୩ ଟଙ୍କା ରହିଛି । ସେହିପରି କୋଲକାତାରେ ପେଟ୍ରୋଲ ଦର ୧୧୩. ୫୧ ଟଙ୍କା ଥିବାବେଳେ ଡିଜେଲ ଦର ୯୯ ଟଙ୍କା ୮୨ ପଇସା ରହିଛି। ଚେନ୍ନାଇରେ ପେଟ୍ରୋଲ ଦର ୧୦୭ ଟଙ୍କା ୭୬ ପଇସା ଥିବା ବେଳେ ଡିଜେଲ ଦାମ ୯୯ ଟଙ୍କା ୫୫ ପଇସା ରହିଛି । ପ୍ରତ୍ୟେକ ଦିନ ସକାଳ ୬ଟାରେ ପେଟ୍ରୋଲ ଏବଂ ଡିଜେଲ୍ ଦାମରେ ପରିବର୍ତ୍ତନ ହୋଇଥାଏ ।

ପୁଣି ବଜାରକୁ ଫେରିଲା କାର୍ବନ

ଲଞ୍ଚ୍ କଲା ଦୁଇ ନୂଆ ଜବରଦସ୍ତ ସ୍ମାର୍ଟଫୋନ୍

ନୂଆଦିଲ୍ଲୀ, ୭।୧୧: ଭାରତୀୟ ସ୍ମାର୍ଟଫୋନ୍ ବଜାରକୁ ପୁଣିଥରେ ଫେରିଲା ଦେଶୀୟ ମୋବାଇଲ୍ ବ୍ରାଣ୍ଡ କାର୍ବନ। କମ୍ପାନୀ ଲଞ୍ଚ୍ କରିଛି ନିଜର ନୂଆ ରିବେଲ୍ ସିରିଜର ଦୁଇଟି ସ୍ମାର୍ଟଫୋନ୍। ଯାହାର ନାଁ ରହିଛି କାର୍ବନ ରିବେଲ୍ ଏବଂ ରିବେଲ୍ Pro। ବଡ଼ ବ୍ୟାଟେରୀ, ହାଇ ରିଫ୍ରେସ୍ ରେଟ୍ ଡିସପ୍ଲେ ଏବଂ Android 16 ଭଳି ଫିଚର୍ସ ସହ ଆସିଛି ଏହି ଦୁଇ ଫୋନ୍। ତେବେ କେତେ ରହିଛି ଏହାର ଦାମ୍ ଏବଂ କ'ଣ ରହିଛି ଫିଚର୍ସ, ଆସନ୍ତୁ ଜାଣିବା।



କାର୍ବନ ରିବେଲ୍‌ରେ ରହିଛି ୬.୭୫ ଇଞ୍ଚର HD+ LCD ଡିସପ୍ଲେ। ଏଥିରେ ୯0Hz ରିଫ୍ରେସ୍ ରେଟ୍ ସହ ୬୫୦ ନିଟ୍ସ ବ୍ରାଇଟ୍ନେସ୍ ମିଳିବ। ସେହିପରି ରିବେଲ୍ Proରେ ରହିଛି ୬.୭ ଇଞ୍ଚର HD+ LCD ଡିସପ୍ଲେ। ଯାହା ୧୨0Hz ରିଫ୍ରେସ୍ ରେଟ୍ ଏବଂ ୭୨୦ ନିଟ୍ସ ବ୍ରାଇଟନେସ୍ ସପୋର୍ଟ କରିବ। ଉଭୟ ଫୋନରେ MediaTek Helio G81 ଅକ୍ଟାକୋର୍ ପ୍ରୋସେସର୍ ଦିଆଯାଇଛି। ଏହାସହ ୬GB RAM ଏବଂ ୧୨୮GB ଷ୍ଟୋରେଜ୍ ମିଳିବ। ମାଇକ୍ରୋ SD କାର୍ଡ ଜରିଆରେ ଷ୍ଟୋରେଜକୁ ୧TB ପର୍ଯ୍ୟନ୍ତ ଏକ୍ସପାଣ୍ଡ କରାଯାଇପାରିବ।

ଫଟୋଗ୍ରାଫି ପାଇଁ କାର୍ବନ ରିବେଲ୍‌ରେ ରହିଛି ୫୦ ମେଗାପିକ୍ସେଲ୍ ରିୟର କ୍ୟାମେରା। ଅନ୍ୟପଟେ ରିବେଲ୍ Proରେ ୬୪ ମେଗାପିକ୍ସେଲ୍ ରିୟର କ୍ୟାମେରା ସହ ୧୬ ମେଗାପିକ୍ସେଲ୍ ଫ୍ରଣ୍ଟ କ୍ୟାମେରା ଦିଆଯାଇଛି। ବ୍ୟାଟେରୀ କ୍ଷେତ୍ରରେ ରିବେଲ୍‌ରେ ରହିଛି ୭ ହଜାର mAhର ବଡ଼ ବ୍ୟାଟେରୀ। ଏହା ୧୮W ଫାଷ୍ଟ ଚାର୍ଜିଂ ସପୋର୍ଟ କରୁଛି। ଉଭୟ ସ୍ମାର୍ଟଫୋନ୍ Android 16 ଅପରେଟିଂ ସିଷ୍ଟମରେ କାମ କରିବ। କମ୍ପାନୀ ଦୁଇ ବର୍ଷର OS ଅପଗ୍ରେଡ୍ ଏବଂ ଦୁଇ ବର୍ଷର ସିକ୍ୟୁରିଟି ଅପଡେଟ୍ ଦେବାକୁ ପ୍ରତିଶ୍ରୁତି ଦେଇଛି। ଏହାବ୍ୟତୀତ IP64 ରେଟିଂ, ସାଇଡ୍ ଫିଙ୍ଗରପ୍ରିଣ୍ଟ ସେନ୍ସର୍, ଫେସ୍ ଅନଲକ୍, 4G କନେକ୍ଟିଭିଟି, ବ୍ଲୁଟୁଥ୍ 5.0, USB Type-C ଏବଂ ୩.୫ ଏମ୍ଏମ୍ ହେଡ୍ଫୋନ୍ ଜ୍ୟାକ୍ ଭଳି ଫିଚର୍ସ ମଧ୍ୟ ରହିଛି।

କାର୍ବନ ରିବେଲ୍ ଏବଂ ରିବେଲ୍ Pro ଉଭୟର ମୂଳ ମୂଲ୍ୟ ରହିଛି ୧୪ ହଜାର ୯୯୯ ଟଙ୍କା। ତେବେ ଲଞ୍ଚ୍ ଅଫରରେ ରିବେଲ୍‌କୁ ୧୧ ହଜାର ୯୯୯ ଟଙ୍କା ଏବଂ ରିବେଲ୍ Proକୁ ୧୨ ହଜାର ୪୯୯ ଟଙ୍କାରେ କିଣିପାରିବେ ଗ୍ରାହକ। ଏହାସହ ୧ ହଜାର ଟଙ୍କାର ବ୍ୟାଙ୍କ ଡିସ୍କାଉଣ୍ଟ ମଧ୍ୟ ମିଳୁଛି। ଫଳରେ ରିବେଲ୍‌ର ଦାମ୍ ୧୦ ହଜାର ୯୯୯ ଟଙ୍କା ଏବଂ ରିବେଲ୍ Proର ଦାମ୍ ୧୧ ହଜାର ୪୯୯ ଟଙ୍କାକୁ ଖସି ଆସିବ। ଏହି ଫୋନ୍ ନଭେମ୍ବର ୪ ତାରିଖ ମଧ୍ୟାହ୍ନ ୧୨ଟାରୁ Amazonରେ ଆରମ୍ଭ ବିକ୍ରି ଆରମ୍ଭ ହୋଇଛି। ସେହିପରି ରିବେଲ୍ Proରେ ୬ ହଜାର mAh ବ୍ୟାଟେରୀ ସହ ୨0W ଫାଷ୍ଟ ଚାର୍ଜିଂ ସୁବିଧା ରହିଛି। ତେବେ ଏତେ ସବୁ ଫିଚର୍ସ ସହ ବଜେଟ୍ ସେଗମେଣ୍ଟରେ କାର୍ବନର ଏହି ଦୁଇଟି ନୂଆ ସ୍ମାର୍ଟଫୋନ୍ ଗ୍ରାହକଙ୍କୁ କେତେ ଆକର୍ଷିତ କରୁଛି, ତାହା ଦେଖିବା ବାକି ରହିଲା।

ଧନତେରସ୍‌ରେ ୩୦୦ କୋଟିରୁ ଅଧିକ ବେପାର

ନୂଆଦିଲ୍ଲୀ,୭।୧୧: ଆଜି ଧନତେରାସ୍। ଆପଣ ସୁନା କିଣିଥିବେ ନିଶ୍ଚୟ। ହେଲେ ଜାଣନ୍ତି କି ସୁନା ଗହଣା କିଣିବା ସମୟରେ ଅନେକ ଗ୍ରାହକଙ୍କ ମନରେ ଗୋଟିଏ ପ୍ରଶ୍ନ ଆସେ। ସୁନାର ଦାମ୍ ଓ ମେକିଂ ଚାର୍ଜ ଉପରେ ଅଲଗା ଅଲଗା ଜିଏସ୍‌ଟି ଲାଗିଥାଏ କି? ନା ଉଭୟକୁ ମିଶାଇ ଗୋଟିଏ ଜିଏସ୍‌ଟି ଦେବାକୁ ପଡ଼େ? ଏହାକୁ ନେଇ ଅନେକ ସମୟରେ ଗ୍ରାହକ ଦ୍ୱନ୍ଦ୍ୱରେ ପଡ଼ନ୍ତି। ଆପଣଙ୍କ ମନରେ ବି ଏମିତି କିଛି ପ୍ରଶ୍ନ ଆସୁଥିବ। ଆପଣଙ୍କ ପ୍ରଶ୍ନ ପାଇଁ ସରକାରଙ୍କ GST FAQରେ ଏହାର ସ୍ପଷ୍ଟ ଉତ୍ତର ଦିଆଯାଇଛି।

ସରକାରଙ୍କ ନିୟମ ଅନୁସାରେ, ସୁନା, ରୁପା କିମ୍ବା ହୀରା ଗହଣା କିଣିବା ସମୟରେ ଗହଣାର ମୋଟ୍ ମୂଲ୍ୟ ଉପରେ ମାତ୍ର ୩% ଜିଏସ୍‌ଟି ଲାଗିବ। ଅର୍ଥାତ୍ ସୁନାର ଦାମ୍ ଓ ମେକିଂ ଚାର୍ଜ ଉପରେ ଅଲଗା ଅଲଗା ଜିଏସ୍‌ଟି ଦେବାକୁ ପଡ଼ିବନାହିଁ।



ଭାରତର ବୈଦେଶିକ ମୁଦ୍ରା ଭଣ୍ଡାର ୨.୬୯ ବିଲିୟନ ଡଲାର ହ୍ରାସ



ନୂଆଦିଲ୍ଲୀ,୭।୧୧: ଖାଲି ହେଉଛି ଭାରତର ବୈଦେଶିକ ମୁଦ୍ରା ଭଣ୍ଡାର। ବିଦେଶୀ ମୁଦ୍ରା ଭଣ୍ଡାର ୨.୬୯ ବିଲିୟନ ଡଲାର ବା ପ୍ରାୟ ୨୫ ହଜାର କୋଟି ଟଙ୍କା ହ୍ରାସ ପାଇଛି। ଏତେ ବଡ଼ ହ୍ରାସ ପଛରେ ପ୍ରମୁଖ କାରଣ ସବୁ କଣ ? ତାକୁ ନେଇ ସରକାର ମଧ୍ୟ ମାନସ ମନ୍ଥନ ଆରମ୍ଭ କରିଦେଇଛନ୍ତି। ରିଜର୍ଭ ବ୍ୟାଙ୍କ ଅଫ୍ ଇଣ୍ଡିଆ (RBI) ତଥ୍ୟ ଅନୁଯାୟୀ, ଅକ୍ଟୋବର ୩୦ ରେ ଶେଷ ହୋଇଥିବା ସପ୍ତାହରେ ଭାରତର ବୈଦେଶିକ ମୁଦ୍ରା ଭଣ୍ଡାର (Forex Reserves) ୨.୬୯୧ ବିଲିୟନ୍ ଡଲାର ହ୍ରାସ ପାଇଛି। ଏହି ହ୍ରାସ ପରେ ଭାରତର ବିଦେଶୀ ମୁଦ୍ରା ଭଣ୍ଡାର ୭୨୭.୦୫୬ ବିଲିୟନ୍ ଡଲାରରେ ପହଞ୍ଚିଛି।

ଦେଶର ମୋଟ ବୈଦେଶିକ ମୁଦ୍ରା ଭଣ୍ଡାରର ବୈଦେଶିକ ମୁଦ୍ରା ସମ୍ପତ୍ତି ଏବଂ ସ୍ୱର୍ଣ୍ଣ ଭଣ୍ଡାର ହ୍ରାସ ଘଟିବା ଯୋଗୁଁ ଏହି ସ୍ଥିତି ଉପୁଜିଛି। ବୈଦେଶିକ ମୁଦ୍ରା ଭଣ୍ଡାରର ସବୁଠାରୁ ବଡ଼ ଭାଗ 'ଫରେନ୍ କରେନ୍ସି ଆସେଟ୍ସ' ଏହି ସପ୍ତାହରେ ୨.୦୮୮ ବିଲିୟନ୍ ଡଲାର କମି ୫୯୧.୧୧୮ ବିଲିୟନ୍ ଡଲାରରେ ପହଞ୍ଚିଛି। ସେହିପରି ଦେଶର ସ୍ୱର୍ଣ୍ଣ ଭଣ୍ଡାର ମଧ୍ୟ ୫୫୯ ମିଲିୟନ୍ ଡଲାର ହ୍ରାସ ପାଇ ୧୦୨.୫୯୧ ବିଲିୟନ୍ ଡଲାର ହୋଇଛି। ଏହା ବ୍ୟତୀତ ଅନ୍ତର୍ଜାତୀୟ ମୁଦ୍ରା ପାଣ୍ଠି (IMF) ଦ୍ୱାରା ବରାଦ କରାଯାଉଥିବା 'ସ୍ପେସିଆଲ୍ ଡ୍ରଇଂ ରାଇଟ୍ସ' ୪୭ ମିଲିୟନ୍ ଡଲାର ହ୍ରାସ ପାଇ ୧୮.୫୫୮ ବିଲିୟନ୍ ଡଲାରରେ ପହଞ୍ଚିଛି।

ଯଅନ୍ୟପଟେ, IMF ରେ ଭାରତର ରିଜର୍ଭ ପୋଜିସନ୍‌ରେ ୩ ମିଲିୟନ୍ ଡଲାରର ସାମାନ୍ୟ ବୃଦ୍ଧି ଘଟି ଏହା ୪.୭୯୦ ବିଲିୟନ୍ ଡଲାରରେ ପହଞ୍ଚିଛି। ଭାରତୀୟ ମୁଦ୍ରା ଟଙ୍କା ହିସାବରେ ଦେଖିବାକୁ ଗଲେ, ଅକ୍ଟୋବର ୩୦ ସୁଦ୍ଧା ମୋଟ ବୈଦେଶିକ ମୁଦ୍ରା ଭଣ୍ଡାର ୬୮.୦୯ ଲକ୍ଷ କୋଟି ଟଙ୍କାରେ ରହିଛି। ତେବେ ମାର୍ଚ୍ଚ ୨୦୨୬ ଶେଷ ସୁଦ୍ଧା ଥିବା ସ୍ତର ତୁଳନାରେ ଭାରତର ସାମଗ୍ରିକ ବୈଦେଶିକ ମୁଦ୍ରା ଭଣ୍ଡାର ଏବେ ବି ଯଥେଷ୍ଟ ମଜଭୁତ୍ ସ୍ଥିତିରେ ରହିଛି। ମାର୍ଚ୍ଚ ଶେଷ ପରଠାରୁ ଦେଶର ଫରେକ୍ସ ରିଜର୍ଭ ୨୫.୯୪୯ ବିଲିୟନ୍ ଡଲାର ବୃଦ୍ଧି ପାଇଛି। ଗୋଟିଏ ବର୍ଷର ତଥ୍ୟକୁ ଦେଖିଲେ, ଭାରତର ବୈଦେଶିକ ମୁଦ୍ରା ଭଣ୍ଡାରରେ ବାର୍ଷିକ ଆଧାରରେ ୨୭.୩୨୪ ବିଲିୟନ୍ ଡଲାରର ବଡ଼ ବୃଦ୍ଧି ଘଟିଛି। ଗୋଟିଏ ବର୍ଷ ମଧ୍ୟରେ ବୈଦେଶିକ ମୁଦ୍ରା ସମ୍ପତ୍ତି ୨୬.୫୨୭ ବିଲିୟନ୍ ଡଲାର ଏବଂ ସ୍ୱର୍ଣ୍ଣ ଭଣ୍ଡାର ୮୬୫ ମିଲିୟନ୍ ଡଲାର ବୃଦ୍ଧି ପାଇଛି। ଆରବିଆଇ ଯେଉଁ ସପ୍ତାହ ଲାଗି ଏହି ତଥ୍ୟ ଦେଇଛି, ସେଥିରେ ବିଦେଶୀ ମୁଦ୍ରା ଭଣ୍ଡାର ବଡ଼ ହ୍ରାସ ହୋଇଛି। କିନ୍ତୁ ବାର୍ଷିକ ଆଧାରରେ ଦେଖିଲେ ଭାରତର ବୈଦେଶିକ ମୁଦ୍ରା ଭଣ୍ଡାରରେ ବଡ଼ କ୍ଷତି ହୋଇନାହିଁ।

କାର୍ତ୍ତିକରେ ଗ୍ରାହକଙ୍କୁ ମହଙ୍ଗା ମାଡ଼

ଭୁବନେଶ୍ୱର,୭।୧୧: ରାଜ୍ୟରେ ନିତ୍ୟ ବ୍ୟବହାର୍ଯ୍ୟ ଖାଦ୍ୟ ସାମଗ୍ରୀ ଦର ଆକାଶଛୁଆଁ ହୋଇପଡ଼ିଛି। କାର୍ତ୍ତିକରେ ଗ୍ରାହକଙ୍କୁ ମହଙ୍ଗା ମାଡ଼ ଲାଗିଛି। ଖୁଚୁରା ଦରରେ ହରଡ଼ ଡାଲି କିଲୋ ପିଛା ୧୫୦ରୁ ୧୬୫ ଟଙ୍କା ରହିଛି। ମୁଗ ଡାଲି ୧୩୦ ଟଙ୍କା, ମସୁର ଡାଲି ୯୫ ଟଙ୍କା, ସୋରିଷ ତେଲ ଲିଟର ପିଛା ୨୬୦ ଟଙ୍କା, ସୂର୍ଯ୍ୟମୁଖୀ ତେଲ ୨୨୦ ଟଙ୍କା, ଆଳୁ କିଲୋ ୨୦ଟଙ୍କା, ପିଆଜ କିଲୋ ପିଛା ୬୫ ଟଙ୍କା, ଅଦା କିଲୋ ୧୨୦ଟଙ୍କା, ରସୁଣ କିଲୋ ୨୪୦ଟଙ୍କା ରହିଛି। ବିଶେଷକରି ଚଳିତବର୍ଷ ପଶ୍ଚିମବଙ୍ଗରେ ଆଳୁ କଟକଣା ନାହିଁ। ଆଳୁ ଯୋଗାଣ ବି ସ୍ୱାଭାବିକ ଅଛି। ତଥାପି ଦର କମୁନି ଗୋଟିଏ ପଟେ ଖାଦ୍ୟ ସାମଗ୍ରୀର ଦର ବୃଦ୍ଧି ପାଉଥିବା ବେଳେ ଅନ୍ୟପଟେ ଖାଦ୍ୟ ଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର କହିଥିଲେ ଯେ ପ୍ରତିଦିନ ବ୍ୟବହାର ହେଉଥିବା ସାମଗ୍ରୀର ଦରଦାମ ବୃଦ୍ଧି ହୋଇନାହିଁ। କେବଳ ଡାଲି ତେଲ, ଆଳୁ, ପିଆଜ ସାମାନ୍ୟ ଦର ରହିଛି। ସେଥିରେ କୌଣସି ସମସ୍ୟା ନାହିଁ। ମନ୍ତ୍ରୀଙ୍କ ଏହି ବିବୃତିକୁ ନେଇ ବିରୋଧୀ ଗର୍ଜିଛନ୍ତି। ଉଭୟ ବିଜେଡି ଓ କଂଗ୍ରେସ ଏହାର ପାଲଟା ଜବାବ ରଖିଛନ୍ତି। ବିଜେଡି ବିଧାୟକ ପ୍ରସନ୍ନ ଆଚାର୍ଯ୍ୟ କହିଛନ୍ତି, ଯେଉଁମାନେ କହିଛନ୍ତି ଦର ବଢ଼ିନାହିଁ, ସେମାନେ କେବେ ବଜାର ଯାଆନ୍ତି ନାହିଁ। ବର୍ତ୍ତମାନ ଚିନିଠାରୁ କିରାସିନି ସବୁର ଦରଦାମ ବଢ଼ିଛି। ଏହାର ସମାଧାନ ସରକାରଙ୍କ ପାଖରେ ନାହିଁ। ବଜାର ଦର ଉପରେ ନିୟନ୍ତ୍ରଣ ରହୁନାହିଁ। ସରକାର ସାଧାରଣ ଗୃହିଣୀଙ୍କୁ ଯାଇ ପଚାରନ୍ତୁ। ସଂସାର ଚଳେଇବା ତାଙ୍କ ପାଇଁ କେତେ କଷ୍ଟକର ହେଲାଣି। ପୂର୍ବତନ ପିସିସି ସଭାପତି ଜୟଦେବ ଜେନା କହିଛନ୍ତି, ସାଧାରଣ ଲୋକଙ୍କ ପାଇଁ ଏବେ ଚଳିବା ମୁସ୍କିଲ ହୋଇପଡ଼ିଛି। ତେଲ ଲିଟର ୨୦୦ ଟଙ୍କା ଟପିଗଲାଣି। ରାସନ ଦର କଥା ନ'କହିବା ଭଲ। ଗତ ସରକାର ଦରଦାମ ନିୟନ୍ତ୍ରଣ କରିନପାରି ଶାସନରୁ ବିଦା ହେଲେ। ବିଜେପି ଅନେକ ପ୍ରତିଶ୍ରୁତି ଦେଇ ସରକାରକୁ ଆସିଥିଲେ କିନ୍ତୁ କାମ କିଛି ବି କହିଲେନି। ଗତ ସରକାରଙ୍କ ଠାରୁ ଏମାନେ ବଳିଗଲେ। ଆମେରିକାରେ ଡୋନାଲ୍ଡ ଟ୍ରମ୍ପଙ୍କ ପରି ଏମାନଙ୍କ ଅବସ୍ଥା ହେବ।



କର୍ଣ୍ଣାଟକରେ ପେଟ୍ରୋଲରେ ୩୧% ଯାଏଁ ଇଥାନଲ୍ ମିଶ୍ରଣ ଅଭିଯୋଗ



ବେଙ୍ଗାଲୁରୁ,୭।୧୧:କର୍ଣ୍ଣାଟକର ୭ଟି ଜିଲ୍ଲାରେ ବିକ୍ରି ହେଉଥିବା ପେଟ୍ରୋଲରେ ନିର୍ଦ୍ଧାରିତ ୨୦ ପ୍ରତିଶତ ଇ-୨୦ ସୀମାଠାରୁ ଅଧିକ, ଅର୍ଥାତ୍ ୩୧.୨ ପ୍ରତିଶତ ପର୍ଯ୍ୟନ୍ତ ଇଥାନଲ୍ ମିଶାଯାଉଥିବା ନେଇ ରାଜ୍ୟ ସରକାରଙ୍କ ରିପୋର୍ଟରୁ ଏକ ବଡ଼ ବିବାଦ ସୃଷ୍ଟି ହୋଇଛି। ବେଙ୍ଗାଲୁରୁ ସ୍ଥିତ "ଶ୍ରୀରାମ୍ ରିସର୍ଚ୍ଚ ଇନଷ୍ଟିଚ୍ୟୁଟ୍"ରେ ପରୀକ୍ଷା କରାଯାଇଥିବା ୧୪ଟି ନମୁନା ମଧ୍ୟରୁ ୧୧ଟିରେ ଇଥାନଲ୍ ପରିମାଣ ୨୦ ପ୍ରତିଶତରୁ ଅଧିକ ରହିଥିବା ଜଣାପଡ଼ିଛି। ଇଣ୍ଡିଆନ୍ ଅଏଲ୍ ର ଗୋଟିଏ ନମୁନାରେ ୩୧.୨%, ଏଚପିସିଏଲ୍ ର "ପାୱାର" ପେଟ୍ରୋଲରେ ୩୦.୫% ଏବଂ ବିପିସିଏଲ୍ ର "ସ୍ପିଡ୍" ପେଟ୍ରୋଲରେ ୨୬.୫% ଏଥାନୋଲ୍ ମିଳିଥିବା କର୍ଣ୍ଣାଟକ ସରକାର ଦାବି କରିଛନ୍ତି। ଏହି ସଂବେଦନଶୀଳ ତଥ୍ୟ ଆସିବା ପରେ ଲୋକସଭା ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ କେନ୍ଦ୍ର ସରକାର ଓ ତୈଳ କମ୍ପାନୀଗୁଡ଼ିକୁ ତୀବ୍ର ସମାଲୋଚନା କରିଛନ୍ତି। ସୋସିଆଲ ମିଡିଆ ଏକ୍ସ ରେ ପୋଷ୍ଟ କରି ରାହୁଲ କହିଛନ୍ତି ଯେ, କେନ୍ଦ୍ର ସରକାରଙ୍କ ଇ୨୦ ନୀତି ଏବେ "୪୨୦" ରେ ପରିଣତ ହୋଇଛି, ଯାହା ଗାଡ଼ିଚାଳକଙ୍କ ପକେଟରୁ ଖୋଲାଖୋଲି ଚୋରି। ଅଧିକ ଇଥାନଲ୍ ମିଶ୍ରଣ ଯୋଗୁଁ ମାଇଲେଜ୍ କମିବା ଏବଂ ଗାଡ଼ିର ଇଞ୍ଜିନ୍ ଖରାପ ହେବା ଫଳରେ ଦେଶର ଉପଭୋକ୍ତାମାନେ ବାର୍ଷିକ ପ୍ରାୟ ୧.୦୧ ଲକ୍ଷ କୋଟି ଟଙ୍କାର ଅଦୃଶ୍ୟ ଆର୍ଥିକ ବୋଝ ସହିବାକୁ ବାଧ୍ୟ ହେଉଛନ୍ତି ବୋଲି ସେ ଅଭିଯୋଗ କରିଛନ୍ତି। ଅନ୍ୟପକ୍ଷରେ, ତିନୋଟି ଯାକ ସରକାରୀ ତୈଳ ବିପଣନ କମ୍ପାନୀ (ଆଇଓସିଏଲ୍, ବିପିସିଏଲ୍, ଏଚପିସିଏଲ୍) ଏକ ମିଳିତ ବିବୃତି ଜାରି କରି କର୍ଣ୍ଣାଟକ ସରକାରଙ୍କ ଏହି ଅଭିଯୋଗକୁ ସମ୍ପୂର୍ଣ୍ଣ ଖଣ୍ଡନ କରିଛନ୍ତି। ନମୁନା ସଂଗ୍ରହ ଓ ପରୀକ୍ଷା ପ୍ରକ୍ରିୟା ଆଇନଗତ ଏବଂ ବୈଷୟିକ ନିୟମାନୁସାରେ ହୋଇନଥିବା ସେମାନେ ଦର୍ଶାଇଛନ୍ତି। ଦେଶସାରା ବିକ୍ରି ହେଉଥିବା ଇ୨୦ ପେଟ୍ରୋଲ୍ ଭାରତୀୟ ମାନକ ବ୍ୟୁରୋର ନିୟମାବଳୀ (ଆଇଏସ୍ ୧୭୦୨୧) ଅନୁଯାୟୀ ୧୯ରୁ ୨୧ ପ୍ରତିଶତ ମଧ୍ୟରେ ହିଁ ପ୍ରସ୍ତୁତ କରାଯାଉଛି ବୋଲି ତୈଳ କମ୍ପାନୀଗୁଡ଼ିକ ସ୍ପଷ୍ଟ କରିଛନ୍ତି। ରାଜ୍ୟ ସରକାର ଏହି ମାମଲାରେ କେନ୍ଦ୍ର ସରକାରଙ୍କଠାରୁ ସ୍ପଷ୍ଟୀକରଣ ଦାବି କରିବା ସହ ପ୍ରତ୍ୟେକ ପେଟ୍ରୋଲ୍ ପମ୍ପରେ ଇଥାନଲ୍ ମିଶ୍ରଣର ପରିମାଣ ସାର୍ବଜନୀନ ଭାବେ ପ୍ରଦର୍ଶନ କରିବାକୁ ଦାବି କରିଛନ୍ତି। ଏହି ଘଟଣା ଏବେ ଦେଶସାରା ଇନ୍ଧନ ଗୁଣବତ୍ତା, ଗାଡ଼ି ସୁରକ୍ଷା ଏବଂ ଗ୍ରାହକ ଅଧିକାରକୁ ନେଇ ଏକ ନୂଆ ଚର୍ଚ୍ଚା ସୃଷ୍ଟି କରିଛି।

ଡିଜିଟାଲ୍ ବ୍ୟାଙ୍କ ଦେବାଳିଆ ହେବାରୁ ଆର୍ଥିକ ସଙ୍କଟରେ ପାରାଗୁଏ

ଆସୁନସିଓନ, ୭।୧୧:ପୂର୍ବତନ ପାରାଗୁଏ ରାଷ୍ଟ୍ରପତି ସାଣ୍ଟିଆଗୋ ପେନାଙ୍କୁ ନଜରବନ୍ଦୀ କରାଯାଇଛି। ମହାଭିଯୋଗ ପ୍ରକ୍ରିୟା ପରେ କର୍ତ୍ତୃପକ୍ଷ ଏହି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛନ୍ତି। ସାଂସଦମାନେ ତାଙ୍କୁ ମହାଭିଯୋଗ କରି ପଦରୁ ବହିଷ୍କାର କରିବାର କିଛି ସମୟ ପରେ ଏଭଳି ପଦକ୍ଷେପ ଗ୍ରହଣ କରାଯାଇଛି। ଡିଜିଟାଲ୍ ବ୍ୟାଙ୍କ ଉଏନୋ ଦେବାଳିଆ ହେବା ଯୋଗୁଁ ସୃଷ୍ଟି ହୋଇଥିବା ରାଜନୈତିକ ଏବଂ ଆର୍ଥିକ ସଙ୍କଟ ମଧ୍ୟରେ ଏପରି ସ୍ଥିତି ଉପୁଜିଛି। ଅଧିକାରୀମାନେ କହିଛନ୍ତି, ଯେପର୍ଯ୍ୟନ୍ତ ରାଜ୍ୟ ପବ୍ଲିକ ପ୍ରସିକ୍ୟୁଟରଙ୍କ କାର୍ଯ୍ୟାଳୟ ତାଙ୍କ ବିରୋଧରେ ଅଭିଯୋଗ ଚୂଡ଼ାନ୍ତ ନକରିଛନ୍ତି ସେପର୍ଯ୍ୟନ୍ତ ପେନାଙ୍କୁ ନଜରବନ୍ଦୀ ରଖାଯିବ। ପ୍ରଦର୍ଶନକାରୀ ଆସିନସିଅନରେ ପେନାଙ୍କ ବାସଭବନ ବାହାରେ ପ୍ରତିବାଦ କରିଥିଲେ। ପୁଲିସ ତାଙ୍କ ଘର ଚାରିପାଖରେ ସୁରକ୍ଷା ଘେରାବନ୍ଦୀ ବଜାୟ ରଖିଛି। ପାରାଗୁଏରେ ୟୁନୋ ବ୍ୟାଙ୍କ ଏକ ବଡ଼ ଡିଜିଟାଲ୍ ବ୍ୟାଙ୍କ ଥିଲା, ଯାହାର ପ୍ରାୟ ୨୯ ଲକ୍ଷ ଗ୍ରାହକ ଥିଲେ। ଦେଶର ଜନସଂଖ୍ୟା ପ୍ରାୟ ୬୧ ଲକ୍ଷ। ଅର୍ଥାତ୍ ପ୍ରାୟ ଅଧା ଜନସଂଖ୍ୟା ଏହା ସହିତ ଜଡ଼ିତ ଥିଲେ। କେନ୍ଦ୍ରୀୟ ବ୍ୟାଙ୍କ ଏହାର ସଲଭେନ୍ସି ବା ଆର୍ଥିକ କ୍ଷମତା ଦୁର୍ବଳ ରହିଥିବା ଜାଣିବା ପରେ ବ୍ୟାଙ୍କର ନିୟନ୍ତ୍ରଣ ନିଜ ହାତକୁ ନେଇଥିଲା। ନିୟାମକ ବ୍ୟାଙ୍କକୁ ନିଜ ଅକ୍ତିଆରକୁ ନେଇଥିଲେ। ଫଳରେ ଲକ୍ଷ ଲକ୍ଷ ଲୋକଙ୍କ ଆକାଉଣ୍ଟ ଫ୍ରିଜ୍ ହୋଇଯାଇଥିଲା। ଗ୍ରାହକମାନେ ସଞ୍ଚୟର ନଗଦ ଉଠାଇ ପାରିନଥିଲେ। ଏହା ସହିତ କ୍ରୟ ପାଇଁ ସେମାନଙ୍କର କାର୍ଡ ବ୍ୟବହାର କରିପାରି ନଥିଲେ। ଏହା ଦେଶରେ ଏକ ବଡ଼ ଆର୍ଥିକ ସଙ୍କଟ ସୃଷ୍ଟି କରି ଜନସାଧାରଣଙ୍କ ମଧ୍ୟରେ କ୍ରୋଧ ସୃଷ୍ଟି କରିଥିଲା। ପେନା ତାଙ୍କ ରାଜନୈତିକ ପ୍ରଭାବ ବ୍ୟବହାର କରି ସରକାରୀ ପାଣ୍ଠିକୁ ୟୁନୋ ବ୍ୟାଙ୍କରେ ରଖିଥିବାସାଂସଦମାନେ ଅଭିଯୋଗ ଆଣିଥିଲେ। ରାଜ୍ୟ ପେନସନ ପାଣ୍ଠି ମଧ୍ୟ ବ୍ୟାଙ୍କରେ ଜମା ରହିଥିଲା। ନିୟାମକମାନେ ବିପଦପୂର୍ଣ୍ଣ ଋଣକୁ ଅଣଦେଖା କରିଥିଲେ। ସେନେଟ୍ ସର୍ବସମ୍ମତିକ୍ରମେ ତାଙ୍କୁ ପଦରୁ ବହିଷ୍କାର କରିଥିଲା। ଉପରାଷ୍ଟ୍ରପତି ପେଡ୍ରୋ ଆଲେନା ନୂତନ ରାଷ୍ଟ୍ରପତି ଭାବରେ ଶପଥ ଗ୍ରହଣ କରିଥିଲେ। ବିଶ୍ୱାସ ଭଙ୍ଗ ଅଭିଯୋଗରେ ପେନାଙ୍କ ବିରୋଧରେ ପବ୍ଲିକ ପ୍ରସିକ୍ୟୁଟରମାନେ ତଦନ୍ତ ଆରମ୍ଭ କରିଛନ୍ତି। ପୂର୍ବତନ କେନ୍ଦ୍ରୀୟ ବ୍ୟାଙ୍କ ମୁଖ୍ୟଙ୍କ ବିରୋଧରେ ମଧ୍ୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉଛି। ତେବେ ପେନା ଅଭିଯୋଗଗୁଡ଼ିକୁ ଅସ୍ୱୀକାର କରିଛନ୍ତି। ଏହି ଘଟଣାକୁ ପାରାଗୁଏରେ ବର୍ଷ ବର୍ଷ ଧରି ସବୁଠାରୁ ବଡ଼ ରାଜନୈତିକ ସଙ୍କଟ ବୋଲି ବିବେଚନା କରାଯାଉଛି ।



ମତ୍ସ୍ୟ ଓ ପ୍ରାଣୀସମ୍ପଦ ମେଳାରେ ସଫଳ ଚାଷୀ ସମ୍ବର୍ଦ୍ଧିତ



ମହାକାଳପଡ଼ା,୭।୧୧ (ସଂଚାର ବ୍ୟୁରୋ)ଃ ଚାଷୀଙ୍କ ଆୟ ବୃଦ୍ଧି ଓ ଆତ୍ମନିର୍ଭରଶୀଳତାକୁ ଗୁରୁତ୍ୱ ଦେଇ ମହାକାଳପଡ଼ା ବସ୍ଷ୍ଟାଣ୍ଡ ପରିସରରେ ଶୁକ୍ରବାର ବ୍ଲକସ୍ତରୀୟ 'ମତ୍ସ୍ୟ ଓ ପ୍ରାଣୀସମ୍ପଦ ମେଳା-୨୦୨୬' ଅନୁଷ୍ଠିତ ହୋଇଯାଇଛି। ମତ୍ସ୍ୟ ଓ ପ୍ରାଣୀସମ୍ପଦ ବିକାଶ ବିଭାଗ ପକ୍ଷରୁ ଆୟୋଜିତ ଏହି ମେଳାରେ ବିଭିନ୍ନ ସରକାରୀ ଯୋଜନା ଓ ଆଧୁନିକ ଜ୍ଞାନକୌଶଳ ସମ୍ପର୍କରେ ଚାଷୀଙ୍କୁ ସଚେତନ କରାଯାଇଥିଲା।

ଏହି ଅବସରରେ ଯୋଗ୍ୟ ହିତାଧିକାରୀ ଚାଷୀଙ୍କୁ ସରକାରୀ ସବ୍‌ସିଡି ଓ କାର୍ଯ୍ୟାଦେଶ ପ୍ରଦାନ କରାଯିବା ସହ ମତ୍ସ୍ୟଚାଷ ଓ ପ୍ରାଣୀପାଳନରେ ସଫଳତା ହାସଲ କରିଥିବା ଚାଷୀଙ୍କୁ ମାନପତ୍ର ଓ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ବିଭାଗୀୟ ଯୋଜନାର ସୁଯୋଗ ନେଇ ଚାଷୀମାନେ ଆର୍ଥିକ ସ୍ୱାବଲମ୍ବୀ ହେବା ସହ ନୂତନ ନିଯୁକ୍ତି ସୃଷ୍ଟି କରିବାକୁ ଅତିଥିମାନେ ଆହ୍ୱାନ ଦେଇଥିଲେ। ମହାକାଳପଡ଼ା ବ୍ଲକ ପ୍ରାଣୀ ଚିକିତ୍ସାଧିକାରୀ ଡ. ମନୋଜ ଦାସଙ୍କ ଆବାହକତ୍ୱରେ ଆୟୋଜିତ ମେଳାରେ ବିଧାୟକ ଡ. ଦୁର୍ଗା ପ୍ରସନ୍ନ ନାୟକ ମୁଖ୍ୟ ଅତିଥି, ପଞ୍ଚାୟତ ସମିତି ଅଧ୍ୟକ୍ଷା ମୀରାରାଣୀ ମହାନ୍ତି, ଜିଲ୍ଲା ମୁଖ୍ୟ ପ୍ରାଣୀ ଚିକିତ୍ସାଧିକାରୀ ଡ. ଜୈମିନି ମହାପାତ୍ର, ଜିଲ୍ଲା ମତ୍ସ୍ୟ ଅଧିକାରୀ ଆଲୋକ କୁମାର ନାଥ, ବିଡିଓ ମନୋଜ କୁମାର ନାୟକ ଓ ସରପଞ୍ଚ ରତିକାନ୍ତ ପଣ୍ଡା ପ୍ରମୁଖ ଯୋଗଦେଇଥିଲେ।

ବୃଦ୍ଧାଶ୍ରମ ଅନ୍ତେବାସୀଙ୍କ ସହ ଜନ୍ମଦିନ ପାଳିଲେ ରୁଦ୍ରନାରାୟଣ



ମହାକାଳପଡ଼ା,୭।୧୧ (ସଂଚାର ବ୍ୟୁରୋ)ଃ ଜନ୍ମଦିନ ପାଳନ କହିଲେ ଅନେକେ ଆଡ଼ମ୍ବରପୂର୍ଣ୍ଣ ଉତ୍ସବ, ଭୋଜିଭାତ ଓ ବନ୍ଧୁମାନଙ୍କ ସହ ଖୁସି ମନାଇବାକୁ ବୁଝୁଥିବା ବେଳେ ଏହାକୁ ସେବା ଓ ମାନବିକତାର ଅବସର ଭାବେ ଗ୍ରହଣ କରି ନିଆରା ଉଦାହରଣ ସୃଷ୍ଟି କରିଛନ୍ତି ମହାକାଳପଡ଼ା ବ୍ଲକ ଦେଉଳପଡ଼ା ପଞ୍ଚାୟତର ଯୁବନେତା ରୁଦ୍ରନାରାୟଣ ମୁଦୁଲି। ନିଜ ଜନ୍ମଦିନକୁ ବୃଦ୍ଧାଶ୍ରମର ଅନ୍ତେବାସୀଙ୍କ ଗହଣରେ ପାଳନ କରି ସେ ସମାଜକୁ ଏକ ସୁନ୍ଦର ମାନବିକତାର ବାର୍ତ୍ତା ଦେଇଛନ୍ତି।

ଏହି ଅବସରରେ ରୁଦ୍ରନାରାୟଣ ନିଜର ବନ୍ଧୁ ଓ ଶୁଭେଚ୍ଛୁମାନଙ୍କ ସହ ଖରିନାସିସ୍ଥିତ ବୃଦ୍ଧାଶ୍ରମରେ ପହଞ୍ଚିଥିଲେ। ସେଠାରେ ରହୁଥିବା ବୟୋଜ୍ୟେଷ୍ଠ ମାଆ ଓ ବାପାମାନଙ୍କ ସହ ଆତ୍ମୀୟତାର ସହ ମିଶିବା ସହ ସେମାନଙ୍କ ଗହଣରେ ଜନ୍ମଦିନର କେକ୍ କାଟି ଖୁସି ବାଣ୍ଟିଥିଲେ। ଏହାସହ ଆଶ୍ରମର ସମସ୍ତ ଅନ୍ତେବାସୀଙ୍କ ପାଇଁ ମିଷ୍ଟାନ୍ନ ଓ ଖାଦ୍ୟ ବଣ୍ଟନ କରିଥିଲେ। ଦୀର୍ଘ ସମୟ ଧରି ସେମାନଙ୍କ ସହ ଆନନ୍ଦମୟ ମୁହୂର୍ତ୍ତ ବିତାଇବା ସହ ବୟୋଜ୍ୟେଷ୍ଠଙ୍କ ଆଶୀର୍ବାଦ ଗ୍ରହଣ କରିଥିଲେ। ରୁଦ୍ରନାରାୟଣ ପ୍ରତିବର୍ଷ ନିଜ ଜନ୍ମଦିନକୁ ଏହିଭଳି ନିଆରା ଢଙ୍ଗରେ ପାଳନ କରି ଆସୁଛନ୍ତି। ନିଜର ଖୁସିକୁ ଅନ୍ୟମାନଙ୍କ ସହ ବାଣ୍ଟିବା ସହ ସମାଜର ଅବହେଳିତ ଓ ବୟୋଜ୍ୟେଷ୍ଠଙ୍କ ମୁହଁରେ ହସ ଫୁଟାଇବା ତାଙ୍କ ଜନ୍ମଦିନ ପାଳନର ମୁଖ୍ୟ ଉଦ୍ଦେଶ୍ୟ। ତାଙ୍କର ଏହି ମାନବିକତାପୂର୍ଣ୍ଣ ପ୍ରୟାସକୁ ବୃଦ୍ଧାଶ୍ରମର ଅନ୍ତେବାସୀମାନେ ଖୁସିର ସହ ଗ୍ରହଣ କରିବା ସହ ତାଙ୍କୁ ଆଶୀର୍ବାଦ ପ୍ରଦାନ କରିଥିଲେ। ଆଜିର ସମାଜରେ ଜନ୍ମଦିନକୁ କେବଳ ନିଜ ପାଇଁ ନୁହେଁ, ଅନ୍ୟର ଖୁସିର କାରଣ ହେବାର ଏକ ସୁଯୋଗ ଭାବେ ପାଳନ କରିବାର ଏହି ପ୍ରୟାସ ସ୍ଥାନୀୟ ଅଞ୍ଚଳରେ ବେଶ୍ ପ୍ରଶଂସା ସାଉଁଟିଛି।

ପୁରାତନ ମଠର ପୁନରୁଦ୍ଧାର ପାଇଁ ଶ୍ରୀ ଜଗନ୍ନାଥ ଟ୍ରଷ୍ଟର ପ୍ରୟାସ

ପଞ୍ଚୁକରୁ ପୁନଃ ପ୍ରଚଳିତ ହେବ କାଞ୍ଜିପାଣି ପରମ୍ପରା



କେନ୍ଦ୍ରାପଡ଼ା,୭।୧୧ (ସଂଚାର ବ୍ୟୁରୋ)ଃ ଅବହେଳିତ ପୁରାତନ ମଠ ଓ ମନ୍ଦିରର ସୁରକ୍ଷା ସହ ଲୁପ୍ତପ୍ରାୟ ପରମ୍ପରାର ପୁନରୁଦ୍ଧାର ପାଇଁ ଅଣ୍ଟା ଭିଡ଼ିଛି କେନ୍ଦ୍ରାପଡ଼ାର ସାମାଜିକ ଅନୁଷ୍ଠାନ ଶ୍ରୀ ଜଗନ୍ନାଥ ଚାରିଟେବୁଲ ଟ୍ରଷ୍ଟ। ଏହି ପ୍ରୟାସର ପ୍ରଥମ ପଦକ୍ଷେପ ସ୍ୱରୂପ କେନ୍ଦ୍ରାପଡ଼ା ବ୍ଲକ ପୁରୁଷୋତ୍ତମପୁର ପଞ୍ଚାୟତର କୋରୁଆ ଗ୍ରାମସ୍ଥିତ ପୁରାତନ ଶ୍ୟାମବାବା ମଠକୁ ସାମିଲ କରାଯାଇଛି। ଆସନ୍ତା ପଞ୍ଚୁକଠାରୁ ଏହି ମଠରେ ପୁରାତନ କାଞ୍ଜିପାଣି ପରମ୍ପରାର ପୁନଃ ପ୍ରଚଳନ ପାଇଁ ଟ୍ରଷ୍ଟ ପକ୍ଷରୁ ପ୍ରଚେଷ୍ଟା ଆରମ୍ଭ ହୋଇଛି। ଏହାଦ୍ୱାରା ପୁରୁଣା ଧାର୍ମିକ ପରମ୍ପରା ପୁନର୍ଜୀବିତ ହେବା ସହ ମଠର ଐତିହ୍ୟ ଓ ମହିମା ପ୍ରଚାର ପ୍ରସାର ହୋଇପାରିବ ବୋଲି ଆଶା ରଖାଯାଇଛି। ଏହି ପଦକ୍ଷେପକୁ ସ୍ଥାନୀୟ ବୟୋଜ୍ୟେଷ୍ଠ ଶ୍ୟାମବାବା ଭକ୍ତମାନେ ସ୍ୱାଗତ କରିବା ସହ ଟ୍ରଷ୍ଟର କର୍ମକର୍ତ୍ତାଙ୍କୁ ସାଧୁବାଦ ଜଣାଇଛନ୍ତି। ଏହି ଅବସରରେ ବସନ୍ତ କୁମାର ସାହୁଙ୍କ ରଚିତ ପୁସ୍ତକ 'ସିଦ୍ଧଯୋଗୀ ଶ୍ୟାମଘନ' ଟ୍ରଷ୍ଟକୁ ପ୍ରଦାନ କରାଯାଇଥିଲା। ଟ୍ରଷ୍ଟର ସଭାପତି ଦମନ ମହାନ୍ତି, ମଠର ପୂଜକ ଦାମୋଦର ଦାସ, ପରିଚାଳକ ରାମଚନ୍ଦ୍ର ଦାସ, ସୁନୀଲ କୁମାର ଦାସ, ଗୌରାଙ୍ଗ ସ୍ୱାଇଁ, କୃଷ୍ଣଚନ୍ଦ୍ର ସାହୁ, ପଞ୍ଚୁ ମଲ୍ଲିକ, ଦୋଳ ମଲ୍ଲିକ ଓ ସୁଶାନ୍ତ ମଲ୍ଲିକ ପ୍ରମୁଖ ଉପସ୍ଥିତ ଥିଲେ।

ନଭେମ୍ବର ୧୫ରୁ ବାଜିବ 'ପରବ' ବିଗୁଲ୍

କୁନ୍ଦୁରାରୁ ଆରମ୍ଭ ହେବ ଉତ୍ସବର ଯାତ୍ରା

ଡିସେମ୍ବର ୧୮ରୁ କୋରାପୁଟରେ ଜମିବ ମହାମେଳା



କୋରାପୁଟ,୭।୧୧ (ସଂଚାର ବ୍ୟୁରୋ)ଃ ପାହାଡ଼ର ପାଦଦେଶରେ ପୁଣି ଶୁଭିବ ମାଦଳର ମଧୁର ତାଳ। ଆଦିବାସୀ ନୃତ୍ୟରେ ଦୁଲୁକିବ ମଞ୍ଚ, ଲୋକକଳାରେ ଝଲସିବ କୋରାପୁଟର ମାଟି। ପରମ୍ପରା, ପ୍ରକୃତି ଓ ଆଦିବାସୀ ଅସ୍ମିତାର ଅନନ୍ୟ ପରିଚୟ 'ପରବ' ପାଇଁ ଆରମ୍ଭ ହୋଇଛି ପ୍ରସ୍ତୁତି। ନଭେମ୍ବର ୧୫ରୁ ବାଜିବ ପରବ ୨୦୨୬ର ବିଗୁଲ୍। ଏଥର କୁନ୍ଦୁରାରୁ ଆରମ୍ଭ ହେବ ମହୋତ୍ସବର ଉତ୍ସବ ଯାତ୍ରା। କେବଳ ଏକ ମହୋତ୍ସବ ନୁହେଁ, କୋରାପୁଟର ଐତିହ୍ୟ, ଆଦିବାସୀ ଜୀବନଶୈଳୀ ଓ ସାଂସ୍କୃତିକ ପରିଚୟକୁ ଜାତୀୟ ସ୍ତରରେ ପହଞ୍ଚାଇବାର ଏକ ବଡ଼ ମଞ୍ଚ ହେଉଛି ପରବ।

ଏହି ମହୋତ୍ସବକୁ ନେଇ ଏବେଠାରୁ ଜିଲ୍ଲାବାସୀଙ୍କ ମଧ୍ୟରେ ଦେଖାଦେଲାଣି ଉତ୍ସାହ। ଚଳିତବର୍ଷ ଡିସେମ୍ବର ୧୮ରୁ ୨୨ ତାରିଖ ଯାଏଁ କୋରାପୁଟ ପରବ ପଡ଼ିଆରେ ପାଞ୍ଚଦିନ ଧରି ଆୟୋଜିତ ହେବ ମୁଖ୍ୟ ମହୋତ୍ସବ। ଏହାର ସଫଳ ଆୟୋଜନ ନେଇ ସ୍ଥାନୀୟ ସଦଭାବନା ସଭାଗୃହରେ ଏକ ଉଚ୍ଚସ୍ତରୀୟ ପ୍ରସ୍ତୁତି ବୈଠକ ବସିଥିଲା। ମହୋତ୍ସବକୁ ଅଧିକ ଆକର୍ଷଣୀୟ, ଶୃଙ୍ଖଳିତ ଓ ଲୋକାଭିମୁଖୀ କରିବା ପାଇଁ ବିଭିନ୍ନ ବିଭାଗର ଯୋଜନା ଓ ପ୍ରସ୍ତାବ ଉପରେ ହୋଇଥିଲା ବିସ୍ତୃତ ଆଲୋଚନା।

ଏଥର ପରବର ଉତ୍ସବ କେବଳ କୋରାପୁଟ ସହରରେ ସୀମିତ ରହିବ ନାହିଁ। ଗାଁରୁ ଆରମ୍ଭ କରି ବ୍ଲକ୍ ଓ ଜିଲ୍ଲା ସ୍ତର ଯାଏଁ ପହଞ୍ଚିବ ଉତ୍ସବର ରଙ୍ଗ। ନଭେମ୍ବର ୧୬ରୁ ୩୦ ଯାଏଁ ପଞ୍ଚାୟତ ସ୍ତରରେ ଏବଂ ନଭେମ୍ବର ୨୪ରୁ ଡିସେମ୍ବର ୩ ଯାଏଁ ବ୍ଲକ୍ ସ୍ତରରେ ଆୟୋଜିତ ହେବ ପରବ କାର୍ଯ୍ୟକ୍ରମ।ଚଳିତବର୍ଷର ପରବରେ ଯୋଡ଼ି ହେବ କିଛି ନୂଆ ଆକର୍ଷଣ। ଆଦିବାସୀ ସମାଜର ପାରମ୍ପରିକ ବେଶଭୂଷା, ଅଳଙ୍କାର ଓ ସାଂସ୍କୃତିକ ପରିଚୟକୁ ନେଇ ରହିବ ସ୍ୱତନ୍ତ୍ର ପ୍ରଦର୍ଶନୀ। ଏଥିରେ ପର୍ଯ୍ୟଟକ ଓ ଦର୍ଶକମାନେ କେବଳ ଦେଖିବେ ନାହିଁ, ବରଂ ପାରମ୍ପରିକ ପୋଷାକ ଓ ଅଳଙ୍କାର ପିନ୍ଧି ଫଟୋ ଉଠାଇବାର ସୁଯୋଗ ମଧ୍ୟ ପାଇବେ। ଅର୍ଥାତ୍ ଆଦିବାସୀ ସଂସ୍କୃତିକୁ ଦେଖିବା ସହ ତାହାକୁ ଅନୁଭବ କରିବାର ମିଳିବ ନିଆରା ଅନୁଭୂତି।ସେହିପରି ମହୋତ୍ସବରେ ଆଉ ଏକ ନୂଆ ରଙ୍ଗ ଭରିବ କାର୍ଣ୍ଣିଭାଲ।

ବିଭିନ୍ନ ସରକାରୀ ବିଭାଗର ଉନ୍ନୟନମୂଳକ କାର୍ଯ୍ୟ ଓ ସଫଳତାକୁ ନେଇ ପ୍ରତିଦିନ ସନ୍ଧ୍ୟାରେ କୋରାପୁଟ ସହରରୁ ପରବ ପଡ଼ିଆ ପର୍ଯ୍ୟନ୍ତ ଆୟୋଜିତ ହେବ ଆକର୍ଷଣୀୟ କାର୍ଣ୍ଣିଭାଲ। ଏହାଦ୍ୱାରା ମନୋରଞ୍ଜନ ସହ ବିକାଶର ବାର୍ତ୍ତା ମଧ୍ୟ ଲୋକଙ୍କ ପାଖରେ ପହଞ୍ଚିବ। ଏହି ପ୍ରସ୍ତୁତି ବୈଠକରେ ଜିଲ୍ଲାପାଳ ମନୋଜ ସତ୍ୟବାନ ମହାଜନ, ଏସ୍‌ପି ରୋହିତ ବର୍ମା, କୋରାପୁଟ ବିଧାୟକ ରଘୁରାମ ମାଛ, ଜୟପୁର ବିଧାୟକ ତାରାପ୍ରସାଦ ବାହିନୀପତି, ଲକ୍ଷ୍ମୀପୁର ବିଧାୟକ ପବିତ୍ର ସାଉଁତା, କୋଟପାଡ଼ ବିଧାୟକ ରୁପୁ ଭତ୍ରା ଓ ପଟ୍ଟାଙ୍ଗୀ ବିଧାୟକ ରାମଚନ୍ଦ୍ର କାଡ଼ାମଙ୍କ ସମେତ ଜିଲ୍ଲାର ବହୁ ଜନପ୍ରତିନିଧି ଓ ପଦାଧିକାରୀ ଯୋଗ ଦେଇଥିଲେ। ଏବେ ଅପେକ୍ଷା ନଭେମ୍ବର ୧୫କୁ। କୁନ୍ଦୁରାରୁ ଆରମ୍ଭ ହେବାକୁ ଥିବା ଏହି ସାଂସ୍କୃତିକ ଯାତ୍ରା ଡିସେମ୍ବରରେ କୋରାପୁଟର ମୁଖ୍ୟ ମଞ୍ଚରେ ପହଞ୍ଚିବ। ମାଦଳର ତାଳ, ଢେମସାର ଝଙ୍କାର ଓ ଆଦିବାସୀ ପରମ୍ପରାର ରଙ୍ଗରେ ପାଞ୍ଚଦିନ ଧରି ଝୁମିବ ପରବ ପଡ଼ିଆ। ପୁଣିଥରେ ଜାତୀୟ ସ୍ତରରେ ନିଜ ସଂସ୍କୃତିର ସ୍ୱତନ୍ତ୍ର ପରିଚୟ ଦେବାକୁ ପ୍ରସ୍ତୁତ କୋରାପୁଟ।

ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ଭିତ୍ତିପ୍ରସ୍ତର ସ୍ଥାପନ


ବୋରିଗୁମ୍ମା ବ୍ଲକରେ ୫ଟି ବିଦ୍ୟାଳୟରେ ହେବ ଭିତ୍ତିଭୂମି ବିକାଶ



ବୋରିଗୁମ୍ମା,୭।୧୧ (ସଂଚାର ବ୍ୟୁରୋ)ଃ ରାଜ୍ୟ ସରକାରଙ୍କ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ତୃତୀୟ ପର୍ଯ୍ୟାୟ ରେ ୬୩୦ ଗୋଟି ପ୍ରାଥମିକ ବିଦ୍ୟାଳୟ କୁ ଗୋଦାବରୀଶ ମିଶ୍ର ଆଦର୍ଶ ବିଦ୍ୟାଳୟ ଭାବେ ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ।ସେଥି ମଧ୍ୟରୁ ବୋରିଗୁମ୍ମା ବ୍ଲକର ପାଞ୍ଚଟି ବିଦ୍ୟାଳୟ ଯଥା ସର୍ଗିଗୁଡା, ଚମ୍ପାପଦର, ଆଉଁଳି, ଡେଙ୍ଗପଦର,ସସାହାଣ୍ଡି ବିଦ୍ୟାଳୟକୁ ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟରେ ଭାବେ ଭିତ୍ତିପ୍ରସ୍ତର ସ୍ଥାପନ ସମାରୋହ ଆଜି ବୋରିଗୁମ୍ମା ବ୍ଲକ ଅନ୍ତର୍ଗତ କରିଥିଲେ।

ସର୍ଗିଗୁଡା ସ୍ଥିତ ପିଏମ ଶ୍ରୀ ସରକାରୀ ଉନ୍ନତି ଉଚ୍ଚ ବିଦ୍ୟାଳୟ ର ପ୍ରଧାନ ଶିକ୍ଷକ ଶିଶିର କୁମାର ଭତ୍ରା ଙ୍କ ସଭାପତିତ୍ୱ ରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ସ୍ଥାନୀୟ ସରପଞ୍ଚ ଭଗବାନ ଯାନୀ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ବିଡ଼ିଓ ସୁକାନ୍ତ କୁମାର ପଟ୍ଟନାୟକ ଯୋଗ ଦେଇ ଆନୁଷ୍ଠାନିକ ଭାବେ ସର୍ଗିଗୁଡା ବିଦ୍ୟାଳୟ କୁ ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ଭାବେ ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ତୃଣମୂଳ ସ୍ତରରେ ପ୍ରାଥମିକ ଶିକ୍ଷା କୁ ରାଜ୍ୟ ସରକାର ଗୁରୁତ୍ୱ ଦେଉଛନ୍ତି ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ନିଜ ଅଭିଭାଷଣ ରେ କେଉଁଝର ରେ କହିଥିଲେ।

କାଳୀ ପୂଜା ଉତ୍ସବରେ ଶାନ୍ତି ଶୃଙ୍ଖଳା ବଜାୟ ରଖିବାକୁ ନେଇ ସହରରେ ଫ୍ଲାଗ୍ ମାର୍ଚ୍ଚ



ଯାଜପୁର ରୋଡ୍, ୭।୧୧ (ସଂଚାର ବ୍ୟୁରୋ)ଃ ବ୍ୟାସନଗର ପୌରାଅଂଚଳ ସହରରେ କାଳୀ ପୂଜା ଉତ୍ସବ ପାଳନ ଅବସରରେ ସହରର ଶାନ୍ତି ଶୃଙ୍ଖଳା ବଜାୟ ରଖିବାକୁ ପୋଲିସ ପ୍ରଶାସନ ପକ୍ଷରୁ ସହରର ଟାଉନ୍ ହଲ୍, ଦଳା ବାଇପାସ୍ ଠାରୁ ଫ୍ଲାଗ୍ ମାର୍ଚ୍ଚ ଅନୁଷ୍ଠିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ଯାଜପୁର ଜିଲ୍ଲା ଏସ୍.ପି. ଶ୍ରୀ ଯଶପ୍ରତାପ ଶ୍ରୀମଲ, ଏସ୍.ଡି.ପି.ଓ. ଶରତ ଚନ୍ଦ୍ର ପାତ୍ର, ଯାଜପୁର ରୋଡ୍ ଥାନା ଆଇଆଇସି ଆଶିଷ କୁମାର ସାହୁଙ୍କ ସମେତ ବିଭିନ୍ନ ଥାନାର ଅଧିକାରୀ ଓ କର୍ମଚାରୀମାନେ ସାମିଲ ହୋଇଥିଲେ। ଫ୍ଲାଗ୍ ମାର୍ଚ୍ଚ ପୂର୍ବରୁ ଟାଉନ୍ ହଲ୍ ସଭାଗୃହରେ ଏସ୍.ପି.ଙ୍କ ନେତୃତ୍ୱରେ ଶାନ୍ତି ଶୃଙ୍ଖଳାର ସହ ପୂଜା ଉତ୍ସବ କିପରି ସମାପନ ହେବ ଓ ପୋଲିସ ପ୍ରଶାସନର ଭୂମିକା ଉପରେ ଆଲୋକପାତ କରାଯାଇଥିଲା।

ଜିଲ୍ଲାସ୍ତରୀୟ ଶିଶୁ ମହୋତ୍ସବ 'ସୁରଭି' ଆୟୋଜିତ



ଢେଙ୍କାନାଳ, ୭।୧୧ (ସଂଚାର ବ୍ୟୁରୋ)ଃ ଶ୍ରୀ ବ୍ରଜନାଥ ବଡ଼ଜେନା ଉଚ୍ଚ ବିଦ୍ୟାଳୟ ଠାରେ ସମଗ୍ର ଶିକ୍ଷା ପକ୍ଷରୁ ଜିଲ୍ଲା ସ୍ତରୀୟ ଶିଶୁ ମହୋତ୍ସବ "ସୁରଭି" ଅନୁଷ୍ଠିତ ହୋଇଯାଇଛି । ଉତ୍ସବରେ ରାଜ୍ୟ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ, ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟା ମନ୍ତ୍ରୀ ଶ୍ରୀଯୁକ୍ତ କୃଷ୍ଣ ଚନ୍ଦ୍ର ପାତ୍ର ମୁଖ୍ୟଅତିଥି ଭାବେ ଯୋଗଦେଇ, ନିଜର ଅନ୍ତର୍ନିହିତ ପ୍ରତିଭା ଉପରେ ପୂର୍ଣ୍ଣ ବିଶ୍ୱାସ ରଖି , ଏହା ମୁଁ ନିଶ୍ଚୟ କରିପାରିବି ବୋଲି ଦୃଢ଼ ନିଶ୍ଚିତ ହେବାକୁ ଉପସ୍ଥିତ ଛାତ୍ରଛାତ୍ରୀମାନଙ୍କୁ ପରାମର୍ଶ ଦେଇଥିଲେ । ଚରିତ୍ର ଗଠନ ସହିତ ନିଜର କର୍ମ ଓ ଧର୍ମ ଆଚରଣ ପ୍ରତି ଯତ୍ନବାନ ହେବାକୁ କହିଥିଲେ ।

ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ଶିକ୍ଷା ଓ କାରୁକାର୍ଯ୍ୟ ଭିତ୍ତିକ ୨ ଗୋଟି ଷ୍ଟଲକୁ ମୁଖ୍ୟ ଅତିଥି ଉଦଘାଟନ କରିଥିଲେ। ଉତ୍ସବରେ କାମାକ୍ଷାନଗରର ମାନ୍ୟବର ବିଧାୟକ ଶ୍ରୀଯୁକ୍ତ ଶତୃଘ୍ନ ଜେନା ଏବଂ ପରଜଙ୍ଗର ମାନ୍ୟବର ବିଧାୟକ ଶ୍ରୀଯୁକ୍ତ ବିଭୂତି ଭୂଷଣ ପ୍ରଧାନ, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ଶ୍ରୀ ଦିପ୍ତୀ ରଂଜନ ସେଠୀ, ଜିଲ୍ଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନର ଅଧ୍ୟକ୍ଷ ଶ୍ରୀ ଲକ୍ଷ୍ମଣ କୁମାର ସାହୁ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ପାଠ ଓ ଶାଠ ମାଧ୍ୟମରେ ନିଜକୁ ପ୍ରସ୍ତୁତ କରିବାକୁ ଉପସ୍ଥିତ ଛାତ୍ରଛାତ୍ରୀମାନଙ୍କୁ ଅତିଥିମାନେ ପରାମର୍ଶ ଦେବା ସହ ପିଲାମାନଙ୍କ ଅନ୍ତର୍ନିହିତ ଶକ୍ତି ଓ ଗୁଣାବଳୀର ପୂର୍ଣ୍ଣ ବିକାଶ ପାଇଁ ଅଭିଭାବକ, ଶିକ୍ଷକ ଓ ଗୁରୁଜନମାନେ ଯତ୍ନବାନ ହେବାକୁ ଆଶା ବ୍ୟକ୍ତ କରିଥିଲେ।

ମାଲକାନଗିରିରେ 'ମାଣ୍ଡିଆ ଦିବସ-୨୦୨୬' ପାଳିତ

ପାରମ୍ପରିକ ବିହନ ସଂରକ୍ଷଣ ଓ ମାଣ୍ଡିଆ ବ୍ୟବହାର ଉପରେ ଗୁରୁତ୍ୱ



ମାଲକାନଗିରି,୭।୧୧ (ସଂଚାର ବ୍ୟୁରୋ)ଃ ଆଜି ମାଲକାନଗିରି ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ଜିଲ୍ଲା ସ୍ତରୀୟ ମାଣ୍ଡିଆ ଦିବସ ୨୦୨୬ ମହାସମାରୋହରେ ପାଳିତ ହୋଇଯାଇଛି। ଚଳିତ ବର୍ଷର ବିଷୟବସ୍ତୁ ଖାଦ୍ୟ ବ୍ୟବସ୍ଥା ପାଇଁ ଗୋଷ୍ଠୀ ବିହନ ବ୍ୟବସ୍ଥା ଏବଂ କୃଷି-ଜୈବ ବିବିଧତା ରଖାଯାଇଥିଲା। ଏହି କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ଥିଲା ପାରମ୍ପରିକ ମାଣ୍ଡିଆ କିସମର ସଂରକ୍ଷଣ, ଗୋଷ୍ଠୀ ବିହନ ବ୍ୟବସ୍ଥାକୁ ସୁଦୃଢ଼ କରିବା ଏବଂ ଉନ୍ନତ ପୁଷ୍ଟିସାଧନ ତଥା ସ୍ୱାସ୍ଥ୍ୟ ପାଇଁ ସ୍ଥାୟୀ ଉତ୍ପାଦନ ଓ ବ୍ୟବହାରକୁ ପ୍ରୋତ୍ସାହିତ କରିବା।

ମାଲକାନଗିରି ଜିଲ୍ଲା ପରିଷଦର ଅଧ୍ୟକ୍ଷା ସମାରୀ ତାଙ୍ଗୁଲୁ ଏହି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ଏସଡିସି ଅଧ୍ୟକ୍ଷ ଗଙ୍ଗାଧର ସୋଡ଼ି, ମାଲକାନଗିରି ବିଧାୟକଙ୍କ ପ୍ରତିନିଧି ନିହାର ରାୟ, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ବେଦବର ପ୍ରଧାନ, ଆଇଟିଡିଏ ପିଏ ହଳଧର ଶବର ଏବଂ ଅନ୍ୟାନ୍ୟ ଜିଲ୍ଲା ସ୍ତରୀୟ ଅଧିକାରୀମାନେ ଉପସ୍ଥିତ ଥିଲେ।

ସଭାକୁ ସମ୍ବୋଧିତ କରି ଜିଲ୍ଲା ପରିଷଦ ଅଧ୍ୟକ୍ଷା କହିଥିଲେ ଯେ ପିଢ଼ି ପରେ ପିଢ଼ି ଧରି ମାଣ୍ଡିଆ ଏବଂ ପାରମ୍ପରିକ ଶସ୍ୟ ଚାଷ କରାଯିବା ସହ ଖିଆଯାଉଥିଲା, କିନ୍ତୁ ସମୟକ୍ରମେ ଏହାର ବ୍ୟବହାର ହ୍ରାସ ପାଇଛି। ସେ ଚାଷୀ ଏବଂ ସାଧାରଣ ଲୋକଙ୍କୁ ନିଜର ପାରମ୍ପରିକ ଖାଦ୍ୟାଭ୍ୟାସକୁ ପୁନର୍ଜୀବିତ କରିବାକୁ ଏବଂ ଦୈନନ୍ଦିନ ଖାଦ୍ୟରେ ପୁଷ୍ଟିକର ମାଣ୍ଡିଆକୁ ସାମିଲ କରିବାକୁ ପରାମର୍ଶ ଦେଇଥିଲେ।

ଜିଲ୍ଲା କୃଷକ ମଞ୍ଚର ସଭାପତି ମାଲକାନଗିରିର ସମୃଦ୍ଧ କୃଷି ଐତିହ୍ୟ ତଥା ଦେଶୀୟ ମାଣ୍ଡିଆ, ଡାଲି ଜାତୀୟ ଶସ୍ୟ ଏବଂ ତୈଳବୀଜର ବିବିଧତା ଉପରେ ଆଲୋକପାତ କରିଥିଲେ। ପରିବେଶର ସ୍ଥିରତା, ଖାଦ୍ୟ ନିରାପତ୍ତା ଏବଂ ଗ୍ରାମୀଣ ଜୀବିକାକୁ ସୁଦୃଢ଼ କରିବା ପାଇଁ ପାରମ୍ପରିକ ବିହନ ସଂରକ୍ଷଣ କରି ଆଗାମୀ ପିଢ଼ିକୁ ହସ୍ତାନ୍ତର କରିବା ଉପରେ ସେ ଗୁରୁତ୍ୱାରୋପ କରିଥିଲେ।

ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ପ୍ରଧାନ ଖାଦ୍ୟ ନିରାପତ୍ତା, ପୁଷ୍ଟିକର କଲ୍ୟାଣ ଏବଂ ଜଳବାୟୁ ସ୍ଥିତିସ୍ଥାପକତା ସୁନିଶ୍ଚିତ କରିବାରେ ଜାତିସଂଘ ଦ୍ୱାରା ୨୦୨୩ କୁ ଆନ୍ତର୍ଜାତିକ ମିଲେଟ୍ ବର୍ଷ ଘୋଷଣା କରାଯିବାର ଗୁରୁତ୍ୱ ବିଷୟରେ ବର୍ଣ୍ଣନା କରିଥିଲେ।

ବୈଷୟିକ ଅଧିବେଶନରେ ବରିଷ୍ଠ ବୈଜ୍ଞାନିକ ତଥା ମୁଖ୍ୟ ଡକ୍ଟର ଦେବୀ ପ୍ରସାଦ ଦାଶ ଉନ୍ନତ ଚାଷ ପ୍ରଣାଳୀ ଯଥା ଏଲ୍.ଟି., ଏଲ୍.ଏସ୍. ଏବଂ ଏସ୍.ଏମ୍.ଆଇ. ସମ୍ପର୍କରେ ଆଲୋଚନା କରିଥିଲେ। ପ୍ରାକୃତିକ କୃଷି ପଦ୍ଧତି ଏବଂ ମାଣ୍ଡିଆର ପୁଷ୍ଟିକର ଉପକାରିତା, ବିଶେଷକରି ଏହାର କମ୍ ଗ୍ଲାଇସେମିକ୍ ଇଣ୍ଡେକ୍ସ ଉପରେ ସେ ଆଲୋକପାତ କରିଥିଲେ।

ଭିପିଏସରେ ସ୍କୁଲର ବିଜ୍ଞାନ ଉତ୍ସବ



ଯାଜପୁର ରୋଡ଼, ୭।୧୧ (ସଂଚାର ବ୍ୟୁରୋ)ଃ ବ୍ୟାସନଗର ପୌରାଅଂଚଳ ସହରର ଷ୍ଟାଡିୟମ ରୋଡ଼ ସ୍ଥିତ ବ୍ୟାସନଗର ପବ୍ଲିକ ସ୍କୁଲ ପରିସରରେ ବିଭିନ୍ନ ସ୍କୁଲର ପିଲାମାନଙ୍କୁ ନେଇ ଏକ ବିଜ୍ଞାନ ଉତ୍ସବ ତଥା ବିଜ୍ଞାନ ଓ ରୋବୋଟିକ୍ ପ୍ରଦର୍ଶନୀ ଏବଂ ଖାଦ୍ୟ ମହୋତ୍ସବ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଅଛି।

ସ୍କୁଲର ଅଧ୍ୟକ୍ଷା ଡ଼ଃ. ଦେବସ୍ମିତା ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଅତିଥି ଭାବେ ବ୍ୟାସନଗର କଲେଜର ପୂର୍ବତନ ଅଧ୍ୟକ୍ଷ ସୌରଭମୟ ଦାସ ଅଧିକାରୀ, ଯାଜପୁର ରୋଡ୍ ଏସ୍.ଡି.ପି.ଓ. ଶରତ ଚନ୍ଦ୍ର ପାତ୍ର, ଅଧ୍ୟାପିକା ପୁନପୁନ ଦାସ, ମମତା ଦାସ, ଅଧ୍ୟାପକ ରଘୁନାଥ ମିଶ୍ର, ଗଜେନ୍ଦ୍ର ବେହେରା, ଦିଲ୍ଲୀପ ବେହେରା ପ୍ରମୁଖ ଯୋଗ ଦେଇ ପ୍ରଦୀପ ପ୍ରଜ୍ୱଳନ କରିବା ସହିତ ଆନୁଷ୍ଠାନିକ ଭାବେ ବିଜ୍ଞାନ ମେଳାକୁ ଉଦ୍‌ଘାଟନ କରିଥିଲେ। ଏହି ବିଜ୍ଞାନ ମେଳାରେ ଜିଲ୍ଲାର ପ୍ରାୟ ୧୫ଟି ସ୍କୁଲର ପାଖାପାଖି ୧୦୦ରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀ ନିଜ ନିଜ ବୈଜ୍ଞାନିକ ଓ ରୋବୋଟିକ୍ ଆଧାରିତ ପ୍ରକଳ୍ପକୁ ନେଇ ଅଂଶଗ୍ରହଣ କରିଥିବା ନେଇ ଅଧ୍ୟକ୍ଷା ଡ଼ଃ. ଦେବସ୍ମିତା ସାହୁ ସୂଚନା ଦେଇଛନ୍ତି।

କେନ୍ଦ୍ରାପଡ଼ା ଜିଲ୍ଲାର ୧୬ଟି ବିଦ୍ୟାଳୟରେ ପ୍ରତିଷ୍ଠା ହେବ ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ

ବଡ଼ଗାଁ ସିଦ୍ଧମରିଚାଣୀ ବିଦ୍ୟାପୀଠରେ ଭିତ୍ତିପ୍ରସ୍ତର ସ୍ଥାପନ

୭ କୋଟିରୁ ଉର୍ଦ୍ଧ୍ୱ ଟଙ୍କା ବ୍ୟୟ ଅଟକଳ



କେନ୍ଦ୍ରାପଡ଼ା, ୭।୧୧ (ସଂଚାର ବ୍ୟୁରୋ)ଃ ରାଜ୍ୟରେ ପ୍ରାଥମିକ ଶିକ୍ଷାର ଗୁଣାତ୍ମକ ମାନ ବୃଦ୍ଧି ସହ ଶିକ୍ଷା ବ୍ୟବସ୍ଥାକୁ ଅଧିକ ଉନ୍ନତ ଓ ଆଧୁନିକ କରିବା ଲକ୍ଷ୍ୟରେ ଆରମ୍ଭ ହୋଇଛି ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ଯୋଜନା। ଏହି ଯୋଜନାର ତୃତୀୟ ପର୍ଯ୍ୟାୟରେ ରାଜ୍ୟର ୭୧୬ଟି ବିଦ୍ୟାଳୟରେ ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଛି। କେନ୍ଦୁଝରସ୍ଥିତ ଧରଣୀଧର ବିଶ୍ୱବିଦ୍ୟାଳୟ ପରିସରରେ ଆୟୋଜିତ ରାଜ୍ୟସ୍ତରୀୟ ସମାରୋହରେ ମୁଖ୍ୟମନ୍ତ୍ରୀ ମୋହନଚରଣ ମାଝୀ ଆଭାସୀ ମାଧ୍ୟମରେ ଏହି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ଏହି ଅବସରରେ ଗରଦପୁର ବ୍ଲକର ବଡ଼ଗାଁସ୍ଥିତ ସିଦ୍ଧମରିଚାଣୀ ନୋଡାଲ ବିଦ୍ୟାପୀଠ ପରିସରରେ ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟର ଭିତ୍ତିପ୍ରସ୍ତର ସ୍ଥାପନ ଉତ୍ସବ ଆୟୋଜିତ ହୋଇଥିଲା। ଜିଲ୍ଲା ଶିକ୍ଷାଧିକାରୀ ପବିତ୍ରମୋହନ ବାରିକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସମାରୋହରେ ଜିଲ୍ଲାପାଳ ରଘୁରାମ ଆର୍. ଆୟର ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ।

ଜିଲ୍ଲା ଶିକ୍ଷାଧିକାରୀଙ୍କ ସୂଚନା ଅନୁଯାୟୀ, କେନ୍ଦ୍ରାପଡ଼ା ଜିଲ୍ଲାର ୧୬ଟି ବିଦ୍ୟାଳୟ ଏହି ଯୋଜନାରେ ସାମିଲ ହୋଇଛି। ବଡ଼ଗାଁ ହାଇସ୍କୁଲ ପଡ଼ିଆରେ ନିର୍ମାଣ ହେବାକୁ ଥିବା ଏହି ବିଦ୍ୟାଳୟ ପାଇଁ ପ୍ରାୟ ୭ କୋଟିରୁ ଉର୍ଦ୍ଧ୍ୱ ଟଙ୍କା ବ୍ୟୟ ଅଟକଳ କରାଯାଇଛି। ଏଠାରେ ଉଚ୍ଚମାନର ଭିତ୍ତିଭୂମି ସହ ବିଭିନ୍ନ ଅତ୍ୟାଧୁନିକ ଶିକ୍ଷା ସୁବିଧା ଉପଲବ୍ଧ ହେବ।ବିଦ୍ୟାଳୟରେ ଅତ୍ୟାଧୁନିକ ଶ୍ରେଣୀଗୃହ, ଆଇସିଟି ଶିକ୍ଷାଗୃହ, ବିଜ୍ଞାନାଗାର, ଉନ୍ନତ କ୍ରୀଡ଼ା ଭିତ୍ତିଭୂମି, ଖେଳପଡ଼ିଆ, ପାଠାଗାର, ଶିଶୁ ଉଦ୍ୟାନ ଓ ସ୍ମାର୍ଟ ଶ୍ରେଣୀଗୃହ ନିର୍ମାଣ କରାଯିବ। ଏଥିସହ ଜାତୀୟ ଶିକ୍ଷାନୀତି-୨୦୨୦ ଅନୁଯାୟୀ ପିଲାମାନଙ୍କୁ ମୂଲ୍ୟବୋଧଭିତ୍ତିକ ଓ ଗୁଣାତ୍ମକ ଶିକ୍ଷା ପ୍ରଦାନ ସହ ପ୍ରାରମ୍ଭିକ ବୈଷୟିକ ତାଲିମର ବ୍ୟବସ୍ଥା ରହିବ। ଏହା ଗ୍ରାମାଞ୍ଚଳର ଛାତ୍ରଛାତ୍ରୀଙ୍କ ସାମଗ୍ରିକ ବିକାଶରେ ସହାୟକ ହେବ ବୋଲି ଶିକ୍ଷାଧିକାରୀ ମତବ୍ୟକ୍ତ କରିଥିଲେ।

ଅନ୍ୟତମ ଅତିଥି ଭାବେ ପଶ୍ଚିମା ଶିକ୍ଷା ସେତୁ କମିଟିର ସଭାପତି ଇଂ. ଅକ୍ଷୟ କୁମାର ପାଣି ଯୋଗଦେଇ ବିଶିଷ୍ଟ ଶିକ୍ଷାବିତ୍, କବି ତଥା ସମାଜ ସଂସ୍କାରକ ପଣ୍ଡିତ ଗୋଦାବରୀଶ ମିଶ୍ରଙ୍କ ଆଦର୍ଶ ଓ ଜୀବନଦର୍ଶନ ଉପରେ ଆଲୋକପାତ କରିଥିଲେ।

କାଉନସିଲରଙ୍କ ଉଦ୍ୟମରେ ଜଳିଲା ହାଇମାଷ୍ଟ ଲାଇଟ୍



ସୁନ୍ଦରଗଡ଼, ୭।୧୧ (ସଂଚାର ବ୍ୟୁରୋ)ଃଦୀର୍ଘଦିନ ଧରି ଅନୁମୋଦନ ହୋଇ ରହିଥିବା ୱାର୍ଡ ନଂ-୧୬ର ହାଇମାଷ୍ଟ ଓ ଗ୍ରୀନଫିଲ୍ଡ ଷ୍ଟ୍ରିଟ୍ ଲାଇଟ୍ ସ୍ଥାପନ କାର୍ଯ୍ୟ ଶେଷରେ ତ୍ୱରାନ୍ୱିତ ହୋଇଛି। କାଉନସିଲର ସୁମନ୍ତ ସାହୁଙ୍କ ଦାବି ଓ ଦୃଢ଼ ପଦକ୍ଷେପ ଯୋଗୁଁ ମାତ୍ର ୩ ଦିନ ମଧ୍ୟରେ ହାଇମାଷ୍ଟ ଲାଇଟ୍ ସ୍ଥାପନ କାର୍ଯ୍ୟ ଆରମ୍ଭ ହେବା ସହ ତିନୋଟି ସ୍ଥାନରେ ଲାଇଟ୍ ଲଗାଯାଇଛି।

ସୂଚନା ଅନୁଯାୟୀ, ୱାର୍ଡ ନଂ-୧୬ ପାଇଁ ପ୍ରାୟ ଦୁଇ ବର୍ଷ ପୂର୍ବରୁ ୫ଟି ହାଇମାଷ୍ଟ ଲାଇଟ୍ ଓ ୧୩୬ଟି ଗ୍ରୀନଫିଲ୍ଡ ଷ୍ଟ୍ରିଟ୍ ଲାଇଟ୍ ଅନୁମୋଦନ ହୋଇଥିଲେ ମଧ୍ୟ ଦୀର୍ଘଦିନ ଧରି କାର୍ଯ୍ୟକାରୀ ହୋଇନଥିଲା। ଏହାକୁ ନେଇ କାଉନସିଲର ସୁମନ୍ତ ସାହୁ ସମ୍ପୃକ୍ତ ଅଧିକାରୀଙ୍କୁ ଦାବି ଜଣାଇବା ସହ ୭ ଦିନ ମଧ୍ୟରେ ଲାଇଟ୍ ସ୍ଥାପନ ନହେଲେ ଧାରଣାରେ ବସିବାକୁ ଚେତାବନୀ ଦେଇଥିଲେ। ଏହାପରେ ଚେୟାରମ୍ୟାନ, ଏକ୍ସିକ୍ୟୁଟିଭ୍ ଅଫିସର, ସବ୍‌କଲେକ୍ଟର ଏବଂ କଲେକ୍ଟରଙ୍କ ଷ୍ଟେନୋ ବରିହା ବାବୁଙ୍କ ହସ୍ତକ୍ଷେପ ଯୋଗୁଁ କାର୍ଯ୍ୟରେ ତ୍ୱରାନ୍ୱିତ ଆସିଥିଲା। ଫଳସ୍ୱରୂପ, ଲକ୍ଷ୍ମୀ ମଣ୍ଡପ, ମହେଶଡିହି ଜଗନ୍ନାଥ ମନ୍ଦିର ସମ୍ମୁଖ ଓ ମହେଶଡିହି ଖେଳପଡ଼ିଆରେ ତିନୋଟି ହାଇମାଷ୍ଟ ଲାଇଟ୍ ସ୍ଥାପନ କରାଯାଇଛି।



ସକାଳେ ଆଖି ଖୋଲିବା ବେଳକୁ ଗଳା ଶୁଖୁଛି କି ?



ଖରା ଟିକେ ବଢ଼ିଲାଣି, ଇଆଡ଼େ ଅଚାନକ କାଳବୈଶାଖୀ ସମୟେ ସମୟେ ପରିବେଶକୁ ଥଣ୍ଡା କରୁଥିଲେ ମଧ୍ୟ କିନ୍ତୁ କହିବାକୁଗଲେ ଆମେ ଏବେ ଗ୍ରୀଷ୍ମ ଦିନକୁ ସାମ୍ନା କରୁଛେ। ଏହି ସମୟରେ ଏକ ଛୋଟିଆ ଆଲୋଚନା ଏଠାରେ ରଖିଛି। ଆମ ଭିତରୁ ଅନେକ ଅଛନ୍ତି ଯେଉଁମାନେ ସକାଳେ ଉଠି ଆଖି ଖୋଲିଲା ବେଳକୁ ସେମାନଙ୍କ ଗଳା ଶୁଖିଲା ଶୁଖିଲା ପରି ଲାଗୁଛି। କେବଳ ସେତିକି ନୁହେଁ ଅସ୍ୱସ୍ତିକର ଅନୁଭବ କରି ପାଣି ପିଇବାକୁ ମଧ୍ୟ ଇଚ୍ଛା ହେଉଛି। ତେବେ ଏହାକୁ ହାଲକା ଭାବନ୍ତୁ ନାହିଁ। କାରଣ ବିଛଣାରୁ ଉଠିବା ବେଳକୁ ସାମାନ୍ୟ ଠାରୁ ଅଧିକ ଶୁଖିବା କୌଣସି ସମସ୍ୟାର କାରଣ ହୋଇପାରେ। ରାତିରେ ସାତ ଆଠ ଘଣ୍ଟାର ନିଦ ହେବା ପରେ ସକାଳକୁ ପ୍ରତ୍ୟେକ ବ୍ୟକ୍ତିର ଗଳା ଶୁଖିବା ଖୁବ ସାଧାରଣ କଥା। କିନ୍ତୁ ସାମାନ୍ୟ ଠାରୁ ଅଧିକ ହେବା କିମ୍ବା ଲାଳ ନ ଆସିବା ଆଦୌ ସାଧାରଣ ନୁହେଁ। ଗଳା ଶୁଷ୍କ ହେବା ଜିମୋଷ୍ଟେମିଆ ହେବାର କାରଣ ହୋଇପାରେ। ପାଟି ସହିତ ଏହା ଶରୀରର ଅନ୍ୟ କେତେକ ସମସ୍ୟାର ଲକ୍ଷଣ ହୋଇପାରେ। ଏହାର ପ୍ରମୁଖ ଲକ୍ଷଣ ଗୁଡ଼ିକ ହେଉଛି ବାରମ୍ବାର ପାଟି ଶୁଖିବା, ଚୋବାଇବା, ଗିଳିବା ବା କଥା କହିବା ସମୟରେ ସମସ୍ୟା ହେବା, ଲଗାତାର ଗଳା ଶୁଖିବା ସହ କାଶ ଲାଗି ରହିବା, ପାଟିରୁ ଦୁର୍ଗନ୍ଧ ବାହାରିବା, ଓଠ ଫାଟିବା କିମ୍ବା ପାଟି ଭିତରେ ବାରମ୍ବାର ଘାଆ ହେବା ଇତ୍ୟାଦି। ସେହିପରି ଏହାର ବଡ଼ କାରଣ ହେଉଛି ଡିହାଇଡ୍ରେସନ। ରାତିରେ ଶୋଇବା ପୂର୍ବରୁ ପର୍ଯ୍ୟାପ୍ତ ମାତ୍ରାରେ ପାଣି ନ ପିଇବା ଦ୍ୱାରା କମ ପରିମାଣରେ ଲାଳ ତିଆରି ହୋଇଥାଏ। ଆମ୍ଭମାନଙ୍କ ଭିତରୁ ଅଧିକାଂଶଙ୍କର ବିଚାର ଏହା ଯେ ଶୋଇଲା ବେଳେ ଅଧିକ ପରିମାଣର ପାଣି ପିଇଲେ ରାତିରେ ପରିସ୍ରା କରିବା ପାଇଁ ଉଠିବାକୁ ପଡ଼ିବ ବା ନିଦ ବ୍ୟାଘାତ ଘଟିବ। ଏହା କଳ ଓ ପାଟି ଶୁଷ୍କତାର ସବୁଠୁ ବଡ଼ କାରଣ।

ଅନେକ ଲୋକଙ୍କର ଏକ ଅଭ୍ୟାସ ରହିଛି ସେମାନେ ଇଚ୍ଛାକୃତ ଭାବେ ପାଟିରେ ନିଶ୍ୱାସ ନେଇଥାନ୍ତି। ଯେଉଁ ଲୋକମାନେ ନାକରେ ନିଶ୍ୱାସ ନେବା ପରିବର୍ତ୍ତେ ପାଟିରେ ନିଶ୍ୱାସ ନେଇଥାନ୍ତି, ସେମାନଙ୍କ ଠାରେ ଗଳା ଶୁଷ୍କତା ଅଧିକ ଦେଖିବାକୁ ମିଳିଥାଏ।

ସେହିପରି କେତେକ ଔଷଧ ରହିଛି, ଯାହାକୁ ଖାଇବା ଦ୍ୱାରା ପାଟିର ଶୁଷ୍କତା ବଢ଼ିଥାଏ। ଏହା ବ୍ୟତୀତ ମଧୁମେହ ଏବଂ ଅଟୋ ଇନ୍ୟୁନ ରୋଗର କାରଣରୁ ରାତିରେ ପାଟି ଓ ଗଳା ଶୁଖିଶୁଖି ଯାଏ। ଏତଦ୍ ବ୍ୟତୀତ ବୟସ ବଢ଼ିବା ସହ ରାତିରେ ଲାଳର ମାତ୍ରା କମିଯାଏ ତେଣୁ ବୟସ୍କ ଲୋକଙ୍କ ଠାରେ ଗଳା ଶୁଷ୍କତା ବଢ଼ିଯାଏ। ସେହିପରି ଆଉ ଗୋଟିଏ ବଡ଼ ଗମ୍ଭୀର ସମସ୍ୟା ହେଉଛି ସ୍ଲିପ ଆପ୍ନିଆ। ଶୋଇବା ସମୟରେ ନିଶ୍ୱାସ ସହିତ ଜଡ଼ିତ ସମସ୍ୟା ଯେପରିକି ଘୁଙ୍ଗୁଡ଼ି ମାରିବା କିମ୍ବା ସ୍ଲିପ ଆପ୍ନିଆପରି ସମସ୍ୟା ରହିଥିଲେ ମଧ୍ୟ ଗଳା ଶୁଷ୍କ ହୋଇଯାଏ। ସେହିପରି ଅନ୍ୟାନ୍ୟ ସମସ୍ୟା ଗୁଡ଼ିକ ମଧ୍ୟ ସଜ୍ଜୁଖୀନ ହେବାକୁ ପଡ଼ିଥାଏ। ଏହାର କାରଣରୁ ଦାନ୍ତ ଦୁର୍ବଳ ହୋଇ ଭାଙ୍ଗିଥାଏ, ମାଢ଼ି ଜନିତ ସମସ୍ୟା ବଢ଼େ ଏବଂ ପରିଣାମ ସ୍ୱରୂପ ପାଟିରେ ଘଞ୍ଚା ହୋଇଥାଏ। ପାଟିର ସ୍ୱାଦ ବଦଳିବା ସହ ଖାଦ୍ୟ ଠିକ ଭାବେ ହଜମ ନ ହେବା ପରି ସମସ୍ୟା ଉପୁଜି ଥାଏ। ଏହି ସମସ୍ୟାରୁ ନିସ୍ତାର ପାଇବା ପାଇଁ ଦିନ ତମାମ ଶରୀର ଅନୁଯାୟୀ ପର୍ଯ୍ୟାପ୍ତ ପରିମାଣର ପାଣି ପିଇବା ସହ ରାତିରେ ନିଜ ପାଖରେ ପିଇବା ପାଣିର ବ୍ୟବସ୍ଥା କରନ୍ତୁ। ଚା', କଫି ଓ ଆଲକହଲ, ଯେଉଁ ଜିନିଷ ଗୁଡ଼ିକ ଶାରୀରିକ ଉତ୍ତାପ ତୀବ୍ର ଭାବେ ବଢ଼ାଇଥାଏ ଏଥିରୁ ଦୂରେଇ ରୁହନ୍ତୁ କାରଣ ଏହାକୁ ପିଇବା ଦ୍ୱାରା ଜଳ ଶୁଷ୍କତା ବଢ଼ିଥାଏ। ଏହାକୁ ହାଲକା ବା ମାମୁଲି ଭାବନ୍ତୁ ନାହିଁ। କାରଣ ଲଗାତାର ଭାବେ ଏହି ଅଭ୍ୟାସଟି ରହିଲେ ସ୍ୱାସ୍ଥ୍ୟ ଉପରେ ଗୁରୁତର ପ୍ରଭାବ ପକାଇଥାଏ ଏବଂ ଶରୀରର ବିଶେଷକରି କର୍ଣ୍ଣ-ନାସା-ଗଳାକୁ ପ୍ରଭାବିତ କରି ଅନ୍ୟ ସ୍ୱାସ୍ଥ୍ୟ ଜଟିଳତା ସୃଷ୍ଟି କରିବାର ସମ୍ଭାବନା ରହିଛି। ତେବେ ଏହି ସମସ୍ୟାକୁ ସେପରି କୌଣସି ଗମ୍ଭୀର ସମସ୍ୟା ଭାବେ ଗ୍ରହଣ କରନ୍ତୁ ନାହିଁ। ଯଦି କୌଣସି କାରଣରୁ ଗଳା ଶୁଖିଯାଉଥାଏ ତେବେ ଇଏନଟି ବିଶେଷଜ୍ଞଙ୍କ ପରାମର୍ଶ ନିଅନ୍ତୁ।

ପାଟି ଖୋଲି ଶୋଇବା କ୍ଷତିକାରକ



ଆମ ଭିତରୁ ଅନେକଙ୍କ ଏକ ବର୍ଷର ବର୍ଷର କୁ-ଶାରୀରିକ ଅଭ୍ୟାସ ରହିଆସିଛି, ତାହା ହେଉଛି ପାଟି ଖୋଲା କରି ଶୋଇବା। ପାଟି ଖୋଲାକରି ଶୋଇବା ଦ୍ୱାରା ଅନେକ ସ୍ୱାସ୍ଥ୍ୟ ଜନିତ ଅସୁବିଧାକୁ ଆମେ ସାମ୍ନା କରିଥାଉ। କେତେକ କ୍ଷେତ୍ରରେ ଦେଖାଯାଏ ପାଟି ଖୋଲି ଶୋଇବା ଦ୍ୱାରା ପ୍ରଥମତଃ ସ୍ୱାଭାବିକ ଶ୍ୱାସପ୍ରଶ୍ୱାସ ବାଧାପ୍ରାପ୍ତ ହୋଇଥାଏ, ଦ୍ୱିତୀୟତଃ ଏହା ଦ୍ୱାରା କୌଣସି ପୋକଜୋକ ମଧ୍ୟ ପଶି ଯିବା ଓ କୌଣସି ଅସମ୍ଭବ ନୁହେଁ। ତେବେ ପାଟି ଖୋଲି ଶୋଇବା ନିଶ୍ଚିନ୍ତ ଭାବେ କ୍ଷତିକାରକ।

ଦାନ୍ତ ଲାଗି କ୍ଷତିକାରକ: ପାଟି ଖୋଲି ଶୋଇବା ଦ୍ୱାରା ଏହାର ଗଭୀର କୁପ୍ରଭାବ ଦାନ୍ତ ଉପରେ ପଡ଼ିଥାଏ। ଏହାଦ୍ୱାରା ପାଟି ଭିତରକୁ ପବନ ଯାତାୟାତ କରିଥାଏ। ଫଳରେ ପାଟିରେ ଥିବା ଲାଳ ଶୁଖିଯାଏ ଓ ଲାଳ ସୃଷ୍ଟି କରୁଥିବା ଗ୍ରନ୍ଥି ଶୁଖିଯାଏ। ଏଥିରେ ପାଟି ଭିତରେ ଅନେକ ପ୍ରକାରର ବ୍ୟାକ୍ଟେରିଆ ବଢ଼ି ଯାଇଥାନ୍ତି ଓ ଦାନ୍ତ ଧୀରେ ଧୀରେ ନଷ୍ଟ ହେବାକୁ ଲାଗେ। ଲାଳର ଅଭାବ ଯୋଗୁଁ ଦାନ୍ତରେ ସଂକ୍ରମଣ, ପାଟିରୁ ଗନ୍ଧ ଆସିବା ଓ ଦାନ୍ତ ଉପରେ କ୍ୟାବିଟିକ ପରି ସମସ୍ୟା ଦେଖାଯାଏ।

ହୃଦୟ ପ୍ରଭାବିତ ହୁଏ: ପାଟି ଖୋଲା କରି ଶୋଉଥିବା ବ୍ୟକ୍ତିଙ୍କ କ୍ଷେତ୍ରରେ ହୃଦଘାତ ଆଶଙ୍କା ପାଟିବନ୍ଦ କରି ଶୋଉଥିବା ବ୍ୟକ୍ତିଙ୍କ ତୁଳନାରେ ଅନେକ ଗୁଣା ଅଧିକ ହୋଇଥାଏ। କାରଣ ପାଟି ଖୋଲା କରି ଶୋଉଥିବା ବ୍ୟକ୍ତି ନାକ ପରିବର୍ତ୍ତେ ପାଟିରେ ନିଶ୍ୱାସ ନେଇଥାନ୍ତି, ଯାହା ଶରୀରକୁ ଆବଶ୍ୟକ ଅମ୍ଳଜାନ ମିଳିପାରି ନଥାଏ। ଫଳରେ ଧମନୀରେ ରକ୍ତ ପ୍ରଭାବ ଠିକ ଭାବରେ ହୋଇପାରି ନଥାଏ। ଏହାର ସିଧା ସଳଖ ପ୍ରଭାବ ହୃଦୟ ଉପରେ ପଡ଼ିଥାଏ।

ମୁଖ ଗନ୍ଧ ବୃଦ୍ଧି ପାଏ: ପାଟି ଖୋଲା କରି ଶୋଇଲେ ମୁଖ ଗନ୍ଧ ବୃଦ୍ଧି ପାଏ। ବିଶେଷଜ୍ଞଙ୍କ ଅନୁସାରେ, ପାଟି ଖୋଲା କରି ଶୋଇବା ଦ୍ୱାରା ପବନରେ ଥିବା ବ୍ୟାକ୍ଟେରିଆ ଦାନ୍ତ ଓ ପାଟି ଭିତରକୁ ବହୁ ମାତ୍ରାରେ ଯାଇଥାନ୍ତି ଓ ପାଟି ସଂକ୍ରମଣ ହେବାର ଆଶଙ୍କା ବଢ଼ିଯାଏ। ଫଳରେ ମୁଖରୁ ଦୁର୍ଗନ୍ଧ ବାହାରିଥାଏ, ଯାହା ଜଣଙ୍କୁ ଅନ୍ୟ ମାନଙ୍କ ସଜ୍ଜୁଖରେ ଅପମାନିତ ହେବାକୁ ପଡ଼ିଥାଏ।

ଆଜମା ସମସ୍ୟା

ବଢ଼େ: ଆଜମା ସମସ୍ୟା ଥିବା ବ୍ୟକ୍ତି ପାଟି ଖୋଲା କରି ଶୋଇଲେ ଏହି ସମସ୍ୟା ଅଧିକ ବଢ଼ିଯାଏ। କାରଣ ପାଟି ଖୋଲାକରି ଶୋଇବା ଦ୍ୱାରା ଫୁସଫୁସକୁ ଅଧିକ କାମ କରିବାକୁ ପଡ଼େ ଓ ଚାପ ମଧ୍ୟ ପଡ଼ିଥାଏ। ଫୁସଫୁସ ଚାପଗ୍ରସ୍ତ ରହିବା ଯୋଗୁଁ ଆଜମା ସମସ୍ୟା ବୃଦ୍ଧି ପାଏ।

ଓଠ କଳା ପଡ଼ି ଫାଟେ: ପାଟି ଖୋଲି ଶୋଇବା ଦ୍ୱାରା ଓଠର ନରମ ଚର୍ମ ଶୁଷ୍କ ହୋଇଥାଏ। ପାଟି ଭିତରେ ଲାଳ ଶୁଖି ଯାଇଥାଏ। ଫଳରେ ଓଠ କଳା ପଡ଼େ ଫାଟିବାକୁ ଲାଗେ। ପାଟି ଖୋଲା କରି ଶୋଇଲେ ଅନେକ ସମୟରେ ଖାଦ୍ୟ ହଜମରେ ମଧ୍ୟ ସମସ୍ୟା ଉପୁଜି ପାରେ ।



ପ୍ରତିଦିନ ସକାଳେ ଖାଆନ୍ତୁ ଅଖରୋଟ

ପ୍ରତିଦିନ ଅଖରୋଟ ଖାଇବା ଦ୍ୱାରା ଅନେକ ସ୍ୱାସ୍ଥ୍ୟ ଲାଭ ମିଳିଥାଏ। କିନ୍ତୁ ଖାଇବା ପୂର୍ବରୁ ଏହାକୁ ଭିଜାଇ ରଖିଲେ ଏହାର ଲାଭ ଆହୁରି ବଢ଼ିଯାଏ। ଭିଜା ଅଖରୋଟ ହଜମ କରିବା ସହଜ ଏବଂ ସାମଗ୍ରିକ ସ୍ୱାସ୍ଥ୍ୟ ପାଇଁ ବେଶ ଲାଭଦାୟକ ହୋଇଥାଏ। ଯାହା ଆମ ଶରୀରକୁ ବିଭିନ୍ନ ପ୍ରକାରର ପୋଷକ ତତ୍ତ୍ୱ ପ୍ରଦାନ କରିଥାଏ। କେହି ମସ୍ତିଷ୍କ ସ୍ୱାସ୍ଥ୍ୟକୁ ବୃଦ୍ଧି କରିବାକୁ ଚାହାଁନ୍ତି କି ହୃଦ୍‌କ୍ରିୟାକୁ ଉନ୍ନତ କରିବାକୁ ଚାହାଁନ୍ତି, ତେବେ ଆସନ୍ତୁ ଜାଣିବା ସକାଳେ ଭିଜା ଅଖରୋଟ ଖାଇବା ଦ୍ୱାରା କ'ଣ ଲାଭ ମିଳିଥାଏ। ଅଖରୋଟକୁ ପ୍ରାୟତଃ "ବ୍ରେନ୍ ଫୁଡ୍" ବୋଲି କୁହାଯାଏ। ଯାହା ଓମେଗା-୩ ଫ୍ୟାଟି ଏସିଡରେ ଭରପୂର। ଭିଜା ଅଖରୋଟ ମସ୍ତିଷ୍କ ବିକାଶ ପାଇଁ ଆବଶ୍ୟକୀୟ ପୋଷକ ତତ୍ତ୍ୱ ପ୍ରଦାନ କରେ। ଏହା ଏକ ହେଲଦି ଫ୍ୟାଟ୍ ଯାହା ମସ୍ତିଷ୍କ ସ୍ମୃତିଶକ୍ତିକୁ ଉନ୍ନତ କରେ ଏବଂ ସାମଗ୍ରିକ ମାନସିକ ସ୍ପଷ୍ଟତାକୁ ବୃଦ୍ଧି କରେ। ନିୟମିତ ଭାବରେ ସକାଳେ ଭିଜା ଅଖରୋଟ ଖାଇବା ଦ୍ୱାରା ଆପଣଙ୍କୁ ଏହା ସାରା ଦିନ ଆକ୍ଟିଭ ରହିବାରେ ସାହାଯ୍ୟ କରେ। ଅଖରୋଟ ଇନସୁଲିନ୍ ସମ୍ବେଦନଶୀଳତାକୁ ଉନ୍ନତ କରିବାର କ୍ଷମତା ପାଇଁ ଜଣାଶୁଣା। ଆପଣଙ୍କ ସକାଳର ରୁଟିନରେ ଭିଜା ଅଖରୋଟକୁ ସାମିଲ କରିବା ଦ୍ୱାରା ବ୍ଲଡ୍ ସୁଗାର ଲେବଲ ନିୟନ୍ତ୍ରଣ କରିବାରେ ସାହାଯ୍ୟ ହୋଇପାରେ। ଅଖରୋଟରେ ହେଲଦି ଫ୍ୟାଟ୍, ଫାଇବର ଏବଂ ପ୍ରୋଟିନର ମିଶ୍ରଣ ବ୍ଲଡ୍ ସୁଗାର ସ୍ପାଇକ୍ ହେବାର ସମ୍ଭାବନାକୁ ହ୍ରାସ କରେ ଏବଂ ଗ୍ଲାଇସେମିକ୍ ନିୟନ୍ତ୍ରଣକୁ ଉନ୍ନତ କରେ। ଭିଜା ଅଖରୋଟ କୋଲେଷ୍ଟ୍ରଲ୍ ଲେବଲ୍ ହ୍ରାସ କରି ହୃଦୟ ସ୍ୱାସ୍ଥ୍ୟରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିପାରେ। ଏଥିରେ ପଲିଅନସାଚୁରେଟେଡ୍ ଫ୍ୟାଟ୍, ବିଶେଷକରି ଆଲଫା-ଲିନୋଲେନିକ୍ ଏସିଡ୍ ଭରପୂର ମାତ୍ରାରେ ରହିଛି। ଯାହା ଖରାପ କୋଲେଷ୍ଟ୍ରଲ୍ କମ କରିବା ସହିତ ଭଲ କୋଲେଷ୍ଟ୍ରଲ୍ ବୃଦ୍ଧି କରେ। ଧମନୀରେ ପ୍ଲାକ୍ ଜମାକୁ ରୋକିବା ଏବଂ ହୃଦରୋଗର ଆଶଙ୍କା ହ୍ରାସ କରିବା ପାଇଁ ଏହି ସନ୍ତୁଳନ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ହୋଇଥାଏ। ଅଖରୋଟ ଆଣ୍ଟିଅକ୍ସିଡାଣ୍ଟରେ ଭରପୂର। ଯାହା କୋଷଗୁଡ଼ିକୁ କ୍ଷତି ପହଞ୍ଚାଉଥିବା ଫ୍ରି ରାଡିକାଲ୍ସ ସହିତ ଲଢ଼ିଥାଏ ଏବଂ ବାର୍ଦ୍ଧକ୍ୟ ପ୍ରକ୍ରିୟାକୁ ଧୀର କରିଥାଏ। ଭିଜା ଅଖରୋଟର ନିୟମିତ ସେବନ ଫୁଲା ଏବଂ ଅକ୍ସିଡେଟିଭ୍ ଚାପକୁ ହ୍ରାସ କରିପାରେ ଯାହା ଉଭୟ ବାର୍ଦ୍ଧକ୍ୟ ସମ୍ବନ୍ଧୀୟ ରୋଗ ସହିତ ଜଡିତ। ଭିଜା ହୋଇଥିବା ଅଖରୋଟ କେବଳ ହଜମ କରିବା ସହଜ ନୁହେଁ ବରଂ ଅନ୍ତନଳୀ ସ୍ୱାସ୍ଥ୍ୟରେ ମଧ୍ୟ ଉନ୍ନତି ଆଣିଥାଏ। ଅଖରୋଟ ଫାଇବରର ଏକ ଭଲ ଉତ୍ସ। ଯାହା ପାଚନ କ୍ରିୟାକୁ ସୁସ୍ଥ ରଖେ।

ପାନ ପତ୍ର ସ୍ୱାସ୍ଥ୍ୟ ପାଇଁ ଏକ ବରଦାନ



ବହୁ ପ୍ରାଚୀନ କାଳରୁ ଭାରତୀୟ ସଂସ୍କୃତିର ଏକ ଅଂଶ ହୋଇରହିଛି ପାନ । ବିବାହଠାରୁ ନେଇ ବିଭିନ୍ନ ମାଙ୍ଗଳିକ କାର୍ଯ୍ୟ, ପର୍ବପର୍ବାଣି ଓ ଉତ୍ସବରେ ପାନ ବ୍ୟବହାର ହୋଇଥାଏ । ଯୁବକ ହୁନ୍ତୁ ଅବା ବୃଦ୍ଧବୃଦ୍ଧା, ପାନର ଆଦୃତି ସବୁଠି । ଓଡ଼ିଶାର ଗଣପର୍ବ ରଜରେ ଦୋଳି ସହ ରଜପାନ ମୁଖ୍ୟ ଆକର୍ଷଣ । ତେବେ ଆପଣ ଜାଣନ୍ତି କି, ପାନ କେବଳ ସ୍ୱାଦରେ ନୁହେଁ ବରଂ ସ୍ୱାସ୍ଥ୍ୟ ପାଇଁ ବି କେତେ ଉପକାରୀ ? ଡାଇବେଟିସ୍ ନିୟନ୍ତ୍ରଣରୁ ଆରମ୍ଭ କରି ମାନସିକ ଚାପ ଦୂର କରିବା ଯାଏଁ, ଏହି ସାଧାରଣ ଦିଶୁଥିବା ପାନ ପତ୍ରରେ ରହିଥିବା ଔଷଧୀୟ ଗୁଣ ଚମତ୍କାର ସ୍ୱାସ୍ଥ୍ୟଗତ ଫାଇଦା ଦିଏ । ପାନରେ ଆଣ୍ଟିଅକ୍ସିଡାଣ୍ଟ ଗୁଣ ଅଛି। ଏହା କ୍ୟାଲସିୟମ, ଭିଟାମିନ ସି ଏବଂ ଆଇରନର ଏକ ଉତ୍କୃଷ୍ଟ ଉତ୍ସ। ତେଣୁ, ଏହା ତୁମ ଶରୀରର ଅନେକ ସମସ୍ୟା ସହିତ ଲଢ଼ିବାକୁ ସକ୍ଷମ। ଜୟପୁରର କ୍ଲିନିକାଲ୍ ଆୟୁର୍ବେଦ ବିଶେଷଜ୍ଞ ଡକ୍ଟର କିରଣ ଗୁପ୍ତାଙ୍କ ମତରେ ପାନପତ୍ରରେ ପୋଷକତତ୍ତ୍ୱ ଭରପୁର ମାତ୍ରାରେ ରହିଛି। ଏଥିରେ ବିଭିନ୍ନ ଗୁଣ ରହିଛି ଯାହା ମୁଣ୍ଡବିନ୍ଧା ଦୂର କରିବାରେ ସାହାଯ୍ୟ କରିପାରେ। ଯଦି ଆପଣଙ୍କର ପ୍ରବଳ ମୁଣ୍ଡବିନ୍ଧା ହେଉଛି, ତେବେ ପାନପତ୍ରକୁ ପେଷ୍ଟ କରି ଲଗାଇବା ଦ୍ୱାରା ଆରାମ ମିଳିବ। ପ୍ରକୃତରେ, ପାନପତ୍ରର ଏକ ଥଣ୍ଡା ପ୍ରଭାବ ଥାଏ, ଯାହା ଯନ୍ତ୍ରଣା କମ କରିବାରେ ସାହାଯ୍ୟ କରେ। ପାନ ଖାଇବା ଦ୍ୱାରା ହଜମ ମଧ୍ୟ ଭଲ ହୁଏ। ପାନ ଚୋବାଇଲେ ପାଚନ ଏନଜାଇମକୁ ସକ୍ରିୟ କରେ। ଏହା ଗ୍ୟାସ୍, ଏସିଡିଟି ଏବଂ କୋଷ୍ଠକାଠିନ୍ୟ ଭଳି ସମସ୍ୟାରୁ ମୁକ୍ତି ଦିଏ। ଏହି କାରଣରୁ ଲୋକମାନେ ପ୍ରାୟତଃ ଖାଦ୍ୟ ପରେ ପାନ ଖାଇବାକୁ ପସନ୍ଦ କରନ୍ତି। ପରିବର୍ତ୍ତିତ ଋତୁରେ ପାନ ପତ୍ର ଖାଇବା ଲାଭଦାୟକ ସାବ୍ୟସ୍ତ ହୋଇପାରେ। ପ୍ରକୃତରେ, ଯେତେବେଳେ ପାଗ ପରିବର୍ତ୍ତନ ହୁଏ, ଥଣ୍ଡା ଏବଂ ରକ୍ତ ଜମାଟ ବାନ୍ଧିବା ସବୁଠାରୁ ସାଧାରଣ ହୋଇଥାଏ। ଆରାମ ପାଇବା ପାଇଁ, ଆପଣ ଏକ ପାନ ପତ୍ରରେ ଉଷୁମ ସୋରିଷ କିମ୍ବା ରାଶି ତେଲ ଲଗାଇ ଆପଣଙ୍କ ଛାତିରେ ଲଗାଇ ପାରିବେ। ଏହା କଫକୁ କମ କରିଥାଏ, ରକ୍ତ ଜମା ହ୍ରାସ କରିଥାଏ ଏବଂ ନିଶ୍ୱାସ ନେବା ସହଜ କରିଥାଏ। ଯଦି ଆପଣଙ୍କର ମାଢ଼ିରେ କୌଣସି ସମସ୍ୟା ଅଛି କିମ୍ବା ବ୍ରଶ୍ କରିବା ପରେ ମଧ୍ୟ ପାଟିରୁ ଦୁର୍ଗନ୍ଧ ଆସୁଛି, ତେବେ ଆପଣ ପାନ ପତ୍ର ଖାଇବା ବିଷୟରେ ବିଚାର କରିବା ଉଚିତ। ପାନ ପତ୍ରକୁ ପାଣିରେ ଫୁଟାଇ କୁଳି କରନ୍ତୁ। ଏହା କେବଳ ପାଟିର ଦୁର୍ଗନ୍ଧ ଦୂର କରେ ନାହିଁ ବରଂ ଆପଣଙ୍କ ମାଢ଼ିକୁ ମଜବୁତ କରିବାରେ ମଧ୍ୟ ସାହାଯ୍ୟ କରେ।



ଅଧିକ ଲୁଣ ଖାଇବା ସ୍ୱାସ୍ଥ୍ୟ ପକ୍ଷେ ହାନିକାରକ

ଲୁଣ ଏମିତି ଏକ ଜିନିଷ, ଯାହା ବିନା ଖାଦ୍ୟର ସ୍ୱାଦ ହିଁ ନଥାଏ। କିନ୍ତୁ ଅଧିକ ମାତ୍ରାରେ ଲୁଣ ଖାଇବା ମଧ୍ୟ ସ୍ୱାସ୍ଥ୍ୟ ପାଇଁ ହାନିକାରକ। ଖାଦ୍ୟରେ ବ୍ୟବହୃତ ହେଉଥିବା ଲୁଣ ୪୦ ପ୍ରତିଶତ ସୋଡିୟମ୍ ଓ ୬୦ ପ୍ରତିଶତ କ୍ଲୋରାଇଡ୍ର ମିଶ୍ରଣ। ସୋଡିୟମ୍ ଶରୀରର ପାଇଁ ସବୁଠାରୁ ମହତ୍ତ୍ୱପୂର୍ଣ୍ଣ ତତ୍ତ୍ୱ। ଏହା ଶରୀରରେ ପାଣି ଓ ମିନେରାଲ୍ସରେ ସନ୍ତୁଳନ ବଜାୟ ରଖିବାର କାମ କରିଥାଏ। ତା' ସହିତ ଶରୀରରେ ଥିବା କୋଷିକାଗୁଡିକ ଠିକ୍ ଭାବେ କାମ କରିବାରେ ମଧ୍ୟ ସାହାଯ୍ୟ କରିଥାଏ। ଏହାସତ୍ତ୍ୱେ ମାତ୍ରାଧିକ ସୋଡିୟମ୍ ଅନେକ ସମୟରେ ଶରୀରକୁ କ୍ଷତି ପହଞ୍ଚାଇଥାଏ। ଆବଶ୍ୟକଠାରୁ ଅଧିକ ଲୁଣ ଖାଇବା ଦ୍ୱାରା ମଧ୍ୟ ଶରୀରକୁ ହାନି ପହଞ୍ଚିଥାଏ। ସାଧାରଣତଃ ଶରୀରରେ ମାତ୍ରାଧିକ ସୋଡିୟମ୍ ସ୍ତର ରହିଥିବା ଜଣାପଡେ, ଯେତେବେଳେ ବ୍ୟକ୍ତିଠାରେ ଉଚ୍ଚ ରକ୍ତଚାପ ସମସ୍ୟା ଦେଖାଦେଇଥାଏ। କିନ୍ତୁ ଆପଣ ଜାଣନ୍ତି କି ଶରୀର ଆପଣଙ୍କୁ କେତେକ ସଙ୍କେତ ଦେଇଥାଏ ଯେ ଆପଣ ଅଧିକ ଲୁଣ ଖାଉଛନ୍ତି। ଚାଲନ୍ତୁ ଦେଖିବା ଶରୀରରେ ସୋଡିୟମ୍ର ମାତ୍ରା ଅଧିକ ହେଲେ କି ଲକ୍ଷଣ ପ୍ରକାଶ ପାଏ। ଯଦି ସକାଳୁ ଉଠିବା ବେଳକୁ ଆପଣଙ୍କ ଚେହେରା ଫୁଲିବା ପରି ଦେଖାଯାଉଥାଏ। ତେବେ ଏହା ଶରୀରରେ ମାତ୍ରାଧିକ ସୋଡିୟମ୍ର ଲକ୍ଷଣ। ଅଧିକ ଲୁଣ ଖାଇବା ଦ୍ୱାରା ଶରୀରର ବିଭିନ୍ନ ସ୍ଥାନ ଫୁଲିବା ପରି ଦେଖାଯାଇଥାଏ। ସକାଳୁ ଉଠିବା ବେଳକୁ ଯଦି ଆଙ୍ଗୁଠିର ଆଖାପାଖ ଫୁଲିବା ପରି ଦେଖାଯାଉଥାଏ, ତେବେ ଏହାକୁ ଅଣଦେଖା କରନ୍ତୁନାହିଁ। ଶରୀରରେ ଥିବା ଟିସୁରେ ଅଧିକ ତରଳ ପଦାର୍ଥ ହେବାର ଏହା ସଙ୍କେତ। ଏହାକୁ ଏଡିମା କୁହାଯାଏ।

ବାରମ୍ବାର ପରିସ୍ରା ଲାଗିବା: ବାରମ୍ବାର ପରିସ୍ରା ଲାଗିବା ମଧ୍ୟ ମାତ୍ରାଧିକ ସୋଡିୟମ୍ର ଲକ୍ଷଣ ହୋଇପାରେ। ଯଦି ରାତିରେ ବାରମ୍ବାର ପରିସ୍ରା ଲଗୁଥାଏ, ତେବେ ଏହା ଅଧିକ ଲୁଣ ଖାଇବାର ସଙ୍କେତ। ଅବଶ୍ୟ ମଧୁମେହ ଓ ୟୁଟିଆଇରେ ମଧ୍ୟ ଏହି ଲକ୍ଷଣ ଖୁବ୍ ସାଧାରଣ।

ଅଧିକ ଶୋଷ ଲାଗିବା: ଯଦି ଆପଣଙ୍କ ଆବଶ୍ୟକଠାରୁ ଅଧିକ ଶୋଷ ଲାଗୁଥାଏ, ତେବେ ଏହା ଅଧିକ ଲୁଣ ଖାଇବାର ସଙ୍କେତ। ଅଧିକ ଲୁଣ ଖାଇବା ଦ୍ୱାରା ବାରମ୍ବାର ଶୋଷ ଲାଗିଥାଏ। ସେହିପରି ମାତ୍ରାଧିକ ସୋଡିୟମ୍ଯୁକ୍ତ ଖାଦ୍ୟ ପଦାର୍ଥ ଶରୀରରେ ଦ୍ରବ୍ୟ ସନ୍ତୁଳନକୁ ବିଂଗାଡି ଦେଇଥାଏ। ଏହି କାରଣରୁ ଆପଣ ପ୍ରାୟ ସମୟରେ ଜଳାଭାବ ଅନୁଭବ କରିଥାନ୍ତି।

ମାଂସପେଶୀରେ ଦୁର୍ବଳ: ମାଂସପେଶୀ ଦୁର୍ବଳ ଲାଗିବା ଶରୀରରେ ମାତ୍ରାଧିକ ସୋଡିୟମ୍ର ଲକ୍ଷଣ। ମାଂସପେଶୀ ସୁସ୍ଥ ରହିବା ପାଇଁ ସୋଡିୟମ୍ ଖୁବ୍ ଜରୁରି। ଶରୀରରେ ସୋଡିୟମ୍ର ମାତ୍ରା ବଢ଼ିବା ଦ୍ୱାରା ହାଡ଼ ଦୁର୍ବଳ ହେବାର ଆଶଙ୍କା ରହିଥାଏ। ଯଦି ମାଂସପେଶୀରେ ଦୁର୍ବଳ ଅନୁଭବ କରୁଥାନ୍ତି, ତେବେ ଡାକ୍ତରଙ୍କ ପରାମର୍ଶ କ୍ରମେ ସୋଡିୟମ୍ ସ୍ତର ପରୀକ୍ଷା କରାଇ ନିଅନ୍ତୁ।

ଧଅଁରପୁରରେ ଗୋଦାବରୀଶ ମିଶ୍ର ଆଦର୍ଶ ବିଦ୍ୟାଳୟର ଶିଳାନ୍ୟାସ

ଗାଁ ପିଲାଙ୍କୁ ମିଳିବ ଆଧୁନିକ ଶିକ୍ଷା



ଧର୍ମଗଡ଼,୭।୧୧ (ସଂଚାର ବ୍ୟୁରୋ)ः ଧର୍ମଗଡ଼ ବ୍ଲକ ଧଅରପୁର ଗ୍ରାମଠାରେ ଶୁକ୍ରବାର ଦିନ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏକ ଭିଡିଓ କନଫରେନ୍ସ ମାଧ୍ୟମରେ ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟର ଭିତ୍ତି ପ୍ରସ୍ତର ସ୍ଥାପନ କରିଛନ୍ତି। ଓଡିଶାର ଛାତ୍ରଛାତ୍ରୀଙ୍କ ଭବିଷ୍ୟତକୁ ଆଖି ଆଗରେ ରଖି ଉନ୍ନତି କରଣ ଓ ଗୁଣାତ୍ମକ ଶିକ୍ଷା ଡିଜିଟାଲକରଣ ମାଧ୍ୟମରେ ଶିକ୍ଷା ପ୍ରାପ୍ତ ଉଦେଶ୍ୟରେ ତୃତୀୟ ପର୍ଯ୍ୟାୟରେ ସାରା ରାଜ୍ୟରେ ୬୩୦ଟି ସ୍ଥାନରେ ପ୍ରତିଷ୍ଠିତ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ ହୋଇଥିଲା। ଏହି ପରିପେକ୍ଷିରେ ମୁଖ୍ୟ ମନ୍ତ୍ରୀ ସିଧାସଳଖ ଭାବେ ଭିଡିଓ କନଫରେନ୍ସ ମାଧ୍ୟମରେ ଭିତି ପ୍ରସ୍ତର ସ୍ଥାପନ କରିଥିଲେ। କଳାହାଣ୍ଡି ଜିଲ୍ଲାରେ ମୋଟ ୧୬ଟି ବିଦ୍ୟାଳୟ ଓ ଧର୍ମଗଡ଼ ବ୍ଲକରେ ୨ ଟି ସ୍ଥାନରେ ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟର ଭିତ୍ତି ପ୍ରସ୍ତର ସ୍ଥାପନ ହୋଇଯାଇଛି। ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଧର୍ମଗଡ଼ ବିଧାୟକ ସୁଧୀର ରଞ୍ଜନ ପଟ୍ଟଯୋଶୀ ସମ୍ମାନିତ ଅତିଥି ଗୋଷ୍ଠୀ ଶିକ୍ଷା ଅଧିକାରୀ ନେପାଳଚନ୍ଦ୍ର ବାଗ, ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ବିଶ୍ୱଜିତ ବେହେରା, ତହସିଲଦାର କୀର୍ତ୍ତି ଚନ୍ଦ୍ର ପ୍ରଧାନ, ସରପଞ୍ଚ ଗୌରୀ ସେଠିଆ, ସମିତି ସଭ୍ୟା କନକ ସେଠିଆ, ପ୍ରାଥମିକ ଶିକ୍ଷକ ସଂଘ ଜିଲ୍ଲା ସଭାପତି ପଦ୍ମଲୋଚନ ନାଏକ, ବ୍ଲକ ସଭାପତି କ୍ଷେତ୍ର ମୋହନ ମାଝୀ, ପୂର୍ବତନ ସରପଞ୍ଚ ସୂର୍ଯ୍ୟମଣି ନାଏକ ପ୍ରମୁଖ ଉପସ୍ଥିତ ରହିଥିଲେ। ମୁଖ୍ୟ ଅତିଥି ବିଧାୟକ ସୁଧୀର ରଞ୍ଜନ ପଟ୍ଟଯୋଶୀ ନିଜ ଅଭିଭାଷଣରେ ସରକାରଙ୍କ ଏହା ଏକ ଐତିହାସିକ ପଦକ୍ଷେପ। ଗ୍ରାମାଞ୍ଚଳର ଛାତ୍ରଛାତ୍ରୀ ପ୍ରାୟ ଗୁଣାତ୍ମକ ଶିକ୍ଷା କ୍ଷେତ୍ରରୁ ବଞ୍ଚିତ ହୋଉଥିଲେ। ଏବେ ଗାଁ ଗଣ୍ଡାର ଛାତ୍ରଛାତ୍ରୀମାନେ ସଠିକ ଭିତ୍ତିଭୂମି ସହ ସମସ୍ତ ପ୍ରକାର ସୁବିଧା ଭିତରେ ରହି ପାଠ ପଢ଼ିବାର ସୁଯୋଗ ପାଇ ପାରିବେ। ଡିଜିଟାଲଠାରୁ ଆରମ୍ଭ କରି ଅତ୍ୟାଧୁନିକ କମ୍ପ୍ୟୁଟର କରଣ ଶିକ୍ଷା ଓ ଉଚ୍ଚମାନ ଶିକ୍ଷା ସୁଆଦ ଚାଖି ପାରିବେ ବୋଲି କହିଥିଲେ। କାର୍ଯ୍ୟକ୍ରମକୁ ସିଆରସିସି ଆଶିଷ ପ୍ରଧାନୀ ଓ ଶିକ୍ଷକ ଭକ୍ତ ଚରଣ ସୁନାନୀ ପରିଚାଳନା କରିଥିବା ବେଳେ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ସହଯୋଗ କରିଥିଲେ ।

● ହରିଣାପାଲି ଜଙ୍ଗଲରେ ବନ ବିଭାଗର ଚଢ଼ାଉ

ବାରହା ମାଂସ ଜବତ, ୨ ଗିରଫ



ସୁବର୍ଣ୍ଣପୁର,୭।୧୧ (ସଂଚାର ବ୍ୟୁରୋ)ः ସୁବର୍ଣ୍ଣପୁର ଜିଲ୍ଲା ଉଲୁଣ୍ଡା ବନାଞ୍ଚଳ ଅଧୀନସ୍ତ ହରିଣାପାଲି ସଂରକ୍ଷିତ ଜଙ୍ଗଲରେ ବନ ବିଭାଗ ପକ୍ଷରୁ ଚଢ଼ାଉ କରି ବାରହା ମାଂସ ଜବତ ସହ ଦୁଇ ଜଣ ଶିକାରୀକୁ ଗିରଫ କରିଛି। ଅଭିଯୁକ୍ତମାନେ ହେଲେ କୋଟ ସମଲାଇ ଗ୍ରାମ ପଞ୍ଚାୟତର ଜଗନ୍ନାଥପାଲିର ମୁନୁ ତାଣ୍ଡିଆ ଏବଂ ବୁଠି ରାଜହଂସ । ଉଲୁଣ୍ଡା ବନାଞ୍ଚଳ କୋଣସି ବିଶ୍ୱସ୍ତସୂତ୍ରରୁ ଖବର ପାଇ କିଛି ଜଣ ଲୋକ ବାରହା ଶିକାର କରି ମାଂସ କାଟୁଥିବା ଖବର ପାଇ ଫରେଷ୍ଟର ପ୍ରଦୀପ ଜେନା, ଫରେଷ୍ଟ ଗାର୍ଡ ରୋହନ ଅମାତ, ଗୀତାଞ୍ଜଳି ହରିପାଳ ଓ ସ୍କାଡ ଟିମ ହରିଣାପାଲି ଜଙ୍ଗଲରେ ଚଢ଼ାଉ କରିଥିଲେ । ଚଢ଼ାଉ ବେଳେ ସେଠାରୁ ୮୦ କେଜି ବାରହା ର ମାଂସ ଜବତ ସହ ସମ୍ପୃକ୍ତ ଦୁଇ ଅଭିଯୁକ୍ତ ମୁନୁ ଏବଂ ବୁଠିଙ୍କୁ ଗିରଫ କରିଥିଲେ । ଏନେଇ ବନବିଭାଗ ଏକ ମାମଲା ରୁଜୁ କରି ସମ୍ପୃକ୍ତ ଅଭିଯୁକ୍ତ ମାନଙ୍କୁ କୋର୍ଟ ଚାଲାଣ କରିଛି ଜବତ ବାର୍‌ହା ମାଂସ ପରୀକ୍ଷା ପରେ ଏସିଏଫ ଦେବରାଜ ଛତ୍ରିଆ ଙ୍କ ଉପସ୍ଥିତିରେ ଜଙ୍ଗଲରେ ବାରହା ମାଂସ ପୋତି ଦିଆଯାଇଥିଲା ।

ବାଲ୍ୟ ବିବାହ ନିରାକରଣ ନେଇ ଜିଲ୍ଲାସ୍ତରୀୟ ପ୍ରଶିକ୍ଷଣ ଶିବିର

ସୁବର୍ଣ୍ଣପୁର,୭।୧୧ (ସଂଚାର ବ୍ୟୁରୋ)ः ସୁବର୍ଣ୍ଣପୁର ଜିଲ୍ଲାପାଳ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଜିଲ୍ଲାପାଳ ଦେବାଶିଷ ସିଂହଙ୍କ ଅଧ୍ୟକ୍ଷତାରେ ବାଲ୍ୟ ବିବାହ ନିରାକରଣ ସମ୍ପର୍କିତ ଏକ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ସ୍ୱାଗତ ଅଭିଭାଷଣରେ ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ବୀଣାପାଣି ମିଶ୍ର ବାଲ୍ୟ ବିବାହ ହ୍ରାସ ଦିଗରେ ସମସ୍ତ ବିଭାଗ ମଧ୍ୟରେ ସମନ୍ୱୟ ରକ୍ଷା ଏବଂ ପ୍ରତ୍ୟେକ ଅଂଶୀଦାରଙ୍କ ସମାନ ଦାୟିତ୍ୱବୋଧ ଉପରେ ଗୁରୁତ୍ୱ ଦେଇଥିଲେ। ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ନୀଳିମା ଲଳିତା ବାର୍ଲା ବାଲ୍ୟ ବିବାହ ନିଷେଧ ଆଇନର ସଫଳ କାର୍ଯ୍ୟକାରିତା ପାଇଁ ଅଧିକାରୀମାନଙ୍କର ଆଇନ ସମ୍ପର୍କିତ ସଠିକ୍ ଜ୍ଞାନ ରହିବା ଆବଶ୍ୟକ ବୋଲି କହିଥିଲେ। ଜିଲ୍ଲାରୁ ବାଲ୍ୟ ବିବାହ ଦୂର କରିବା ପାଇଁ ଆଇନର ସମସ୍ତ ବ୍ୟବସ୍ଥାର ଉପଯୋଗ କରିବାକୁ ସେ ଆହ୍ୱାନ ଦେଇଥିଲେ। ଜିଲ୍ଲା ସମାଜ ମଙ୍ଗଳ କାର୍ଯ୍ୟାଳୟ ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମକୁ ସୁରକ୍ଷା ଏବଂ କାର୍ଯ୍ୟକ୍ରମ ଅଧିକାରୀ ଅଞ୍ଜନା କିସାନ ସଂଯୋଜନା କରିଥିଲେ। ମୁଖ୍ୟ ଜିଲ୍ଲା ଚିକିତ୍ସାଧିକାରୀ ଡା. ଉଷାରାଣୀ ଦାସ ବାଲ୍ୟ ବିବାହ ଯୋଗୁଁ ନାବାଳିକାଙ୍କ ଶାରୀରିକ ଓ ମାନସିକ ସ୍ୱାସ୍ଥ୍ୟ ଉପରେ ପଡୁଥିବା ଗୁରୁତର ପ୍ରଭାବ ସମ୍ପର୍କରେ ଆଲୋକପାତ କରିଥିଲେ। ବାଲ୍ୟ ବୟସରେ ଗର୍ଭଧାରଣ ଯୋଗୁଁ ମାତୃମୃତ୍ୟୁ ଭଳି ଘଟଣା ଘଟୁଥିବା ସେ ଉଲ୍ଲେଖ କରିଥିଲେ। ଏଭଳି ଘଟଣାର ଚିହ୍ନଟ ଓ ନିରୀକ୍ଷଣ ପାଇଁ ସମସ୍ତ ସରକାରୀ ଓ ଘରୋଇ ଡାକ୍ତରଖାନାକୁ ଜନନୀ ପୋର୍ଟାଲରେ ମାମଲା ପଞ୍ଜୀକରଣ କରିବାକୁ କୁହାଯାଇଛି। ଏଥିସହ ଜିଲ୍ଲାରେ ଗର୍ଭପାତ କିଟ୍‌ର ବ୍ୟବହାର ଉପରେ କଟକଣା ଜାରି କରାଯାଇଥିବା ସେ କହିଥିଲେ। ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଶ୍ରୀ ଚତୁର୍ଭୁଜ କହିଥିଲେ ଯେ, ସୁବର୍ଣ୍ଣପୁର ଜିଲ୍ଲାରେ ପ୍ରାୟ ୨୨ ପ୍ରତିଶତ ବିବାହ ବାଲ୍ୟ ବିବାହ ହୋଇଥିବା ଆକଳନ କରାଯାଇଛି। ଏହି ହାରକୁ ହ୍ରାସ କରିବା ଆମର ମୁଖ୍ୟ ଲକ୍ଷ୍ୟ ହେବା ଆବଶ୍ୟକ। ସମସ୍ତ ସିଡିପିଓ, ହଷ୍ଟେଲ ସୁପରିଣ୍ଟେନ ଏବଂ ପ୍ରଧାନଶିକ୍ଷକଙ୍କୁ ବାଲ୍ୟ ବିବାହ ନିଷେଧ ଅଧିକାରୀ ଭାବେ ନିଯୁକ୍ତ କରାଯାଇଛି।

ନବାଗତ ଛାତ୍ର-ଛାତ୍ରୀଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା

ବାଲିପାଟଣା, ୭।୧୧ (ସଂଚାର ବ୍ୟୁରୋ)ः ସ୍ଥାନୀୟ ଶିଶୁ ଅନନ୍ତ ମହାବିଦ୍ୟାଳୟର ଓଡ଼ିଆ ବିଭାଗ ପକ୍ଷରୁ ଆଜି +୩ ପ୍ରଥମ ବର୍ଷର ନବାଗତ ଛାତ୍ର-ଛାତ୍ରୀମାନଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ମହାବିଦ୍ୟାଳୟର ଅଧ୍ୟକ୍ଷା ସୁପ୍ରଭା ଜେନା ଯୋଗ ଦେଇ ଛାତ୍ର-ଛାତ୍ରୀମାନଙ୍କୁ ଉତ୍ସାହିତ କରିଥିଲେ। ସମ୍ମାନିତ ଅତିଥି ଭାବେ ଓଡ଼ିଆ ବିଭାଗ ମୁଖ୍ୟ ଡ଼ଃ ସୁଜାତା ସାହୁ, ଅଧ୍ୟାପିକା ଡ଼ଃ ଶସ୍ମିତା ପାତ୍ର, ଶସ୍ମିତା ବେହେରା ଏବଂ ଅଧ୍ୟାପକ ଡ଼ଃ ଶରତ ବେହେରା ଉପସ୍ଥିତ ରହି ଓଡ଼ିଆ ଭାଷା ସାହିତ୍ୟର ଗୌରବ ଓ ମହତ୍ତ୍ୱ ବିଷୟରେ ଆଲୋକପାତ କରିଥିଲେ ।ଏହି କାର୍ଯ୍ୟକ୍ରମକୁ ଓଡ଼ିଆ ବିଭାଗର ଦ୍ୱିତୀୟ ବର୍ଷ ଓ ତୃତୀୟ ବର୍ଷର ଛାତ୍ର-ଛାତ୍ରୀମାନେ ମିଳିତ ଭାବେ ସୁନ୍ଦର ଭାବରେ ପରିଚାଳନା କରିଥିଲେ।



ଡାକ ମଣ୍ଡଳ ପୁନର୍ଗଠନକୁ ନେଇ ଯୁବ ବିଜେଡିର ସାମ୍ବାଦିକ ସମ୍ମିଳନୀ

ଭବାନୀପାଟଣା, ୭।୧୧ (ସଂଚାର ବ୍ୟୁରୋ)ः କଳାହାଣ୍ଡି ଜିଲ୍ଲାର ଡାକ ପ୍ରଶାସନିକ ବ୍ୟବସ୍ଥାର ପୁନର୍ଗଠନ ଏବଂ ଭବାନୀପାଟଣାସ୍ଥିତ ଦୂରଦର୍ଶନ ଓ ଆକାଶବାଣୀ କେନ୍ଦ୍ରରେ ଖାଲି ପଡ଼ିଥିବା ପଦବୀକୁ ନେଇ ଜିଲ୍ଲା ବିଜୁ ଯୁବ ଜନତା ଦଳ ଉଦ୍‌ବେଗ ପ୍ରକାଶ କରିଛି। ଏହି ସମସ୍ୟା ଗୁଡ଼ିକର ସମାଧାନ ଦାବିରେ ଦଳ ପକ୍ଷରୁ ଏକ ସାମ୍ବାଦିକ ସମ୍ମିଳନୀରେ ସରକାରଙ୍କ ଦୃଷ୍ଟି ଆକର୍ଷଣ କରାଯାଇଛି। ଜିଲ୍ଲା ଯୁବ ବିଜେଡି ସଭାପତି ଅବିନାଶ ଠାକୁର ଅଭିଯୋଗ କରିଛନ୍ତି ଯେ, ଡାକ ବିଭାଗର ପ୍ରଶାସନିକ ପୁନର୍ଗଠନ ପ୍ରସ୍ତାବରେ ଧର୍ମଗଡ଼ ଓ ଜୟପାଟଣା ଡାକ ଅଞ୍ଚଳକୁ ନବରଙ୍ଗପୁର ଡାକ ମଣ୍ଡଳ ଅଧୀନରେ ରଖିବାକୁ ଯୋଜନା ରହିଛି। ଏହି ପ୍ରସ୍ତାବ ଲାଗୁ ହେଲେ ସ୍ଥାନୀୟ ଲୋକଙ୍କ ଯାତାୟାତ, ଡାକ ସେବା ଓ ପ୍ରଶାସନିକ କାର୍ଯ୍ୟରେ ଅସୁବିଧା ସୃଷ୍ଟି ହୋଇପାରେ ବୋଲି ସେ ଆଶଙ୍କା



ପ୍ରକାଶ କରିଛନ୍ତି। ତେଣୁ ଏହି ପ୍ରସ୍ତାବର ପୁନର୍ବିଚାର କରି ପୂର୍ବପରି କଳାହାଣ୍ଡି ଡାକ ମଣ୍ଡଳ ଅଧୀନରେ ଏହି ଅଞ୍ଚଳଗୁଡ଼ିକୁ ରଖିବାକୁ ସେ ଦାବି କରିଛନ୍ତି। ଡାକ ବିଭାଗ ପକ୍ଷରୁ ୧୨ ଅକ୍ଟୋବର ୨୦୨୬ରେ ଜାରି ହୋଇଥିବା କାର୍ଯ୍ୟାଳୟ ସ୍ମାରକପତ୍ର ସଂଖ୍ୟାକ୍ୟୁ-୧୩/୩୭/୨୦୨୬ ପିଆଇ-ଇ ଡିଓପି ଆଧାରରେ ଓଡ଼ିଶାର ଡାକ ପ୍ରଶାସନିକ ବ୍ୟବସ୍ଥାର ପୁନର୍ଗଠନ ପ୍ରକ୍ରିୟା ଚାଲିଥିବା କଥା ପ୍ରେସ ବିଜ୍ଞପ୍ତିରେ ଉଲ୍ଲେଖ କରାଯାଇଛି। ଏହି ପରିବର୍ତ୍ତନ ପୂର୍ବରୁ ସ୍ଥାନୀୟ ଜନପ୍ରତିନିଧି, ଡାକ କର୍ମଚାରୀ ଓ ସାଧାରଣ ଲୋକଙ୍କ ମତାମତ ନିଆଯାଇଛି କି ନାହିଁ, ସେନେଇ ମଧ୍ୟ ଯୁବ ବିଜେଡି ପ୍ରଶ୍ନ ଉଠାଇଛି। ସେହିପରି ଭବାନୀପାଟଣା ଦୂରଦର୍ଶନ କେନ୍ଦ୍ରରେ ଷ୍ଟେସନ ଡାଇରେକ୍ଟର ଓ ଆସୋସିଏଟ୍ ଇଞ୍ଜିନିୟରଙ୍କ ସମେତ କେତେକ ଗୁରୁତ୍ୱପୂର୍ଣ୍ଣ ପଦବୀ ଖାଲି ରହିଥିବାରୁ କେନ୍ଦ୍ରର କାର୍ଯ୍ୟକ୍ଷମତା ପ୍ରଭାବିତ ହେଉଥିବା ଅଭିଯୋଗ ହୋଇଛି। ଏଠାରେ ସ୍ଥାନୀୟ କାର୍ଯ୍ୟକ୍ରମ ଉତ୍ପାଦନ ଓ ପ୍ରସାରଣ ଆଶାନୁରୂପ ହେଉନଥିବା ଦଳ ପକ୍ଷରୁ କୁହାଯାଇଛି। କଳାହାଣ୍ଡିର ଲୋକକଳା, ଲୋକସଂଗୀତ, ଘୁମୁରା ନୃତ୍ୟ, ଐତିହ୍ୟ, ପର୍ଯ୍ୟଟନ, କୃଷି ଓ ଆଦିବାସୀ ସଂସ୍କୃତିକୁ ଦୂରଦର୍ଶନ ମାଧ୍ୟମରେ ବ୍ୟାପକ ଭାବେ ପ୍ରସାର କରିବାର ଆବଶ୍ୟକତା ରହିଥିବା ଅବିନାଶ ଠାକୁର କହିଛନ୍ତି। ବିଶେଷକରି ମା’ ମାଣିକେଶ୍ୱରୀଙ୍କ ଛତର ଯାତ୍ରା ଓ ଦୁର୍ଗାପୂଜା ଭଳି ପ୍ରମୁଖ ଆଞ୍ଚଳିକ ଉତ୍ସବର ଉପଯୁକ୍ତ ରେକର୍ଡିଂ ଓ ପ୍ରସାରଣ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରିବାକୁ ସେ ଦାବି ଜଣାଇଛନ୍ତି। ଅନ୍ୟପକ୍ଷରେ ଭବାନୀପାଟଣା ଆକାଶବାଣୀ କେନ୍ଦ୍ରରେ ମଧ୍ୟ ଷ୍ଟେସନ ଡାଇରେକ୍ଟର ପଦବୀ ଖାଲି ରହିଥିବା ଦଳ ପକ୍ଷରୁ ଦାବି କରାଯାଇଛି। ଆବଶ୍ୟକ ଅଧିକାରୀ ଓ କର୍ମଚାରୀ ନିଯୁକ୍ତି ସହ ସ୍ଥାନୀୟ ଲୋକଙ୍କ ପାଇଁ କୃଷି, ଶିକ୍ଷା, ସ୍ୱାସ୍ଥ୍ୟ ଓ ଜନସଚେତନତା ମୂଳକ କାର୍ଯ୍ୟକ୍ରମକୁ ଗୁରୁତ୍ୱ ଦେବାକୁ ଦଳ ଦାବି କରିଛି। ଏହି ଅବସରରେ ଯୁବ ବିଜେଡି ପକ୍ଷରୁ ମୋଟ ଛଅଟି ଦାବି ଉପସ୍ଥାପନ କରାଯାଇଛି। ସେଗୁଡ଼ିକ ମଧ୍ୟରେ ଧର୍ମଗଡ଼ ଓ ଜୟପାଟଣା ଡାକ ଅଞ୍ଚଳକୁ ନବରଙ୍ଗପୁର ଡାକ ମଣ୍ଡଳରେ ସାମିଲ ପ୍ରସ୍ତାବର ସ୍ଥଗିତାଦେଶ, ଦୂରଦର୍ଶନ ଓ ଆକାଶବାଣୀରେ ଖାଲି ପଦବୀ ପୂରଣ, ସ୍ଥାନୀୟ କାର୍ଯ୍ୟକ୍ରମ ଉତ୍ପାଦନ ଓ ପ୍ରସାରଣ, ଆଞ୍ଚଳିକ ଉତ୍ସବଗୁଡ଼ିକର ରେକର୍ଡିଂ ଏବଂ ସ୍ଥାନୀୟ କଳାକାର, ସାହିତ୍ୟିକ, ସାମ୍ବାଦିକ ଓ ଶିକ୍ଷାବିତ୍‌ଙ୍କୁ କାର୍ଯ୍ୟକ୍ରମ ପ୍ରସ୍ତୁତିରେ ସୁଯୋଗ ଦେବା ଅନ୍ତର୍ଭୁକ୍ତ। ଅବିନାଶ ଠାକୁର ଏହି ପ୍ରସଙ୍ଗରେ କେନ୍ଦ୍ର ଓ ରାଜ୍ୟର ଡବଲ ଇଞ୍ଜିନ ସରକାରଙ୍କୁ ସମାଲୋଚନା କରିବା ସହ କଳାହାଣ୍ଡିର ଆଞ୍ଚଳିକ ସ୍ୱାର୍ଥ ଓ ସାଂସ୍କୃତିକ ପରିଚୟର ସୁରକ୍ଷା ପାଇଁ ଠୋସ୍ ପଦକ୍ଷେପ ନେବାକୁ ଆହ୍ୱାନ ଦେଇଛନ୍ତି।

■ ୭୦ତମ ରାଜ୍ୟସ୍ତରୀୟ ଖୋଖୋ ପ୍ରତିଯୋଗିତା ଉଦଯାପିତ

ବାଳକ ବିଭାଗରେ ପୁରୀ ଓ ବାଳିକା ବିଭାଗରେ ଭୁବନେଶ୍ୱର ଚାମ୍ପିୟନ

ସୁନ୍ଦରଗଡ଼ଃ ,୭।୧୧ (ସଂଚାର ବ୍ୟୁରୋ)ः ସୁନ୍ଦରଗଡ଼ ଜିଲ୍ଲାର କୁତ୍ରାସ୍ଥିତ ପିଏମ୍ ଶ୍ରୀ ସରକାରୀ ଉତ୍କୃଷ୍ଟ ଉଚ୍ଚ ବିଦ୍ୟାଳୟ ପରିସରରେ ଚାଲିଥିବା ୭୦ତମ ରାଜ୍ୟସ୍ତରୀୟ ବିଦ୍ୟାଳୟ ସମୂହ ୧୭ ବର୍ଷରୁ କମ୍ ବାଳକ ଓ ବାଳିକା ଖୋଖୋ ପ୍ରତିଯୋଗିତା ଉଦଯାପିତ ହୋଇଯାଇଛି। ଏହି ପ୍ରତିଯୋଗିତାରେ ବାଳକ ବିଭାଗରେ ପୁରୀ ଏବଂ ବାଳିକା ବିଭାଗରେ ଭୁବନେଶ୍ୱର ଚାମ୍ପିୟନ ହୋଇଛନ୍ତି। ବାଳକ ବିଭାଗର ଫାଇନାଲ ମ୍ୟାଚ୍‌ରେ ପୁରୀ ଓ ଜଗତସିଂହପୁର ମଧ୍ୟରେ କଡ଼ା ମୁକାବିଲା ହୋଇଥିଲା। ଏଥିରେ ପୁରୀ ବିଜୟୀ ହୋଇ ଚାମ୍ପିୟନ ଟ୍ରଫି ହାସଲ କରିଥିବାବେଳେ ଜଗତସିଂହପୁର ଉପବିଜେତା ହୋଇଥିଲା। ସେହିପରି ବାଳିକା ବିଭାଗର ଫାଇନାଲରେ ଭୁବନେଶ୍ୱର ଓ ଜଗତସିଂହପୁର ମଧ୍ୟରେ ମୁକାବିଲା ହୋଇଥିଲା। ଏଥିରେ ଭୁବନେଶ୍ୱର ବିଜୟୀହୋଇ ଚାମ୍ପିୟନ ହୋଇଥିବାବେଳେ ଜଗତସିଂହପୁର ଉପବିଜେତା ହୋଇଥିଲା। ଉଦଯାପନୀ ଉତ୍ସବରେ ଏସ୍‌ଡିସି ଅଧ୍ୟକ୍ଷ ସନ୍ତୋଷ କୁମାର ଅମାତ ମୁଖ୍ୟ ଅତିଥି ଭାବେ ଯୋଗଦେଇ ବିଦ୍ୟାଳୟ ତଥା ପ୍ରତିଯୋଗିତାର ସୁଚାରୁ ଆୟୋଜନକୁ ଭୂୟସୀ ପ୍ରଶଂସା କରିଥିଲେ। ସମ୍ମାନିତ ଅତିଥି ଭାବେ ସୁନ୍ଦରଗଡ଼ ପିଡି ସୁରଞ୍ଜନ ସାହୁ, ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟର ସହକାରୀ ନିର୍ଦ୍ଦେଶକ ଓଡ଼ିଶା ଜ୍ୟୋତି ପ୍ରସାଦ ପରିଡ଼ା, ପୂର୍ବତନ ଜିଲ୍ଲା ଶାରୀରିକ ଶିକ୍ଷା ଅଧିକାରୀ ତଥା ଖେଳର ପର୍ଯ୍ୟବେକ୍ଷକ ବିଦ୍ୟାଧର ପ୍ରଧାନ, ସୁନ୍ଦରଗଡ଼ ଜିଲ୍ଲା ଶାରୀରିକ ଶିକ୍ଷା ଅଧିକାରୀ ଅଜୟ ପ୍ରଧାନ, କେନ୍ଦୁଝର ଡିପିଇଓ ରାମକୃଷ୍ଣ ବେହେରା, ବଲାଙ୍ଗିରର ପ୍ରଦୀପ କୁମାର ପାତ୍ର, କନ୍ଧମାଳର ସଞ୍ଜୟ ପାତ୍ର, କୁତ୍ରା ବିଡିଓ ଗୋପୀନାଥ ଖାଖା, ବିଇଓ ଅନନ୍ତ ନାଏକ, ବିଦ୍ୟାଳୟର ପ୍ରଧାନଶିକ୍ଷକ ନଳିନୀକାନ୍ତ ଶାସନୀ ପ୍ରମୁଖ ଉପସ୍ଥିତ ଥିଲେ । ଏହି ଅବସରରେ ଜିଲ୍ଲା ଶିକ୍ଷା ଅଧିକାରୀ ମୁରଲୀଧର ବେହେରା ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ସଭାକାର୍ଯ୍ୟକୁ ବରିଷ୍ଠ ଶିକ୍ଷକ ଡ. ବିଭୀଷଣ ବାରିକ ପରିଚାଳନା କରିଥିଲେ । କାର୍ଯ୍ୟକ୍ରମ ପରିଚାଳନାରେ ଅବିନାଶ କର, ସ୍ମୃତି ସ୍ୱରୂପ ଦାସ, ଧୃତିସୁନ୍ଦର ସାହୁ, ସୁଦାମ ମହାନନ୍ଦ, ସଞ୍ଜିତ ସୁର୍ସେନ ଟପ୍ପୋ, ରୋହିତ ଜୟପୁରିଆ, ଭୈରବ ଦେହେରୀ, ଲିପିକା କାଲୋ, ମଞ୍ଜୁ ଏକ୍କା, ସେରୋଫେନା ଏକ୍କା, ମମତା ନାଏକ, ସୁନିତା ପଟେଲ, ସଙ୍ଗୀତା ଦେଇ ପ୍ରମୁଖ ସହଯୋଗ କରିଥିଲେ।



୪ ଗୋଦାବରୀଶ ମିଶ୍ର ଆଦର୍ଶ ବିଦ୍ୟାଳୟର ଭିତ୍ତି ସ୍ଥାପନ



ବାଲିପାଟଣା, ୭।୧୧ (ସଂଚାର ବ୍ୟୁରୋ) :ପଣ୍ଡିତ ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ଯୋଜନା ରେ ବାଲିପାଟଣା ବ୍ଲକର ୪ ଗୋଟି ବିଦ୍ୟାଳୟ ର ଆଜି ପୂର୍ବାହ୍ଣ ରେ ଆଭାସୀ ମାଧ୍ୟମ ରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଭିତ୍ତି ସ୍ଥାପନ କରିଛନ୍ତି। ବିଶ୍ୱନାଥପୁର ସରକାରୀ ପ୍ରାଥମିକ ବିଦ୍ୟାଳୟ ଠାରେ ମୁଖ୍ୟ କାର୍ଯ୍ୟକ୍ରମ ରେ ବିଧାୟକ ନବ କିଶୋର ମଲ୍ଲିକ, ବିଡ଼ିଓ ଶୁଭ୍ରାଂଶୁ ଶେଖର ପାଢ଼ୀ, ନିର୍ବାହୀ ଯନ୍ତ୍ରୀ ଅର୍ଚ୍ଚନା ଦାଶ,ପ୍ରଧାନ ଶିକ୍ଷକ ପ୍ରଭାକର ମଲ୍ଲିକ,ସାଂସଦ ଙ୍କ ପ୍ରତିନିଧି ନାରାୟଣ ଖୁଣ୍ଟିଆ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ମଦନ ଭୋଇ ବିଦ୍ୟାଳୟ ର ଶିକ୍ଷୟତ୍ରୀ ନୟନା କୁମାରୀ ଜେନା, ସୁକାନ୍ତି ଟୁଡୁ, ପ୍ରତିଭା ସେଠୀ ପ୍ରମୁଖ ଙ୍କ ସହିତ ଛାତ୍ର ଛାତ୍ରୀ, ଅଭିଭାବକ, ବିଦ୍ୟାଳୟ କମିଟି ସଭ୍ୟ ଓ ସ୍ଥାନୀୟ ଜନସାଧାରଣ ଉପସ୍ଥିତ ଥିଲେ। ସେହିପରି ଆମଣାକୁଦ ସ୍ଥିତ ପ୍ରାଚୀ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଠାରେ ବିଇଓ ନାରାୟଣ ଦାସ, ରାଜସ ସ୍ଥିତ ନୀଳକଣ୍ଠ ସରକାରୀ ପ୍ରାଥମିକ ବିଦ୍ୟାଳୟ ଓ ନରଦା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଠାରେ ତୁରିନ୍ତିରା ସରପଞ୍ଚ, ନୋମିନି ଓ ସରକାରୀ ଅଧିକାରୀ ଏବଂ ସ୍ଥାନୀୟ ବିଦ୍ୟାଳୟ କର୍ତ୍ତୃପକ୍ଷ ଉପସ୍ଥିତ ଥିଲେ। ଏହି ଯୋଜନା ମାଧ୍ୟମ ରେ ବିଦ୍ୟାଳୟ ର ପୁନଃନିର୍ମାଣ ପାଇଁ ଦୁଇ କୋଟି ଅର୍ଥ ବ୍ୟୟ ହେବାର ପ୍ରବଧାନ ରହିଛି।

ସାଇବର ନିରାପତ୍ତା ସଚେତନତା ଆଲୋଚନା ଚକ୍ର

ନୀଳଗିରି,୭।୧୧ (ସଂଚାର ବ୍ୟୁରୋ)ः ଡିଭାଇନ୍ ଏଜୁକେସନାଲ୍ ଚାରିଟେବୁଲ ଟ୍ରଷ୍ଟ ଓ ୱାଇଲ୍ଡ ଲାଇଫ ଫାଉଣ୍ଡେସନ ତଥା ବାଲେଶ୍ୱର ପୋଲିସର ମିଳିତ ଆନୁକୁଲ୍ୟରେ ନୀଳଗିରି ସ୍ଥିତ ଡିଭାଇନ କମ୍ପିଟେଟିଭ ଶିକ୍ଷା ଅନୁଷ୍ଠାନ ପ୍ରାଙ୍ଗଣରେ ସାଇବର ନିରାପଦ ସଚେତନତା ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଯାଇଛି। ଏଥିରେ ସମାଜର ପ୍ରତିଟି ଯୁବବର୍ଗ ପାଇଁ ଆବଶ୍ୟକ ପ୍ରକାରାନ୍ତରେ ଯୁବ ଓ ଛାତ୍ରଛାତ୍ରୀମାନଙ୍କ ପାଇଁ ଅଧିକ ଗୁରୁତ୍ୱପୂର୍ଣ୍ଣ ଅଟେ। ଅତିଥିମାନଙ୍କ ଦ୍ୱାରା ପ୍ରଭୁ ଜଗନ୍ନାଥଙ୍କ ଫଟ ଚିତ୍ରରେ ପ୍ରଦୀପ ପ୍ରଜଳନ ପୂର୍ବକ ପୁଷ୍ପମାଲ୍ୟା ପଣ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଜିଲ୍ଲା ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଦେବଜ୍ୟୋତି ଦାସ, ସମ୍ମାନିତ ଅତିଥି ଭାବେ ସାଇବର ଥାନା ବାଲେଶ୍ୱରର ଅଧିକାରିଣୀ ମୀନା ବିନ୍ଧାଣୀ, ନୀଳଗିରି ଏସଡିପିଓ ନିର୍ମଳା ଗୋଚ୍ଛାୟତ, ନୀଳଗିରି ଥାନା ଅଧିକାରୀ ଗୋବର୍ଦ୍ଧନ ନାୟକ, ୱାଇଲ୍ଡ ଲାଇଫ ଫାଉଣ୍ଡେସନର ସଭାପତି ମନୋରଞ୍ଜନ ଦାସ, ସମ୍ପାଦକ ଅସିତ ପ୍ରଧାନ ପ୍ରମୁଖ ଉପସ୍ଥିତ ରହି ସାଇବର ତଥା ଅପରାଧ ସମ୍ପର୍କରେ ଲିଙ୍କରେ କ୍ଲିକ୍ ନ କରିବା, ବ୍ୟକ୍ତିଗତ ତଥ୍ୟ ସୋସିଆଲ୍ ମିଡିଆରେ ନ ଦେବା, ଅଜଣା ଲୋକଙ୍କ ସହ ସାମାଜିକ ଗଣ ମାଧ୍ୟମରେ ସମ୍ପର୍କ ନ ରଖିବା ,ଭିଡିଓ ମ୍ୟୁଟ କଲ ନ କରିବା, ସିମ୍ କିଣିବା ବେଳେ ତଥ୍ୟ ପ୍ରତି ଗୁରୁତ୍ୱ ଦେବା, ହନି ଟ୍ରାପ୍‌ରେ ଶିକାର ହେବା ଭଳି କୌଣସି କାର୍ଯ୍ୟ ନ କରିବା ,ଡିଜିଟାଲ ଧମକରେ ଭୟଭୀତ ନ ହେବା,ଆବଶ୍ୟକ ସ୍ଥଳେ ନିକଟସ୍ଥ ପୋଲିସକୁ ସୂଚନା ଦେବା, ନାବାଳିକା ଓ ମହିଳାଙ୍କ କ୍ଷେତ୍ରରେ ଅସହ ଆଚରଣରେ ସଂଶ୍ଳିଷ୍ଟ ନ ହେବା। ଅଶ୍ଳୀଳତାକୁ ଗୁରୁତ୍ୱର ସହ ନେବା। ଅଜଣା ଆପ୍ ଡାଉନଲୋଡ୍ ନ କରିବା । ସଂଚାର ସାଥିର ସହଯୋଗ ନେବା। ଆର୍ଥିକ ଦେଣ ନେଣ କ୍ଷେତ୍ରରେ ଖୁବ୍ ସତର୍କତା ଅବଲମ୍ବନ କରିବା ଇତ୍ୟାଦି ଛାତ୍ର/ଛାତ୍ରୀଙ୍କୁ ବୁଝାଇ ଥିଲେ ।

ବଡ଼ାପାଳ କ୍ଲଷ୍ଟର ପଞ୍ଚମ ବୈଠକ ଅନୁଷ୍ଠିତ

ବାଲିଆପାଳ,୭।୧୧ (ସଂଚାର ବ୍ୟୁରୋ)ः ବାଲେଶ୍ୱର ଜିଲ୍ଲା ବାଲିଆପାଳ ବ୍ଲକ ଅନ୍ତର୍ଗତ ବଡ଼ାପାଳ କ୍ଲଷ୍ଟର ପଞ୍ଚମ ବୈଠକ ବଡ଼ାପାଳ ସରକାରୀ ହାଇସ୍କୁଲ ପରିସରରେ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ଧରଣୀଧର ଜେନାଙ୍କ ଅଧ୍ୟକ୍ଷତାରେ ଏହି ବୈଠକରେ ସିଆରସିସି ତପନ ରାଉତ, ସିଆରଜି ପବନ ଦେ ଯୋଗଦେଇ ପ୍ରତ୍ୟେକ ମାସର ପିଲାଙ୍କୁ ପଢ଼ାଯାଉ ଥିବା ପୂର୍ବ ଓ ପରର ବିବରଣୀ ପ୍ରସଙ୍ଗରେ ଆଲୋଚନା କରିଥିଲେ। କ୍ଲଷ୍ଟର ଅଧୀନରେ ଥିବା ୧୩ ଟି ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀମାନେ ଉପସ୍ଥିତଥିଲେ। କାର୍ଯ୍ୟକ୍ରମକୁ ବିଦ୍ୟାଳୟର ଶିକ୍ଷକ ସରୋଜ କୁମାର ଜେନା, ଜ୍ୟୋତି ଶଙ୍କର ଜେନା, ଗଣେଶ ଚନ୍ଦ୍ର ବେହେରା, ଚିନ୍ମୟ ଜେନା, ସମରେନ୍ଦ୍ର ଜେନା, ମନୋରଞ୍ଜନ ଜେନା, ସ୍ନେହଲତା ବେହେରା, ରାଜଶ୍ରୀ ଦେ,ଗିତାଞ୍ଜଳି ଦାସ, ମମତା ରାଣୀ ପିଲା,ଶିବାନୀ ଗିରି ପ୍ରମୁଖ ସହଯୋଗ କରିଥିଲେ।

■ ନହରଣା ବିଦ୍ୟାଳୟରେ ନୂଆ ଅଧ୍ୟାୟ!

ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟର ଶିଳାନ୍ୟାସ



ବାଲିକୁଦା, ୭।୧୧ (ସଂଚାର ବ୍ୟୁରୋ)ः ଜଗତସିଂହପୁର ଜିଲ୍ଲା ବାଲିକୁଦା ବ୍ଲକ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ନହରଣାକୁ ୩ୟ ପର୍ଯ୍ୟାୟରେ ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ଭାବେ ମାନ୍ୟତା ପ୍ରଦାନ କରାଯାଇଛି । ଏହି ଅବସରରେ ଜିଲ୍ଲା ଶିକ୍ଷା ଅଧିକାରୀ କେଶବ ମେହେରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସ୍ୱତନ୍ତ୍ର ଉତ୍ସବରେ ମୁଖ୍ୟ ଅତିଥି ଭାବେ ଶିଳ୍ପ ଓ ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ, ମୁଖ୍ୟବକ୍ତା ଭାବେ ବାଲିକୁଦା ଏରସମା ବିଧାୟକ ସାରଦା ପ୍ରସନ୍ନ ଜେନା, ସମ୍ମାନିତ ଅତିଥି ଭାବେ ବାଲିକୁଦା ପଞ୍ଚାୟତ ସମିତି ଅଧ୍ୟକ୍ଷ ପ୍ରକାଶ ଚନ୍ଦ୍ର ପ୍ରଧାନ ଉପସ୍ଥିତ ରହି ସରକାରଙ୍କର ଏହି ଅଭିନବ କାର୍ଯ୍ୟକ୍ରମକୁ ଭୂୟସୀ ପ୍ରଶଂସା କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ବିଡ଼ିଓ ବିଦ୍ୟାଧର ଦଣ୍ଡପାଟ, ଜିଲ୍ଲା ପରିଷଦ ସଭ୍ୟା ତଟିନା ସ୍ୱାଇଁ , ସାଂସଦ ପ୍ରତିନିଧି ପ୍ରଶାନ୍ତ ସ୍ୱାଇଁ, ପ୍ରଧାନ ଶିକ୍ଷକ ଅଜୟ ବେହେରା ପ୍ରମୁଖ ଉପସ୍ଥିତ ରହି ଯୋଜନାର ସଫଳତା କାମନା କରିଥିଲେ। ଶିକ୍ଷକ ତପନ ନାୟକ ସଭା ସଞ୍ଚାଳନ କରିଥିଲେ । ବରିଷ୍ଠ ଯନ୍ତ୍ରୀ ଶୁଭେନ୍ଦୁ ବରାଳ, କନିଷ୍ଠ ଯନ୍ତ୍ରୀ ସଂଗ୍ରାମ ପୃଷ୍ଟି, ବିଇଓ ବିଶ୍ୱମ୍ଭର ମଲ୍ଲିକ, ଶିକ୍ଷକ ପ୍ରଦୀପ୍ତ ରାଉତ, ଜୀବନ ପ୍ରସାଦ ସାହୁ, ସ୍ମିତାଞ୍ଜଳି ମହାନ୍ତି, କବିତା ବିଶ୍ୱାଳ, ନମିତା ଓଝା, ଉତ୍କଳମଣି ଗୋପବନ୍ଧୁ ବିଦ୍ୟାପୀଠ ନହରଣାର ଶିକ୍ଷକ ସୁଶାନ୍ତ ଶତପଥୀ ଓ ବିଶ୍ୱଜିତ ବେହେରା ଓ ସମସ୍ତ କର୍ମଚାରୀ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ପ୍ରାକ୍ତନ ଶିକ୍ଷକ ନୀଳମଣି ପାଣି ଶ୍ଳୋକ ପାଠ କରିଥିଲେ। ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ଦ୍ୱାରା ପ୍ରାରମ୍ଭିକ ସଙ୍ଗୀତ ଗାନ କରାଯାଇଥିଲା। ତତ୍ପରେ ମନ୍ତ୍ରୀ ଓ ବିଧାୟକଙ୍କ କର କମଳରେ ଶିଳାନ୍ୟାସ କରାଯାଇଥିଲା ।

ଆଲୋକ ପର୍ବରେ ଅନ୍ଧାର ରାଜନୀତି

କାକଟପୁର/ଅସ୍ତରଙ୍ଗ, ୭।୧୧ (ସଂଚାର ବ୍ୟୁରୋ)ः ପୁରୀ ଜିଲ୍ଲା କାକଟପୁର ନିର୍ବାଚନ ମଣ୍ଡଳୀରେ ଶାସକ ବିଜେପି ଭିତରେ ଗୋଷ୍ଠୀ କନ୍ଦଳ ଏବେ ଆଉ ଗୁପ୍ତ ନାହିଁ। ଏହା ଖୋଲା ମଞ୍ଚକୁ ଆସି ଯାଇଛି। ଗତ ୩ ତାରିଖରେ କାକଟପୁର ବ୍ଲକ ଅଧୀନ ସୋମେଶ୍ୱର ପୀଠ ନିକଟରେ ମନ୍ଦିର ଉନ୍ନତିକରଣ ସହ କୁରୁଜଙ୍ଗ ପଞ୍ଚାୟତ କୁରୁମ ବୌଦ୍ଧ କ୍ଷେତ୍ର ବିକାଶ କାର୍ଯ୍ୟର ଶିଳାନ୍ୟାସ ପାଇଁ ଉପମୁଖ୍ୟମନ୍ତ୍ରୀ ତଥା ପର୍ଯ୍ୟଟନ ମନ୍ତ୍ରୀ ପ୍ରଭାତୀ ପରିଡ଼ା ଗସ୍ତ କରିଥିଲେ। କିନ୍ତୁ ସେହି ଶିଳାନ୍ୟାସ ସଭା ବିକାଶ ସଭା ନ ହୋଇ ଗୋଷ୍ଠୀ ଯୁଦ୍ଧର ମଞ୍ଚ ପାଲଟି ଗଲା। ଗସ୍ତ ପୂର୍ବରୁ ହିଁ ରାଜନୈତିକ ମହଲରେ ଚର୍ଚ୍ଚା ଆରମ୍ଭ ହୋଇ ଯାଇଥିଲା। କାରଣ ପୂର୍ବରୁ ଉପମୁଖ୍ୟମନ୍ତ୍ରୀଙ୍କ ବିଭିନ୍ନ ଗସ୍ତରେ କାକଟପୁର ମଙ୍ଗଳା ମନ୍ଦିର ହେଉ କି ଅନ୍ୟ କାର୍ଯ୍ୟକ୍ରମରେ ପୂର୍ବତନ ବିଧାୟକ ସୁରେନ୍ଦ୍ର ସେଠୀ ଓ ବ୍ଲକ ଅଧ୍ୟକ୍ଷ ଶ୍ରୀଧର ନାୟକ ତାଙ୍କ ନିକଟରେ ରହି ଯୋଗ ଦେଉଥିଲେ। କିନ୍ତୁ ଗତ ୩ ତାରିଖ ଗସ୍ତରେ ଚିତ୍ର ସମ୍ପୂର୍ଣ୍ଣ ଓଲଟା ଦେଖାଗଲା। ଉପମୁଖ୍ୟମନ୍ତ୍ରୀଙ୍କୁ ସ୍ୱାଗତ କରିବା ପାଇଁ ନିମାପଡ଼ା ପୂର୍ବତନ ବିଧାୟକ ତଥା ଗତ ନିର୍ବାଚନରେ ବିଜେପି ବିଧାୟକ ପ୍ରାର୍ଥୀ ବାଇଧର ମଲ୍ଲିକଙ୍କ ନେତୃତ୍ୱରେ ଅସ୍ତରଙ୍ଗରୁ ଏକ ବିରାଟ ଶୋଭାଯାତ୍ରା ସହ ବାଇକ୍ ରାଲିରେ ଉତ୍ସବ ମୁଖର ପରିବେଶରେ କାକଟପୁରରୁ ସୋମେଶ୍ୱର ପର୍ଯ୍ୟନ୍ତ ତାଙ୍କୁ ଅଣାଯାଇଥିଲା। ଏହାକୁ ରାଜନୈତିକ ମହଲ ଶକ୍ତି ପ୍ରଦର୍ଶନ ବୋଲି କହୁଛନ୍ତି। କାକଟପୁର ନିର୍ବାଚନ ମଣ୍ଡଳୀରେ ଏବେ ଗୋଟିଏ ବିଜେପି ନାହିଁ। ଅଛି ଦୁଇଟି ବିଜେପି। ଦୁଇଟି ଗୋଷ୍ଠୀ। ଦୁଇଟି ଶିବିର। ଏହି ଗୋଷ୍ଠୀ ଗତ ନିର୍ବାଚନରେ ବିଜେପି ବିଧାୟକ ପ୍ରାର୍ଥୀ ଥିବା ବାଇଧର ମଲ୍ଲିକଙ୍କ ନେତୃତ୍ୱରେ ଆଗକୁ ଆସୁଛି। ଅସ୍ତରଙ୍ଗ ଅଞ୍ଚଳରୁ ବାଇକ୍ ରାଲି ଆଣି ଏମାନେ ଶକ୍ତି ଦେଖାଇଛନ୍ତି। ଏମାନେ କହୁଛନ୍ତି - ଏବେ ସମୟ ଆମର। କାକଟପୁରର ନେତୃତ୍ୱ ଏବେ ଆମ ହାତରେ। ଦୁଇ ଗୋଷ୍ଠୀ ମଧ୍ୟରେ ଲଢ଼େଇ ଏବେ କେବଳ ମଞ୍ଚ କି ଫଳକ ପାଇଁ ନୁହେଁ। ଏହା ହେଉଛି କିଏ କାକଟପୁରର ମାଲିକ ହେବ, କିଏ ପଞ୍ଚାୟତ ନିର୍ବାଚନରେ ଟିକେଟ୍ ବାଣ୍ଟିବ, କିଏ ବ୍ଲକ ଅଧକ୍ଷ ପଦ ନିଷ୍ପତ୍ତି ନେବ - ତାହାର ଲଢ଼େଇ। ଗୋଟିଏ ଗୋଷ୍ଠୀ ଫଳକ ଲେଖୁଛି, ଆଉ ଗୋଟିଏ ଗୋଷ୍ଠୀ ଫଳକକୁ ବିରୋଧ କରୁଛି। ଗୋଟିଏ ଗୋଷ୍ଠୀ ମଞ୍ଚ ଦଖଲ କରୁଛି, ଆଉ ଗୋଟିଏ ଗୋଷ୍ଠୀ ମଞ୍ଚ ତଳେ ଗଣ୍ଡଗୋଳ କରୁଛି। ଏହି ବିବାଦ ଭିତରେ ଶନିବାର ବ୍ଲକ ଅଧକ୍ଷ ଶ୍ରୀଧର ନାୟକ ଗଣମାଧ୍ୟମକୁ ପ୍ରେସ୍ ବିଜ୍ଞପ୍ତି ମାଧ୍ୟମରେ ସୂଚନା ଦେଇଛନ୍ତି। ତାଙ୍କ ଅଭିଯୋଗ ଅନୁସାରେ, ୩ ତାରିଖ ଶିଳାନ୍ୟାସ କାର୍ଯ୍ୟକ୍ରମରେ ବ୍ଲକ ଅଧକ୍ଷ ଭାବେ ତାଙ୍କ ନାମ ଏବଂ ଜଗତସିଂହପୁର ସାଂସଦଙ୍କ ନାମ ଶିଳାନ୍ୟାସ ଫଳକରେ ନ ଥିଲା। ଅଧକ୍ଷ କହିଛନ୍ତି, ଏହା ତରବରିଆ ଭାବେ ବାଇଧର ମଲ୍ଲିକ କରିଛନ୍ତି। ପ୍ରୋଟୋକଲ୍ ଅନୁସାରେ ବ୍ଲକ ଅଧକ୍ଷ ଓ ସାଂସଦଙ୍କ ନାମ ରହିବା କଥା, କିନ୍ତୁ ଜାଣିଶୁଣି ନାମ ବାଦ୍ ଦିଆଯାଇଛି। ଏହା କେବଳ ଭୁଲ୍ ନୁହେଁ, ଏହା ଅପମାନ ବୋଲି ସେ କହିଛନ୍ତି। ଫଳରେ କାକଟପୁରର ସାଧାରଣ ବିଜେପି କର୍ମୀ ଦ୍ୱନ୍ଦରେ। ସେ କେଉଁ ଗୋଷ୍ଠୀକୁ ଯିବ? ସୁରେନ୍ଦ୍ର ସେଠୀଙ୍କ ପାଖକୁ ନା ବାଇଧର ମଲ୍ଲିକଙ୍କ ପାଖକୁ? ଦଳ ଦୁଇ ଭାଗ ହେଲେ କର୍ମୀ ମଧ ଦୁଇ ଭାଗ ହେବେ। ଆଉ କର୍ମୀ ଦୁଇ ଭାଗ ହେଲେ ଭୋଟ୍ ମଧ ଦୁଇ ଭାଗ ହେବ। ଏହା ହିଁ ବିଜେପି ପାଇଁ ସବୁଠୁ ବଡ଼ ବିପଦ। ଶିଳାନ୍ୟାସ ସ୍ଥଳରେ ବିବାଦ ଆହୁରି ସ୍ପଷ୍ଟ ହୋଇଥିଲା।

ଗୌଡଗୁଡ଼ା ମଣ୍ଡଳ ପକ୍ଷରୁ ବାଟପାଲ୍ଲୀଠାରେ ବିଜେପିର ମାସିକ ବୈଠକ ଅନୁଷ୍ଠିତ

ମାଲକାନଗିରି, ୭।୧୧ (ସଂଚାର ବ୍ୟୁରୋ)ः ଆଜି ଗୌଡଗୁଡ଼ା ମଣ୍ଡଳ ପକ୍ଷରୁ ବାଟପାଲ୍ଲୀ ଠାରେ ବିଜେପିର ମାସିକ ବୈଠକ ଆୟୋଜିତ ହୋଇଥିଲା। ଏହି ବୈଠକରେ ମାଲକାନଗିରି ବିଧାୟକ ତଥା ଜିଲ୍ଲା ଯୋଜନା ବୋର୍ଡ ଅଧ୍ୟକ୍ଷ ଶ୍ରୀ ନରସିଂହ ମାଡକାମୀ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ବୈଠକରେ ଦଳୀୟ ସଂଗଠନକୁ ତୃଣମୂଳ ସ୍ତରରେ ମଜବୁତ କରିବା ସହ ଆଗାମୀ ପଞ୍ଚାୟତ ନିର୍ବାଚନରେ ଦଳକୁ ମଜବୁତ କରିବା ପାଇଁ ଯୋଜନା ପ୍ରସ୍ତୁତ ଉପରେ ଆଲୋକପାତ କରାଯାଇଥିଲା। ଏଥି ସହ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିଭିନ୍ନ ଲୋକାଭିମୁଖୀ ଯୋଜନାକୁ ଲୋକଙ୍କ ପାଖରେ ପହଞ୍ଚାଇବା ଏବଂ ଆଗାମୀ ନିର୍ବାଚନରେ କିଭଳି ଭୋଟରଙ୍କ ଆସ୍ଥାଭାଜନ ହୋଇ ସରକାରଙ୍କ କାର୍ଯ୍ୟଗୁଡିକୁ ସମ୍ପାଦନ କରିବାକୁ ହେବ ସେ ସମ୍ପର୍କରେ ବିସ୍ତୃତ ଆଲୋଚନା କରାଯାଇଥିଲା।

ବିଧାୟକ ଶ୍ରୀ ମାଡକାମୀ କର୍ମୀମାନଙ୍କୁ ସମ୍ବୋଧିତ କରି କହିଥିଲେ ଯେ ଦେଶର ଯଶସ୍ୱୀ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ ଏବଂ ଓଡ଼ିଶାର ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀଙ୍କ ନେତୃତ୍ୱରେ ଡବଲ ଇଞ୍ଜିନ ସରକାର ଲୋକଙ୍କ ବିକାଶ ପାଇଁ କାର୍ଯ୍ୟ କରୁଛି। ସମସ୍ତ କର୍ମୀ ଏକଜୁଟ ହୋଇ ଦଳକୁ ଆହୁରି ମଜବୁତ କରିବାକୁ ସେ ଆହ୍ୱାନ ଦେଇଥିଲେ।

ଏହି ବୈଠକରେ ଗୌଡଗୁଡ଼ା ମଣ୍ଡଳ ସଭାପତି ଜୟଦେବ ମଣ୍ଡଳ, ଜିଲ୍ଲା ସାଧାରଣ ସମ୍ପାଦକ ମାଣିକ ଲାଲ ଚକ୍ରବର୍ତ୍ତୀ, ଜିଲ୍ଲା ସମ୍ପାଦକ ନିହାର ରାୟ, ସାଂସଦ ପ୍ରତିନିଧି ଉଙ୍ଗା ପଡ଼ିଆମି, ବ୍ଲକ୍ ଭାଇସ ଚେୟାରମ୍ୟାନ ନିରଞ୍ଜନ ହଲଦାର ସମେତ ପଦାଧିକାରୀ ଏବଂ ବହୁ ବୁଥ୍ ସ୍ତରୀୟ କର୍ମୀ ଉପସ୍ଥିତ ଥିଲେ । ଆଜି ବିଜେଡି ଓ କଂଗ୍ରେସରୁ ପାୟ ୩୦ରୁ ଉର୍ଦ୍ଧ୍ୱ କର୍ମୀ ଭାଜପା ଦଳରେ ସାମିଲ ହୋଇଥିବା ବେଳେ ବିଧାୟକ ଶ୍ରୀ ମାଡକାମୀ ଦଳୀୟ ଟୋପି ଓ ଉତ୍ତରୀୟ ଦେଇ ସ୍ୱାଗତ କରିଥିଲେ।